ସ୍ତ୍ରୀ ସଙ୍ଗରେ ଚଳ ପ୍ରଚଳ ହେବ । ଏଥିରେ ଯେ ସମସ୍ତ କରଣମାନେ ସମ୍ମତ ହେଲେ ଏକଥା ବୋଲିବା ବାହୁଲ୍ୟ କାରଣ ତହିଁ ଆରଦିନ ଆମନ୍ତ୍ରଣ ହୁଅନ୍ତେ କରଣମାନେ ସଭାରେ ସ୍ଥିର ହୋଇଥିବା କଥା ଜାଣି ସୁଦ୍ଧା ବିନା ଆପତ୍ତିରେ ଆମନ୍ତ୍ରଣ ଗ୍ରହଣ କଲେ ଓ ସ୍ତ୍ରୀ ସହିତ ବ୍ୟଞ୍ଜନ ସାର ଯେମନ୍ତ ବାବୁଙ୍କଠାରେ କୃପା ପ୍ରକାଶ କଲେ ତେମନ୍ତ ଆପଣା ବଂଶର ଗୌରବ ରକ୍ଷା କଲେ ଓ ଯଦ୍ୟପି ଦୁଇ ଏକଘର ଆପଣାକୁ ଅତ୍ୟନ୍ତ ପବିତ୍ର ବା ବିଶିଷ୍ଟ ଜ୍ଞାନ କରି ପୂର୍ବ କୁସଂସ୍କାରକୁ ଯେନ ଲୁଚ ରହିଗଲେ ମାତ୍ର ତହିଁରେ କଛି କ୍ଷତି ହୋଇ ନାହିଁ କାରଣ ଯେଉଁଠାରେ ଉନଶତ କରଣ ଓ ଖଣ୍ଡାଏତ ଏକମତ ହୋଇ ଗୋଟିଏ ସାମାଜିକ ସ୍ୱଶିତ ଚଳାଇଲେ ସେଠାରେ ଦୁଇ ଚାରିଜଣର କଥା ଧର୍ତ୍ତବ୍ୟ ନୁହେ ପଞ୍ଚଙ୍କଠାରେ ସେପରି ପବିତ୍ରତା ଯେ ବୃଥାଭିମାନ ଅଟଇ ତାହା ବୁଦ୍ଧିମାନ ବ୍ୟକ୍ତି ମାତ୍ରକେ ବୁଝି ପାରିବେ ।

ପଞ୍ଚଙ୍କ ସଭା ବସି ଦେଶକାଳ ପାତ୍ର ଓ ପୂର୍ବାପର ବିବେଚନା କରି ସାମାଜିକ ନିୟମମାନ ସଂଶୋଧନ ଓ ଉନ୍ନତ କରିବା ପ୍ରଥା ପରମ୍ପରାଗତ ଆସୁଅଛି ଓ ସବୁକାଳରେ ଓ ସବୁ ଦେଶରେ ଲୋକମାନେ ଏହି ନିୟମକୁ ଅନୁସରଣ କରି ଆପଣା ଉତ୍କର୍ଷ ସାଧନ କରଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ଉତ୍କଳଦେଶର ବ୍ରାହ୍ମଣ ଓ କରଣଙ୍କ ମଧ୍ୟରେ ଏ ନିୟମ ପ୍ରଚଳିତ ନାହିଁ ସୁତରାଂ ଏମାନଙ୍କର ଅବସ୍ଥା ଉନ୍ନତ ହୋଇ ପାରୁ ନାହିଁ । ବର୍ତ୍ତମାନ ଯେଉଁ ଘଟନାଟି ହେଲା ଏଥିରେ ଦେଶର ହିତାକାଂକ୍ଷିମାନେ ଅବଶ୍ୟ ଉତ୍ସାହିତ ହେବେ ଓ କ୍ରମଶଃ ଅନ୍ୟାନ୍ୟ ବିଷୟରେ ଏହିରୂପ ମୀମାଂସା ଓ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହେବେ ଏଭଳି ଆମ୍ଭମାନଙ୍କର ଏକାନ୍ତ ଆଶା ଓ ଆମ୍ଭେମାନେ ପ୍ରାର୍ଥନା କରୁଁ ଯେ ପରମମଙ୍ଗଳମୟ ପରମେଶ୍ୱର ତାହା ସଫଳ କରନ୍ତୁ ।

———

## କଟକ କଲେଜର ବାର୍ଷିକ ସଭା ।

କଟକ କଲେଜର ବାର୍ଷିକ ପାରିତୋଷିକ ଦାନ କାର୍ଯ୍ୟ ଗତ ଶନିବାର ସକାଳବେଳେ ଉତ୍ତମରୂପେ ନିର୍ବାହିତ ହେଲା । ଏବର୍ଷ ସଭାଟି ଅନ୍ୟାନ୍ୟ ବର୍ଷଠାରୁ ବୃହତ୍ ହେବାର ଜଣାଯାଏ । ଦେଶୀୟ ଓ ଇଉରୋପୀୟମାନଙ୍କ ସଂଖ୍ୟା ଅଲ୍ପ ହୋଇଥିଲା ଓ ଅନେକଗୁଡ଼ିଏ ଇଉରୋପୀୟ ମହିଳା ଶୁଭାଗମନ ପୂର୍ବକ ସଭାର ଶୋଭା ଅଧିକ ବଢ଼ାଇଥିଲେ । ଆମନ୍ତ୍ରିତ ଭଦ୍ରଲୋକ ଆଗନ୍ତୁକ ଅଧିକ ଥିଲେ କାରଣ ସଭା ଗୃହରେ ତିଳେ ଅବନ ଶୂନ୍ୟ ନ ଥିଲା । ନୂତନ କଲେଜ ହେବା ସଙ୍ଗେ ସଙ୍ଗେ ନଗରବାସିଙ୍କର ଶିକ୍ଷା ପ୍ରତି ଏପ୍ରକାର ଆଦର ଗୋଟିଏ ଶୁଭ ଲକ୍ଷଣ ଅଟଇ । ଶ୍ରୀଯୁକ୍ତ କମିଶନରସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାର କାର୍ଯ୍ୟାରମ୍ଭ କରିବାକୁ ଅନୁମତି ହେବାରୁ ନୂତନ କଲେଜର ନୂତନ ପ୍ରିନ୍ସିପଲ ଏଡ଼ଗରସାହେବ ବାର୍ଷିକ ବିଜ୍ଞାପନୀ ପାଠକଲେ ମାତ୍ର ସାହେବଙ୍କ ପଢ଼ିବା ଓ କହିବା ରୀତି ବଡ଼ ଭଲ ନ ଥିବାରୁ ଆମ୍ଭେମାନେ ତାହାଙ୍କୁ ବୋଧ କରି ପାରିଲୁ ନାହିଁ ସୁତରାଂ ବିଦ୍ୟାଳୟର ସମ୍ୟକ୍ ଅବସ୍ଥା ପାଠକମାନଙ୍କୁ ଜଣାଇବାକୁ ଅକ୍ଷମ ହେଲୁଁ । ଯାହାହେଉ ବିଜ୍ଞାପନୀର ସାର କଥା ଏହି ଯେ ଏ ବିଦ୍ୟାଳୟର ସବୁକାର୍ଯ୍ୟ ଉତ୍ତମ ଓ ସନ୍ତୋଷଜନକ ହୋଇଅଛି ଓ ଏଥିର ଅନେକ ଉନ୍ନତି ସାଧନ ହୋଇଅଛି । ଅଶୁଭ ମଧ୍ୟରେ କେବଳ ପ୍ରବେଶିକା ପରୀକ୍ଷାର ଶୋଚନୀୟ ଫଳ ଅଟଇ ଓ ଜ ୧୯ ଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ କେବଳ ଜ ୨ ଣ ଉତ୍ତୀର୍ଣ୍ଣ ହୋଇଥିବାର ଏହି କାରଣ ଏଡ଼ଗରସାହେବ ଅନୁମାନ କଲେ ଯେ ପରୀକ୍ଷକଙ୍କର ମନ ତାହାଙ୍କ ପ୍ରଦତ୍ତ ପ୍ରଶ୍ନରୁ ଛାତ୍ରମାନେ ବୁଝି ନ ପାରିବାରୁ ସେପରି ଉତ୍ତର ଦେଇ ତାହାଙ୍କୁ ସନ୍ତୋଷ କରି ନ ପାରିଲେ ଅର୍ଥାତ୍ ପରୀକ୍ଷକଙ୍କର ଦୋଷରୁ ଛାତ୍ରମାନେ କୃତକାର୍ଯ୍ୟ ହେବାକୁ ଅକ୍ଷମ ହେଲେ । କିନ୍ତୁ ଏ ମତରେ ସଭାସ୍ଥ ବ୍ୟକ୍ତିମାନେ ଐକ୍ୟ ହେବାର କୌଣସି ନିଦର୍ଶନ ଦେଖାଯାଇ ନାହିଁ ବିଜ୍ଞାପନୀ ପାଠ ଶେଷ ହେଲା ଉତାରୁ ଛାତ୍ରମାନଙ୍କୁ ପାରିତୋଷିକ ବଣ୍ଟନ ହେଲା ଓ ଆମନ୍ତ୍ରିତ ବ୍ୟକ୍ତିଙ୍କ ମଧ୍ୟରୁ କେବଳ ବାବୁ ତାରକନାଥ ବିଦ୍ୟାସାଗର ସଂସ୍କୃତରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ଅତିରିକ୍ତ ପାରିତୋଷିକ ଦେଇଥିଲେ ଆଉ କେହି କିଛି ଦେଇ ନାହାନ୍ତି । ତହିଁ ଉତାରୁ କେତେଗୁଡ଼ିଏ ଛାତ୍ର ଆପଣା ଅଭ୍ୟସ୍ତ ପାଠ ଶୁଣାଇ ସଭାସ୍ଥ ବ୍ୟକ୍ତିଙ୍କୁ ପ୍ରମୋଦିତ କରିବାକୁ ଚେଷ୍ଟା କଲେ କିନ୍ତୁ ତହିଁ ମଧ୍ୟରେ ଦୁଇଜଣ ଛାତ୍ର ବିଶେଷ ରୂପେ ପାରଗ ହୋଇଥିଲେ । ଅଧିକାଂଶ ଛାତ୍ରଙ୍କର ଏ ପକ୍ଷରେ ତ୍ରୁଟି ଦେଖାଯିବାରୁ ଅନୁମାନ ହେଲା ଯେ ଶିକ୍ଷକମାନେ ପୂର୍ବରୁ ସେମାନଙ୍କର ପରୀକ୍ଷା ନ ନେଇ ସଭାରେ ଛିଡ଼ା କରି ଦେଇଥିଲେ । ଏଥିଉତାରୁ ଶ୍ରୀଯୁକ୍ତ ସଭାପତି ମହାଶୟ ଗୋଟିଏ କ୍ଷୁଦ୍ର ବକ୍ତୃତା କରି ସଭା ଭଙ୍ଗ କଲେ । ତାହାଙ୍କ ବକ୍ତୃତାରୁ ଜଣାଗଲା ଯେ ବିଦ୍ୟାଳୟର ଛାତ୍ର ସଂଖ୍ୟା କ୍ରମଶଃ ବୃଦ୍ଧି ହୋଇ ୩୦୦ ରୁ ଅଧିକ ହୋଇଅଛି ଓ ଶିକ୍ଷା ପ୍ରତି ଏ ପ୍ରଦେଶୀୟ ଲୋକଙ୍କ ଆଦର ଦିନେ ଦିନେ ବଢ଼ୁଅଛି କଲେଜ ସ୍ଥାପନ ସକାଶେ ପ୍ରୟୋଜନୀୟ ଟଙ୍କା ଏଠା ଲୋକମାନେ ଯେମନ୍ତ ଆଗ୍ରହ ପୂର୍ବକ ଦେଇଅଛନ୍ତି ଓ ଅଳ୍ପକାଳରେ ଯେମନ୍ତ ପ୍ରୟୋଜନୀୟ ଟଙ୍କାରୁ କିଛି ଅଧିକ ସୁଦ୍ଧା ଚେନ୍ଦା ମିଳିଅଛି ତହିଁରୁ ସହଜରେ ଅନୁଭବ ହୁଅଇ ଯେ ଶିକ୍ଷାର ମହତ୍ତ୍ୱ ଏଠା ଲୋକେ ବୁଝିଅଛନ୍ତି ଓ ଏଥିରେ ସାହେବଙ୍କର ବଡ଼ ଉତ୍ସାହ ହୋଇଅଛି । ଯେବେ ଛାତ୍ରମାନେ ସେହିରୂପ ଉତ୍ସାହ ସହିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ତେବେ କଲେଜଟି ଚିରସ୍ଥାୟୀ ହୋଇପାରିବ ଫଳତଃ ଶେଷକୁ ଯାହା ହେଉ ପରୀକ୍ଷା ସ୍ୱରୂପେ କଲେଜ ସ୍ଥାପନ ହେଲା ସୁଖର ବିଷୟ ଅଟଇ । ପ୍ରବେଶିକା ପରୀକ୍ଷାର ମନ୍ଦଫଳ ସମ୍ପର୍କରେ ସାହେବଙ୍କର ମତ ଏହି ଯେ ଗବର୍ଣ୍ଣମେଣ୍ଟ କ୍ରମଶଃ ଏ ପରୀକ୍ଷାର ସୀମା ଉଚ୍ଚ କରୁଅଛନ୍ତି ବୋଲି ଏବର୍ଷ ଏପରି ଫଳ ହେଲା ମାତ୍ର ଆଗାମୀ ବର୍ଷରେ ଫଳ ଭଲ ହେବାର ଆଶା କରନ୍ତି ଓ ଏଥିପାଇଁ ସେ ଛାତ୍ରମାନଙ୍କ ଉତ୍ସାହ ନିମନ୍ତେ କେତେକ ଉପଦେଶ ଦେଲେ ଓ ଆଉ ଦୁଇ ଏକ କଥା କହି ନୂତନ ପ୍ରିନସିପଲ ଏଡ଼ଗର ସାହେବଙ୍କ ପ୍ରଶଂସା କରି ବକ୍ତୃତା ଶେଷକଲେ ।

ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ ଏଥର କମିଶନରସାହେବଙ୍କ ବକ୍ତୃତାଟି ଅତିକ୍ଷୁଦ୍ର ହୋଇଥିଲା ତହିଁର କାରଣ ଏହି କି ଗତ ଦିଗବର୍ଷରେ ଯେତେ ଉନ୍ନତିର ପ୍ରସ୍ତାବ କରିଥିଲେ ତାହା ସମସ୍ତ ଏବର୍ଷ ପୂର୍ଣ୍ଣ ହେବାର ଦେଖି ଆଉ କିଛି କହିବାକୁ ତାହାଙ୍କର ବାକି ନ ଥିଲା । ପରିଣାମ ଫଳ ଯାହା ହେଉ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ତାହାଙ୍କ ଯତ୍ନରେ କଟକ ହାଇସ୍କୁଲଟି କ୍ରମଶଃ ହାଇସ୍କୁଲ ଓ କଲେଜପର୍ଯ୍ୟନ୍ତ ଉନ୍ନତ ହେଲା ଓ ସରବେ କ୍ଲାସ ପ୍ରଭୃତି ଏଥି ସଙ୍ଗେ ସ୍ଥାପନ ହେଲା । ଅତଏବ ତାହାଙ୍କର ମହତ୍ତ୍ୱ ବାସନାମାନ ପୂର୍ଣ୍ଣ ହୋଇଅଛି । କେବଳ ସଂକ୍ଷେପରେ ସବୁ ଅନୁଷ୍ଠାନ ହୋଇଥିବାରୁ ଯଦ୍ୟପି କି ଉତ୍ତମ ଫଳ ମିଳିବା ପକ୍ଷରେ ଶଙ୍କା ଅଛି ମାତ୍ର ଓଡ଼ିଶାର ହିତ କରିବା ଯେ ତାହାଙ୍କର ଏକାନ୍ତ ଇଚ୍ଛା ଏଥିର ସେ ସୁନ୍ଦର ପରିଚୟ ଦେଇଅଛନ୍ତି ।

———

Split by PDF Splitter
Digitized by srujanika@gmail.com

Split by PDF Splitter

81



ଅସ୍ମମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଏ ଯାଜପୁର ସବଡିବିଜନ ଇଲାକା ମଧ୍ୟରେ ଚୈତ୍ରମାସ ଶୁକ୍ଲପକ୍ଷ ଅଶୋକାଷ୍ଟମୀଦିନ ସିଦ୍ଧେଶ୍ୱର ନିକଟରେ ଯାତ୍ରା ହୋଇଥିଲା ତହିଁରେ ପ୍ରାୟ ଦୋକାନ ୨୦୦ ଓ ମନୁଷ୍ୟ ଚାଳିଶହଜାରପର୍ଯ୍ୟନ୍ତ ହୋଇଥିଲେ ସେ ଯାତ୍ରା ଏକସପ୍ତାହପର୍ଯ୍ୟନ୍ତ ଥିଲା ଓ ମଧ୍ୟ ଚଳିତ ବୈଶାଖମାସ ବିଷୁବ ସଂକ୍ରାନ୍ତିଦିନ ବାଲି ମଧୁପୁର । ମୌ । ସିଙ୍ଗାପୁରରେ ଯାତ୍ରା ହୋଇଥିଲା ତହିଁରେ ଦୁଇଶତରୁ ଊର୍ଦ୍ଧ୍ୱ ଦୋକାନଦାର ଓ ତିରିଶହଜାର ପର୍ଯ୍ୟନ୍ତ ଯାତ୍ରୀ ହୋଇଥିଲେ ସେ ଯାତ୍ରା ପାଞ୍ଚ ଦିନ ହୋଇଥିଲା ପୁଲିସ ସାହାଯ୍ୟରେ କୌଣସି ଅନିଷ୍ଟ ଘଟନା ହୋଇ ନାହିଁ ଚୈତ୍ରପୂର୍ଣ୍ଣିମା ବାସିଦିନ ଏ ମୁକାମର ଦଶାସିନୀ ଘାଟରେ ରାତି ଓ କେଉଟ ଦୁଇଦଳଙ୍କର ଘୋଡାମେଲଣି ହୋଇଥିଲା ପଞ୍ଚାଶ କି ଷାଠିଏ ଘୋଡା ଓ ଦୁଇ ତିନିହଜାର ମନୁଷ୍ୟ ଓ ଦଶ ପନ୍ଦର ଦୋକାନଦାର ହୋଇଥିଲେ ଉକ୍ତ ଦୁଇଦଳଙ୍କର ଘୋଡା କାହାର ଅଗ୍ରେ ସେ ପ୍ରସଙ୍ଗ ପାଞ୍ଚବର୍ଷ ଅବଧି ମୀମାଂସା ନ ହେଲା ଏଠା ପଣ୍ଡିତମାନେ ତହିଁର ବ୍ୟବସ୍ଥା ଦେଇ ନ ପାରିଲେ ଓ ମଧ୍ୟ ଉତ୍କଳଦୀପିକା ଅବଧି ଉତ୍ତର ନ ଦେଲେ ଅସ୍ମେମାନେ ଓ ବାବୁ କାଳୀପଦ ବାନୁର୍ଯ୍ୟା ଉକ୍ତ ଦୁଇଦଳଙ୍କୁ ଆଗାମୀ ସନ ଘୋଡାମେଲଣିରେ ତହିଁରମୀମାଂସା ହେବାର କହି ସେମାନଙ୍କୁ ଉକ୍ତ ଯାତ୍ରା ଉତ୍ତମରୂପେ ବଢାଇବାର କହିବାରୁ ସେମାନେ ଉତ୍ସାହପୂର୍ବକ ହରିବୋଲ ଦେଇ ଆପଣା୨ ଘରକୁ ଯାଇଅଛନ୍ତି ସେମାନଙ୍କ ମଧ୍ୟରେ ଦ୍ୱନ୍ଦ ଆରମ୍ଭ ହେବାର ଥିଲା ଭଦ୍ରଲୋକଙ୍କ ଓ ପୁଲିସ ସାହାଯ୍ୟରେ କଛି ଦଙ୍ଗା ହୋଇ ନାହିଁ ।

ଏ ଯାଜପୁର ସହର ମଧ୍ୟରେ ଏକ ବଣିଅର ପୁଅ ଝିଅ ଛଅଗୋଟିକୁ ଇଚ୍ଛାବସନ୍ତ ହୋଇଥିଲା ତହିଁମଧ୍ୟରୁ ଗୋଟିଏ ପିଲା କି ତାହାର ବୟସ ୧୪ବର୍ଷ ହେବ ତାହା ଦେହର ପାଦଠାରୁ ମସ୍ତକ ପର୍ଯ୍ୟନ୍ତ କେବଳ ଗଲା ଛଡା ବୃହତ ବସନ୍ତ ହୋଇଥିଲେ ତାକୁ କଣ୍ଟକଚଣ୍ଡୀ ଠାକୁରାଣୀ ପ୍ରସନ୍ନ ହେବାରେ ସେ ଏତେବଡ ରୋଗଗ୍ରସ୍ତ ପ୍ରଯୁକ୍ତ ନାଚିବାକୁ ଯିବା ଓ ବେତ ଧରି ସପ୍ତମାତୃକାଠାକୁରାଣିମାନଙ୍କ ନିକଟକୁ ଯାଇ କାଳୀଠାକୁରାଣୀଙ୍କ କର୍ଣ୍ଣରେ ଗୁପ୍ତକଥା କହି ତାଙ୍କ ମୁଖରେ କଦଳୀ ଅଧେ ଖାଇ ଅଧେ ଦେବାର ପ୍ରକାଶ କଲା ଲୋକମାନେ ପଚାରିବାରେ ସେମାନଙ୍କ ମନକଥା କହିଲା କେତେ ଲୋକଙ୍କୁ ପୁଅ ଝିଅ ହେବାର ଆଜ୍ଞା ଦେଇ ନବଦିନଯାତ୍ରା ଶେଷକରି ବିଦାୟ ହୋଇଗଲେ ପିଲାଟି ଉକ୍ତ ରୋଗରୁ ମୁକ୍ତ ପାଇଅଛି ଯାହାକୁ ଯାହା କହିଅଛି ତାହା ବର୍ଷଶେଷରେ ଜଣାଯିବ ।

। ପ୍ର । କଲାମାଟିଆ ଇଲାକାର ଜମିଦାର ବାବୁ ଗୃନଗୋବିନ୍ଦ ଜଗଦେବଙ୍କ ତହସିଲଦାର ଏବଂ ରଯ୍ୟତର ଉଗିର କାବଜ ଥାଇ ଜମିର ଉମ୍ବାଗ ଫସଲ ଜବରନ କଟାଇ ନେଇଥିବାର ମୋକଦ୍ଦମା ଉପସ୍ଥିତ ଥିବାରୁ ଶ୍ରୀଯୁକ୍ତଗନସାହେବ ଜଏଣ୍ଟମାଜିଷ୍ଟ୍ରେଟ ଆଗରେ ଉକ୍ତ ମୋକଦ୍ଦମାର ବିଚାର ଶେଷ କରି ଉକ୍ତ ତହସିଲଦାର ଉପରେ ୫୦ଙ୍କା ଅର୍ଥଦଣ୍ଡର ଆଜ୍ଞା ଦେଇଅଛନ୍ତି । ପ୍ର । ଅହୁଅସ । ମୌ । ରଡଗାଂ ନିବାସୀ ରୂପନାରାୟଣର ହିଅର ୫ଟି ପିଲ କି ତାହାର ଉମର ବ ୧୩ ର୍ଷ ଅଟେ ସେ ଗୁପ୍ତରେ ଧାନ କାଣି ଖାଇଥିବାରୁ ନାୟକ ମଙ୍ଗଳୁବର ରାଉତା ମୁହମତ ସୁନା ଓରଫ ଝୋଡିଲବନ୍ଧୁ ଉକ୍ତ ଝିଅକୁ ଧାନ କାଣି ଖାଇଥିବା ଦୋଷ ଦେଇ ମାରୁ୨ ମାରଅକାଇ ତତ୍‌କ୍ଷଣାତ୍ ତାହା ସ୍ୱାମୀ ଓ ଅନ୍ୟାନ୍ୟ ମନୁଷ୍ୟଙ୍କଦ୍ୱାର ପୋତି ପକାଇଥିଲା ତହିଁର ସମ୍ବାଦ ଗ୍ରାମର ଚଉକିଦାର ପୁଲିସରେ ଦେବାରୁ ଏହି ମୁକାମର ସବ୍‌ଇନସ୍‌ପେକ୍ଟର ମକଦ୍ଦମା ତଦନ୍ତ କରିଥିଲେ ଏଥି ମଧ୍ୟରେ ବାବୁ ମନ୍ମଥନାଥ ମଲ୍ଲିକ ଇନସ୍‌ପେକ୍ଟର ଏ ମୁକାମର ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ଆଦେଶ ନେଇ ସରଜମିନରେ ତଦନ୍ତ କରି ପାଠଶାଳପିଲଙ୍କଦ୍ୱାରା ପ୍ରମାଣ ପାଇ ମୁହମତ ସୁନା ଓ ତାହାର ସଙ୍ଗି ସହିତ ଜ ୯ ଣ ଆସାମୀ ଚାଲାଣ କରିଅଛନ୍ତି ମକଦ୍ଦମା ଦଣ୍ଡବିଧି ଆଇନର ଦଫା୩୦୪—୨୦୧ ଦଫା ଅନୁସାରେ ଚଳୁଅଛି ଜଏଣ୍ଟମାଜିଷ୍ଟ୍ରେଟଙ୍କ ବିବେଚନାରେ ଆସାମୀଙ୍କ ପ୍ରତି ଯେ ହୁକୁମ ହେବ ପରେ ଜଣାଇବୁଁ ।

## ସାପ୍ତାହିକ ସଂବାଦ ।

ଆଗାମୀ ସୋମବାରଠାରୁ ଜଜସାହେବଙ୍କ କଚେରୀରେ ଦୌରା ମୋକଦ୍ଦମା ଆରମ୍ଭ ହେବ

କଟକର ମୁନସଫ ବାବୁ ହରେକୃଷ୍ଣ ଚାଟୁର୍ଯ୍ୟା ତିନିମାସର ଛୁଟୀ ପ୍ରାର୍ଥନା କରିବାରୁ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କରିଅଛନ୍ତି ଏବଂ ବାବୁ ଯୋଗେଶ୍ୱରଚନ୍ଦ୍ର ଉକିଲ ତାହାଙ୍କ କର୍ମରେ ଏକଟିଂ ହୋଇଅଛନ୍ତି । ଗଲତମାସ ତା ୧୩ ରଖରୁ ବାବୁ ଛୁଟୀ ଗ୍ରହଣ କରିବେ । ବାବୁ ଯୋଗେଶ୍ୱର ବାଲେଶ୍ୱର ଛଡା ଓଡିଶାର ସକଳ ମୁନସଫିରେ ଭ୍ରମଣ କଲେ ।

ପୁରୀର ନୂତନ କଲେକ୍ଟର ମାନସନସାହେବ ଉକ୍ତ ନଗରରେ ପ୍ରବେଶ ହୋଇ କାର୍ଯ୍ୟ ଭାର ଗ୍ରହଣ କରିଅଛନ୍ତି ।

ଯାଜପୁରର ଅସିଷ୍ଟାଣ୍ଟ ଗନସାହେବ ପ୍ରଥମ ଶ୍ରେଣୀର ଜଏଣ୍ଟମାଜିଷ୍ଟ୍ରେଟ ଓ ଭଦ୍ରକର ଅସିଷ୍ଟାଣ୍ଟ ସ୍ମିଥସାହେବ ଦ୍ୱିତୀୟ ଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ ପଦରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

ଏଠାର ବଡଅଦାଲତରେ କାର୍ଯ୍ୟ କରିବା ପାଇଁ ଆଉ ଦୁଇଜଣ ଉକିଲ ବଙ୍ଗଦେଶରୁ ବର୍ତ୍ତମାନ ଆସିଅଛନ୍ତି । ଏତେ ଉକିଲର ପ୍ରତିପାଳନର ଉପାୟ ଏଠାରେ ଅଛି କି? ଓଡିଶାବାସୀ ବିଷୟରେ ନିର୍ବୋଧ ମାତ୍ର ମାମଲା ସକାଶେ କୌଡି ଦେବାକୁ କାତର ନୁହନ୍ତି ।

ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ଘୋଷଣାନୁସାରେ ଗତ ମାସ ତା୧୯ରଖରୁ ଦେଶୀମଦର ମାସୁଲ ଓଡିଶାର ତଲଚଲରେ ଏକ ଗାଲନକୁ ଏକଟଙ୍କା ଧାର୍ଯ୍ୟ ହୋଇଅଛି । ଏଥିରୁ ଉଣା ମାସୁଲ ବଙ୍ଗାଳାର ଅନ୍ୟ କୌଣସି ସ୍ଥଲରେ ନାହିଁ । ଅସ୍ମମାନଙ୍କ ବିବେଚନାରେ ଏଠାରେ ଆଉ କିଛି ମାସୁଲ ବଢିଲେ ଚଳନ୍ତା ।

ସ୍ୱଦେଶୀରୁ ଅବଗତ ହେଲୁଁ ଯେ ଶ୍ରୀ ପରବସ୍ତୁ ବେଙ୍କଟା ରଙ୍ଗାଚାରିଯ୍ୟର ନାମରେ ବିଶାଖପଟ୍ଟନରେ ଜଣେ ଜଣ ପଣ୍ଡିତ ବାହାରିଅଛନ୍ତି । ସଂସ୍କୃତ ତେଲଙ୍ଗ ଏବଂ ତାମିଲଭାଷାରେ ଏହାଙ୍କର ବିଶେଷ ବିଦ୍ୟା ହୋଇଅଛି ଏବଂ ଏସମସ୍ତ ଭାଷାର ସକଳ ଶାସ୍ତ୍ର ପଢି ଅଛନ୍ତି ସେ ବିଶାଖପଟ୍ଟନରୁ ବାହାରି ଗୋଦାବରୀ ଜିଲ୍ଲାମାନ ଭ୍ରମଣ କରି ଛତ୍ରପୁରରେ ପ୍ରବେଶ ହୋଇ ଅଛନ୍ତି । ଓ ଯେଉଁଠାରେ ସେ ବେଦ ଅନୁସାରେ ହିନ୍ଦୁଧର୍ମର ମହତ୍ୱକୁ ପ୍ରଚାର କରିଅଛନ୍ତି ସେହିଠାରେ ସେ ଅନେକଖ୍ରୀଷ୍ଟିଏ ହିନ୍ଦୁଙ୍କୁ ସ୍ୱଧର୍ମକୁ ଆଣିଅଛନ୍ତି ସେ ବେଦଧର୍ମ ବୁଝାଇବା ଉଦ୍ଦେଶରେ ଅନେକ ଗ୍ରନ୍ଥ ପୁସ୍ତିକା ମୁଦ୍ରିତ କରିଅଛନ୍ତି । ଦୁଃଖର ବିଷୟ ଯେ ଏ ଅଞ୍ଚଳରେ ଅଦ୍ୟାପି ଏହାଙ୍କର କିଛି କଥା ଶୁଣାଯାଇ ନାହିଁ ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀଯୁକ୍ତ ଗନସାହେବ ଯାଜପୁର | ହାଲ | [illegible] |
| ବାବୁ ଗଣେଶପ୍ରସାଦସିଂହ କଟକ | ବକାୟା | [illegible] |
| ,, ହରମୋହନରାୟ | ,, ,, | [illegible] |

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ଶ } ତା ୧୩ ରିଖ ମଇ ସନ ୧୮୭୭ ମସିହା । ମୂ । ଜ୍ୟେଷ୍ଠ ଦି ୨ ନ ସନ ୧୨୮୪ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ସଂ ୨୦ ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫॥
ମଫସଲ ପାଇଁ ଡାକମାସୁଲ ୧।୰

ଏବର୍ଷ ଅବଧି ବର୍ଷା ହେଲ ନାହିଁ । ଏଥିରେ ଆଗାମୀ ଫସଲ ସମ୍ପର୍କରେ ଭୟ ଜାତ ହେଉଅଛି ଏବଂ ପୀଡାର ପ୍ରାଦୁର୍ଭାବ ମଧ୍ୟ ନ୍ୟୂନାଧିକରେ ଲକ୍ଷିତ ହୁଅଇ ଗତ କେତେକ ମାସର ବୃଷ୍ଟି ଏବଂ ଫସଲର ଅବସ୍ଥା ଘଟିତ ରିପୋର୍ଟରୁ ଜଣାଯାଏ ଯେ ବର୍ଦ୍ଧମାନ ବାଙ୍କୁଡା ବୀରଭୂମ ହାବଡା ଯଶୋର ଚଟ୍ଟଗ୍ରାମ ପାଟନା ସାହାବାଦ ଦରଭଙ୍ଗା ଚମ୍ପାରଣ ପୁର୍ଣ୍ଣିଆ ଲୋହାରଡଗା ସିଂହଭୂମ, ମାନଭୂମ ହଜାରିବାଗରେ କିଛି ମାତ୍ର ବୃଷ୍ଟି ହୋଇ ନାହିଁ ଓ ଓଲାଉଠା ରୋଗ ଊଣା ଅଧିକରେ ଲାଗିରହିଅଛି । ଅନ୍ୟାନ୍ୟ ଜିଲ୍ଲାରେ ଅଳ୍ପମାତ୍ର ଜଳ ବର୍ଷିଅଛି ଓ ତହିଁ ମଧ୍ୟରେ [illegible] ପାବନା ଦାର୍ଜିଲିଂ ଢାକା ଫରିଦପୁର ମାଲ୍ଦ ମୈମନସିଂହ ତ୍ରିପୁରା ମୁଙ୍ଗେର ଭାଗଲପୁର ଓ ବାଲେଶ୍ୱରରେ କିଛି ଭଲ ବୃଷ୍ଟି ହେବାରୁ ଏ ସବୁ ଜିଲ୍ଲାରେ ପୀଡାର ଉପଦ୍ରବ ଊଣା ଅଛି ଏବଂ କୃଷିକର୍ମ ଉପଯୁକ୍ତ ପ୍ରକାରରେ ଲାଗିଅଛି । ହିନ୍ଦୁ ପେଟ୍ରିଅଟ ଶୁଣିଅଛନ୍ତି ଯେ ମୁଙ୍ଗେର ଜିଲ୍ଲାରେ ଏମନ୍ତ ଆମ୍ବ ଫସଲ ହୋଇଅଛି ଯେ ଗତ ବ୨୦ ର୍ଷରେ ସେପରି ଦେଖା ନ ଥିଲା । ଅକ୍ଷୟ ତୃତୀୟାରୁ ଏ ପ୍ରଦେଶରେ ଧାନ ବୁଣାଯାଏ ମାତ୍ର ବୁଣା ହେବା ତେଣିକି ଥାଉ ଏ ବର୍ଷ ବର୍ଷା ଅଭାବରେ ଅବଧି ଅନେକ ସ୍ଥାନରେ ଚଷ ଆରମ୍ଭ ହୋଇ ନାହିଁ ।

---

କଲିକତା ହୁଗୁଳି ଓ ବର୍ଦ୍ଧମାନ ବିଭାଗରେ ବାଳିକାମାନଙ୍କୁ ଛାତ୍ରବୃତ୍ତି ଦେବାପାଇଁ ଗବର୍ଣ୍ଣମେଣ୍ଟ ବଙ୍ଗାଳ ମଞ୍ଜୁର କରିଅଛନ୍ତି । ଶ୍ରୀଯୁତ ଉଡ୍ରୋ ସାହେବଙ୍କ ପ୍ରସ୍ତାବ ଏହିକି ଯେମନ୍ତ ବାଳିକାମାନଙ୍କ ସକାଶେ ନିମ୍ନ ମଧ୍ୟ ଓ ଉଚ୍ଚଶ୍ରେଣୀର ବୃତ୍ତି ଅଛି ସେହିପରି ବାଳିକାମାନଙ୍କ ସକାଶେ ହେବ ଓ ପରୀକ୍ଷାର ନିୟମ ମଧ୍ୟ ସେହିପରି ହେବ କେବଳ ଅଙ୍କ ଓ ବିଜ୍ଞାନର ଉଚ୍ଚ ଅଙ୍ଗ ପରିବର୍ତ୍ତରେ ସୂଚିର କାର୍ଯ୍ୟ ନିର୍ଦ୍ଦିଷ୍ଟ ହେବ । କିନ୍ତୁ ଗବର୍ଣ୍ଣମେଣ୍ଟ ଏ ପ୍ରସ୍ତାବକୁ ସମୁଦାୟ ଗ୍ରହଣ କରି ନାହାନ୍ତି । ସେ କେବଳ କଲିକତା ପାଇଁ କିଛି ଅଧିକା ବ୍ୟୟ ମଞ୍ଜୁର କରିଅଛନ୍ତି ମାତ୍ର ଅନ୍ୟାନ୍ୟ ବିଭାଗରେ ଛାତ୍ରବୃତ୍ତି ମଧ୍ୟରେ ଛାତ୍ରୀବୃତ୍ତି ଖଞ୍ଜିବାକୁ ଆଜ୍ଞା ଦେଇଅଛନ୍ତି ଓ ବୃତ୍ତି ବଣ୍ଟନର ଭାର ବିଶେଷରୂପେ ସ୍ଥାନୀୟ ଶିକ୍ଷା କମିଟିଙ୍କୁ ଅର୍ପଣ କରିଅଛନ୍ତି କି ସେମାନେ ଯେଉଁଠାରେ ଯେ ପ୍ରକାର ବୃତ୍ତିଦାନରେ ଅଧିକ ଉପକାର ହେବାର ବିବେଚନା କରିବେ ସେଠାରେ ସେପ୍ରକାର ବ୍ୟବସ୍ଥା କରିବେ । ଯାହା ହେଉ ଏତେଦିନେ ସ୍ତ୍ରୀ ଶିକ୍ଷା ପ୍ରତି ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଯତ୍ନ ହେଲା ବୋଲିବାକୁ ହେବ ଓ ଉତ୍ତରପଡା ହିତକାରୀ ସଭାର କାର୍ଯ୍ୟ ଦେଖି ଗବର୍ଣ୍ଣମେଣ୍ଟଙ୍କର ଏ ବିଷୟରେ ପ୍ରବୃତ୍ତି ଜନ୍ମିଥିବାରୁ ଉକ୍ତ ସଭାକୁ ମଧ୍ୟ ଏଥିପାଇଁ ଧନ୍ୟବାଦ ଦେବାର ଉଚିତ । ଉକ୍ତ ସଭା କେତେକ ବର୍ଷ ହେଲା ନିକଟବର୍ତ୍ତୀ ବାଳିକା ବିଦ୍ୟାଳୟମାନଙ୍କରେ ଛାତ୍ରୀମାନଙ୍କର ପରୀକ୍ଷା ଗ୍ରହଣ କରି ଏରୂପ ବୃତ୍ତି ଦେଉଅଛନ୍ତି ।

ବାଳିକାମାନଙ୍କ ଶିକ୍ଷା ସମ୍ପର୍କରେ ଆଉ ଗୋଟିଏ ପ୍ରସ୍ତାବ ହେବାର ଶୁଣାଯାଏ ତାହା ଏହି ଯେ ଡାକ୍ତର କୃଷ୍ଣମୋହନ ବାନୁର୍ଯ୍ୟାଙ୍କ କନ୍ୟା ଶ୍ରୀମତୀ ମନମୋହିନୀ ହୁଇଲର କଲିକତା ଚବିଶ ପରଗନା ଓ ହୁଗୁଳିର ବାଳିକା ବିଦ୍ୟାଳୟ ସମୂହର ତତ୍ତ୍ୱାବଧାୟିକା ପଦରେ ନିଯୁକ୍ତ ହେଉଅଛନ୍ତି । ସ୍ତ୍ରୀ ଶିକ୍ଷାର ଉନ୍ନତି ସକାଶେ ସ୍ତ୍ରୀଲୋକ ନିଯୁକ୍ତ ହେବା ଉତ୍ତମ ବନ୍ଦୋବସ୍ତ ଅଟଇ ।

---

### ଦରବାରବକ୍ତୃତା ।

ବାବୁ ଦୀନବନ୍ଧୁପଟ୍ଟନାୟକଙ୍କୁ ରାୟବାହାଦୁର ପଦ ଦେବାନିମିତ୍ତ ଦରବାରରେ କମିଶନରସାହେବ ଯେଉଁ ବକ୍ତୃତା ପାଠ କରିଥିଲେ ତହିଁର ଅବିକଳ ଅନୁବାଦ ଆମ୍ଭେମାନେ ଏ ପତ୍ରିକା ସହିତ ପ୍ରକାଶ କରିବାକୁ ମାନସ ବଳାଇଥିଲୁଁ ଓ ତାହା ପାଇବାସକାଶେ ଉପଯୁକ୍ତ ସ୍ଥାନରେ ପୃଚ୍ଛା ଯତ୍ନ କରିଥିଲୁଁ ମାତ୍ର ଶ୍ରୀଯୁକ୍ତ କମିଶନରସାହେବ ଅଥବା ତାହାଙ୍କ ପ୍ରଧାନ କର୍ମଚାରୀଙ୍କ ଅନାସ୍ଥା ବା ଅଳସ ହେତୁରୁ ଆମ୍ଭେମାନେ ସେ ବକ୍ତୃତାଟିକୁ ପ୍ରାପ୍ତ ନ ହେବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଆମ୍ଭେମାନେ ଦରବାର ସମୟରେ ତହିଁର ସାରାଂଶ ଟିପି ଆଣିଥିଲେ ପାଠକମାନଙ୍କ ବାଞ୍ଛା ପୂର୍ଣ୍ଣ ହୋଇଥାନ୍ତା ଓ ତାହା ନ

Digitized by srujanika@gmail.com

କରିବାରୁ ଅବଶ୍ୟ ଆମ୍ଭେମାନେ କେତେକ ପରିମାଣରେ ତୁଷ୍ଟ ହୋଇଅଛୁଁ ମାତ୍ର ଯେଉଁ କଥା ସର୍ବସାଧାରଣଙ୍କୁ ଜଣାଇବା ସକାଶେ ପ୍ରାକାଶ୍ୟ ଦରବାର ହୋଇଥିଲା ସେକଥା ପ୍ରଚାର କରିବାକୁ ଆଗ୍ରହ କଲେସୁଦ୍ଧା ଯେ କମିଶ୍ନରସାହେବଙ୍କ ଅଧୀନ କର୍ମଚାରୀମାନେ କଷ୍ଟମାତ୍ର ଶ୍ରମ ସ୍ୱୀକାର କରିବାକୁ ଡରିଲେ ବଡ ଦୁଃଖର ବିଷୟ ଅଟଇ । ଆମ୍ଭେମାନେ ଶୁଣୁଅଛୁଁ ଯେ ଦରବାରର ସମସ୍ତ ବୃତ୍ତାନ୍ତ ଓଡିଆ ଗଜେଟରେ ପ୍ରକାଶ ହେବ ମାତ୍ର ସେତେବେଳକୁ ତାହାର ଆଦର ତୁଟିଯାଇଥିବ ଏବଂ ଓଡିଆ ଗଜେଟର କେହି ଗ୍ରାହକ ନ ଥିବାରୁ ସର୍ବସାଧାରଣପକ୍ଷେ ପ୍ରକାଶ ହେବା ନ ହେବା ସମାନ କଥା ଅଟଇ ତହିଁରେ କେବଳ କମିଶ୍ନରସାହେବ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କର ତୃପ୍ତି ଲାଭ ହେବ । ଯାହା ହେଉ ଆମ୍ଭେମାନେ ଯେବେ ଅବିକଳ ଅନୁବାଦ ପ୍ରକାଶ କରି ନ ପାରିଲୁଁ ତଥାପି ତହିଁରୁ ଦୁଇ ଚାରିକଥା କହି ପାଠକମାନଙ୍କୁ ବୋଧ କରିବୁଁ । କମିଶ୍ନରସାହେବଙ୍କ ବକ୍ତୃତାରୁ ଜଣାଗଲା ଯେ ବାବୁ ଦୀନବନ୍ଧୁପଟ୍ଟନାୟକ ଅନେକ ସଙ୍କଟ ସମୟରେ ବିଦ୍ରୋହାଦି ନିବାରଣ କରି ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟ ଉତ୍ତମରୂପେ ସାଧନ କରି ଅଛନ୍ତି । ଘୁମସର, ବୌଦ୍ଧ ଓ ସମ୍ବଲପୁରରେ ବିଦ୍ରୋହ ସମୟରେ ସେ ଉପସ୍ଥିତ ଥାଇ ତମାମ ପ୍ରଜାମାନଙ୍କୁ ସୁପରାମର୍ଶ ଓ କୌଶଳପୂର୍ବକ ବଶ କରି ଅଛନ୍ତି ଓ ଅସଭ୍ୟ ବଣୁଆ ଜାତିଙ୍କୁ ବୁଝାଇ ସୁଝାଇ ତାହାଙ୍କ ମଧ୍ୟରେ ଶାନ୍ତି ବିସ୍ତାର କରି ଅଛନ୍ତି । ଏସବୁ କର୍ମପାଇଁ ଗବର୍ଣ୍ଣମେଣ୍ଟଙ୍କର ଉଚ୍ଚକର୍ମଚାରୀମାନେ ସମୟ ସମୟରେ ତାହାଙ୍କର ସୁଖ୍ୟାତି କରି ଅଛନ୍ତି ଓ ଗବର୍ଣ୍ଣମେଣ୍ଟରୁ ବାର୍ଷିକ ୫୦୦ଟଙ୍କା ଆୟର ଏକଖଣ୍ଡ ଜମିଦାରୀ ବାବୁ ପାରିତୋଷିକ ସ୍ୱରୂପ ପାଇ ଅଛନ୍ତି ବାବୁ ପ୍ରଥମେ ସିବନ୍ଦି ପଲ୍ଟନର ଜଣେ ସାମାନ୍ୟ ସିପାହୀ ଥିଲେ ସ୍ୱକୀୟ ଗୁଣଦ୍ୱାରା ଉନ୍ନତି ଲଭି ଏତେବେଳେ ମାସି ଦୁଇଶଟଙ୍କା ବେତନର ତହସିଲଦାର ହୋଇଅଛନ୍ତି । କନ୍ଧମାନେ ଅତ୍ୟନ୍ତ ଅସଭ୍ୟଜାତି ତାହାଙ୍କୁ ସେ ବଶକରି ଏମନ୍ତ ସୁନ୍ଦର ନିର୍ବାହ କରୁଅଛନ୍ତି ଯେ ତାହାଙ୍କ ମଧ୍ୟରେ ଆଉ ପୂର୍ବପରି ବିବାଦ ନାହିଁ ଏବଂ ତାହାଙ୍କ ସତ୍ପରାମର୍ଶ ଓ ଉତ୍ସାହରେ ସେମାନେ ଇଚ୍ଛାପୂର୍ବକ ମଦଦୋକାନ ଓ ଜଙ୍ଗଲ ଉପରେ କର ଧାର୍ଯ୍ୟ କରି ତଦ୍ୱାରା ସଡକ ଓ ବିଦ୍ୟାଳୟମାନ ଫିଟାଇ ଅଛନ୍ତି । ବାବୁଙ୍କର ଏହି ସମସ୍ତ ଉତ୍ତମ କର୍ମ ଦେଖି ଗବର୍ଣ୍ଣମେଣ୍ଟ ଏହାଙ୍କୁ ରାୟବାହାଦୁର ପଦ ଦେଇ ଅଛନ୍ତି । ଅବଧି ଅନ୍ୟ କୌଣସି ଓଡିଆ ଏ ପଦ ପାଇ ନାହିଁ । ବାବୁ ଦୀନବନ୍ଧୁ ପଟ୍ଟନାୟକ ପ୍ରଥମେ ଏପ୍ରକାର ସମ୍ମାନ ଲଭିଲେ ଏବଂ ତଦ୍ୱାରା ଓଡିଆଙ୍କର ଟେକ ହେଲା ସନ୍ଦେହ ନାହିଁ । ଓଡିଶାର ଗଡଜାତରେ ଆଉ ଯେତେ ତହସିଲଦାର ଅଛନ୍ତି ସେମାନଙ୍କୁ ଉଚିତ କି ଉତ୍ତମ କାର୍ଯ୍ୟ କରିବାଦ୍ୱାରା ଏହିରୂପ ସମ୍ମାନ ଲଭିବାର ଚେଷ୍ଟା କରିବେ । ମୁଗଲବନ୍ଦୀଅପେକ୍ଷା ଗଡଜାତ ଅନେକାଂଶରେ ନ୍ୟୂନ ସୁତରାଂ ଗଡଜାତରେ ଯେଉଁମାନେ କାର୍ଯ୍ୟ କରନ୍ତି ସେମାନେ ଯେବେ ଆପଣା୨ ମହାଲର ଉନ୍ନତି ପକ୍ଷରେ ଦୃଷ୍ଟି ରଖିବେ ତେବେ ସେମାନେ ଅଳ୍ପ ଆୟାସରେ ବୃହତ୍ କର୍ମ ସାଧନ କରି ପାରିବେ ଓ ମୁଗଲବନ୍ଦୀ କର୍ମଚାରୀଙ୍କଠାରୁ ସହଜରେ ସୁଖ୍ୟାତି ପାଇ ପାରିବେ ।

—*—

## ଋଣଗ୍ରସ୍ତ ଅମଲା ।

ଧନ ସମାଗମର ଉପାୟ ମଧ୍ୟରେ ରାଜସେବା ଉଚ୍ଚସ୍ଥାନ ପାଇ ନାହିଁ ସତ୍ୟ ଓ ଯଥାର୍ଥ ବିବେଚନା କଲେ ବାଣିଜ୍ୟ ଓ କୃଷିଠାରୁ ଚାକିରିରେ ଅତ୍ୟଳ୍ପ ଧନ ଲାଭ ହୁଅଇ ମାତ୍ର ଦେଶର ଅବସ୍ଥାପ୍ରତି ଦୃଷ୍ଟିକଲେ ପ୍ରତ୍ୟକ୍ଷ ଦେଖାଯାଏ ଯେ ରାଜକର୍ମଚାରୀଙ୍କର ମର୍ଯ୍ୟାଦା ସମାଜ ମଧ୍ୟରେ ସମସ୍ତଙ୍କଠାରୁ ଅଧିକ ଓ ସମସ୍ତେ ଏହାଙ୍କଠାରୁ ନାନା ଉପାୟରେ ଧନ ପାଇବାର ପ୍ରତ୍ୟାଶା କରନ୍ତି । ଏଥିର କାରଣ ନିଷ୍ପନ୍ନକରିବା ବଡ କଠିନ ନୁହଇ । ମୋଗଲ ଓ ମରହଟ୍ଟାମାନଙ୍କ ଅମଳଠାରୁ ଗତ କେତେକ ବର୍ଷ ପର୍ଯ୍ୟନ୍ତ ଅମଲାମାନଙ୍କ ଅବସ୍ଥା ଉତ୍ତମରୂପେ ଆଲୋଚନା କରି ଆସିଲେ ଦେଖା ଯିବ ଯେ ଅମଲାମାନେ ସମସ୍ତ ଶ୍ରେଣୀର ଲୋକଙ୍କ ଉପରେ ଆଧିପତ୍ୟ କରି ଆସିଅଛନ୍ତି । ସେ ସମୟର ରାଜପ୍ରଣାଳୀ ବର୍ତ୍ତମାନ ପରି ନ ଥିଲା ଓ ହାକିମମାନେ ଅମଲାଙ୍କ କଥାରେ ଚାଲୁଥିଲେ । ପ୍ରକୃତ ଶାସନ ଭାର ଅମଲାଙ୍କ ହାତରେ ଥିବାରୁ ଏହାଙ୍କର ବିଲକ୍ଷଣ ଧନଲାଭ ହେଉଥିଲା । ଏତେବେଳେସୁଦ୍ଧା ଜମିଦାର ଓ ମହାଜନମାନଙ୍କୁ ଅମଲାଠାରେ କରଯୋଡ ରହିବାର ଦେଖାଯାଏ । ଅମଲାମାନେ ନାନାଉପାୟରେ ଏହାଙ୍କଠାରୁ ଟଙ୍କା ପ୍ରାପ୍ତି କରୁଥିଲେ । ସୁତରାଂ ଜମିଦାର ଓ ମହାଜନ ପ୍ରଭୃତିର ଯେ କିଛି ଲାଭ ହେଉଥିଲା ଅମଲା ତହିଁର ଭାଗ କୌଣସି କୌଶଳରେ ନେଉଥିଲା । ପାଞ୍ଚ ସାତ ଟଙ୍କା ବେତନଭୋଗି ଅମଲାର ଆୟ ଏତେ ଥିଲା ଯେ ବର୍ତ୍ତମାନର ଡେପୁଟୀ କଲେକ୍ଟରର ତେତେ ହେଉ ନାହିଁ । ନିତ କଷ୍ଟାକଉଡି ମିଳିଲେ ଖର୍ଚ୍ଚ କରିବାକୁ ଅଳ୍ପ ଲୋକ କୁଣ୍ଠିତ ହୁଅନ୍ତି ଓ ଖାଦ୍ୟଦ୍ରବ୍ୟାଦି ସମସ୍ତ ଶସ୍ତା ଥିବାରୁ ସେ ବାଟରେ ବହୁତ ଖର୍ଚ୍ଚ ପଡୁ ନ ଥିଲା । ସୁତରାଂ ଅମଲାମାନେ ସମସ୍ତଙ୍କଠାରୁ ଅଧିକ ଦାତା ହୋଇଥିଲେ ଜଣେ ଅମଲା ଚାକିରି କଲେ ତାହା ପରିବାରର ସମସ୍ତଲୋକ ଏକା ସୁଖରେ ରହୁଥିଲେ ଏମନ୍ତ ନୁହଇ ବନ୍ଧୁ ବାନ୍ଧବ ସ୍ୱଗ୍ରାମୀ ବା ପରଗ୍ରାମୀ ଅନେକ ତାହାର ପ୍ରତିପାଳନରେ ଦିନ କାଟୁଥିଲେ । ଏକା ଅନ୍ନ ବସ୍ତ୍ର କାହିଁକି ବିଦ୍ୟାଶିକ୍ଷାର ବ୍ୟୟ ମଧ୍ୟ ଅତ୍ୟଳ୍ପ ଥିଲା ଜଣେ ଅବଧାନ ବା ଆଖୁନ ପଛରେ ମାସରେ ୨।୩ ଟଙ୍କା ଖର୍ଚ୍ଚ ହେଉଥିଲା ମାତ୍ର ତହିଁରେ ପଲେ ପିଲା ଶିକ୍ଷାଲାଭ କରୁଥିଲେ ତହିଁଉତ୍ତାରୁ କଚେରିରେ ଯାଇଁ କିଛିଦିନ ଲେଖା ପଢି କଲେ କର୍ମକ୍ଷମ ହୋଇ ଚାକିରୀ କରୁଥିଲେ । କେବଳ ଏତିକରେ ଶେଷ ନୁହଇ ଅମଲାମାନେ ଯେମନ୍ତ ଏହାଙ୍କୁ ଅନ୍ନ ବସ୍ତ୍ର ଦେଇ ଶିକ୍ଷିତ କରୁଥିଲେ ତେମନ୍ତ ସେମାନଙ୍କୁ ବିବାହ ଦେଇ ସଂସାରରେ ସ୍ଥାୟୀ କରୁଥିଲେ । ଏପରି ଅମଲାଙ୍କ କ୍ରିୟା କଳାପ ଓ ପର୍ବ ପର୍ବାଣୀରେ ବହୁତ ଟଙ୍କା ବ୍ୟୟ ହେଉଥିଲା ଏଥି ଉତ୍ତାରୁ ମଧ୍ୟ ଆମୋଦ ପ୍ରମୋଦରେ ଖର୍ଚ୍ଚ କରୁଥିଲେ । ଜଣେଅଧେ ଅମଲା ଏପରି କରୁଥିଲା ତାହା ନୁହଇ ପ୍ରାୟ ଅମଲାଙ୍କର ସାଧାରଣ ରୀତି ଏହିପରି ଥିଲା । ବର୍ତ୍ତମାନ ସେହି ଅମଲା ଅଛନ୍ତି ସେହି ବନ୍ଧୁ କୁଟୁମ୍ବ ଓ ଅପର ଲୋକମାନେ ବେଢି ରହି ଅଛନ୍ତି ସେହି ସମାଜ ଦୋଷ ଗୁଣ ବିଚାରିବାକୁ ତତ୍ପର ଅଛି ଓ ସେହି କ୍ରିୟା କଳାପ ପର୍ବ ପର୍ବାଣୀ ଓ ଆମୋଦ ପ୍ରମୋଦମାନ ଉପସ୍ଥିତ ହେଉଅଛି ମାତ୍ର ସେ ଆଧିପତ୍ୟ ଓ ଉପରି ଆୟ ନାହିଁ ସେ ଶସ୍ତାକାଳ ନାହିଁ ଓ ସେ ସାମାନ୍ୟରୂପ ନିର୍ବାହ ହେବାର ପ୍ରବୃତ୍ତି ନାହିଁ ! ଲୋକସଂଖ୍ୟା ଓ କୃଷି ବାଣିଜ୍ୟର ଉନ୍ନତି ସଙ୍ଗେ୨ ଆହାରୀୟ ଦ୍ରବ୍ୟର ମୂଲ୍ୟ ବଢିଲା ସଭ୍ୟତାର ବୃଦ୍ଧି ସଙ୍ଗେ୨ ପିନ୍ଧା ପାଗେଡି ଉପରେ କୁରତା ଯୋତା ଛତା ଇତ୍ୟାଦି ନିତାନ୍ତ ପ୍ରୟୋଜନ ହେଲା ଓ ଶିକ୍ଷାପ୍ରଣାଳୀର ଉନ୍ନତି ଓ ଶିକ୍ଷାର ବାହୁଲ୍ୟ ପ୍ରଚାର ସଙ୍ଗେ୨ ଜଣେ୨ ପିଲାକୁ ଉପଯୁକ୍ତ ଶିକ୍ଷା ଦେବାର ବ୍ୟୟ ଅସମ୍ଭାଳ ହୋଇ ପଡିଲା । ଏ ଅବସ୍ଥାରେ ଅମଲା ଋଣଗ୍ରସ୍ତ ହେବାର ବିଚିତ୍ର କି ? ଏସବୁ ସାମାଜିକ ଦାୟକୁ କିରୂପେ ଅମଲାମାନେ ନିବାରଣ କରିବେ । କୃଷିର ଉନ୍ନତିରେ ଚସାଙ୍କର

Split by PDF Splitter
Digitized by srujanika@gmail.com

ଲାଭ ଓ ବାଣିଜ୍ୟ ବିସ୍ତାରରେ ମହାଜନଙ୍କର ଲାଭ ଅଛି ମାତ୍ର ଅମଲାରତ ଏଥିରେ ଲାଭ ଦେଖା ନାହିଁ କେବଳ ବ୍ୟୟ ବଢିଲା । ସତ୍ୟ ଗବର୍ଣ୍ଣମେଣ୍ଟ ଆଗଠାରୁ ଅମଲାଙ୍କ ବେତନ ଏକିଞ୍ଚିତ ବଢାଇ ଦେଇଅଛନ୍ତି ମାତ୍ର ବ୍ୟୟ ପୂର୍ବଠାରୁ ଅନେକ ବଢିଅଛି ଓ ଉପର ଲାଭ ଅନେକ ଊଣା ପଡ଼ିଅଛି । ପରନ୍ତୁ ଆଗେ ଯାହାକୁ ଦୁଇପଇସା ଦେଲେ ତୃପ୍ତ ହେଉଥିଲା ସେ ଏବେ ଦୁଇଅଣାରେ ତୃପ୍ତ ହେଉ ନାହିଁ । ଏ ପ୍ରକାରରେ ବେତନ ବୃଦ୍ଧିରେ ସୁଦ୍ଧା ଅମଲାଙ୍କର କଷ୍ଟ ଯାଇ ନାହିଁ ଓ ସାମାଜିକ ଦାୟରୁ ଅମଲାମାନେ ମୁକ୍ତ ପାଇବାର ଉପାୟ ନ କଲେ ଯେତେ ବେତନ ବୃଦ୍ଧି ହେଉ ତହିଁରେ ଅମଲାଙ୍କର କଷ୍ଟ ଯିବାର ନୁହଇ ।

ଉପରେ ଯେସମସ୍ତ କଥା ଲେଖାଗଲା ତହିଁରୁ ପାଠକମାନେ ସ୍ପଷ୍ଟରୂପେ ହୃଦୟଙ୍ଗମ କରିପାରିବେ ଯେ ପୂର୍ବର କାଳ ପୂର୍ବର ବିଷୟକୁ ଘେନି ପଳାଇଅଛି ଆଉ ସେସବୁ ଫେରି ଆସିବ ନାହିଁ । ବର୍ତ୍ତମାନ ଦେଶ କାଳ ପାତ୍ର ବିବେଚନାରେ କି କର୍ତ୍ତବ୍ୟ ତହିଁର ବିଚାର ଅତ୍ୟନ୍ତ ପ୍ରୟୋଜନ ହୋଇଅଛି । ଅମଲାମାନେ ଏଥିପକ୍ଷରେ କି ଉପାୟ କରିଅଛନ୍ତି ତାହା ଦେଖିବାର ଉଚିତ । ଆମ୍ଭମାନଙ୍କର ମତ ଏହି ଯେ ଏଥିଉପରେ ଲୋକଙ୍କର ଦୃଷ୍ଟି ଆଦୌ ପଡ଼ ନାହିଁ । ପୂର୍ବେ ସ୍ୱଚ୍ଛନ୍ଦଅବସ୍ଥାରେ ଅମଲାମାନେ ଯାହା କରୁଥିଲେ ବର୍ତ୍ତମାନ ଦାୟଗ୍ରସ୍ତ ହୋଇ ସେହିସବୁ କରୁଅଛନ୍ତି ପ୍ରଭେଦ ଏତିକ ଦେଖାଯାଏ ଯେ ବନ୍ଧୁ ବାନ୍ଧବ ବା ଅପର ବ୍ୟକ୍ତିକୁ ପ୍ରତିପାଳନ କରିବା ଏବଂ ଆମୋଦ ପ୍ରମୋଦରେ ବ୍ୟୟ କରିବା ବିସ୍ତର ପରିମାଣରେ ଊଣା ପଡ଼ିଅଛି । ନୋହିଲେ ବହୁକୁଟୁମ୍ବ ପ୍ରତିପାଳନ ଓ ଆଡ଼ମ୍ବର ସହିତ ପର୍ବ ପର୍ବାଣୀ ଏବଂ କ୍ରିୟାକଳାପ ରକ୍ଷା ଅମଲାମାନେ ବାଧ୍ୟ ହୋଇ କରୁଅଛନ୍ତି । ଏମାନେ ଆପଣାର ବର୍ତ୍ତମାନ ଅବସ୍ଥାପ୍ରତି ଦୃଷ୍ଟି କରୁ ନାହାନ୍ତି କିନ୍ତୁ ଅକାରଣ ଲୋକ ନିନ୍ଦାକୁ ପଦେ୨ ଡରି ରହିଅଛନ୍ତି । ଏହି ଲୋକନିନ୍ଦା ଅମଲାଙ୍କର କାଳ ହୋଇଅଛି ଓ ଏହି ଲୋକ ନିନ୍ଦା ଭୟରେ ସେମାନେ ବାଧ୍ୟ ହୋଇ ଅନେକ ପ୍ରକାର ବ୍ୟୟ କରୁଅଛନ୍ତି କି ଯାହା ତାହାଙ୍କର ଅବସ୍ଥା ଅନୁସାରେ ସେମାନେ କଦାଚ କରିବାକୁ ସକ୍ଷମ ନୁହନ୍ତି ସୁତରାଂ ଆପଣାର ଅବସ୍ଥାର ଅତିରିକ୍ତ ବ୍ୟୟ କରିବାରୁ ଋଣଗ୍ରସ୍ତ ହେଉଅଛନ୍ତି । ଯେବେ ପ୍ରତ୍ୟେକ ଋଣଗ୍ରସ୍ତ ଅମଲାର ସାମାଜିକ ଅବସ୍ଥାର ଅନୁସନ୍ଧାନ ହୁଅଇ ତେବେ ସହଜରେ ପ୍ରକାଶ ପାଇବ କି ଯେଉଁମାନେ ବହୁକୁଟୁମ୍ବୀ ଓ ଯାହାଙ୍କ ବଂଶରେ ଦୋଳ ଦୁର୍ଗୋତ୍ସବ ପର୍ବର ବିଧି ବହୁକାଳରୁ ଚାଲି ଆସିଅଛି ସେମାନେ ବିଶେଷରେ ଋଣଗ୍ରସ୍ତ ଓ ସେମାନଙ୍କର ଋଣ ପାଶରୁ ମୁକ୍ତ ହେବାର ଉପାୟ ନାହିଁ । ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ଯାହା ବେତନ ଦେଉଅଛନ୍ତି ତହିଁରୁ କିଛି ଅଧିକ ଦେଲେ ମଧ୍ୟ ଏମାନଙ୍କର ଦରିଦ୍ରତା ଭାଙ୍ଗିବ ନାହିଁ । ବରଂ ତହିଁରେ ବ୍ୟୟ ବଢିବାର ସମ୍ଭାବନା କାରଣ ଦେଖାଯାଏ ଯେ ଅମଲାର ବେତନବୃଦ୍ଧି ସଙ୍ଗେ ତାହାର ସାମାଜିକ ବ୍ୟୟ ବୃଦ୍ଧି ହୁଅଇ । ଅତଏବ ଆମ୍ଭେମାନେ ଅନେକ ଚିନ୍ତା କରି ଏହି ସିଦ୍ଧାନ୍ତ କରୁଅଛୁଁ ଯେ ଦେଶକାଳପାତ୍ର ବିବେଚନାରେ ବର୍ତ୍ତମାନର ସୁଶିକ୍ଷିତ ଓ ଦାୟଗ୍ରସ୍ତ ଲୋକମାନେ ସାମାଜିକ ନିୟମ ସଂସ୍କାର ବିଷୟରେ ଯତ୍ନବାନ୍ ନ ହେଲେ ଅସ୍ମଦେଶୀୟ ଲୋକଙ୍କର ଦୁରବସ୍ଥା ମୋଚନ ହେବ ନାହିଁ ଓ ଏଥିର ଉପଯୁକ୍ତ କାଳ ଯେ ଉପସ୍ଥିତ ହୋଇଅଛି ଏପକ୍ଷରେ କିଛି ସନ୍ଦେହ ନାହିଁ । ଉପାୟ ଥାଉଁ୨ ଯେବେ ଲୋକମାନେ ତହିଁର ଅନୁସରଣ ନ କରି ଉଦାସୀନ୍ ରହିବେ ଓ ତହିଁପାଇଁ କ୍ଲେଶଭୋଗ କରୁଥିବେ ତେବେ ଏଥିକି କାହାର ବଳ ଅଛି ? ଅତଏବ ଆମ୍ଭେମାନେ ଏପ୍ରଦେଶସ୍ଥ ସୁଶିକ୍ଷିତ ଓ ବିଚକ୍ଷଣ ବ୍ୟକ୍ତିମାନଙ୍କୁ ଏକାନ୍ତ ଅନୁରୋଧ କରୁଅଛୁଁ ଯେ ସେମାନେ ଆପଣା ସାମାଜିକ ଦାୟପ୍ରତି ଦୃଷ୍ଟିପାତ କରନ୍ତୁ ଏବଂ ତହିଁର ଯେସମସ୍ତ ପ୍ରତୀକାର ଆପାତତଃ ହୋଇପାରେ ତାହା ସାଧନ ପକ୍ଷରେ ଦୃଢ଼କଳ୍ପ ହେଉନ୍ତୁ ।

ଆମ୍ଭେମାନେ ଏଥର ଏତିକ କହି ଭିନ୍ନ ହେଲୁଁ । କେଉଁ ସାମାଜିକ ଦାୟ କିପ୍ରକାର କ୍ଲେଶଦାୟକ ଓ କେଉଁ ଉପାୟରେ ତାହା ନିବାରଣ ହୋଇପାରେ ଏପକ୍ଷରେ ଆମ୍ଭେମାନେ ଆପଣା ମତ କ୍ରମଶଃ ପ୍ରକାଶ କରିବୁଁ । ପାଠକମାନଙ୍କୁ ଏତିକି ଅନୁରୋଧ ଯେ ତାହାଙ୍କ ମତର ବିରୁଦ୍ଧ କଥା କହିଲେ ସେମାନେ ବିରକ୍ତ ନ ହୋଇ ଅପକ୍ଷପାତିରୂପେ ତହିଁର ହିତାହିତ ବିବେଚନା କରିବେ ଓ ଆମ୍ଭମାନଙ୍କର ଭ୍ରମ ଦେଖାଇ ଦେଇ ସାଧାରଣ ଉପକାର ସାଧନ ପକ୍ଷରେ ମନୋଯୋଗୀ ହେବେ ।

---

## ସାପ୍ତାହିକ ସଂବାଦ ।

ଗତ ସୋମବାର ଶ୍ରୀଯୁତ କମିଶ୍ନରସାହେବ ମଫସଲକୁ ଗସ୍ତ କରିବା ସକାଶେ ଯାତ୍ରା କଲେ । ଦୁଇ ମହକୁମାର ସିରସ୍ତାଦାରମାନେ ତାହାଙ୍କ ସଙ୍ଗରେ ଯାଇଅଛନ୍ତି ।

ପୁଣି ଗୋଟିଏ କୋର୍ଟଫିସ ଚୋରି ମୋକଦ୍ଦମା ଶ୍ରୀଯୁକ୍ତ ରାଇଟସାହେବ ସବ୍ ଜଜଙ୍କ ମହକୁମାରେ ଧରାପଡ଼ି ଫୌଜଦାରୀ ଅଦାଲତର ବିଚାରାଧୀନରେ ଆସିଅଛି । ମାତ୍ର ଏଥର କେହି ଅମଲା ଧରା ନ ପଡ଼ି ଷ୍ଟାମ୍ପ ବିକ୍ରେତା ଆସାମୀ ହୋଇଅଛି । ଚୋରା କୋର୍ଟଫିସ କାହୁଁ ଆସିଲା ଜଣା ପଡ଼ ନାହିଁ ।

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ଆଳି ରାଜାଙ୍କ ଜ୍ୟେଷ୍ଠ ସନ୍ତାନ ପଶ୍ଚିମାଞ୍ଚଳକୁ ବିବାହ କରିବା ସକାଶେ ଯାଇଁ ଓଲାଉଠା ରୋଗରେ ପ୍ରାଣ ହରାଇଅଛନ୍ତି । ଏତଦ୍ଭିନ୍ନ ବିଜ୍ଞ ଯୋଗ୍ୟ ହୋଇ ବାହାରି ଥିବାରୁ ତାଙ୍କର ମୃତ୍ୟୁ ଅଧିକତର ଶୋକାବହ ହୋଇଅଛି ।

ସତ୍ୟବାଦ ମଠର କମିଟି ସେଠା ଅଧିକାରୀଙ୍କ ନାମରେ ମୋକଦ୍ଦମା କରିବାର ଅନୁମତି ପାଇ ଅଛନ୍ତି ବଡ ସୁଖର ବିଷୟ ଅଟଇ । ଓଡ଼ିଶାର ମଠବାଡ଼ି ସମ୍ପର୍କରେ ଏରୂପ ଗୋଟିଏ ମାମଲା ହେଲେ ସଦାବର୍ତ୍ତ ସମ୍ପତ୍ତିର ବିସ୍ତର ଅପବ୍ୟୟ ନିବାରଣ ହେବ ।

ଏ ନଗର ଚୌଧୁରୀବଜାରରେ ଗୋଟିଏ ବେଶ୍ୟାଘରେ ଗତ କେତେକ ମାସରେ ଚାରିଥର ଅଗ୍ନି ଲାଗିଲାଣି । କିଏ ଅଗ୍ନି ଲଗାଉଅଛି ତାହାକୁ ଧରିବା ଅଥବା ବେଶ୍ୟାକୁ ସ୍ଥାନାନ୍ତର କରିବା ପକ୍ଷରେ ପୁଲିସରୁ କୌଣସି କାର୍ଯ୍ୟ ହେବାର ଶୁଣାଯାଇ ନାହିଁ । ଜଣେ ମନ୍ଦଲୋକ ସକାଶେ ଏକ ବସ୍ତିର ଲୋକ ଆପଦଗ୍ରସ୍ତ ହେବା ବଡ଼ସହଜ କଥା ନୁହଇ ।

ଉତ୍କଳ ଦର୍ପଣରୁ ଅବଗତ ହେଲୁଁ ଯେ ନିଳଗିରିର ତୋଫାନରେ ଜ ୯୮ ଣ ମନୁଷ୍ୟ ଯ ୬୦୦ ଶ ଗୋରୁ ଓ ୪୦୦ ଛେଳି ନଷ୍ଟ ହୋଇଅଛନ୍ତି ।

ହିନ୍ଦୁପେଟ୍ରିଅଟର ଜଣେ ପତ୍ରେରକ ଲେଖିଅଛନ୍ତି କି ରାଣୀଘାଟ ସବଡିଭିଜନର ଏକ ଗ୍ରାମରେ ଦିନବେଳେ କେତେଜଣ କୃଷୀ ବିଲରେ କର୍ମ କରୁଥିଲେ ଅକସ୍ମାତ୍ ଗୋଟିଏ ହାତୀ ଶୁଣ୍ଢ଼ ଓହ୍ଲାଇବାର ଦେଖି ସେମାନେ ଅନେକ ଦୂରକୁ ପଳାଇଯାଇ ନିରୀକ୍ଷଣ କରି ରହିଲେ । ହାତୀଶୁଣ୍ଢ଼ ଯେତେବେଳେ ଭୂମିକୁ ଛୁଇଁଲା ସେତେବେଳେ ଅତି ଗମ୍ଭୀର ଶବ୍ଦ ସହିତ ଏକ ଘୂର୍ଣ୍ଣିବାୟୁ ଜାତ ହେଲା । ଏ ପବନଦ୍ୱାରା ଅନେକ ସମ୍ପତ୍ତି ନଷ୍ଟ ହୋଇ ଅଛି ମାତ୍ର ମନୁଷ୍ୟ ନଷ୍ଟ ହୋଇ ନାହିଁ । ଆଶ୍ଚର୍ଯ୍ୟର ବିଷୟ ଯେ ଗ୍ରୀଷ୍ମା-

Split by PDF Splitter

Digitized by srujanika@gmail.com

Split by PDF Splitter



ନେ ଆପଣା କର୍ମସ୍ଥାନକୁ ଫେରଆସି ଦେଖିଲେ ଯେ ତାହାଙ୍କର ଲଙ୍ଗଳଇତ୍ୟାଦି ଗୃହର ଦ୍ରବ୍ୟ ସବୁ ଅନ୍ତର୍ଦ୍ଧାନ ହୋଇ ଅଛି । କାଲଗିରରେ ଯେଉଁ ଘଟନା ହୋଇଥିଲା ତାହା ଏହିପ୍ରକାରର ଥିବାର ଜଣାଯାଏ ।

---

ପ୍ରେରିତପତ୍ର ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଆଜ ମୁଁ ଆପଣଙ୍କ ପତ୍ରିକାରେ ଟିକଏ ସ୍ଥାନ ପ୍ରାର୍ଥୀ ହେଉଅଛି । ସ୍ଥାନଟିକଏ, ମହାଶୟ ! ମିଳିବ କି ?—ମହତ୍‌ଲୋକଙ୍କ ଦୁଆରେ ଅବା ସ୍ଥାନ ନ ମିଳିବ କପାଁ ? ମିଳିଲେ, ଦସ୍ତୁରମୁତାବକ, ମନେ୨ କୃତଜ୍ଞତା ଦେଖାଇବ, ଗଙ୍ଗାପାଣିରେ ଛିଡାହୋଇ କହୁଅଛି । ଆହୁରି ମଧ୍ୟ ଜଣାଣ ଏହି ଯେ ସ୍ଥାନ ଟିକଏ ହେବାର ହେଲେ, ଟିକଏ ବେଗି୨ ଦେବାର ହୁକୁମ ସାଦର ହେଉ ।

ଓଡିଶାର ଖବରତ ସବୁ ଆପଣଙ୍କୁ ଗୋଚର, ଅପଣଙ୍କ ଆଁଖି କାନ ଅଜଣାରେ କୌଣସି ଘଟନା ଓଡିଶାରେ ହେଉ ନାହିଁ । ଦେଖାଶୁଣାରେ ଜାଣୁଛନ୍ତି ଓଡିଶାରେ ୨୫ ବର୍ଷିୟା ଟ୍ରେନିଙ୍ଗ ସ୍କୁଲ୍ "କାଲଜି" (ଏଠାଲୋକଙ୍କ ଉଚ୍ଚାରଣ ଅନୁସାରେ) ବସିଅଛି । ଅମଳ କରିନାଏ କାଲଜି ଯିବା ନ ଯିବା ବିଷୟ ଯେତେ ବ୍ୟସ୍ତ, ହେଉ କି କମିଶ୍ନରସାହେବଙ୍କର ଏକପ୍ରକାର ଘୋଷଣା ଜାରି ହୋଇ ଅଛି ଯେ କାଲଜି ପାଶ ହାସିଲ ନ କଲେ କେହି ଉଚ୍ଚକର୍ମ ପାଇପାରିବେ ନାହିଁ । ଓଡିଶାରେ ଇଂରାଜି ପାଠପଢା ଧୂମ ଲାଗିଅଛି । କହିବା ବାହୁଲ୍ୟ ଯେ ପାଠପଢା ସବୁଉନ୍ନତିର ମୂଳ । ପୁଣି ଓଡିଆଙ୍କୁ ଜଗପକାର କରିବା ସକାଶେ ବିଶେଷ ଓ ଅଭୁଅଲ ବିଷୟର ବନ୍ଦୋବସ୍ତମାନ ହେବାର ତ୍ରୁଟି ନାହିଁ । ପ୍ରକୃତ ଭଲ କାର୍ଯ୍ୟ ଆଉ ଗୋଟିଏ ମଧ୍ୟ ହୋଇଅଛି ।—ଅର୍ଥାତ୍ ମେଡକଲ ସ୍କୁଲ । ଘୋଡାଙ୍କୁ ଗୁରୁକ ମାରି ଦୌଡାଇଲାପରି ଓଡିଆଙ୍କୁ ଉନ୍ନତିକ୍ଷେତ୍ରରେ ଦୌଡାଇବାର କଳମାନ ପ୍ରସ୍ତୁତ ହୋଇ ଅଛି । ଏହା କି ସୁଖର ବିଷୟ ! ଏସବୁ ଦେଖି ଶୁଣି ଦାସ ପଟ୍ଟନାୟକ ଉପାଧି ହୋଇ ପ୍ରକୃତ ଓଡିଆ ହେବାକୁ ମନ ବଳଇ ।

ପୁଣି କମିଶ୍ନର ସାହେବଙ୍କର ଓଡିଆପ୍ରତି ବଡ ଦୟା । କୌଣସି୨ ତାଙ୍କର ଉଚ୍ଚକର୍ମଗ୍ରାହୀଏ ସୁଦ୍ଧା ସେ ଦୟାକୁ ଅନୁକରଣ କରି ଅଛନ୍ତି । କମିଶ୍ନରସାହେବ ବୁଝିଅଛନ୍ତି ଯେ ଓଡିଆଏ ନିତାନ୍ତ କୋମଳ । ସେମାନେ କେହି୨ ତାଙ୍କ ନିକଟରେ ଉପସ୍ଥିତ ହୋଇ ପାରିଲେ, ବିନା କାଲଜି ପାଶରେ, ବିନା ସୁପାରସି ଚିଠି କି ସାର୍ଟିଫିକଟରେ ଉଚ୍ଚକର୍ମମାନ ପାଇବାର ଯୋଗ୍ୟ । ମାତ୍ର ଓଡିଆବୋଲି ଓଡିଶାବାସୀ ହେଲେ ହେବ ନାହିଁ । ମହାନ୍ତି, ମହାପାତ୍ର, ଦାସ, ପଟ୍ଟନାୟକ ଉପାଧିମାନ ଥିବାର ଗୃହ । ସେଥିରେ ପୁଣି ସେମାନେ ସଦରଅମିନ, ମୁନସିଫ, ଡେପୁଟୀମେଜଷ୍ଟ୍ରରଙ୍କ ଗୋଷ୍ଠିସମ୍ଭୂତ ହେଲେ ଅଧିକ ଭଲ; ସେମାନଙ୍କର ଇଂରାଜୀଜ୍ଞାନ କି ବିଦ୍ୟାଶିକ୍ଷା ଉଣା ଥିଲେ ପରବାଏ ନାହିଁ । ଏକା ଗଙ୍ଗାକୂଳ ଗନ୍ଧ ଥିଲେ ମୁସ୍କିଲ । ଇଂରାଜୀ ଯେତେ ଟେଣାଟେଣି । ସାର୍ଟିଫିକଟ ଘଲବା ଭଲବ, ଇମତିଆନ୍ ଆବଶ୍ୟକ । ବର୍ଣ୍ଣର ଗନ୍ଧର ପରୀକ୍ଷା ।

ସମ୍ପାଦକ ମହାଶୟ ! ଗୋଟିଏ ବର୍ତ୍ତମାନ ବଡ କୌତୁକାବହ ଘଟନା ଘଟିଅଛି । ଖୋର୍ଦ୍ଧାର ବନ୍ଦୋବସ୍ତର ସୂତ୍ରପାତ । ଏଥିରେ ଉପଯୁକ୍ତ ଲୋକେ ଅତି ଯେଠାରେ ଦରକାର । ସୁତରାଂ ବାଲେଶ୍ୱର ହେଡ କିରାଣିଗିରି କର୍ମ ଖାଲି ହୋଇଅଛି । ସେଠା କଲେକ୍ଟର ଜଣେ ବଙ୍ଗାଳିଙ୍କୁ ଯଦ୍ୟ ସେ ଓଡିଶାବଙ୍ଗାଳୀ ଅର୍ଥାତ୍ ପ୍ରାକୃତିକ ଓଡିଆ—ନିଯୁକ୍ତ କଲେ । ତାଙ୍କର ଇଂରାଜୀ ବିଦ୍ୟା ଅଳ୍ପ ବୋଲି କମିଶନର ତାଙ୍କ ନିଯୁକ୍ତିକୁ ମନୋନୀତ କଲେ ନାହିଁ । ପୁଣି ଥରେ ବାଲେଶ୍ୱର କଲେକ୍ଟର ତାଙ୍କ ଦରଖାସ୍ତ ଖଣ୍ଡିକ ପଠାଇଲେ । ସେଥିରେ ଶୁଣାଯାଏ ବାବୁଙ୍କର ଇମତିହାନ ଘଲବ ହେଲା । ଆଉ୨ ଲୋକେ ଦରଖାସ୍ତ କଲେ । ଜଣେ ଦରଖାସ୍ତକାରଙ୍କ ମଧ୍ୟରେ ଏଲେଓଗା ବଳରାମଦାସ । ଅନ୍ୟ ଜଣେ ଇନ୍‌ଷ୍ଟେକ୍ଟ୍ରବାଲା ହରେକୃଷ୍ଣ ଦାସ ଏହୁହେଁ ଓଡିଆ; ଦୁହେଁ ଦାସ କରଣ; ଦୁହେଁ ଉଚ୍ଚବଂଶଜାତ; କିନ୍ତୁ ଇଂରାଜୀ ଜ୍ଞାନରେ ବଳରାମ, ହରେକୃଷ୍ଣ ଅପେକ୍ଷା ଅନେକ ଭଲ; କର୍ମକାର୍ଯ୍ୟରେ ଅଧିକ ବହୁଦର୍ଶୀ—ଯେହେତୁ ବଳରାମ ହରେକୃଷ୍ଣ ପରି ଲୋକଲପଣ୍ଡ କରାଣୀ ଥିଲା; ବିଶେଷ ବଳରାମ ବର୍ତ୍ତମାନ ଏକ ଇଲାକାର ହେଡ କରାଣୀ ବଳରାମ ହରେକୃଷ୍ଣ ଅପେକ୍ଷା ଓଡିଆସୁଦ୍ଧା ଭଲ ଜାଣେ—ବଳରାମ ଜଣେ ଗ୍ରନ୍ଥକାର; ବଳରାମ ଆଇନ କାନୁନରେ ମଧ୍ୟ ପାରଦର୍ଶୀ; ଶିକ୍ଷିତ ସମ୍ପ୍ରଦାୟରେ ପରିଚିତ; ବୟସରେ ମଧ୍ୟ ବଳରାମ ବଡ; ତଥାପି ହରେକୃଷ୍ଣ ଜଣେ ମୃତ ଡେପୁଟୀଙ୍କ ପୁତ୍ର, କିନ୍ତୁ ବଳରାମର ପିତା ସରକାର ନମକ୍ ଉପରେ ନିର୍ଭର କରିବାକୁ ମନ ବଳାଇ ନାହିଁ । କି ହରେକୃଷ୍ଣ କି ବଳରାମ ଦୁହିଙ୍କ ମଧ୍ୟରୁ କାହାର ଘର ବାଲେଶ୍ୱର ଜିଲାରେ ସୁଦ୍ଧା ନୁହେ । ବାଲେଶ୍ୱରରୁ ବାୟୁସମ୍ବାଦ ଆସିଅଛି ଯେ ପ୍ରଥମ ନିଯୁକ୍ତ ବଙ୍ଗାଳି ଜଣଙ୍କ କଥା ରଦ ପାଇ ବଳରାମର ଉପଯୁକ୍ତତା ଅବହେଳାକୁ ଲଭ, ହରେକୃଷ୍ଣର କପାଳ ଫିଟିଅଛି । ହରେକୃଷ୍ଣକୁ ଶୁଣିବାରେ ବାଲେଶ୍ୱର କଲଟର ମନୋନୀତ କରିଅଛନ୍ତି । କମିଶନର ସାହେବ ଏ ବିଷୟରେ କିପରି ବିଚାର କରିବେ ଜଣାଯିବ; ଯେଉଁ ଉପଯୁକ୍ତତା ବିବେଚନାରେ ବଙ୍ଗାଳୀ ଜଣକ କର୍ମରୁ ବଞ୍ଚିତ ହେଲା, ସେହି ଉପଯୁକ୍ତତାର ବିଚାର କରିବେ, ନା ଡେପୁଟୀଙ୍କ ପୁଅ ବିବେଚନା କରି କାର୍ଯ୍ୟତଃ ଉଚ୍ଚଶିକ୍ଷାର ଅସାରତା ଦେଖାଇ, କମିଶନର କାର୍ଯ୍ୟର ବନ୍ଦୋବସ୍ତ କରିବେ, ଆଉ ହପ୍ତାକେ ସଂସାରଲୋକେ ଜାଣି ପାରିବେ ।

ସେସବୁ ଯାହା ହେଉ, ବର୍ତ୍ତମାନ ଓଡିଶାର ଉନ୍ନତି ଏକ ବିଚିତ୍ର ଗତି ଧାରଣ କରିଅଛି । ସମ୍ପାଦକ ମହାଶୟ ! ଆପଣତ ବହୁଦର୍ଶୀ । ବୟୋବୃଦ୍ଧ, ବିଜ୍ଞ ସୁପଣ୍ଡିତ, ଓଡିଶାର ବର୍ତ୍ତମାନ ଉନ୍ନତିରେ ସ୍ଥାୟୀତ୍ୱ ଓ ପରିପକ୍ୱତାର କିଛି ଚିହ୍ନ ଦେଖୁ ଅଛନ୍ତି କି ? ଏଥି ସମ୍ପର୍କରେ ଆଉ କିଛି କହିବାର ରହିଲା । ଆପଣ ଅନୁଗ୍ରହ କଲେ ବାରାନ୍ତରେ ଆପଣଙ୍କର ଆଶ୍ରୟ ଗ୍ରହଣ କରିବ ।

ବଶମ୍ବଦ ।
"ହକ କଥା"

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ରାଧାଶ୍ୟାମ ନରେନ୍ଦ୍ର କେନ୍ଦ୍ରାପଡା | ବକାୟା | ଟ | ୧୮ |
| „ ରଘୁନାଥ ମହାପାତ୍ର କଟକ | „ | ଟ | |
| „ ଅଚ୍ୟୁତାନନ୍ଦ ଦାସ | „ „ | ଟ | |
| „ ଗୌରମୋହନରାୟ | „ „ | ଟ | |
| „ ଅମ୍ବିକାପ୍ରସାଦ ରାୟ | „ „ | ଟ | |
| ଶ୍ରୀଶ୍ରୀ ରାଜା ଢେଙ୍କାନାଳ | ଅଗ୍ରିମ | ଟ | ୨୲ |
| ବରୁଆନବନ୍ଧୁପଟ୍ଟନାୟକ ଜଜମାଲ | „ | ଟ | ୨୲ |
| ଏଜନ | ବକାୟା | ଟ | ୨୲ |
| „ ଶ୍ରୀନାଥବୋଷ ବାଙ୍କୀ | „ | ଟ | ୨୲ |
| ଶ୍ରୀଯୁକ୍ତ ଜର୍ଜ ଷ୍ଟିବନ୍‌ସନ୍ ଭଦ୍ରକ | „ | ଟ | ୨୲ |

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ ଗ
ସଂ ୨୧ ଖ୍ୟା

ତା୨୦ରିଖ ମଇ ସନ ୧୮୭୬ ମସିହା । ମୁ । ଜ୍ୟେଷ୍ଠ ଦିନ ସନ ୧୨୮୩ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୦
ମଫସଲପାଁଇ ଡାକମାସୁଲ ଟ୧।୵

ଶ୍ରୀଯୁକ୍ତ କର୍ଲୁଡସାହେବ ଏଠାର ଜଏଣ୍ଟ ମାଜିଷ୍ଟ୍ରେଟ ଥିବା ସମୟରେ ନଗର ପରିଷ୍କାର ଇତ୍ୟାଦି ବିଷୟରେ ନଗରବାସିଙ୍କୁ ଯେମନ୍ତ ଅରହର କରାଇ ଥିଲେ ତାହା ବୋଧହୁଅଇ ପାଠକମାନେ ପାସୋରି ପକାଇ ନାହାନ୍ତି । ବର୍ତ୍ତମାନ ସାହେବ ପ୍ରଶଂସିତ ଚଟ୍ଟଗ୍ରାମ ଜିଲ୍ଲାର ଏକଟିଂ କଲେକ୍ଟର ଓ ମାଜିଷ୍ଟ୍ରେଟ ହୋଇଅଛନ୍ତି ଓ ଆମ୍ଭେମାନେ ହିନ୍ଦୁପେଟ୍ରିଅଟରୁ ଅବଗତହେଲୁଁ ଯେ ସେଠା ନଗରବାସିଙ୍କୁ ଏଠାପରି କଷ୍ଟ ଦେଉଅଛନ୍ତି । ପାଇଖାନା ପରିଷ୍କାର ରଖିବା ବିଷୟରେ ତାହାଙ୍କର ଗୋଟିଏ ନିୟମ ଅତ୍ୟନ୍ତ କଠିନ ହେବାରୁ ସାମାନ୍ୟ ଲୋକମାନେ ତହିଁରେ ଅତ୍ୟନ୍ତ କ୍ଳେଶ ପାଇବାର ଭୟ କରି ସରକାରି ପାଇଖାନା ଘରକୁ ଯୋଡ଼ିହେଲେ ଏଥିରେ ସାହେବ ପ୍ରତିଦିନ ଦୁଇଘଣ୍ଟା ଲେଖାଏ ସରକାରି ପାଇଖାନାରେ ପହରାଦେବା ପାଇଁ କେତେକଜଣ ଭଦ୍ରଲୋକଙ୍କୁ ବିଶେଷ କନଷ୍ଟେବଲ ସ୍ୱରୂପ କର୍ମ କରିବାକୁ ଆଜ୍ଞା ଦେଇଅଛନ୍ତି । ଏହି ନିୟମର ପ୍ରତିବାଦ ଜଣେ ଭଦ୍ରଲୋକ କରିଥିଲାବୋଲି ତାହାଙ୍କୁ ମିଉନିସିପଲ କମିଟିର ସଭ୍ୟପଦରୁ ବାହାର କରିଦେଇ ତାହାଙ୍କ ନାମରେ ନାନାବିଧ ଅଭିଯୋଗ କରି ଫଉଜଦାରିମାମଲାମାନ ଚଳାଉଅଛନ୍ତି । ଏହିପରି କର୍ଲୁଡସାହେବଙ୍କର ଗୁଣ ଶୁଣାଯାଏ ଓ ଏସବୁ ମିଥ୍ୟା ବୋଲି ଆମ୍ଭମାନଙ୍କୁ ବୋଧ ହେଉ ନାହିଁ କାରଣ ତାହାଙ୍କର ପୂର୍ବକଥା ସବୁ ମନରେ ପଡୁଅଛି ଓ ଯାହାର ଯେ ସ୍ୱଭାବ ତାହା ଛାଡ଼ିବାର ସହଜକଥା ନୁହଇ । ଏପରି ସ୍ୱଭାବର ଲୋକଙ୍କୁ ଗବର୍ଣ୍ଣମେଣ୍ଟ କିପରି ଉଚ୍ଚପଦରେ ନିଯୁକ୍ତ କରନ୍ତି !

—*—

ତାରଡାକ ସମ୍ବାଦଯୋଗେ ଜଣାଯାଇଅଛି ଯେ ଚଳିତମାସ ତା ୧୧ ରିଖରେ ମହାମାନ୍ୟ ଯୁବରାଜ ଇଙ୍ଗଲଣ୍ଡରେ ପ୍ରବେଶ ହେଲେ । ସେହିଦିନ ସକାଳବେଳେ ସିରାପିସ ଜାହାଜ ପୋର୍ଟସମାଉଥ ନାମକ ସ୍ଥାନରେ ନଙ୍ଗର କରିବାରୁ ତାହାଙ୍କ ସ୍ତ୍ରୀ ଓ ସନ୍ତାନମାନେ ଜାହାଜଉପରକୁ ଆସି ତାହାଙ୍କ ସଙ୍ଗେ ସାକ୍ଷାତ କଲେ ଏ ସ୍ଥାନରୁ ରେଲବାଟେ ଗମନକରି ସନ୍ଧ୍ୟା ପୂର୍ବରେ ବକିଂହାମନାମକ ରାଜପ୍ରାସାଦରେ ପହୁଞ୍ଚି ଶ୍ରୀମତୀମହାରାଣୀଙ୍କର ସାକ୍ଷାତଲାଭ କଲେ ଯୁବରାଜଙ୍କର ବିଲାତକୁ କୁଶଳରେ ଫେରି ଆସିବାର ଦେଖି ସେଠାର ସର୍ବସାଧାରଣ ବଡ଼ ଆନନ୍ଦ ପ୍ରକାଶ କରି ଅଛନ୍ତି ଓ ତହିଁର ଚିହ୍ନସ୍ୱରୂପ ରାଜବାଟରେ ପତାକା ଓ ତୋରଣମାନ ଝୁଲାଇ ଅତ୍ୟନ୍ତ ସୁଶୋଭିତ କରିଥିଲେ ଏବଂ ରାତିରେ ଭାରି ରୋଷନାଇ ମଧ୍ୟ ହୋଇଥିଲା । ଯୁବରାଜ କୁଶଳରେ ସ୍ୱଦେଶରେ ପହୁଞ୍ଚିବାର ସମ୍ବାଦ ଶୁଣି ଭାରତବର୍ଷବାସିମାନେ ମଧ୍ୟ ଅତ୍ୟନ୍ତ ଆନନ୍ଦିତ ହୋଇ ଅଛନ୍ତି ।

ଯୁବରାଜଙ୍କ ଭାରତବର୍ଷ ସନ୍ଦର୍ଶନ ସମ୍ପର୍କରେ ଶୁଣାଯାଏ ଯେ ଏଠାରୁ ଯେସମସ୍ତ ଦ୍ରବ୍ୟ ଯୁବରାଜ ଭେଟି ପ୍ରାପ୍ତ ହୋଇ ସ୍ୱଦେଶକୁ ଘେନି ଯାଇ ଅଛନ୍ତି ତହିଁର ଗୋଟିଏ ପ୍ରଦର୍ଶନ ହେବାର ବନ୍ଦୋବସ୍ତ ଲାଗିଅଛି । କେନ୍‌ସିଂଷ୍ଟନ ନଗରରେ ଥିବା ଭାରତବର୍ଷର ଅପୂର୍ବ ଦ୍ରବ୍ୟାଳୟରେ ଏ ପ୍ରଦର୍ଶନ ହେବ ତହିଁପାଇଁ ସେଠାରେ ଉପଯୁକ୍ତ ସ୍ଥାନ ନିର୍ମାଣ ଓ ସୁସଜ୍ଜିତ ହେଉଅଛି । ଏ ପ୍ରଦର୍ଶନଟି ଛମାସପର୍ଯ୍ୟନ୍ତ ରହିବାର କଳ୍ପନା ହୋଇ ଅଛି । ଏଥିରେ ବିଲାତର ଲୋକମାନେ ଭେଟିଦ୍ରବ୍ୟସବୁ ଦେଖିବାର ସୁନ୍ଦର ସୁଯୋଗ ପାଇବେ ।

—*—

ମାନ୍ଦ୍ରାଜପ୍ରଦେଶରେ ଥିବା ମଠର ଓ ଅନ୍ୟାନ୍ୟ ଧର୍ମାଳୟମାନଙ୍କୁ କିପରିମାଣରେ ସମ୍ପତ୍ତି ଦାନ ହୋଇ ଅଛି ଓ କିରୂପେ ସେସବୁର ତତ୍ତ୍ୱାବଧାରଣ ହେଉଅଛି ଏ ବିଷୟମାନ ତଦନ୍ତ କରିବାକାରଣ ଗୋଟିଏ କମିଟୀ ନିଯୁକ୍ତ ହୋଇ ଅଛି । ସରଉଇଲିୟମ ରବିନ୍‌ସନ ଏ କମିଟୀର ସଭାପତି ଅଟନ୍ତି ଏବଂ ଦୁଇ ତିନିଜଣ ଇଉରୋପୀୟ ଓ ହିନ୍ଦୁସମାଜର ପ୍ରଧାନ ବ୍ୟକ୍ତିମାନେ ସଭ୍ୟସ୍ୱରୂପ ନିଯୁକ୍ତ ହୋଇ ଅଛନ୍ତି । ଏଥିକୁ ମାନ୍ଦ୍ରାଜପ୍ରଦେଶରେ ଏ ପ୍ରଦେଶପରି ସଦାବର୍ତ୍ତ ସମ୍ପତ୍ତି ଅପବ୍ୟୟ ହେବାର ଗୋଟିଏ ଉଦାହରଣ ଏଥିପୂର୍ବ ଆମ୍ଭେମାନେ ଲେଖିଥିଲୁଁ ଓ ଅନୁସନ୍ଧାନ ହେଲେ ଅନେକ ସେହିପରି କାର୍ଯ୍ୟ ବାହାରିବ ସନ୍ଦେହ ନାହିଁ ମାତ୍ର ଗବର୍ଣ୍ଣମେଣ୍ଟ ଯେବେ ସଦାବର୍ତ୍ତସମ୍ପତ୍ତିର ଅପବ୍ୟୟ ନିବାରଣ

Split by PDF Splitter

Digitized by srujanika@gmail.com

ପକ୍ଷରେ କୌଣସି ଉପାୟ ଶୀଘ୍ର ନ କରବେ ତେବେ ସେପ୍ରକାର କମିଟୀ ଇତ୍ୟାଦ ବସାଇବାରେ କି ଫଳ ଅଛି ? ଏହି ଓଡିଶାଖଣ୍ଡରେ କମିଟୀ ବସି ସଦାବର୍ତ୍ତ ସମ୍ପତ୍ତିର ଅନୁସନ୍ଧାନ ହୋଇଥିଲା ଓ ଗବର୍ଣ୍ଣମେଣ୍ଟବଙ୍ଗାଲ ଏପ୍ରକାର ସମ୍ପତ୍ତି ରକ୍ଷା ନିମିତ୍ତ ବ୍ୟବସ୍ଥା କରିବାର ଉପଯୁକ୍ତ ଜ୍ଞାନ କରି ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଅନୁରୋଧ କଲେଶୁଦ୍ଧା ଅଦ୍ୟାବଧି ସେପକ୍ଷରେ କୌଣସି କାର୍ଯ୍ୟ ହୋଇ ନାହିଁ । ମାତ୍ର ମାନ୍ଦ୍ରାଜ କମିଟୀଙ୍କ କାର୍ଯ୍ୟରୁ ଗୋଟିଏ ବୃହତ ପ୍ରଦେଶର ଅବସ୍ଥା ପ୍ରକାଶ ପାଇବ ଓ ତହିଁର ପ୍ରତିବିଧାନ କରିବା କାରଣ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ପୂର୍ବରୁ ସତର୍କ ହୋଇ ଅଛନ୍ତି ଏଥିପାଇଁ ଭରସା ହୁଅଇ ଯେ ଏ କମିଟିର ଫଳ ବାହାରିଲା ଉତ୍ତାରୁ ସଦାବର୍ତ୍ତ ସମ୍ପତ୍ତି ରକ୍ଷଣାବେକ୍ଷଣ ବିଷୟରେ ଗବର୍ଣ୍ଣମେଣ୍ଟ ଅବଶ୍ୟ କୌଣସି କଠିନ ବ୍ୟବସ୍ଥା କରିବେ । ଏରୂପ ବ୍ୟବସ୍ଥାର ଯେ ଅତ୍ୟନ୍ତ ପ୍ରୟୋଜନ ହୋଇଅଛି ସର୍ବସାଧାରଣ ଏହା ବିଶ୍ୱାସ କରନ୍ତି ମାତ୍ର ଗବର୍ଣ୍ଣମେଣ୍ଟଙ୍କ ଅବହେଳା ଦେଖି ଆମ୍ଭେମାନେ ହତାଶ ହେଉଅଛୁଁ ।

---

## କଟକ ଜିଲାର ଡକାଇତୀ ।

ଗତ ସପ୍ତାହ ଦଉରାରେ ଗୁଡିଏ ଡକାଇତୀ ମକଦ୍ଦମାର ବିଚାର ହୋଇଥିଲା । ସୂକ୍ଷ୍ମରୂପେ ବୁଝିଲେ ସେ ସବୁ ଏକ ମକଦ୍ଦମା ଅଟଇ କେବଳ ଏକା ଆସାମୀମାନେ ଭିନ୍ନ ୨ ସମୟ ଓ ସ୍ଥାନରେ ଚୋରୀ ଓ ଲୁଟ କରଥିବାରୁ ଆଇନାନୁସାରେ ତାହାଙ୍କ ନାମରେ ୭।୮ ନମ୍ବର ମକଦମା ହୋଇ ଥିଲା । ବଙ୍ଗଳାର ଡକାଇତୀ ସହିତ ତୁଳନା କଲେ ଏସବୁକୁ ପ୍ରକୃତ ଡକାଇତୀ ବୋଲାଯାଇ ନ ପାରେ କାରଣ ଏମାନେ ମଶାଲଜାଳି ବାଜା ବଜାଇ କୌଣସି ବଡଲୋକର ଯଥା ସର୍ବସ୍ୱ ଲୁଟ କରିନାହାନ୍ତି କମ୍ବା ଶାରୀରିକ ପୀଡା ଦେଇ ନାହାନ୍ତି । କେବଳ କେତେ ଗୁଡିଏ ଲୋକ ଦଳବଦ୍ଧ ହୋଇ ସିନ୍ଧ ଓ ଚୋରୀ କରୁଥିଲେ । ଆତ୍ମରକ୍ଷା ଏବଂ ଏକାକୀ ଲୋକଙ୍କୁ ଡରାଇବା ପାଇଁ ତରକମଠା ଛୁରୀ ତରବାରୀ ଇତ୍ୟାଦ ହତ୍ୟାରମାନ ସେନି ବୁଲୁଥିଲେ । ଏମାନେ ଓଡିଶା ପ୍ରଦେଶର ନାନା ଗଡଜାତ ଯଥା ହିନ୍ଦୋଳ, ଢେଙ୍କାନାଳ, ତାଳଚେର ଇତ୍ୟାଦର ଲୋକ ଅଟନ୍ତି ଓ ସମସ୍ତେ ଜାତିରେ, ପାଣ ଏକଜୁଟ ହୋଇ ଅନେକ ଦିନରୁ ଝାଙ୍କିଠାରୁ ବଡଚଣା ପର୍ଯ୍ୟନ୍ତ ଗଡଜାତ ମୁଗଲବନ୍ଦୀର ତୋସମାନଙ୍କରେ ଚୋରୀ ଇତ୍ୟାଦ କରୁଥିଲେ ଓ ପୁଲିସ ଏହାଙ୍କ ପଛେ ଲାଗିରହି ପରିଶେଷରେ ଅନେକ କୌଶଳ କ୍ରମେ ଜ ୮ ଣକୁ ଗିରଫ୍ତାର କରିବାରୁ ସେମାନେ ସ୍ୱଜରରୂପେ ଚୋରୀମାଲମାନ ବାହାର କରିଦେଲେ । ଚୋରାଦ୍ରବ୍ୟ ସବୁକୁ ନାନା ସ୍ଥାନରେ ଲୁଚାଇ ରଖିଥିଲେ ଓ ତହିଁମଧ୍ୟରୁ ଯେତେମାଲ ଚିହ୍ନିତ ହେଲା ତହିଁ ସମ୍ପର୍କରେ ମକଦ୍ଦମା ଚଳିଲା ଆହୁରି କେତେମାଲ ଗବର୍ଣ୍ଣମେଣ୍ଟଙ୍କ ହାତକୁ ଆସିଅଛି ଯେ ତହିଁର ଅଧିକାରମାନେ ପ୍ରକାଶ ପାଇ ନାହାନ୍ତି । ଦଉରା ବିଚାରରେ ଶ୍ରୀଯୁକ୍ତ ଜଜସାହେବ ଦୁଇ ମକଦ୍ଦମାରେ ଆସାମୀମାନଙ୍କୁ ବ ୧୪ ବର୍ଷ ଲେଖାଏ ଦୀପାନ୍ତର ଓ କାରାବାସ ଦଣ୍ଡ ଦେଇ ଅଛନ୍ତି ଓ ତାହାଙ୍କ ମଧ୍ୟରୁ ଏକ ବ୍ୟକ୍ତି କେବଳ ବ ୧୦ ବର୍ଷ ଦଣ୍ଡ ପାଇଅଛି ।

ଆମ୍ଭେମାନେ ଅବଗତ ହେଲୁଁ ଯେ ଏ ଡକାଇତମାନେ ଘୋର ଜଙ୍ଗଲ ମଧ୍ୟରେ ଏକ ନିର୍ଜନସ୍ଥାନରେ ବସାକରି ରହୁଥିଲେ ଦିନବେଳେ ନାନା ଛଦ୍ମବେଶ ଧରି ଲୋକାଳୟକୁ ଯାଇ ଆପଣା ନିର୍ବାହର ଉପାୟ କରନ୍ତି ଓ ରାତ୍ରରେ ଚୋରୀକରି ମାଲ ସହିତ ସେହି ସ୍ଥାନକୁ ଫେରିଯାଆନ୍ତି ଏରୂପ କରିବାରୁ ସେମାନେ ସହଜରେ ଧରାପଡ ନ ଥିଲେ ଓ ଅନେକଦିନ ଚୋରୀ କରିବାକୁ ସକ୍ଷମ ହୋଇଥିଲେ । ବାବୁ ହରେକୃଷ୍ଣ ଦାସ ପୁଲିସ ଇନ୍‌ସ୍ପେକ୍ଟର ଅନେକ କଷ୍ଟରେ ଏହାଙ୍କୁ ଗିରଫ୍ତାର କରି ଅଛନ୍ତି ଓ ତହିଁପାଇଁ ସେ ପାରିତୋଷିକ ପାଇବାର ଯୋଗ୍ୟ ଅଟନ୍ତି । ଡକାଇତମାନଙ୍କୁ ଦେଖିଲେ ଜଣାଯାଏ ଯେ ସେମାନେ ଅତ୍ୟନ୍ତ ନିଷ୍ଠୁର ମୂର୍ଖ ଓ ବଳବାନ୍ ଅଟନ୍ତି ଏହାଙ୍କୁ ହିଂସ୍ରକ ପଶୁ ବୋଲାଯାଇପାରେ । ଏପରି ଲୋକଙ୍କୁ ଆୟତ୍ତ କରିବା ସହଜକଥା ନୁହଇ ।

ପରିଶେଷରେ ଗଡଜାତର ସୁପ୍ରିଣ୍ଟେଣ୍ଡ ସାହେବଙ୍କ ନିକଟରେ ଏହି ପ୍ରାର୍ଥନା ଯେ ଗଡଜାତ ପାଣମାନଙ୍କ ଶାସନ ପକ୍ଷରେ କୌଣସି କଠିନ ନିୟମ କରନ୍ତୁ ।

---

## ଆଲବର୍ଟ ହଲ ।

ଏ ଦେଶକୁ ପ୍ରିନ୍ସ ଅବ୍ ବେଲସ୍‌ଙ୍କ ଶୁଭାଗମନ ସ୍ମରଣାର୍ଥ ଅନେକ ସ୍ଥାନରେ ଅନେକ ପ୍ରକାର କୀର୍ତ୍ତି ସ୍ଥାପନର ସଂକଳ୍ପ ହୋଇଅଛି । ତହିଁ ମଧ୍ୟରେ କଲକତା ନଗରରେ "ଆଲବର୍ଟ ହଲ" ନାମକ ଗୋଟିଏ ଘର ପ୍ରକାଶ କରିବାକୁ ବାବୁ କେଶବଚନ୍ଦ୍ର ସେନ ପ୍ରସ୍ତାବ କରିଥିଲେ । ସେ କେବଳ ପ୍ରସ୍ତାବ କରି କ୍ଷାନ୍ତ ନ ରହି ଘର ନିର୍ମାଣ ସକାଶେ ଚେଦାଦ୍ୱାରା ଟଙ୍କା ସଂଗ୍ରହ କରିବାକୁ ଯତ୍ନ କଲେ । ଯୁବରାଜ କଲିକତାରେ ଥିଲା ବେଳେ ଯେଉଁ ଧନାଢ୍ୟ ଲୋକମାନେ ସେଠାରେ ସମବେତ ହୋଇଥିଲେ ସେମାନେ ଉପଯୁକ୍ତ ମତେ ଚେଦା ଦେବାରେ ଅତି ସତ୍ୱର ଏ କୀର୍ତ୍ତି ସ୍ଥାପନ ହେଲା । କଲିକତାର ମଧ୍ୟ ସ୍ଥଳରେ ଗୋଟିଏ ଉତ୍ତମ ଘର ବିକ୍ରୟ ହେଉଥିବାରୁ ତାହା ଏହି କୀର୍ତ୍ତି ସକାଶେ କ୍ରୟ ହୋଇଅଛି ଓ ଲେଫ୍ଟନେଣ୍ଟ ଗବର୍ଣ୍ଣରସାହେବ ଦାରଜିଲିଂ ପାହାଡକୁ ଯିବା ପୂର୍ବେ ଏଘର ପ୍ରତିଷ୍ଠା କରି ଦେଇ ଯାଇଅଛନ୍ତି ପ୍ରତିଷ୍ଠା କାଳରେ ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣର ଯେଉଁ ବକ୍ତୃତା କରିଥିଲେ ତାହା ଉତ୍କୃଷ୍ଟ ହୋଇଥିଲା ମାତ୍ର ସ୍ଥାନାଭାବରୁ ଆମ୍ଭେମାନେ ତହିଁର ସାରାଂଶ ସୁଦ୍ଧା ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଏହି ଘର ସ୍ଥାପନ କରିବାର ଉଦ୍ଦେଶ୍ୟ ଏହି ଯେ କଲିକତାରେ ଯେମନ୍ତ ଭିନ୍ନ ୨ ଜାତୀୟ ଲୋକ ଅଛନ୍ତି ତେମନ୍ତ ଭିନ୍ନ ୨ ମତର ପ୍ରାଦୁର୍ଭାବ ଏବଂ ରାଜନୀତି ସମ୍ପର୍କରେ ଦଳାଦଳି ସମ୍ଭବ ଅଛି ଏସମସ୍ତ ପ୍ରକାରର ଲୋକ ଏଠାରେ ଏକତ୍ରରେ ବସି ସଦାଳାପ ପୂର୍ବକ ପରସ୍ପରର ପ୍ରଣୟ ସୂତ୍ରରେ ଆବଦ୍ଧ ହୋଇ ପାରିବେ । ଏହି ଆଲବର୍ଟ ହଲରେ ଗୁଟିଏ କାର୍ଯ୍ୟ ହେବ । ୧—ସଙ୍ଗୀତାଦ ନାନାବିଧ ଆମୋଦ ପ୍ରମୋଦ । ୨—ବକ୍ତୃତା ଓ ସାହିତ୍ୟ ବିଜ୍ଞାନ ବିଷୟକ ବାଦାନୁବାଦ । ୩—ପୁସ୍ତକ ଓ ସମ୍ବାଦପତ୍ର ପାଠ । ୪—ପ୍ରକାଶ୍ୟ ସଭାଧିବେଶନ ହୋଇ ନାନାବିଧ ସାଧାରଣ ହିତକର ବିଷୟର ଆଲୋଚନା । ଏ କାର୍ଯ୍ୟ ଗୁଡିକ ଅତିମହତ ଅଟଇ ସନ୍ଦେହ ନାହିଁ ଓ ଯେବେ ଲୋକେ ଉତ୍ସାହିତ ହୋଇ ଏ ସବୁ ଅନୁଷ୍ଠାନରେ ପ୍ରବୃତ୍ତ ହୁଅନ୍ତି ତେବେ ଅନେକ ଉପକାର ହେବ ।

ଏହି ପ୍ରସଙ୍ଗରେ କଟକର ଅବସ୍ଥା ଆମ୍ଭମାନଙ୍କ ମନରେ ପଡିଗଲା ଏ ବିଷୟରେ କିଛି ନ କହି ଆମ୍ଭେମାନେ କ୍ଷାନ୍ତ ରହି ନ ପାରୁଁ । ଏଠାରେ ଭିନ୍ନ ସମ୍ପ୍ରଦାୟର ଭଦ୍ରଲୋକ ଅଛନ୍ତି ଓ ଜିଲାର ଅବସ୍ଥାକୁ ଚାହିଁ ବିଦ୍ୱାନ୍ ବୋଲାଯାଇ ପାରନ୍ତି ଏପ୍ରକାର ଅନେକ ଲୋକ ମଧ୍ୟ ଏଠାରେ ଅଛନ୍ତି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟର ଉପର ମହଲା "କଟକ ହଲ" ସ୍ୱରୂପ ଆଲବର୍ଟ ହଲର ସମସ୍ତ ଉଦ୍ଦେଶ୍ୟ କରିବାକୁ ପ୍ରସ୍ତୁତ ଅଛି । ମାତ୍ର ଦୁଃଖର ବିଷୟ ଯେ ସର୍ବଦା

Split by PDF Splitter

Digitized by srujanika@gmail.com

Split by PDF Splitter



ପରସ୍ପର ସହିତ ପ୍ରୀତି ବଢାଇବା ତେଣିକି ଥାଉ ବର୍ଷରେ ଥରେ ଦୁଇଥର ସେଠାରେ ଏ ନଗରବାସୀ ଭଦ୍ରଲୋକମାନେ କୌଣସି ହିତାନୁଷ୍ଠାନ ବା ସଦାଲାପ ସାଧନ ସକାଶେ ସମବେତ ହୁଅନ୍ତି ନାହିଁ । ଶିକ୍ଷିତ ଲୋକଙ୍କର ଏପରି ଅଳସ ପ୍ରକୃତି ଦେଖି ଅମ୍ଭେମାନେ କେତେଥର ଆକ୍ଷେପ ପ୍ରକାଶ କରିଅଛୁଁ ମାତ୍ର ତହିଁରେ କି ହେବ । ଏତେ ଶିକ୍ଷିତ ଲୋକ ଅଛନ୍ତି ମାତ୍ର ଭଗବାନ୍ କାହାରିକୁ ଏମନ୍ତ ସୁବୁଦ୍ଧି ଦେଇ ନାହାନ୍ତି ଯେ ଆପଣା ଗୁଣ କିଛି ୨ ପ୍ରକାଶପୂର୍ବକ ଅନ୍ୟକୁ ଗୁଣବାନ୍ କରିବ । ଯେ ଯାହା ଘରେ ପଣ୍ଡିତ ହୋଇ ବସିରହିଅଛନ୍ତି ଓ ସାମାନ୍ୟ ମୂଲଆଙ୍କପରି କେତେକ କର୍ମଟିକୁ କୌଣସି ମତେ ସାରି ଘରେ ଖାଇ ପିଇ ପଡି ରହିଅଛନ୍ତି । ମୋଫସଲର କୃଷି ପ୍ରଭୃତି ସାମାନ୍ୟ ଲୋକେ ସୁଦ୍ଧା ଗାଁ ମୁଣ୍ଡରେ ଖଣ୍ଡିଏ ଭାଗବତଘର କରି ସେଠାରେ ସନ୍ଧ୍ୟାବେଳେ ଏକତ୍ରିତ ହୋଇ ପରସ୍ପର ସହିତ ସଦ୍ଭାବ ରଖୁଅଛନ୍ତି ମାତ୍ର ନଗରବାସି ସୁଶିକ୍ଷିତ ଓ ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ତେତକ ସୁଦ୍ଧା କରୁ ନାହାନ୍ତି ଏହା କି ଭାରି ଦୁଃଖର କଥା ନୁହଇ । ହାୟ କେବେ ଏଠା ଭଦ୍ରଲୋକମାନେ ଅଲସୁଆପଣ ତ୍ୟାଗ କରି ଶିକ୍ଷାର ଫଳ ପ୍ରଚାର କରିବେ ! ଏତେ ଶିକ୍ଷା ଓ ତହିଁ ପାଇଁ ଏତେ ବ୍ୟୟ କି କେବଳ ପେଟ ପାଳିବା ସକାଶେ ହୋଇଥିଲା ?

---

## ଓଡିଶାର ନାଳ ।

ଅମ୍ଭେମାନେ ଏଥିପୂର୍ବ ଓଡିଶାର ନାଳ ସମ୍ପର୍କୀୟ ସନ ୧୮୭୩।୭୪ ମସିହାର ବିଜ୍ଞାପନୀର ସାରାଂଶ ପାଠକମାନଙ୍କୁ ଜଣାଇଥିଲୁଁ ମାତ୍ର ସେ ବିଷୟରେ କିଛି ମତାମତ ପ୍ରକାଶ ହୋଇଥିଲା ବର୍ତ୍ତମାନ ତହିଁର କିଞ୍ଚିତ ଆଲୋଚନା କରିବାକୁ ଇଚ୍ଛା ହେଉଅଛି । ଅମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କ ବିଜ୍ଞାପନୀରୁ ଜାଣି ପାରିଲୁଁ ଯେ ସନ ୧୮୭୩।୭୪ ମସିହା ପର୍ଯ୍ୟନ୍ତ ଟ ୩,୪୯,୯୭,୯୬୪ ମୂଲଧନ ବ୍ୟୟ ହୋଇଥିଲା ଓ ସନ ୧୮୭୪।୭୫ ରେ ଅହୁରି ପଞ୍ଚାଶଲକ୍ଷ ଟଙ୍କା ଖର୍ଚ୍ଚ ହେଲା ସୁତରାଂ ସନ ୧୮୭୪।୭୫ ଶେଷ ପର୍ଯ୍ୟନ୍ତ ବଙ୍ଗଳାରେ ସର୍ବସୁଦ୍ଧା ଚାରିକୋଟି ଟଙ୍କା ମୂଲଧନ ବ୍ୟୟ ହୋଇଅଛି ବୋଲିବାକୁ ହେବ । ଏଥିକି ଏ ଟଙ୍କା ଗବର୍ଣ୍ଣମେଣ୍ଟ ବାର୍ଷିକ ଶତକଡା ଟ ୪।୯ ସୁଧରେ ଋଣ କରିଅଛନ୍ତି ସୁତରାଂ ପ୍ରତିବର୍ଷ ଗବର୍ଣ୍ଣମେଣ୍ଟଙ୍କୁ ନାଳ ସକାଶେ ଟ ୧୮ ଲକ୍ଷ ଟଙ୍କା ସୁଧ ଦେବାକୁ ପଡୁଅଛି । ଏଥିକୁ ମୂଲଧନଦ୍ୱାରା ଯେତେ ନାଳ ନିର୍ମାଣ ହେଉଅଛି ସମସ୍ତର କାର୍ଯ୍ୟ ଶେଷ ହୋଇ ନ ଥିବାରୁ ବଙ୍ଗଳାର ମୋଟ ବାର୍ଷିକ ହାଲ ଲାଭ ବୋଲି ଯାଇ ନ ପାରେ ସୋନନାଳମାନ ନିର୍ମାଣ ହେଉଅଛି ଓ ମେଦନୀପୁର ନାଳର ଅବସ୍ଥା ଅତି ମନ୍ଦ ନୁହଇ ସୁତରାଂ ଏସବୁ ନାଳର କଥା ଛାଡିଦେଇ କେବଳ ଓଡିଶାର ନାଳର ଅବସ୍ଥା ବୁଝିଲେ ସବୁ ଜଣା ପଡିବ । ପାଠମାନେ ଦେଖିବେ ଯେ ଉକ୍ତ ବର୍ଷ ଶେଷ ପର୍ଯ୍ୟନ୍ତ ଓଡିଶାର ନାଳସବୁରେ ଟ ୧,୬୬,୧୯,୬୦୪୯ଙ୍କା ମୂଲଧନ ଖର୍ଚ୍ଚ ହୋଇ ଓ ନାଳଦ୍ୱାରା ଯତ୍କିଞ୍ଚିତ ହୋଇଥିବ ଆମଦାନୀ ମିହା ଯାଇ ପ୍ରାୟ ୩୬ ଲକ୍ଷ ଟଙ୍କା ଗବର୍ଣ୍ଣମେଣ୍ଟଙ୍କର ତ୍ରୁଟି ପଡିଥିଲା । ମୂଲଧନର ବାର୍ଷିକ ସୁଧ ୮ ଲକ୍ଷ ଟଙ୍କା ସରଞ୍ଜ ହେବ ଓ ନିକୁସରେ ଅଧଲକ୍ଷ ଟଙ୍କା ପ୍ରାୟ ନାଳରକ୍ଷା ଇତ୍ୟାଦି ନିୟମିତ ବ୍ୟୟରେ ତ୍ରୁଟି ପଡୁଅଛି ଏଥିକୁ ଗତ ବ ୩ ର୍ଷର ଆୟ ଓ ନିୟମିତ ବ୍ୟୟ ତୁଳନା କଲେ ଜଣା ଯାଏ ଯେ ପ୍ରତି ବର୍ଷ ଆୟ ସଙ୍ଗେ ବ୍ୟୟ ସୁଦ୍ଧା ବଢୁଅଛି ଓ ଅନେକ ବର୍ଷ ପର୍ଯ୍ୟନ୍ତ ପ୍ରାୟ ବ୍ୟୟ ଅନୁରୂପ ଆୟ ହେବ ନାହିଁ । ଜଲକର ଉସୁଲ ମହକୁମା କଲେକ୍ଟରଙ୍କ ଅଧୀନ ହେବାରେ କିଛି ବ୍ୟୟ ଊଣା ପଡିବ ସତ୍ୟ ମାତ୍ର ଅଧଲକ୍ଷ ଟଙ୍କା ବ୍ୟୟ ଊଣା ହେବାର ଆଶା ଦେଖା ଯାଉ ନାହିଁ ଓ ତାହା ହେଲେ ସୁଦ୍ଧା ବର୍ଷକୁବର୍ଷ ଆଠଲକ୍ଷଟଙ୍କା ଅନେକବର୍ଷ ପର୍ଯ୍ୟନ୍ତ ଓଡିଶା ନାଳରେ କ୍ଷତି ହେଉଥିବ ଓ ନାଳର ବ୍ୟୟ ମୂଲଧନରୁ ନ ହୋଇ ଋଣ ଗୃହୀତ ଟଙ୍କାରୁ ଖର୍ଚ୍ଚ ହେଉଥିବାରୁ ସୁଧଉପରେ ମଧ୍ୟ ସୁଧ ଦେବାକୁ ପଡିବ । ସୁତରାଂ ଓଡିଶାର ନାଳକୁ ସାଧାରଣ ପୂର୍ତ୍ତକାର୍ଯ୍ୟ ମଧ୍ୟରେ ଗଣନା କଲେ ତହିଁରେ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ଭିନ୍ନ ଲାଭ ନାହିଁ । ଓଡିଶାପରି ପ୍ରଦେଶ ସକାଶେ ବାର୍ଷିକ ଆଠଲକ୍ଷଟଙ୍କା ତ୍ରୁଟି ସାମାନ୍ୟ ନୁହଇ । ଓ ଏଥିରେ ସ୍ପଷ୍ଟ ଦେଖାଯାଏ ଓଡିଶା ନାଳସବୁର ଯେରୂପ ଅବସ୍ଥା ଅଛି ତହିଁରେ କଦାପି ଲାଭ ହେବ ନାହିଁ । ତେବେ ଦୁର୍ଭିକ୍ଷ ସମୟରେ ନାଳର ଉପକାରିତା ଅଛି ଓ ଯେବେ ନାଳ ଜଳଦ୍ୱାରା ଓଡିଶାର ଫସଲ ଏମନ୍ତ ପରିମାଣରେ ରକ୍ଷା ହୋଇ ପାରିବ ଯେ ଗବର୍ଣ୍ଣମେଣ୍ଟଙ୍କୁ ଦୁର୍ଭିକ୍ଷ ନିବାରଣ ସକାଶେ ଅନ୍ୟ କିଛି ବ୍ୟୟ କରିବାକୁ ହେବ ନାହିଁ ତେବେ ନାଳଦ୍ୱାରା ଅବଶ୍ୟ ଲାଭ ଅଛି ବୋଲିବାକୁ ହେବ । କିନ୍ତୁ କେତେବର୍ଷ ଉତ୍ତାରୁ ଥରେ ଭାରି ଦୁର୍ଭିକ୍ଷ ପଡିବାର ସମ୍ଭାବନା ଓ ଅନାବୃଷ୍ଟି ହେଲେ ନାଳ ଜଳଦ୍ୱାରା ଏ ପ୍ରଦେଶର ଫସଲ କିପରିମାଣରେ ରକ୍ଷା ହୋଇ ପାରେ ତାହା ନିଶ୍ଚୟରୂପେ ଜଣାଗଲେ ନାଳ ସକାଶେ ଖର୍ଚ୍ଚ ହେବା ଟଙ୍କା କି ପରିମାଣରେ ଏ ବାଟରେ ଉପକାରରେ ଆସିବ ତାହା ନିଶ୍ଚୟରୂପେ ବୋଲି ଯାଇ ନ ପାରେ । ଫଳତଃ ଗବର୍ଣ୍ଣମେଣ୍ଟ ପ୍ରଧାନରୂପେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ନିବାରଣର ଉଦ୍ଦେଶ୍ୟରେ ନାଳସବୁକୁ ସ୍ୱହସ୍ତରେ ନେଇଅଛନ୍ତି ଓ ଯେପର୍ଯ୍ୟନ୍ତ ତହିଁର କାର୍ଯ୍ୟ କାରିତା ଦେଖିବାର ଅବକାଶ ହୋଇ ନାହିଁ ସେପର୍ଯ୍ୟ ନାଳସବୁକୁ ରଖିବାକୁ ଗବର୍ଣ୍ଣମେଣ୍ଟ ବାଧ୍ୟ ଅଛନ୍ତି । ଆଉ ଗୋଟିଏ ଗବର୍ଣ୍ଣମେଣ୍ଟଙ୍କର ଭରସା ଏହି ଅଛି କି ଯଦ୍ୟପି ଓଡିଶାନାଳରେ ଅଧିକ କ୍ଷତି ହେଉଅଛି ମାତ୍ର ଭାରତବର୍ଷର ଆଉ କେତେକ ନାଳରେ ଲାଭ ହେଉଅଛି ସୁତରାଂ ଏକ ଦିଗରେ ଲାଭ ଓ ଅନ୍ୟ ଦିଗରେ ତ୍ରୁଟି ସରିସମାନ ହେଲେ ଗବର୍ଣ୍ଣମେଣ୍ଟଙ୍କର ଅଧିକ ବ୍ୟୟ ପଡିବ ନାହିଁ ଅଥଚ ପ୍ରୟୋଜନ ସମୟରେ କାର୍ଯ୍ୟରେ ଆସିବ । ସେ ଯାହାହେଉ ଓଡିଶାନାଳର ଏପରି ଅବସ୍ଥା ଦେଖି ଗବର୍ଣ୍ଣମେଣ୍ଟଙ୍କର କିଞ୍ଚିତ ସନ୍ଦେହ ଜାତ ହେବାର ଜଣାଯାଏ ଓ ଏଠାରେ ଯେତେ ନାଳଅଛି ତାହା ରକ୍ଷା କରିବା ଛଡା ଆଉ କିଛି ବ୍ୟୟ କରିବାର ଉଚିତ କି ନା ଏହା ସ୍ଥିର କରିବା ସକାଶେ ଇଣ୍ଡିୟା ଗବର୍ଣ୍ଣମେଣ୍ଟଙ୍କ ଆଦେଶ ମତେ ଦେଢବର୍ଷତଲେ ବଙ୍ଗଳାର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଏପ୍ରଦେଶକୁ ଆସିଥିଲେ । ସେ ଏଠାର ସମସ୍ତ ଅବସ୍ଥା ସ୍ୱୟଂ ଅବଗତ ହୋଇ ଏହି ପ୍ରକାର ରିପୋର୍ଟ କରିଅଛନ୍ତି ଯଥା;—

୧ । କଟକ ନଗର ମହାନଦୀଠାରୁ ଭଦ୍ରଖ ସାଲନ୍ଦୀନଦୀ ପର୍ଯ୍ୟନ୍ତ ଯେଉଁ ନାଳ ପ୍ରସ୍ତୁତ ହେଉ ଅଛି ତାହାକୁ ସମ୍ପୂର୍ଣ୍ଣ କରିବାକୁ ହେବ ।

୨ । ଭଦ୍ରଖ ସାଲନ୍ଦୀନଦୀଠାରୁ ବାଲେଶ୍ୱର ନିକଟ ବୁଢାବଲଙ୍ଗ ପର୍ଯ୍ୟନ୍ତ ଗୋଟିଏ ହାଇ-ଲେବଲ ନାଳ ନିର୍ମାଣ କରିବାକୁ ହେବ ।

୩ । କେବଳ ନୌକା ଗମନାଗମନ ଯୋଗ୍ୟ ଗୋଟିଏ ନାଳ କରି ବାଲେଶ୍ୱର ହିଜଳିର ନାଳ ସହିତ ଯୋଗ କରିବାକୁ ହେବ ।

ଏପରି ନାଳ ନିର୍ମାଣ ହେଲେ କଟକଠାରୁ କଲିକତା ତଳ ହୁଗୁଳିନଦୀ ପର୍ଯ୍ୟନ୍ତ ବାଟ ଫିଟିଯିବ ଏବଂ ଏଥିରେ କଟକର ଫସଲ ଉତ୍ତମରୂପେ ଏବଂ ବାଲେଶ୍ୱରର ଫସଲ କେତେ ପରିମାଣରେ ରକ୍ଷା ପାଇବାର ଉପାୟ ହେବ । ଯଦି କେବଳ ପ୍ରଥମ ନମ୍ବର କର୍ମଟି ସମାପ୍ତ

Digitized by srujanika@gmail.com

Split by PDF Splitter

89



କରିବାକୁ ହେବ ତେବେ ଗତ ଓ ଭବିଷ୍ୟତ ଖର୍ଚ୍ଚା ମିଶି ମୋଟ ପ୍ରାୟ ଦୁଇ କୋଟି ଟଙ୍କା ଲାଗିବ ଓ ଉପର ଲିଖିତ ଭିନ୍ନ କାର୍ଯ୍ୟ କରିବାକୁ ସର୍ବସୁଦ୍ଧା ଟ ୨,୬୪,୦୦,୦୦୦୲ ଙ୍କା ବ୍ୟୟ ହେବ ।

ଆମ୍ଭେମାନେ ବୋଧ କରୁଁ କି ଯେ ସ୍ଥଳେ ଗବର୍ଣ୍ଣମେଣ୍ଟ କେନାଲ କର୍ମରେ ହାତ ଦେଇ ଅଛନ୍ତି ସେସ୍ଥଳେ କେବଳ ଏକ ନମ୍ବର କର୍ମ ସାରି କ୍ଷାନ୍ତ ନ ରହି କଟକ କଲିକତାକୁ ପାଣିବାଟେ ଯୋଗ କରି ଦେବେ । ଏଥିରେ ଗବର୍ଣ୍ଣମେଣ୍ଟଙ୍କର ବାର୍ଷିକ ଦଶଲକ୍ଷ ଟଙ୍କା ସୁଧ ପଡିବ ସତ୍ୟ ମାତ୍ର ଏରୂପ ହେଲେ ଅଧିକ ଆୟ ହେବାର ସମ୍ଭାବନା ଓ ଏହା ନ କଲେ ଯେତେ ବ୍ୟୟ ହୋଇଅଛି ତହିଁର ଅଧିକାଂଶ ଅସ୍ୱାର୍ଥ ହୋଇଯିବା କାରଣ କଟକ ଓ କଲିକତା ସଙ୍ଗେ ଯେରୂପ ବାଣିଜ୍ୟର କାରବାର ଅଛି ସେରୂପ ଓଡିଶାର ମଧ୍ୟରେ ଥିବା ଅନ୍ୟ କୌଣସି ଦୁଇ ସ୍ଥାନରେ ନାହିଁ । କଲିକତା ପର୍ଯ୍ୟନ୍ତ କେନାଲ ଫିଟିଲେ ଗୁନବାଲି ଓ ବଣିପର ବାଟେ କଟକ ଓ କଲିକତା ମଧ୍ୟରେ ଯେଉଁ କାରବାର ବର୍ତ୍ତମାନ ହେଉଅଛି ତାହା ରହିତ ହୋଇଯିବ ସୁତରାଂ ସେସବୁ ମାଲ କେନାଲ ବାଟେ ଯିବା ଆସିବା କରିବ ଓ ତହିଁରେ ଅନେକ ଟଙ୍କା ଲାଭ ହେବ । ଏପର ପୁରୀର ଯାତ୍ରୀ ସମସ୍ତେ ଏହି ବାଟରେ ଆସିବେ ଏବଂ ସମୁଦ୍ର ପଥଠାରୁ କେନାଲ ପଥ ସବୁପ୍ରକାରରେ ନିରାପଦ ଥିବାରୁ ଲୋକେ ସମଧିକ ଆଗ୍ରହ ସହିତ ବାଣିଜ୍ୟ କର୍ମରେ ନିଯୁକ୍ତ ହେବେ ।

---

# ସାପ୍ତାହିକସଂବାଦ ।

ଏ ସପ୍ତାହରେ ଏ ନଗରରେ ଅତିଶୟ ଗ୍ରୀଷ୍ମ ହୋଇଥିଲା ଓ ପ୍ରାୟ ଦୁଇମାସ ଉତ୍ତାରୁ ଗତ ଗୁରୁବାର କିଞ୍ଚିତ ବୃଷ୍ଟି ହେବାରୁ ଏକପ୍ରକାର ରକ୍ଷା ହୋଇଅଛି ।

ଗତ ବୁଧବାର ଚନ୍ଦନଯାତ୍ରା ଶେଷ ହେଲା ଏ ନଗରରେ ଏବର୍ଷ ଏ ଯାତ୍ରା ଅତି ସାମାନ୍ୟରୂପେ ନିର୍ବାହ ହେଲା । କୌଣସିରୂପ ତମାସା ବା ଅନ୍ୟାନ୍ୟ ବର୍ଷପରି ନାଚରଙ୍ଗ ହୋଇ ନାହିଁ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଯୁବରାଜଙ୍କ ଅଭ୍ୟର୍ଥନାରେ ବଙ୍ଗପ୍ରଦେଶଠାରୁ ମାନ୍ଦ୍ରାଜ ପ୍ରଦେଶରେ ଷାଠିଏ ହଜାର ଟଙ୍କା ବ୍ୟୟ ହୋଇଅଛି । କାହିଁକି ଏତେଅଧିକ ବ୍ୟୟ ହେଲା ଗବର୍ଣ୍ଣମେଣ୍ଟ ଇଣ୍ଡିୟା ମାନ୍ଦ୍ରାଜର ଗବର୍ଣ୍ଣରଙ୍କୁ ପ୍ରଶ୍ନ କରିଅଛନ୍ତି ଉତ୍ତର ଆସିଲେ ବିଶେଷ ଜଣାଯିବ ।

ଛଡପତ୍ର ମୋକଦ୍ଦମାମାନଙ୍କର ବିଚାରକର୍ତ୍ତା ଏ ମୋକଦ୍ଦମାର ବିଚାର ସମୟରେ କହିଅଛନ୍ତି କି ଯେ ଏପରି ମୋକଦ୍ଦମାର ପ୍ରଧାନ ମୂଳ ମଦ୍ୟପାନ କରିବା ଅଟଇ ଯେତେ ମୋକଦ୍ଦମା ତାହାଙ୍କ ନିକଟକୁ ଆସିଅଛି ତହିଁରେ ଶତକରା ୭୫ ମୋକଦ୍ଦମା ସୁରାପାନ ଦୋଷରୁ ଉଦ୍ଭବ ହେବାର ଜଣାଯାଏ ।

ବମ୍ବେଇରେ ଜଣେ ଫକୀର ତମ୍ବାକୁ ସୁନା କରିଦେବ ବୋଲି ଏକବ୍ୟକ୍ତିଙ୍କୁ ବିଶ୍ୱାସ ଦେଖାଇ ତାହାଠାରୁ ନଗଦ ଦୁଇହଜାର ଟଙ୍କା ଓ କେତେଗୁଡିଏ ବହୁମୂଲ୍ୟ ଲୁଗା ଠକାଇ ନେଇଅଛି । ଉକ୍ତ ଟଙ୍କା ଓ ଲୁଗା ଫକୀର ଆପଣା ସକାଶେ ନେବାକୁ କହି ନ ଥିଲା । ଦରିଦ୍ରମାନଙ୍କୁ ଦାନ କରିବାପାଇଁ ନେଇ ଆପେ ରାତ୍ରିକୁ ଉଠି ପଳାଇଲା ; ଯାହାହେଉ ପୁଲିସରେ ମାମଲା ଉପସ୍ଥିତ ହୋଇ ଫକୀର ଧରା ପଡିଅଛି । ଏରୂପ ଠକିବା ହିନ୍ଦୁମାନଙ୍କର ଅନ୍ଧ ବିଶ୍ୱାସର ଫଳ ଅଟଇ ।

ମହିସୁର ପଲଟନରେ ଥିବା ଏକଜଣ ଦେଶୀୟ କର୍ମଚାରୀ ଜନ ସାହେବକୃତ ଇଂରାଜୀ ଅଭିଧାନକୁ ସମ୍ପୂର୍ଣ୍ଣ ମୁଖସ୍ଥ କରିଅଛି । ପୁସ୍ତକର ଯେଉଁଠାରୁ କହିବ ଏକାବେଳକେ ଦୁଇଚାରି ପୃଷ୍ଠା ବା ଅଧିକ ପଢିଯିବ ଗୋଟିଏ ଶବ୍ଦ ଛାଡିଯିବ ନାହିଁ । ଏପରି ସ୍ମରଣଶକ୍ତି ଅସାଧାରଣ ଅଟଇ ମାତ୍ର ଭାରତବର୍ଷରେ ଏପରି ଅସାଧାରଣ ବ୍ୟକ୍ତି ସମୟ ସମୟରେ ଜନ୍ମଗ୍ରହଣ କରିଅଛନ୍ତି ।

ବସ୍ତରର ରାଜା ଆପଣା ଦେଓ୍ୱାନ ଏବଂ ଅନ୍ୟ କର୍ମଚାରୀଙ୍କୁ କି ଯାହାଙ୍କ ଦୁଷ୍କର୍ମ ହେତୁରୁ ସେଠାରେ ବିଦ୍ରୋହ ହୋଇଥିଲା କର୍ମରୁ ବରଖାସ୍ତ କରିବାରୁ ଏବଂ ସରଦାରମାନଙ୍କୁ କ୍ଷମା ଦେବାରୁ ପ୍ରଜାମାନେ ଶାନ୍ତଭାବରେ ରାଜାଙ୍କର ବଶ ହୋଇଅଛନ୍ତି ଓ ସବୁ ଗୋଳମାଳ ନିବୃତ୍ତି ପାଇଅଛି । ଇଂରାଜ ସେନାମାନେ ଯେ ଯାହା ସ୍ଥାନକୁ ଫେରି ଯିବାର ଆଦେଶ ହୋଇଅଛି । ଆମ୍ଭେମାନେ ଭରସା କରୁଁ ଯେ ଏ ପ୍ରଦେଶର ରାଜାମାନେ ଆପଣା କର୍ମଚାରୀଙ୍କ ଉପରେ କଠିନ ଦୃଷ୍ଟି ରଖିବାକୁ ଚେଷ୍ଟା କରିବେ ଯେମନ୍ତ କି ତାହାଙ୍କ କୁକାର୍ଯ୍ୟ ହେତୁରୁ ଲଣ୍ଡଦଣ୍ଡରେ ନ ପଡନ୍ତି ।

## ପ୍ରେରିତ ପତ୍ର ।

ମହାଶୟ !

ଏକଦିବସ ଆମ୍ଭେ ଭ୍ରମଣ କରିବାକୁ ଯାଇ ଦେଖିଲୁଁ ଯେ ଏହିନଗରସ୍ଥ ସଙ୍ଗତଗଡରେ ଗୋଟିଏ ପାଠଶାଳା ସ୍ଥାପିତ ହୋଇଅଛି ତହିଁର ଛାତ୍ର ସଂଖ୍ୟା ଚାଳିଶରୁ ଊର୍ଦ୍ଧ୍ୱ ହେବ ସ୍କୁଲର ନିୟମାନୁସାରେ ତାହା ଭିନ୍ନଶ୍ରେଣୀରେ ବିଭକ୍ତ ହୋଇଅଛି । କଟକ ନର୍ମାଲ ବିଦ୍ୟାଳୟର ଶିକ୍ଷିତ ଉତ୍ତମ ପଢୁଆ ଜଣେ ମହାଶୟ ଯତ୍ନ ସହକାରେ ସୁଚାରୁ ନିୟମରେ ଶିକ୍ଷା ଦେଉଅଛନ୍ତି । ଅଧିକାଂଶ ଛାତ୍ର ନିତାନ୍ତ ଶିଶୁ ହେଲେହେଁ ଶିକ୍ଷକଙ୍କର ଯତ୍ନାତିଶଯ୍ୟ ହେତୁ ଯାହା ପଢିଅଛନ୍ତି ପଚାରିଲେ ଶୀଘ୍ର କହି ପାରୁଅଛନ୍ତି । ଶୁଣାଯାଏ ଯେ ସେଥିରେ ସ୍କୁଲ ତତ୍ତ୍ୱାଧାରକଗଣଙ୍କର ଅଦ୍ୟାବଧି ଦୃଷ୍ଟି ପଡିନାହିଁ ଅନୁମାନ ହୁଏ ଯଦି ଉଲ୍ଲିଖିତ ମହୋଦୟଗଣ ଅନ୍ୟାନ୍ୟ ପାଠଶାଳାମାନଙ୍କ ସହିତ ତାହାକୁ ଗଣନା କରି ତହିଁରେ ସମୟସମୟରେ କୃପା କଟାକ୍ଷ ପାତ କରନ୍ତି ତାହା ହେଲେ ଅତି ଅଳ୍ପକାଳ ମଧ୍ୟରେ ଉକ୍ତ ସଙ୍ଗତ ପାଠଶାଳାର ଶ୍ରୀ ଓ ଶିକ୍ଷା ବୃଦ୍ଧି ହୋଇ ଅବଶ୍ୟ ଉନ୍ନତ ହେବ ଅତଏବ ଏତଦ୍ୱିଷୟ ସମ୍ବନ୍ଧେ ଡେପୁଟୀଇନସ୍ପେକଟର ଓ ସବଡେପୁଟୀ ମହାଶୟଙ୍କୁ ଅନୁରୋଧ କରୁଅଛି କି ତହିଁର ସୁବିଧାନ ପକ୍ଷରେ ମନୋଯୋଗ ଦେବା ହେଉନ୍ତୁ ଇତି । ପ୍ରକାଶଥାଉ କି ଉକ୍ତ ପାଠଶାଳାରେ ଇଂରାଜୀ ମଧ୍ୟ ଶିକ୍ଷା ଦିଆଯାଉଅଛି ।

୧୦।୫।୭୬ ।ନା। କେହି ଦର୍ଶକ ।

---

## ବିଜ୍ଞାପନ

ଫକୀରମୋହନ ସେନାପତି କୃତ ଭାରତବର୍ଷ ଇତିହାସର ପ୍ରଥମଭାଗ ମୁଦ୍ରିତ ହୋଇ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ମୂଲ୍ୟ ଏକଖଣ୍ଡକୁ ଟ ୦ ୷୰ ଲେଖାଏଁ ହୋଇ ଅଛି ଗ୍ରାହକମାନେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ [illegible]କଲେ ପାଇ ପାରିବେ ।

ଶ୍ରୀଗୌରୀଶଙ୍କର ରାୟ
ସେକ୍ରେଟରୀ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗିରିଧାରୀମହାନ୍ତି | କଟକ ବଡାମ୍ବା | ଟ ୨୲ |
| ,, ରାଧାମୋହନଦାସ | ମେଦିନୀପୁର ,, | ଟ [illegible] |
| ଶ୍ରୀମହାରାଜା କଟକେ | ଢେଙ୍କାନାଳ ,, | ଟ [illegible] |
| ବାବୁ ବନମାଲୀସିଂହ | ,, ,, | ଟ [illegible] |

---

ଏହି ଉତ୍କଳଦୀପିକା ସଦରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୮ଶ } ତା୨୭ରଖ ମଇ ସନ୧୮୭୭ମସିହା । ମୁ । ଜ୍ୟେଷ୍ଠ ଦ୍ୱ୧୭ଦିନ ସନ୧୨୮୪ସାଲ ଶନିବାର
ସଂ ୨୨ ସଂଖ୍ୟା }
{ ଅଗ୍ରିମ ବାର୍ଷିକମୂଲ୍ୟ ଟ୨।।
{ ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୨୮/
{ ମଫସଲଯାଁଇ ଡାକମାସୁଲ ଟ୧।୵

ହିନ୍ଦୁପେଟ୍ରିଅଟ ବମ୍ୱେଇରୁ ପାଇଥିବା ଏକ ପତ୍ରରୁ ଅବଗତ ହୋଇଅଛନ୍ତି କି ବେଦ ଏବଂ ଅନ୍ୟ ପ୍ରାଚୀନ ପୁସ୍ତକମାନ କି ଯହିଁରୁ ଆର୍ଯ୍ୟଜାତିଙ୍କର ଧର୍ମ ବିଷୟକ ସମସ୍ତ ସମାଚାର ଜଣା ଯାଇ ପାରେ ତାହା ସବୁ ହିନ୍ଦୁସ୍ଥାନୀ ଭାଷାରେ ଅନୁବାଦ କରି ପ୍ରଚାର କରିବା ନିମିତ୍ତ ବମ୍ୱେଇରେ ଗୋଟିଏ କମ୍ପାନୀ ସ୍ଥାପନ କରିବାର କଳ୍ପନା ହୋଇଅଛି । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏ କମ୍ପାନୀ ସ୍ଥାପନର ପ୍ରସ୍ତାବ କରିଅଛନ୍ତି । ଏ କମ୍ପାନୀର ମୂଳଧନ କୋଡିଏ ହଜାର ଟଙ୍କା ହେବ ଓ ପ୍ରତ୍ୟେକ ଅଂଶ ଟ ୧୦୦୮ ଙ୍କା ଲେଖାଏଁ ଦୁଇଶତ ଅଂଶରେ ତାହା ବିଭକ୍ତ ହେବ । ବମ୍ୱେଇରୁ ପଚାଶ ଅଂଶ ସ୍ୱୀକୃତ ହେଲାଣି ଓ ଅନେକ ଲୋକ ଏଥିରେ ସାହାଯ୍ୟ କରିବାକୁ ସମ୍ମତ ହୋଇଅଛନ୍ତି । ଆମ୍ଭେମାନେ କମ୍ପାନୀଙ୍କ ଉଦ୍ଦେଶ୍ୟକୁ ଅତି ମହତ୍ ଜ୍ଞାନ କରୁଅଛୁଁ ଓ ଭରସା କରୁଁ କି ଏହା ଅଚିରେ କାର୍ଯ୍ୟାରମ୍ଭ କରି କୃତକାର୍ଯ୍ୟ ହେବେ । ବେଦର ମର୍ମ୍ମ ଯେତେଅଧିକ ପ୍ରଚାର ହେବ ଓ ଲୋକମାନେ ଯେତେଅଧିକ ତାହା ଜାଣି ପାରିବେ ତେତେ ହିତକର ହେବ । ବର୍ତ୍ତମାନର ହିନ୍ଦୁସମାଜ ଅତି ଶୋଚନୀୟ ଅବସ୍ଥାରେ ପଡି ରହିଅଛି ଓ ଯେତେ ଅସାର କଥାକୁ ଆଜିକାଲି ହିନ୍ଦୁମାନେ ପ୍ରାଚୀନ ଧର୍ମ୍ମ ବୋଲି ମାନୁଅଛନ୍ତି ଓ ତଦ୍ୱାରା ଏମାନଙ୍କର ଯେତେ ଅନିଷ୍ଟ ହେଉଅଛି ସେସବୁର ପ୍ରତୀକାର ଏକମାତ୍ର ପ୍ରାଚୀନ ଧର୍ମ୍ମ ଗ୍ରନ୍ଥ ସମସ୍ତର ବାହୁଲ୍ୟ ଘୋଷଣାଦ୍ୱାରା ହେବାର ସମ୍ଭବ । ପ୍ରାଚୀନଗ୍ରନ୍ଥ ପାଠଦ୍ୱାରା ବହୁଦର୍ଶିତା ଲାଭ ନ ହେବାରୁ ବର୍ତ୍ତମାନ ହିନ୍ଦୁମାନଙ୍କ ମନ ଅତିଶୟ କ୍ଷୁଦ୍ରତାକୁ ଲଭିଅଛି ଅତଏବ ଆମ୍ଭେମାନେ ଆଶା କରୁଁ ଯେ ଦେଶର ହିତାକାଙ୍କ୍ଷୀ ମାତ୍ରକେ ବେଦର ମର୍ମ୍ମ ପ୍ରଚାର ବିଷୟରେ ସାହାଯ୍ୟ କରିବେ ।

---

ଓଡିଶାର କରଣମାନେ ବଙ୍ଗଳାର କାୟସ୍ଥଙ୍କ ଘରେ ପୂର୍ବସହିତ ଭୋଜନ ବ୍ୟବହାର କରିବାକୁ ଅଙ୍ଗୀକାର କରିଥିବା ବିଷୟରେ ଏଥିପୂର୍ବେ ଆମ୍ଭେମାନେ ଯାହା ଲେଖିଥିଲୁଁ ତହିଁରେ ଗୋଟିଏ ପ୍ରଧାନ କଥା ଜଣା ନ ଥିବାରୁ ଛୁଟି ଯାଇଥିଲୁଁ । ତାହା ଏହି ଯେ ବାବୁ ହରେକୃଷ୍ଣ ଦାସଙ୍କ ବସାରେ ଯେଉଁ ସଭା ହୋଇଥିଲା ତହିଁରେ ଏମନ୍ତ ସ୍ଥିର ହୋଇଥିଲା କି ବ୍ରାହ୍ମଣ ତରକାରି ପାକ କଲା ଉତ୍ତାରୁ ତାହା ଶ୍ରୀ ସାଲଗ୍ରାମଙ୍କୁ ନିବେଦିତ ହେବ ତହୁଁ ପ୍ରସାଦ ସ୍ୱରୂପ ତାହା ବ୍ୟବହାର ହେବ । ବୋଧ ହୁଅଇ ତଦନୁସାରେ କାର୍ଯ୍ୟ ହୋଇଅଛି । ଫଳ ଏହି ଯେ ପ୍ରସାଦ ଭିନ୍ନ କୌଣସି ଦ୍ରବ୍ୟ କରଣମାନେ କାୟସ୍ଥଙ୍କ ଘରେ ଭୋଜନ କରିବେ ନାହିଁ । ପୁରୁଷୋତ୍ତମରେ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତାପରୁ ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ଏକ ସଙ୍ଗରେ ବସି ଭୋଜନ କରୁଅଛନ୍ତି ଓ ଏଠାରେ ମଧ୍ୟ ଅନେକ ସ୍ଥଳରେ ଭିନ୍ନ ଜାତୀୟ ଲୋକ ଏକାଠି ବସି ପୁରୀରୁ ଆସିଥିବା ମହାପ୍ରସାଦ ଏକତ୍ରରେ ଭୋଜନ କରିବାର ଦେଖା ଯାଇଅଛି । ଯେଉଁ ମହାପ୍ରସାଦର ଏଡେ ଶକ୍ତି ତାହାକୁ ଆପଣା ସମାନ ଜାତୀୟ ଲୋକର ଘରଠାରେ ବସି ସେବନ କରିବା ସକାଶେ ଅନ୍ୟ ଏକ ଠାକୁରଙ୍କର ମଧ୍ୟସ୍ଥ ଲୋଡା ହେଲା କାହିଁକି ? ଯେବେ ତରକାରି ପୂର୍ବ ପରି ଶୁଦ୍ଧ ତେବେ ତାହାକୁ ମହାପ୍ରସାଦ ସଙ୍ଗେ ମିଶାଇବା ପାଇଁ କାହାରିକୁ ମଧ୍ୟସ୍ଥ ହେବାର ପ୍ରୟୋଜନ ନାହିଁ ଓ ଯେବେ ତାହା ଅନ୍ନପରି ଅଶୁଦ୍ଧ ତେବେ ଆମ୍ଭେମାନେ ପଚାରୁଁ ଯେ ଶ୍ରୀ ସାଲଗ୍ରାମଙ୍କୁ ଭୋଗ ହୋଇ ଅନ୍ନାଦି ପ୍ରସାଦ କରଣମାନେ ସେବନ କରିବାକୁ ପ୍ରସ୍ତୁତ ଅଛନ୍ତି କି ନାହିଁ ? ଯେବେ ତାହା ନୁହେ ତେବେ ଶ୍ରୀ ସାଲଗ୍ରାମଙ୍କ ପ୍ରସାଦର ମହିମା ମହାପ୍ରସାଦର କେତେ ଅଂଶ ହେବ ? କରଣ ମହାଶୟଙ୍କ ମଧ୍ୟରୁ କେହି ଏକଥା ବୁଝାଇ ଦେଲେ ବଡ ସୁଖର ବିଷୟ ହେବ ।

---

ବାବୁ ଦୀନବନ୍ଧୁ ପଟ୍ଟନାୟକଙ୍କୁ ରାୟବାହାଦୁର ପଦ ପ୍ରଦାନନିମିତ୍ତ ହୋଇଥିବା ଦରବାରର ବିବରଣ ଏତେଦିନେ ଆମ୍ଭେମାନେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ଅନୁଗ୍ରହରୁ ପ୍ରାପ୍ତ ହେଲୁଁ ମାତ୍ର ତତ୍ସମ୍ପର୍କୀୟ ସାର କଥାମାନ ଏଥିପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଗୋଚର କରାଇଅଛୁଁ ଓ ଅନେକସମୟ ମଧ୍ୟ ଅତୀତ ହୋଇଗଲାଣି

Digitized by srujanika@gmail.com

Split by PDF Splitter



ସୁତରାଂ ସେ ସବୁ ଆଉ ପ୍ରକାଶ କରିବାର ପ୍ରୟୋଜନ ନାହିଁ ଯାହାଙ୍କର ପ୍ରୟୋଜନ ହେବ ଗବର୍ଣ୍ଣମେଣ୍ଟ ଓଡ଼ିଆ ଗେଜେଟରେ ସେ ସମସ୍ତ ପାଠ କରିବେ । ଅମ୍ଭେମାନେ କେବଳ ପାଠକଙ୍କ ଜାଣିବା କାରଣ ସନନ୍ଦର ପ୍ରତିଲିପି ଓ ଖିଲତର ତାଲିକା ପ୍ରକାଶ କଲୁଁ ।

ସନନ୍ଦର ଅନୁବାଦ ।

ବାବୁ ଦୀନବନ୍ଧୁ ପଟ୍ଟନାୟକ ତହସିଲଦାର କନ୍ଦମାଳ ତୁମ୍ଭେ ଗବର୍ଣ୍ଣମେଣ୍ଟଙ୍କର ଯେଉଁ କାର୍ଯ୍ୟମାନ କରିଅଛ ତାହା ଚର୍ଚ୍ଚିତ କରିବା ସକାଶେ ଆମ୍ଭେ ତୁମ୍ଭଙ୍କୁ ସ୍ୱକୀୟ ମର୍ଯ୍ୟାଦା ସ୍ୱରୂପ ରାୟ ବାହାଦୁର ଉପାଧି ପ୍ରଦାନ କଲୁଁ ।

ତା ୫ ରିଖ ନବମ୍ବର ସନ ୧୮୭୫ ମସିହା

ଦସ୍ତଖତ ନର୍ଥବ୍ରୁକ୍
ଗବର୍ଣ୍ଣରଜେନରଲ ଇଣ୍ଡିଆ

ଖିଲତର ତାଲିକା ।

| | |
|---|---|
| ମୁକ୍ତାରହାର ପଦକ ସହିତ | ଟ ୨୩୫ |
| ଚୁନ୍ନି ଓ ପନ୍ନାରସିର ପେଚ | ଟ ୧୫୦ |
| ସୁନାର ବାଜୁ ଜ ଏଥିରେ ନାମ ଖୋଲା ହୋଇଅଛି ଏକଯୋଡ଼ା | ଟ ୨୦୦ |
| କାଶ୍ମିରୀ ଶେଜା | ଟ ୧୦୦ |
| ପାଏଜାମାରେସମର୍ ଫୁଲ ଓ ଜରିଦାର୍ | ଟ ୩୦ |
| ନୀଳ କମରବନ୍ଧ ସ୍ୱାଲର ଲଗା | ଟ ୨୦ |
| ତଲବାର୍ ରୂପାର କର୍ମ ସହିତ | ଟ ୮୦ |
| ପରିତାଲି ରୂପେଲିଜର କର୍ମ ହୋଇଅଛି | ଟ ୩୫ |
| | ଟ ୮୫୦ |

ଏ ଖିଲତ ସକାଶେ ରାୟ ବାହାଦୁର ମହାଶୟ ନଗଦ ଟ ୮୫୦ ଙ୍କା ନଜର ଦେଇଅଛନ୍ତି ।

---

ମୃତ ବାବୁ ସୁଦାମଚନ୍ଦ୍ର ପଟ୍ଟନାୟକ ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାବୁ ସୁଦାମଚନ୍ଦ୍ର ପଟ୍ଟନାୟକ ଅକାଳରେ କାଲଗ୍ରାସରେ ପତିତ ହୋଇଅଛନ୍ତି ଏବଂ ଏହାଙ୍କ ମୃତ୍ୟୁରେ ଓଡ଼ିଶାର ଗୌରବର କର୍ପର୍ଯ୍ୟନ୍ତ କ୍ଷତି ହୋଇଅଛି ତାହା ଅମ୍ଭେମାନେ ସମ୍ୟକ୍‌ରୂପେ ବ୍ୟକ୍ତ କରି ନ ପାରୁଁ । ଏ ମହାଶୟଙ୍କର ଘର କଟକରେ ଅଟଇ । ସେହିଠାର ବିଦ୍ୟାଳୟରେ ପ୍ରଥମେ ଶିକ୍ଷାଲାଭ କରି ବାଲେଶ୍ୱର ସ୍କୁଲରେ ଅଧ୍ୟୟନ କଲେ ଓ ସେଠାରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଲିକତା ସିବିଲ୍ ଇଞ୍ଜିନିଅରିଂ କଲେଜରେ ପ୍ରବେଶ ହେଲେ । ଏ କାଲେଜର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଶ୍ୱବିଦ୍ୟାଳୟର ଉପାଧି ପାଇ ନିୟମିତରୂପେ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ ହେଲେ ଏବଂ ଅତି ଅଳ୍ପକାଳ ମଧ୍ୟରେ କାର୍ଯ୍ୟକାରିତା ମହତ୍ୱଗୁଣର ପରିଚୟ ଦେଇ ଅସିଷ୍ଟାଣ୍ଟ ଇଞ୍ଜିନିୟର ପଦରେ ନିଯୁକ୍ତ ହୋଇ ମାସକୁ ଟ ୪୦୦ଙ୍କା ଲେଖାଁଏ ବେତନ ପାଉଥିଲେ । ମୃତ୍ୟୁ ସମୟରେ ଏହାଙ୍କର କର୍ମ ସୋନନାଲ ସମ୍ପର୍କରେ ଡେହରୀ ମୁକାମରେ ଥିଲା । ଜ୍ୱରରୋଗ ଏହାଙ୍କର କାଳସ୍ୱରୂପ ଉପସ୍ଥିତ ହୋଇ ଏରୂପ ଶୋକାବହ ଦୁର୍ଘଟନା ଘଟାଇଲା ମୃତ୍ୟୁ ସମୟରେ ବାବୁଙ୍କର ବୟସ ବ ୨୪।୨୫ ବର୍ଷ ମାତ୍ର ହୋଇଥିଲା । ଏହାଙ୍କର ସନ୍ତାନାଦି କେହି ନାହିଁ । କେବଳ ଏକ ଯୁବତୀ ଭାର୍ଯ୍ୟା ସହିତ ଏହାଙ୍କର ପିତା ମାତା ଓ ଭାଇମାନେ ଶୋକ ସାଗରରେ ଭାସୁଅଛନ୍ତି । ଫଳତଃ ଯାହାଙ୍କପାଇଁ ଓଡ଼ିଶାବାସି ମାତ୍ରକେ ଦୁଃଖିତ ଅଛନ୍ତି ତାହାଙ୍କ ପରିବାରସ୍ଥ ଲୋକମାନେ ଯେ ବିଶେଷ ଶୋକାକୁଳ ନ ହେବେ ଏଥିରେ ବିଚିତ୍ର କି ଅଛି । କିନ୍ତୁ ଈଶ୍ୱରଙ୍କ ଇଚ୍ଛାକୁ ଅନ୍ୟଥା କାହାର ଯାହାଙ୍କ ପୃଥିବୀରେ ସମସ୍ତେ ଲୋଡନ୍ତି ତାହାଙ୍କୁ କେଉଁ ମଙ୍ଗଳସାଧନ ସକାଶେ ସେ ଚଞ୍ଚଳ ଘେନି ପଳାନ୍ତି ତହିଁର ତତ୍ତ୍ୱ ଏକା ତାହାଙ୍କୁ ଗୋଚର । ଅମ୍ଭେମାନେ କେବଳ ଏତିକି କହିପାରୁଁ ଯେ ଓଡ଼ିଶାର କପାଳ ଅତି ମନ୍ଦ ଓ ଏହା ଭାଗ୍ୟରେ କେବେହେଁ ଯଶ ନାହିଁ । ବର୍ଷକୁ ବର୍ଷ କେତେ ଲୋକ ପ୍ରବେଶିକା ପରୀକ୍ଷା ଦେଇ ବାହାରୁଅଛନ୍ତି ମାତ୍ର ସମସ୍ତେ ସେତିକରେ ପାଠ ତ୍ୟାଗ କରି ୧୫।୨୦ ଟଙ୍କାର ସକାଶେ ଦୌଡ଼ି ପରିଶେଷରେ ଅଳ୍ପବେତନର ଗୋଟିଏ ଚାକିରି ଲଭି ଜନ୍ମକାଳକୁ ସାର୍ଥକ ମଣୁଅଛନ୍ତି ଓ ଯଦ୍ୟପି ଜଣେ ଦୁଇ ଏକଜଣ ଡାକ୍ତରି ପାଇ ଯୋଗ୍ୟତା ସହକାରେ ଆପଣା ପଦର ମର୍ଯ୍ୟାଦା ରକ୍ଷା କରିଅଛନ୍ତି ମାତ୍ର ସେମାନେ କେବଳ ଆପଣା ଗୁଣ ବା ଶ୍ରମଦ୍ୱାରା ତାହା ଲଭି ନାହାନ୍ତି । ବାବୁ ସୁଦାମଚନ୍ଦ୍ର ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ଯାହା କରିଅଛନ୍ତି ତାହା କେବଳ ଆପଣା ଗୁଣ ଓ ପରିଶ୍ରମରେ । ସେ ଅପରଲୋକଙ୍କୁ ଦେଖାଇ ଅଛନ୍ତି ଯେ ଓଡ଼ିଆମାନେ ଯତ୍ନ କଲେ ଭାରତବର୍ଷର ଅନ୍ୟାନ୍ୟ ଶ୍ରେଣୀର ଲୋକଙ୍କ ପରି କେବଳ ଆପଣା ବାହୁବଳରେ ଉଚ୍ଚକର୍ମ ଲଭି ପାରନ୍ତି । ପୁଣି ବିଦେଶରେ ଉଚ୍ଚପଦରେ ରହି ଓଡ଼ିଶାର ଗୌରବ ବିସ୍ତାର କରୁଅଛନ୍ତି । ଏ ମହାଶୟ ଯେବେ ବଞ୍ଚିଥାନ୍ତେ ତେବେ ଏକଜିକ୍ୟୁଟିଭ ଇଞ୍ଜିନିୟର ହୋଇ ଓଡ଼ିଶାର ଟେକ ଆହୁରି ବଢାଇଥାନ୍ତେ ଏବଂ ଏହାଙ୍କଦ୍ୱାରା ଓଡ଼ିଶାର ଅନ୍ୟାନ୍ୟ ଅନେକ ମଙ୍ଗଳ ସାଧନ ହୁଅନ୍ତା । ଏପରି ମଧ୍ୟ ଆଶା କରିବାର ସମ୍ପୂର୍ଣ୍ଣ କାରଣ ଥିଲା । କିନ୍ତୁ କ ହେବ ଓଡ଼ିଶାର କପାଳ ମନ୍ଦ କେବଳ ଝୁରୁ ଝୁରୁ ତାହାର ଦିନ ଯିବ ।

---

ବହୁକୁଟୁମ୍ବର ଦାୟ ।

ଋଣଗ୍ରସ୍ତଅମଲାଙ୍କ ପ୍ରବନ୍ଧରେ ଅମ୍ଭେମାନେ ଲେଖିଥିଲୁଁ ଯେ ଯେଉଁ ଅମଲାର କୁଟୁମ୍ବ ଯେତେ ସେ ତେତେ ଦାୟଗ୍ରସ୍ତ ଓ ସେହି ଦାୟରୁ ମୁକ୍ତ ପାଇବା ସକାଶେ ଅନେକଲୋକ ବାଧ୍ୟ ହୋଇ ଋଣଗ୍ରସ୍ତ ହୁଅନ୍ତି । ଏକଥା ଏକା ଅମଲାଙ୍କ ପକ୍ଷରେ କାହିଁକି ସମସ୍ତ ହିନ୍ଦୁସମାଜପ୍ରତି ଖଟଇ ତେବେ ପୂର୍ବେ ଅମ୍ଭେମାନେ କହିଅଛୁଁ ଯେ ଅମଲାଙ୍କ ଆୟ ଅଳ୍ପ ଓ ଏଥିପାଇଁ ସେମାନଙ୍କର କଷ୍ଟ ଅଧିକ । ପରିବାର ବୃଦ୍ଧି ହେଲେ ଖର୍ଚ୍ଚ ବୃଦ୍ଧି ହେବ ଏକଥା ସ୍ୱତସିଦ୍ଧ ଓ ଏହା ବୁଝାଇବା ପାଇଁ ଯୁକ୍ତିର ପ୍ରୟୋଜନ ନାହିଁ । ଏବଂ ପରିବାର ବୃଦ୍ଧି ହେବା ଯେ ସ୍ୱଭାବର ନିୟମ ଏଥିରେ ମଧ୍ୟ ସନ୍ଦେହ ନାହିଁ । ଏସ୍ଥଳେ ବହୁକୁଟୁମ୍ବ ଦାୟରୁ ଲୋକମାନେ କିରୂପେ ରକ୍ଷା ପାଇବେ ! ଯାହାର ସ୍ତ୍ରୀ ପୁତ୍ରାଦି ନାହିଁ ତାହାକୁ ଲୋକେ ହତଭାଗ୍ୟ ଜ୍ଞାନ କରନ୍ତି ବାସ୍ତବରେ ଏପ୍ରକାର ବ୍ୟକ୍ତି ସଂସାରରେ ରହିବାର ଯୋଗ୍ୟ ହୋଇ ନ ପାରେ କାରଣ ସମାଜ ମଧ୍ୟରେ ରହିଲେ ପରସ୍ପରର ସାହାଯ୍ୟ ନିମନ୍ତେ ଯେରୂପ ସ୍ୱଭାବ ହେବାର ଉଚିତ ତହିଁର ଶିକ୍ଷା ହୁଅଇ ନାହିଁ । ଯେଉଁମାନେ ବିଶେଷ ମନୋଯୋଗ କରି ଚିନ୍ତା କରିବେ ସେମାନେ ଦେଖିବେ ଯେ ସ୍ତ୍ରୀ ପୁତ୍ରାଦି ନେଇ ଘର କରିବା ମନୁଷ୍ୟର ପ୍ରଧାନ ଶିକ୍ଷାର ସ୍ଥଳ ଅଟଇ । ଏଥିରେ ଯେମନ୍ତ ବୁଦ୍ଧି ପ୍ରଖର ତେମନ୍ତ ସ୍ୱଭାବ ଓ ଚରିତ୍ର ମାର୍ଜ୍ଜିତ ହୁଅଇ । ସୁତରାଂ କୁଟୁମ୍ବ ବୃଦ୍ଧି ହେବା ମଙ୍ଗଳକର ଅଟଇ ତେବେ କିରୂପେ ଅମ୍ଭେମାନେ ସେ ଦାୟରୁ ମୁକ୍ତ ହେବା ପାଇଁ ସର୍ବସାଧାରଣଙ୍କୁ ପରାମର୍ଶ ଦେବାକୁ ମନସ୍ଥ କରିଅଛୁଁ ।

ଉପଲକ୍ଷିତ ପ୍ରଶ୍ନମାନଙ୍କର ଉତ୍ତର ଏହି ଯେ ସବୁବିଷୟର ଗୋଟିଏ ସୀମା ଅଛି ଯେତେବେଳେ ଉକ୍ତ ସୀମା ମଧ୍ୟରେ ତାହା ଥାଏ ତେତେବେଳେ ତାହା ଅନିଷ୍ଟକର ହୁଅଇ ନାହିଁ କିନ୍ତୁ ସେ ସୀମାକୁ ଅତିକ୍ରମ କଲେ ବିପରୀତ ଫଳ ଘଟଇ । ପୁଣି ଗୋଟିଏ ବିଷୟ ଏହି ଯେ ହିନ୍ଦୁ ସମାଜରେ ବହୁକୁଟୁମ୍ବର ଦାୟ ଦୁଇପ୍ରକାର ସ୍ୱାଭାବିକ ଓ କୃତ୍ରିମ । ସ୍ୱାଭାବିକ ଦାୟକୁ ଅତିକ୍ରମ

Digitized by srujanika@gmail.com

କରିବାର ତାହାର କ୍ଷମତା ନାହିଁ ମାତ୍ର କୃତ୍ରିମ ଦାୟରେ ପଡ଼ି ଯେ ଲୋକେ ବରବର ହେଉଅଛନ୍ତି ଏ ଦୁଃଖ ଅଧିକ ଅଟଇ । ପିତା ଆପଣା ସ୍ତ୍ରୀ ଓ ପୁତ୍ର କନ୍ୟାଙ୍କୁ ପ୍ରତିପାଳନ କରିବ ଏବଂ ଯେରୂପେ ସେମାନେ ସଂସାରରେ ଆପେ ନିର୍ବାହ ହୋଇ ପାରିବେ ତହିଁର ଯୋଗ୍ୟ କରିଦେବ ଏହା ପିତାର ସ୍ୱାଭାବିକ ଦାୟ ଅଟଇ । ପୁତ୍ରମାନଙ୍କୁ ସେରୂପ ଯୋଗ୍ୟ କରିବା ସକାଶେ ପ୍ରୟୋଜନ ଯେ ସେମାନଙ୍କୁ କୌଣସି ଏକ ବ୍ୟବସାୟରେ ସୁଶିକ୍ଷିତ କରିବା କି ଯଦ୍ଦ୍ୱାରା ସେମାନେ ଧନ ଉପାର୍ଜନ କରି ସୁଖସ୍ୱଚ୍ଛନ୍ଦରେ ସଂସାର ଯାତ୍ରା ନିର୍ବାହ କରିବେ ଏବଂ କନ୍ୟାମାନଙ୍କ ଉପଯୁକ୍ତ ଗୃହିଣୀ ହେବା ସକାଶେ ଶିକ୍ଷା ଦେବେ ଏବଂ ଯେମନ୍ତ ସତ୍ପାତ୍ର ସହିତ ତାହାର ବିବାହ ହୁଅଇ ତହିଁପ୍ରତି ଦୃଷ୍ଟି ରଖିବେ ଏହାଛଡ଼ା ପୁତ୍ର କନ୍ୟା ସମସ୍ତଙ୍କୁ ଶରୀର ଓ ମନର ପୁଷ୍ଟି ସାଧନ ନିମିତ୍ତ ଜ୍ଞାନ ଓ ନୀତି ଶିକ୍ଷା ଦେବେ । କିନ୍ତୁ ଅସ୍ମଦ୍ଦେଶର ଗୃହସ୍ଥମାନେ ଏତତ କର୍ତ୍ତବ୍ୟ ସାଧନ କରି ତୃପ୍ତି ହୁଅନ୍ତି ନାହିଁ ଓ ଏହି ସକାଶେ ସେମାନେ କେତେଗୁଡ଼ାଏ କୃତ୍ରିମ ଦାୟ ଆପଣା ଉପରେ ପକାଇ ଅଛନ୍ତି । ପୁତ୍ରମାନେ ଆପଣା ପେଟ ପୋଷିବାକୁ ସମର୍ଥ ନ ହେବାରୁ ପିତା ସେମାନଙ୍କର ବିବାହ ଦେବା କର୍ତ୍ତବ୍ୟ ଜ୍ଞାନ କରନ୍ତି ଓ ଯେଉଁ ପିତା ତାହା ନ କରିବ ତାହାଙ୍କୁ ଲୋକେ ନିନ୍ଦା କରନ୍ତି ତହିଁଉତ୍ତାରୁ ଯେଉଁ ପିତା ଅଳ୍ପବୟସରେ ପୁତ୍ର ଲଭିଥାଏ ସେ ଯେତେ ଦୀର୍ଘାୟୁ ହୁଅଇ ତେତେ ଦୁଃଖ ଭୋଗ କରଇ କାରଣ ନାତି ଅଣନାତି ପର୍ଯ୍ୟନ୍ତ ବିବାହ ଦେବା ତାହାର କର୍ତ୍ତବ୍ୟ ହୋଇ ପଡ଼େ । ଏରୂପେ ଏକ୨ କୁଟୁମ୍ବରେ ଏମନ୍ତ ଘଟନା ହୁଅଇ କି ପୁତ୍ରମାନେ ଅର୍ଜନ କରିବାକୁ ସକ୍ଷମ ହେବାପୂର୍ବେ ତାହାଙ୍କ ପରିବାର ବୃଦ୍ଧି ହୁଅଇ ଓ ସେ ସମସ୍ତଙ୍କର ଭାର ପିତାକୁ ସହିବାକୁ ପଡ଼ଇ । ଅର୍ଜନ କରିବାକୁ ଏକ ବ୍ୟକ୍ତି ପ୍ରତିପାଳନ ହେବାକୁ ବହୁତ ଲୋକ ହେଲେ ସୁତରାଂ ତାହାର କ୍ଳେଶ ଦିନ୨ ବୃଦ୍ଧି ହେଲା । କୃଷିଜୀବୀ ଓ ବ୍ୟବସାୟୀ ଲୋକଙ୍କୁ ଏ କଥା ବଡ଼ ବାଧଇ ନାହିଁ କାରଣ ସେମାନଙ୍କ ପରିବାରସ୍ଥ ବ୍ୟକ୍ତିମାନେ ସମସ୍ତେ ପରିଶ୍ରମ କରି କିଛି୨ ଅର୍ଜନ କରନ୍ତି ଯେ ତହିଁରେ କୌଣସିରୂପେ ସଂସାର ନିର୍ବାହ ହୋଇଯାଏ ମାତ୍ର ପରର ଚାକର ଯାହାଙ୍କର ବ୍ୟବସାୟ ତାହାଙ୍କ କ୍ଳେଶର ସୀମା ରହଇ ନାହିଁ । ତହିଁର ହେତୁ ଏହି ଯେ ଚାକରି ପାଇବା ପରର ସାହାଯ୍ୟ ଉପରେ ନିର୍ଭର ରଖଇ ମାତ୍ର କୁଟୁମ୍ବ ବଢ଼ାଇବା ଆପଣାର ସ୍ୱାଭାବିକ କାର୍ଯ୍ୟ । ସୁତରାଂ କୁଟୁମ୍ବ ବୃଦ୍ଧି ସଙ୍ଗେ୨ ଆୟ ବୃଦ୍ଧିର ସମ୍ଭାବନା ନ ଥିବାରୁ ଏହି କୃତ୍ରିମ ଦାୟ ହେତୁରୁ ଲୋକେ ଅଧିକ କ୍ଳେଶ ଭୋଗ କରନ୍ତି ।

ବର୍ତ୍ତମାନ ସଂସାରର ନିୟମ ଏହି ହୋଇଅଛି ତ କେହି ପରିଶ୍ରମ ବିନା ଆପଣା ଜୀବିକା ନିର୍ବାହ କରି ପାରିବ ନାହିଁ ଓ ଯେ ଯେତେ ପରିଶ୍ରମ ଓ କୌଶଳ ଓ ବୁଦ୍ଧି ସହକାରେ ଧନ ଅର୍ଜନ କରିବ ସେ ତେତେ ସୁଖ ସ୍ୱଚ୍ଛନ୍ଦତାରେ ଦିନ ଯାପନ କରିବ । ମାତ୍ର ଉପର ଲିଖିତ କୃତ୍ରିମ ଦାୟର ମନ୍ଦ ଫଳ ହେତୁରୁ ହିନ୍ଦୁ ସମାଜ କେବଳ ପରର ଅନୁସରଣ କରିବାକୁ ଶିକ୍ଷା କରୁଅଛି ଓ ଅଧିକ ଲୋକ ଏକ ଜଣର ଅର୍ଜନକୁ ଚାହିଁ ରହିବାରୁ ଅଳସୁଆ ହୋଇଯାଉଅଛନ୍ତି । ଅଥଚ ଯେଉଁ ବ୍ୟକ୍ତି ଅର୍ଜନ କରୁଅଛି ସେ ଆପଣାର ପରିଶ୍ରମର ଫଳ ଭୋଗ କରିବାକୁ ସମର୍ଥ ନ ହେବାରୁ ସୁଖୀ ହୋଇ ପାରୁ ନାହିଁ । ଅନେକ କୁଟୁମ୍ବରେ ଏପରି ଦେଖାଯାଉଅଛି ଯେ ପିତା ସ୍ୱୟଂ ଉପାର୍ଜନ କରିବାକୁ ଅକ୍ଷମ ହେଲାରୁ କେବଳ ଆପେ ପୁତ୍ରର ଅର୍ଜନରୁ ପ୍ରତିପାଳିତ ହେଉଅଛନ୍ତି ଏମନ୍ତ ନୁହେ ଆପଣାର ଅନ୍ୟ ସକ୍ଷମ ପୁତ୍ରମାନଙ୍କୁ ସୁଦ୍ଧା ସେହି ଅର୍ଜନରୁ ପ୍ରତିପାଳନ କରୁଅଛନ୍ତି । ଏକ ପୁତ୍ର ଉପରେ ଅନ୍ୟ ପୁତ୍ରର ଦାୟ ପକାଇବା କେମନ୍ତ ଅନ୍ୟାୟ ତାହା ସେ ଥରେ ସୁଦ୍ଧା ଭାଳନ୍ତି ନାହିଁ ଓ ଏରୂପ କୃତ୍ରିମ ଦାୟଦ୍ୱାରା ଯେମନ୍ତ ଆପଣାକୁ ତେମନ୍ତ ଆପଣା ଯୋଗ୍ୟ ପୁତ୍ରକୁ ବରବରରେ ପକାନ୍ତି । ଏକ ଜଣର ଅର୍ଜନ ଦଶଜଣ ଭୋଗ କଲେ ଶୁଭାଶୁଭ ସମୟର ବ୍ୟୟ ସକାଶେ କିଛି ଅର୍ଥ ସଂଗୃହୀତ ହୋଇ ନ ପାରେ ସୁତରାଂ କୌଣସି କ୍ରିୟା ଉପସ୍ଥିତ ହେଲେ ତହିଁ ପାଇଁ ଋଣ କରିବାକୁ ପଡ଼ଇ ଓ ସେ ଋଣ ଆଦାୟ ହେବାର ମଧ୍ୟ ସମ୍ଭାବନା ନ ଥାଏ ଓ କେତେବେଳେ କେବଳ ଭରଣ ପୋଷଣର ବ୍ୟୟ ସକାଶେ ମଧ୍ୟ ଋଣ କରିବାକୁ ପଡ଼ଇ । ଏହିରୂପେ କୃତ୍ରିମ ଦାୟ ହେତୁରୁ ଅନେକ ଲୋକ ସୁଖସ୍ୱଚ୍ଛନ୍ଦତାରେ ଜଳାଞ୍ଜଳୀ ଦେଇ ଯାବଜ୍ଜୀବନ ଦୁଃଖ ଭୋଗ କରି ପ୍ରାଣ ତ୍ୟାଗ କରିବାର ଦେଖାଯାଉଅଛି ।

ଉପରେ ଯେସମସ୍ତ କଥା ଲେଖାଗଲା ତହିଁରୁ ପାଠକମାନେ ଅବଶ୍ୟ ବୁଝିପାରିବେ ଯେ ବନ୍ଧୁକୁଟୁମ୍ବ ସମ୍ପର୍କୀୟ କେତେ ଗୁଡ଼ାଏ କୃତ୍ରିମ ଦାୟ ହେତୁ ଲୋକଙ୍କର ଦୁଃଖ ଅନେକ ବୃଦ୍ଧି ହେଉଅଛି ଓ ତାହା ନିବାରଣ ହେଲେ ଅନ୍ୟାୟରୂପେ କାହାର କୁଟୁମ୍ବ ବଢ଼ିବ ନାହିଁ କିମ୍ବା ସେମାନଙ୍କ ପ୍ରତିପାଳନ ସକାଶେ କାହାରିକୁ କ୍ଳେଶ ଭୋଗ କରିବାକୁ ହେବ ନାହିଁ । ଉକ୍ତ ପ୍ରକାର କୃତ୍ରିମ ଦାୟ ନିବାରଣ କରିବା ଯେ ସହଜ ତାହା ମଧ୍ୟ ପ୍ରକାଶ ପାଉଅଛି । କନ୍ୟା ଉପଯୁକ୍ତ ହେଲେ ବିବାହ ହୋଇ ପର ଘରକୁ ଯିବେ ତାହାଙ୍କ ପାଇଁ ଦାୟଗ୍ରସ୍ତ ହେବାର କାରଣ ନାହିଁ କିନ୍ତୁ ଯେବେ ପୁତ୍ରକୁ ଯୋଗ୍ୟ କରି ପିତା କ୍ଷାନ୍ତ ରହିବେ ଓ ତାହାର ବିବାହ ଦେବାକୁ ଆପଣା ଦାୟ ମଧ୍ୟରେ ଗଣିବେ ନାହିଁ ତେବେ ଅନ୍ୟାୟରୂପେ କୁଟୁମ୍ବ ବଢ଼ି ପାରିବ ନାହିଁ । ପିତାମାନେ କେବଳ ଈଶ୍ୱରଙ୍କଠାରେ ପ୍ରାର୍ଥନା କରନ୍ତୁ ଯେ ତାହାଙ୍କ ପୁତ୍ରମାନେ ସୁଯୋଗ୍ୟ ହୋଇ ଧନଅର୍ଜନ କରନ୍ତୁ ଓ ତଦ୍ଦ୍ୱାରା ବିବାହ ହୋଇ ସ୍ତ୍ରୀ ପୁତ୍ର ଘେନି ସଂସାରରେ ସୁଖରେ କାଳଯାପନ କରନ୍ତୁ କିନ୍ତୁ ଏ ବିଷୟରେ ପିତାଙ୍କର କର୍ତ୍ତୃତ୍ୱ କରିବାର ଉଚିତ ନୁହଇ । ଯେ ଯେମନ୍ତ ଭାର ସହିବ ତାହା ଉପରେ ତେମନ୍ତ ଭାର ଦେବାର ଉଚିତ ଯେ ପର୍ଯ୍ୟନ୍ତ ପୁତ୍ର ଆପଣା ଭାର ସହି ପାରି ନାହିଁ ସେ ପର୍ଯ୍ୟନ୍ତ ତାହା ଗଳାରେ ଗୋଟିଏ ସ୍ତ୍ରୀ ବାନ୍ଧିଦେବା କି ଘୋର ଅନ୍ୟାୟ କର୍ମ ନୁହଇ । ଅନେକ ପୁତ୍ର କି ଏ ଭାର ସହି ନ ପାରି ମନସ୍ତାପରେ ଆପଣା ପିତାକୁ ନିନ୍ଦୁନାହାନ୍ତି ? ଏବଂ ଅନେକ ପିତା କି ଏହି କାରଣରୁ ପୁତ୍ରର ବର୍ତ୍ତମାନ ବା ଭବିଷ୍ୟତ ଦୁରବସ୍ଥା ଚିନ୍ତା କରି ଶୋକାକୁଳ ହେଉ ନାହାନ୍ତି ତେବେ କାହିଁକି ତୁଚ୍ଛ ଲୋକ ନିନ୍ଦା ଭୟରେ ପିତାମାନେ ଏପରି ଗର୍ହିତ କାର୍ଯ୍ୟ କରୁଅଛନ୍ତି ? ଆମ୍ଭେମାନେ ବିନୀତ ଭାବରେ ଅସ୍ମଦ୍ଦେଶୀୟ ସମ୍ଭ୍ରାନ୍ତ ଓ ସୁଶିକ୍ଷିତ ଲୋକଙ୍କଠାରେ ଅନୁରୋଧ କରୁଅଛୁଁ ଯେ ସେମାନେ ସର୍ବଦା ଏମନ୍ତ ଲକ୍ଷ କରି କାର୍ଯ୍ୟ କରନ୍ତୁ କି ଯହିଁରେ ଉପର ଲିଖିତ କୃତ୍ରିମ ଦାୟମାନ ଉଠିଯାଏ ଓ ଲୋକେ ସ୍ୱାଧୀନ ଜୀବ ପରି କାର୍ଯ୍ୟ କରିବାକୁ ସମର୍ଥ ହୁଅନ୍ତି ।

---

ଉଦ୍ଧୃତ ।

ପରଗୃଲକ ଲୌହଦଣ୍ଡ ।

ଭାରତବର୍ଷୀୟ ଟେଲିଗ୍ରାଫ ବିଭାଗର ପ୍ରଧାନ କର୍ମଚାରୀ ମ୍ୟାକ୍‌ଗ୍ରିଗର ସାହେବ ତାଡ଼ିତ ବିଷୟକ ଯେଉଁ ପ୍ରବନ୍ଧ ଲେଖିଅଛନ୍ତି ତହିଁରେ ଅନେକଗୁଡ଼ାଏ ଉତ୍କୃଷ୍ଟ ବିଷୟ ଲିଖିତ ହୋଇଅଛି । ସେହି ବିଷୟଗୁଡ଼ିକ ଅବଗତ ହେଲେ

ଆମ୍ଭମାନଙ୍କର ବିଲକ୍ଷଣ ଉପକାର ସାଧିତ ହୋଇପାରେ ।

ସେ ସ୍ୱପ୍ରବନ୍ଧରେ ଲେଖିଅଛନ୍ତି ଭାରତବର୍ଷବାସିମାନେ ବିଦ୍ୟୁତର ଅନିଷ୍ଟ ନିବାରଣୋଦ୍ଦେଶରେ ଘର କଣରେ ଗୃହସଂଲଗ୍ନ କରି ଗୋଟିଏ ଦୀର୍ଘ ଲୁହାରଶୀକ ପୋତିରଖନ୍ତି ଏବଂ ମନେକରନ୍ତି ସେହି ଶୀକରେ ବିଦ୍ୟୁତ୍‌ପାତ ହେବ ଏବଂ ଘରର କୌଣସି ଅନିଷ୍ଟ ଘଟିବ ନାହିଁ । କିନ୍ତୁ ଘରର ଦୈର୍ଘ୍ୟ ଉଚ୍ଚତାର ତାରତମ୍ୟାନୁସାରେ ଯେ ପରିଚାଳନଦଣ୍ଡର କାର୍ଯ୍ୟକାରିତା ଅଟଇ ତାହା ଥରେସୁଦ୍ଧା ମନେ କରନ୍ତି ନାହିଁ । ଯେପରି ଘର ହେଉପଛେ ଗୃହ ସଂଲଗ୍ନ କରି ଶୀକ ପୋତି ରଖିଲେ ବିଦ୍ୟୁତପାତ ପାଇଁ ଅନିଷ୍ଟର ଭୟ ଥିବ ନାହିଁ, ସେମାନଙ୍କର ଏହି ସଂସ୍କାରଟି ଭ୍ରମମୂଳକ । ବୈଜ୍ଞାନିକ ନିୟମାନୁସାରେ ଶୀକ ପୋତିବାର ପ୍ରଥା ପ୍ରଚଳିତ ନ କଲେ ଉକ୍ତ ଅନିଷ୍ଟ ଆଶଙ୍କା କୌଣସିମତେ ଦୂରୀଭୂତ ହେବ ନାହିଁ ।

ମ୍ୟାକ୍‌ଗ୍ରିଗରସାହେବ ଶୀକ ପୋତିବାର ଯେ ବୈଜ୍ଞାନିକ ନିୟମ ଉଲ୍ଲେଖ କରିଅଛନ୍ତି ତାହା ଆମ୍ଭେମାନେ ପାଠକମାନଙ୍କ ଜ୍ଞାତ ନିମନ୍ତେ ଲେଖିଲୁଁ ।

ସବୁ ଘରର ଛାତର ଉଚ୍ଚତା ଯଦି ସମାନ ହୁଏ ତାହା ହେଲେ ଘର ଗୃହକୋଣରେ ୪ଗୋଟି ଏବଂ ୧୫ଗଜ ଅନ୍ତର ମଧ୍ୟରେ ଆଉ ଗୋଟିଏ ଗୋଟିଏ ନିଦାଲୁହାର ସୂକ୍ଷ୍ମାଗ୍ର ଶୀକ ପୋତିବ । ସେହି ଶୀକଗୁଡିକର ଉଚ୍ଚତା ଗୃହର ଉଚ୍ଚତାଠାରୁ ୫ଫୁଟରୁ କମ ହେବ ନାହିଁ ।

ଯେଉଁ ସକଳ ସାମାନ୍ୟ ଘରର ଦୈର୍ଘ୍ୟ ୨୦ଫୁଟର ଅଧିକ ନୁହେଁ ତାଦୃଶଘରେ ଶୀକ ଦେବାକୁ ହେଲେ ଗୋଟିଏ କଣରେ ଗୋଟିଏ ଶୀକ ପୋତିଦେଲେ ଚଳିପାରେ । କିନ୍ତୁ ସେହି ଶୀକର ଉଚ୍ଚତା ପୂର୍ବବତ୍ ହେବ । ଆଉ ଯେଉଁସ୍ଥାନରେ ଶୀକ ପୋତିବ ତାହାର ଅତି ସନ୍ନିକଟସ୍ଥ ଛାତର ଛଡ଼ଦେଓ୍ୟାଲୀ ଉପରେ ବକ୍ରଭାବରେ ଗୋଟିଏ ଶୀକ ରଖିବ । ଘରର ଦୈର୍ଘ୍ୟ ୨୦ଫୁଟରୁ ୪୦ଫୁଟ ପର୍ଯ୍ୟନ୍ତ ହେଲେ ଘରର ଦୈର୍ଘ୍ୟଦିଗର ମଧ୍ୟସ୍ଥଳରେ ଗୋଟିଏ ଶୀକ ପୋତିବ ଆଉ ପୂର୍ବବତ୍ ଛାତର ଉପରେ ବକ୍ରଭାବରେ ଆଉ ଗୋଟିଏ ଶୀକ ରଖିବ ।

ଘରର ଦୈର୍ଘ୍ୟ ୪୦ଫୁଟରୁ ଅଧିକ ହେଲେ ଦୁଇଗୋଟି, ୧୦୦ଫୁଟର ଅଧିକ ହେଲେ ତିନୋଟି ଶୀକ ପୂର୍ବପ୍ରାୟ ସ୍ଥାପନ କରିବାକୁ ହେବ ।

ଭୂ ଗର୍ଭସ୍ଥ ଆର୍ଦ୍ର ମୃତ୍ତିକା ସହିତ ସଂସ୍ପୃଷ୍ଟ କରି ଶୀକଗୁଡିକ ପୋତିବାକୁ ହେବ ।

ଯେଉଁମାନେ ବିଶେଷରୂପେ ଏହି ସକଳ ବିଷୟ ଜାଣିବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ମ୍ୟାକ୍‌ଗ୍ରିଗରସାହେବଙ୍କ ପ୍ରବନ୍ଧ ଖଣ୍ଡିଏ ଥରେ ପାଠକରନ୍ତୁ ।

(ଏଡୁକେଶନ ଗେଜେଟ)

---

# ସାପ୍ତାହିକ ସଂବାଦ ।

ପୂର୍ବ ସପ୍ତାହ ଅପେକ୍ଷା ଏ ସପ୍ତାହରେ କିଛି ଭଲ ବୃଷ୍ଟି ହୋଇଥିଲା ଓ ମେଘ ଘୋଟି ରହିବାରୁ ଆହୁରି ବର୍ଷା ହେବାର ଆଶା ଅଛି । ବର୍ଷାଲାଗି ଗୃହଅଡେ ଲୋକେ ହାହାକାର କରୁ ଅଛନ୍ତି ଶୀଘ୍ର ପ୍ରଚୁର ବର୍ଷା ନ ହେଲେ ରକ୍ଷା ପଡିବ ନାହିଁ ।

ପୁରୀରେ ଗତ ବୁଧବାରପର୍ଯ୍ୟନ୍ତ ବର୍ଷା ହୋଇ ନ ଥିଲା ଓ ଯାଜପୁରର ଅବସ୍ଥା ମଧ୍ୟ ସେହିରୂପ ଏଥିପାଇଁ ଅନେକ ଲୋକ ଦୁର୍ଭିକ୍ଷର ଆଶଙ୍କା ସୂଚନା କରୁ ଅଛନ୍ତି ।

ଆଗାମୀ ମାସ ତା ୪ ରିଖରେ ଶ୍ରୀଯୁକ୍ତ କମିଶନର ସାହେବ ପୁରୀରୁ କଟକକୁ ଯାତ୍ରା କରିବେ ।

ବାଲେଶ୍ୱର ନିକଟ ଫଗୁସଡଙ୍ଗାରେ ପିଠି ଫୋଡା ହୋଇ ଚରଖିପାଟୁଆ ପଡିବାର ସମ୍ବାଦ ଉତ୍କଳଦର୍ପଣରୁ ଅବଗତ ହେଲୁଁ । ସେଠାରେ ଇଂରାଜଙ୍କର ଅଧିକାର ନାହିଁ ସୁତରାଂ ଏହାଙ୍କ ନିଷେଧ ରହି ନ ପାରିଲା ।

ଯାଜପୁରର ଇନ୍‌ସ୍ପେକ୍ଟର ମୋହନ୍ତ ବାବୁ ଯେଉଁ ଖୁନି ମକଦମା ଚାଲାନ କରିଥିଲେ ତାହା ପ୍ରମାଣ ନ ହେବାରୁ ଜଏଣ୍ଟମାଜିଷ୍ଟ୍ରେଟେ ଡିସମିସ କଲେ ।

ଆମେରିକାରେ ଡାକଘର କାର୍ଯ୍ୟସମ୍ପର୍କରେ ସ୍ତ୍ରୀ କର୍ମଚାରୀମାନେ ନିଯୁକ୍ତ ହୋଇଅଛନ୍ତି ଓ ତଦ୍ୱାରା କାର୍ଯ୍ୟ ଭଲ ହେବାର ଜଣାଯାଏ । ବୋଷ୍ଟନ ନଗର ଡାକଘରର ପୋଷ୍ଟମାଷ୍ଟର ଲେଖିଅଛନ୍ତି କି ସ୍ତ୍ରୀ କର୍ମଚାରୀମାନେ ପୁରୁଷ କର୍ମଚାରୀ ଅପେକ୍ଷା ଅଧିକ ସତର୍କ ସହିତ କାର୍ଯ୍ୟ କରନ୍ତି ଓ ସେମାନଙ୍କ ପ୍ରସ୍ତୁତ କିସ୍ତା ତାଲିକାମାନ ଅଧିକ ବିଶ୍ୱାସ ଯୋଗ୍ୟ ଅଟଇ । ଗତ ବ ୫ ବର୍ଷ ମଧ୍ୟରେ ଏମନ୍ତ ଘଟନା କେବେ ହୋଇ ନାହିଁ ଯେ ତାହାଙ୍କ ପ୍ରେରିତ ହିସାବରେ ଏକଟକାର ସୂଚା ଭୁଲ ବାହାରିଅଛି । ଗୃଣକ୍ୟ ମତରେ ସ୍ତ୍ରୀମାନଙ୍କ ବୁଦ୍ଧି ପୁରୁଷଙ୍କଠାରୁ ଗୃହଗୁଣ ଅଧିକ ଉପରଲିଖିତ ସମ୍ବାଦ ତହିଁର ଉଦାହରଣ ଅଟଇ ।

ଗତମାସରେ ମାଙ୍ଗେଲ ନଗରରେ ଜଣେ ଚୀନବାସି ଅଦ୍ଭୁତ ମନୁଷ୍ୟ ପହୁଞ୍ଚି ଅଛି ଏ ବ୍ୟକ୍ତି ଅତିଶୟ ଡେଙ୍ଗା ଏହାର ଉଚ୍ଚତା ଫୁ ୭।୪ଇଞ୍ଚ ମାପ ହୋଇଅଛି ଓ ଏହାର ଓଜନ ୩୪୦ପାଉଣ୍ଡ ଅର୍ଥାତ୍ ୪ ମହଣରୁ ଅଧିକ ।

ନାଗପୁରରେ ଗୋଟିଏ ଚିକିତ୍ସାବିଦ୍ୟାଳୟ ଅଛି ଓ ଡେପୁଟି ଇନ୍‌ସପେକ୍ଟର ତହିଁର ବାର୍ଷିକ ରିପୋର୍ଟରୁ ଅବଗତ ହୋଇଅଛନ୍ତି ଯେ ତହିଁରେ ହିନ୍ଦୁ ଓ ମୁସଲମାନ ଛାତ୍ରଙ୍କ ସଂଖ୍ୟା ପ୍ରାୟ ସମାନ ଅଟଇ । ମରହଟ୍ଟା ବ୍ରାହ୍ମଣମାନେ ମଧ୍ୟ ପଢୁଅଛନ୍ତି ଏବଂ ମୃତମାନବଶରୀର ପରୀକ୍ଷା କରିବା ପ୍ରତି ଆଉ ସେମାନଙ୍କର କୁସଂସ୍କାର ନାହିଁ । ଜ୍ଞାନର ପ୍ରଭାବରୁ କ୍ରମଶଃ ଜାତିକୁସଂସ୍କାର ତିରୋହିତ ହେଉଅଛି ବଡ ସୁଖର ବିଷୟ ଅଟଇ ।

ମାନ୍ଦ୍ରାଜରେ ଲବଣକର ବିଷୟର ନିମିତ୍ତ ଗୋଟିଏ କମିଶନ ବସିଅଛି । ତହିଁରେ ପାଞ୍ଚଜଣ ଚିହ୍ନିତ କର୍ମଚାରୀ ସଭ୍ୟ ହୋଇଅଛନ୍ତି ଅର୍ଥାତ୍ ଦୁଇଜଣ ବଙ୍ଗପ୍ରଦେଶର ଦୁଇଜଣ ବମ୍ବେଇ ଓ ଏକଜଣ ମାନ୍ଦ୍ରାଜ ପ୍ରଦେଶର ଅଟନ୍ତି । ଭାରତବର୍ଷର ସର୍ବତ୍ରରେ ଲୁଣର କର ସମାନ ହେଲେ ଭଲ ହେବ ।

ଅମ୍ବାଲାରେ ଗୋଟିଏ ବଡ କୌତୁକର କଥା ହୋଇଗଲା । ଏକ ନାଟ୍ୟଶାଳାରେ ଯାତ୍ରା ହେଉଥିବା ସମୟରେ ଅକସ୍ମାତ୍ ଦୁଇ ଘଣ୍ଟା କେରୋସାଇନ ତେଲର ଲଣ୍ଠନ ଭାଙ୍ଗିଯିବାରୁ ନାଟ୍ୟଶାଳା ପୋଡିଯିବାର ଭୟ ହୋଇଥିଲା ମାତ୍ର ଦର୍ଶକ ଓ ଯାତ୍ରାକାରଙ୍କ ସାହାଯ୍ୟରୁ ଉକ୍ତ ଦୁର୍ଘଟନା ନିବାରଣ ହେଲା କିନ୍ତୁ ଯାତ୍ରା କରୁଥିବା ବ୍ୟକ୍ତି ମଧ୍ୟରୁ ଏକଜଣ କାହିଁ ଲଗାଇ ତାହାର ଏକପାଖର ମୋଚ ପୋଡିଗଲା ସେ ବ୍ୟକ୍ତି ମହାବିଭ୍ରାଟରେ ପଡିଲା ଓ ତତ୍‌ସଙ୍ଗାତ୍ ଦଉଡ଼ାଇ ଆସି ତାହାର ଆରପାଖ ମୋଚ ଛାର କରିଦେବାରୁ ସେ ଆପଣା ମୁହଁକୁ ଚିହ୍ନି କହି ଯାଉଥିଲା ।

---

ଏହି ଉତ୍କଳଦୀପିକା ସହରକଟକ ଦଉଘାଟିକାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ ଶ ସଂ ୨୩ ସଂଖ୍ୟା } ତା୩ରିଖ ଜୁନ ସନ୧୮୭୭ମସିହା । ମୁ । ଜ୍ୟେଷ୍ଠ ଦ୨୩ନ ସନ୧୨୮୩ସାଲ ଶନବାର

{ ଅଗ୍ରିମ ବାର୍ଷିକମୂଲ୍ୟ ଟ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୪୲
ମଫସଲପାଁଇ ଡାକମାସୁଲ ଟ୧୲୵

ଅନେକ ଦିନ ବୃଷ୍ଟି ନ ହେବାରୁ ଏଠାରେ ଯେପରି ଗ୍ରୀଷ୍ମ ହୋଇଥିଲା ଓ ମୋଫସଲରେ କୃଷିକର୍ମର ଯେରୂପ ବ୍ୟାଘାତ ଜନ୍ମୁଥିଲା ତାହା ସମ୍ପ୍ରତି ନିବାରଣ ହୋଇଅଛି । ଗତ ସପ୍ତାହରେ ଏଠାରେ ଦୁଇ ତିନଥର ଭଲ ବର୍ଷା ହୋଇ ଯାଇଅଛି ଓ ପୁରୀରେ ମଧ୍ୟ ଉତ୍ତମ ବୃଷ୍ଟି ହେବାର ସମ୍ବାଦ ଆସିଅଛି । ବର୍ଷାର ବିଲମ୍ବ ଦେଖି ମହାଜନମାନେ ଧାନ ଚାଉଳର ଦର ବଢାଇ ଥିଲେ କିନ୍ତୁ ଏଣିକି ଆମଦାନୀ ନିୟମିତ ହେବାର ଦେଖାଯାଏ ।

---

ସ୍ଥୂଳଦେହ ହେତୁରୁ ଯେଉଁମାନେ ଉଠି ବସି ନ ପାରି ବଡ କଷ୍ଟ ପାଉଅଛନ୍ତି ସେମାନଙ୍କ ନିମନ୍ତେ ଇଂଲଣ୍ଡର ସମ୍ବାଦଟି ସ୍ଥଳରୁ ବାଲେଶ୍ୱରର ସମ୍ବାଦବାହିକା ଉଦ୍ଧାର କରଅଛନ୍ତି "ଗତ ୨ରା ଏ କମ୍ପୁସ୍ପର୍କ ପତ୍ରିକାରେ ପ୍ରକାଶିତ ହୋଇଅଛି ଯେ, ଜଣେ ମୋଟା ଲୋକ ଆପଣା ଦେହ ବହି ନ ପାରି ବଡ କଷ୍ଟ ପାଉଥିଲା, ଜଣେ ଡାକ୍ତର, ତାହାକୁ ପତଳା କରି ଦେବେ ବୋଲି କହି ତାର ଅଫିସକୁ ନେଇ ଗଲେ ଏବଂ ଗୋଟିଏ ଟେଲିଗ୍ରାଫର ଯନ୍ତ୍ରରେ ଅନେକ ତାର ଖଞ୍ଜି ଉକ୍ତ ସ୍ଥୂଳ ଦେହରେ ଲଗାଇ ଦେଇ ବିଦ୍ୟୁତ ଚଳାଇବାକୁ ଲାଗିଲେ । ସ୍ଥୂଳକାୟବ୍ୟକ୍ତି ଯନ୍ତ୍ରଣାରେ ପ୍ରଥମେ ମୃତ ବିଲୁତ କରିବାକୁ ଲାଗିଲା ସତ୍ୟ ; କିନ୍ତୁ ଧୈର୍ଯ୍ୟ ଧରି ରହିଲା । ଅଳ୍ପକ୍ଷଣ ଉତ୍ତାରୁ ଶରୀରଭାର କମିବାକୁ ଲାଗିଲା । ତେତେବେଳେ ସେସ୍ପେଗିର ଆନନ୍ଦର ସୀମା ରହିଲ ନାହିଁ । କିଛିକ୍ଷଣ ଉତ୍ତାରୁ ବିଦ୍ୟୁତ୍ ଯନ୍ତ୍ରରୁ ଗୋଟାଏ ଭୟଙ୍କର ଶବ୍ଦ ନିର୍ଗତ ହେଲା, ଡାକ୍ତର ନମ୍ପୁସ୍ପାର୍କ ଅଫିସରମାନଙ୍କୁ ଶବ୍ଦର କାରଣ ପଚାରି ଜାଣିଲେ ଯେ, ସେହି ସ୍ଥୂଳକାୟ ବ୍ୟକ୍ତିର ଚର୍ବୀରେ ନିଉସ୍ପର୍କର ଅଫିସ ପରିପୂର୍ଣ୍ଣ ହୋଇଅଛି । ତେତେବେଳେ ସେ ତାରମାନ କାଢି ଦେଲେ, ସେଗା ଆନନ୍ଦରେ ନାଚ ନାଚକା ଚାଲିଗଲା ।" ଏହି ଗଳ୍ପକୁ ସହସା ବିଶ୍ୱାସ କରାଯାଇ ନ ପାରେ ଅଥଚ ସାହେବମାନଙ୍କ କଥାକୁ ଅବିଶ୍ୱାସ କରାଯାଇ ନ ପାରେ । ଉପାୟ କି ? କେବଳ ପରୀକ୍ଷା !!

---

ଗତ ପ୍ରକାଶିତ 'ସ୍ୱଦେଶୀ' ରେ ଏକ ପ୍ରସ୍ତାବ ପାଠ କରି ଆମ୍ଭେମାନେ ଦୁଃଖିତ ହୋଇଅଛୁଁ, ଯଥା; ଗଞ୍ଜାମ ଜିଲାର ସରକାରୀ କାର୍ଯ୍ୟାଳୟମାନଙ୍କରେ ଓଡିଆ ଭାଷା ପ୍ରଚଳିତ ହେବାର କଥା କେବଳ କିମ୍ବଦନ୍ତୀ ଅଟଇ । କାରଣ ଜଣେ ହାକିମ ବିନା ତହିଁର ଉତ୍ସାହଦାତା କେହି ନାହିଁ ଓ ସେ ମଧ୍ୟ ସ୍ଥାନାନ୍ତରକୁ ବଦଳି ହେଉଅଛନ୍ତି । ସେଠା ହାକିମମାନେ ମାନ୍ଦ୍ରାଜରେ ଥାଇ ତେଲିଙ୍ଗୀ ଭାଷା ଶିକ୍ଷା କରନ୍ତି ସୁତରାଂ ଯେଉଁ କାଳକୁ ଯାନ୍ତି ସେଠାରେ ଉକ୍ତ ଭାଷାର ପକ୍ଷପାତୀ ହୁଅନ୍ତି ସୁତରାଂ ଏପରି ହାକିମ ଗଞ୍ଜାମକୁ ଆସିଲେ ସେଠାରେ ଓଡିଆର ଉନ୍ନତି କିପରି ହେବ । ଗବର୍ଣ୍ଣମେଣ୍ଟ ଯେବେ ନିୟମ କରନ୍ତି କି ଗଞ୍ଜାମ ଜିଲାରେ ଯେଉଁ ହାକିମମାନେ କର୍ମ କରିବେ ତାହାଙ୍କୁ ଅବଶ୍ୟ ଓଡିଆ ଜାଣିବାକୁ ହେବ ଏବଂ ଏଠା କଚେରୀ ସମସ୍ତର କାଗଜପତ୍ର ଓଡିଆ ଭାଷାରେ ଏକା ଲେଖାଯାଇ ଦାଖଲ ହେବ । ତାହା ହେଲେ ଓଡିଆଙ୍କର ପ୍ରକୃତ ଲାଭ ହେବ । ନୋହିଲେ ପୂର୍ବପରି ସେମାନେ ତେଲଙ୍ଗାଙ୍କଦ୍ୱାରା ପ୍ରପୀଡିତ ହେଉଥିବେ । ଉକ୍ତ ପତ୍ରିକାରେ ଲେଖା ଅଛି ଯେ ସେଠାର ମିଉନିସିପଲ ଅଫିସରେ ଏକ ବ୍ୟକ୍ତି ଓଡିଆରେ ଦରଖାସ୍ତ ଲେଖିଦେବାରୁ ତାହା ଗୃହୀତ ନ ହୋଇ ତେଲଙ୍ଗୀରେ ଲେଖି ଦେବାକୁ ତାହାକୁ ଆଜ୍ଞା ହେଲା, ଏଥିରେ ସେ ବ୍ୟକ୍ତି ବାଧ୍ୟ ହୋଇ ଦୁଇ ଟଙ୍କା ଚାରି ଅଣା ଖର୍ଚ୍ଚାନ୍ତରେ ପଡିଲା । ଆମ୍ଭେମାନେ ବିବେଚନା କରୁଁ ଯେ ଗଞ୍ଜାମର ଲୋକମାନେ ଏ ବିଷୟରେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରନ୍ତୁ ତାହା ହେଲେ ସ୍ଥାନୀୟ ହାକିମମାନେ ଆଉ ଅବହେଳା କରି ପାରିବେ ନାହିଁ । ତାହା ନ କଲେ ଓଡିଆ ଜାତି ହେବାର ଯେ ହୁକୁମ ହୋଇଅଛି ତାହା କ୍ରମଶଃ ରହିତକୁ ଯାଇବ ଓ ପଶ୍ଚାତ୍ ତାହାକୁ ପ୍ରବଳ କରିବା କଡ଼ କଠିନ ହୋଇ ଉଠିବ ।

---

ବାଲେଶ୍ୱର ଜିଲାର ଲୋକଲଫଣ୍ଡ କ୍ଲାର୍କ ପଦରେ ସେଠାର ମାଜିଷ୍ଟ୍ରେଟ ବାବୁ କୃଷ୍ଣପ୍ରସାଦ ମହାନ୍ତିକୁ ନିଯୁକ୍ତ କରିଅଛନ୍ତି ଓ ସେ କାଲର

Split by PDF Splitter
Digitized by srujanika@gmail.com

କଚେରିରେ ଯେଉଁମାନେ ଦୀର୍ଘକାଳ ପୂର୍ବରୁ ଉତ୍ତମରୂପେ ସରକାରି କର୍ମ ଚଳାଇ ଆସୁଥିବାରୁ ଉନ୍ନତି ପାଇବାର ଉପଯୁକ୍ତ ଅଟନ୍ତି ସେମାନଙ୍କ ପ୍ରତି ମାଜିଷ୍ଟ୍ରେଟ ସାହେବ ଦୃଷ୍ଟି କରି ନାହାନ୍ତି । ଉତ୍କଳଦର୍ପଣ ଏ କାର୍ଯ୍ୟକୁ ଅନ୍ୟାଯ୍ୟ ବିବେଚନା କରି ଯାହା ଲେଖିଅଛନ୍ତି ତାହା ଆମ୍ଭମାନଙ୍କ ବିବେଚନାରେ ଯୁକ୍ତିଯୁକ୍ତ ଅଟଇ । କୃଷ୍ଣପ୍ରସାଦ ବାବୁ ଯେରୂପ ଯୋଗ୍ୟତା ଲାଭ କରିଅଛନ୍ତି ସେରୂପ ଯୋଗ୍ୟତା ଯେ ଅନ୍ୟ କାହାରଠାରେ ଏରୂପ ବୋଲିଯାଇ ନ ପାରେ ଓ ଅଧିକ ଯୋଗ୍ୟଲୋକ ଯେବେ ଉଚ୍ଚ କର୍ମ ପାଇବା ଉପାୟକୁ ଅବଲମ୍ବନ କରିବାକୁ ଇଚ୍ଛା ନ କରି କିରାନୀଗିରି କର୍ମକୁ ଆଦର କଲେ ତେବେ ତାହାଙ୍କୁ ନିମ୍ନଶ୍ରେଣୀର କିରାନୀଗିରିରୁ କ୍ରମଶଃ ଉଚ୍ଚକୁ ଯିବାର ଉଚିତ ହୋଇଥିଲା । ମାଜିଷ୍ଟ୍ରେଟ ତାହାଙ୍କୁ ଏକାବେଳକେ ଉଚ୍ଚ କିରାନୀଗିରି ପଦ ଦେଇ ଭଲ କରି ନାହାନ୍ତି । ଆମ୍ଭେମାନେ ବିବେଚନା କରୁଁ ଯେ କୌଣସି କଚେରିରେ ଉଚ୍ଚକର୍ମ ଖାଲି ହେଲେ ସେହି କଚେରିର ନିମ୍ନ କର୍ମଚାରୀଙ୍କ ମଧ୍ୟରୁ କେହି ଉକ୍ତ କର୍ମ ପାଇବାର ଯୋଗ୍ୟ ଅଛି କି ନାହିଁ ହାକିମ ପ୍ରଥମେ ଏ କଥାର ବିଚାର କରି ଉପଯୁକ୍ତ ଲୋକ ଥିଲେ ତାହାକୁ କର୍ମ ଦେବେ ଓ ତହିଁଉତ୍ତାରୁ ବାହାରର ଲୋକ ଅନ୍ୱେଷଣ କରିବେ । ଦର୍ପଣଙ୍କ ଲେଖାରୁ ଜଣାଯାଏ ଯେ ତାହା ହୋଇ ନାହିଁ ଓ ଏପରି ହୋଇଥିଲେ ବଡ଼ ଦୁଃଖର ବିଷୟ ଅଟଇ କାରଣ ଯେଉଁମାନେ ପୂର୍ବରୁ କର୍ମରେ ଅଛନ୍ତି ସେମାନେ ଯତ୍ନ କି ଉତ୍ସାହରେ ଉତ୍ତମ କାର୍ଯ୍ୟ କରିବେ ଓ ତାହାଙ୍କର ମନ କିରୂପେ ସରକାରି କର୍ମରେ ଲାଗିବ ? ଏହି ପ୍ରକାର ବିବେଚନାର ତ୍ରୁଟିରେ ଅନେକ ସ୍ଥଳରେ ସୁଯୋଗ୍ୟ କର୍ମଚାରୀ ହତାଶ ହୋଇ ଅକର୍ମଣ୍ୟ ହୋଇ ଯିବାର ଆଶ୍ଚର୍ଯ୍ୟ ନୁହଇ ।

---

### ନଗର ପରିଷ୍କାରର ଶୃଙ୍ଖଳା ।

ଯେତେବେଳେ ରଭନ ସାହେବ ଏ ଜିଲ୍ଲାର ଏକ୍‌ଟିଂ ମାଜିଷ୍ଟ୍ରେଟ ହୋଇଥିଲେ ସେତେବେଳେ ସେ ନଗର ପରିଷ୍କାର ସମ୍ପର୍କରେ କହିଥିଲେ କି ଗ୍ରୀଷ୍ମକାଳରେ ପାଣି ନାଳମାନ ପରିଷ୍କାର କଲେ ମାଟି ସବୁ ଉଡ଼ିଯିବ ଏବଂ ବର୍ଷାକାଳରେ ପରିଷ୍କାର କଲେ ମାଟିସବୁ ଧୋଇଯିବ । କିନ୍ତୁ କେଉଁ କାଳରେ ଉକ୍ତ କର୍ମ କଲେ ଭଲ ହେବ ତାହା ଦର୍ଶାଇବା ସକାଶେ ପରମେଶ୍ୱର ତାହାଙ୍କୁ ସୁଯୋଗ ଦେଲେ ନାହିଁ । ଫଳତଃ ସେ ଯାହା ବିବେଚନା କରିଥିଲେ ତାହା ଯଥାର୍ଥ ଥିବାର ଆମ୍ଭେମାନେ ବର୍ତ୍ତମାନ ପ୍ରତ୍ୟକ୍ଷ କରୁଅଛୁଁ । ଗତ ଦୁଇବର୍ଷ ହେଲା ଏ ନଗରର ସଡ଼କ ଦୁଇପାଖ ପାଣି ନାଳମାନ ପରିଷ୍କାର ହୋଇ ନ ଥିଲା କାରଣ ପାଠକମାନେ ଜାଣନ୍ତି ଯେ ଆମ୍ଭମାନଙ୍କର ମାଜିଷ୍ଟ୍ରେଟ ସାହେବ ସେ ସମୟରେ କେବଳ ଘାଟକୁ ବୃଥା ସୁସଜ୍ଜିତ କରିବାରେ ମଗ୍ନ ଥିଲେ । ଏବର୍ଷ ନାଳ ପରିଷ୍କାର କରିବା କର୍ମ ଉପରେ ତାହାଙ୍କ ମନ ପଡ଼ିଲା ଅଥବା ହାଟର ଓବରସିଅର ଭୂମା ହୋଇ ବସି ନ ପାରି ଏହା ତୋଳାଇଲେ ଯେ ଖରା ଦିନଠାରୁ ନାଳସଫାଇକର୍ମ ଆରମ୍ଭ ହେଲା । କୁଲିମାନେ ନାଳରୁ ଗୃହଖଣ୍ଡ ବା ମୁଠୁଣେ ବଦଳରେ ମାଟି କାଟି ସଡ଼କ ପାଖରେ ଜମା କରି ଦେଇ ଗଲେ । ତହିଁ ପରେ ପରେ ଖରା ଓ ବତାସ ଓ ତହିଁ ଉତ୍ତାରୁ ବର୍ଷା ହେବାରୁ କ୍ରମେ କ୍ରମେ ତାହା ମାଟିଯାକ ନାଳକୁ ଫେରି ଆସିଲାଣି । ଭୂଷକୁ ଯାହା ସରକାରଙ୍କର ଗୁଡ଼ାଏ କୌଡ଼ି ଖର୍ଚ୍ଚା ହେଲା ଏତତ ମାତ୍ର ନୋହିଲେ ଲୋକଙ୍କର କଡ଼ାକର ଉପକାର ନାହିଁ କାରଣ ସମ୍ପ୍ରତି ଯେଉଁ ଦୁଇ ଏକ ଅଶ୍ରା ବର୍ଷା ହୋଇଗଲା ତହିଁରେ ଲୋକମାନେ ଆପେ କୋଡ଼ି ଘେନି ଆପଣା ଘରପାଖ ନାଳ ପରିଷ୍କାର କରିବାକୁ ଆମ୍ଭେମାନେ ଦେଖିଅଛୁଁ ଓ ଯେଉଁଠାରେ କେହି ସେରୂପ କରିବାକୁ ନ ଥିଲେ ସେଠାରେ ପାଣି ଜମା ହୋଇ ରହିଲା । ପରିଷ୍କାର ହୋଇଥିବା ନାଳର ଅବସ୍ଥା ଅଧିକାଂଶ ସ୍ଥଳରେ ଏରୂପ ହୋଇଅଛି ଓ ଏଥିର କାରଣ ବୁଝିବା କଠିନ ନୁହଇ । ନଗର ପରିଷ୍କାରର ଭାର ଜଣେ ସୁଶିକ୍ଷିତ ଓ ବହୁଦର୍ଶୀ ଓବରସିଅର ହସ୍ତରେ ରଖିବାର ଉଚିତ ମାତ୍ର ତାହା ନ କରି କେବଳ ବ୍ୟକ୍ତି ବିଶେଷକୁ ପ୍ରତିପାଳନ କରିବା ସକାଶେ ତାହାକୁ କର୍ମରେ ନିଯୁକ୍ତ କଲେ ସରକାରୀ ଧନ ଅପବ୍ୟୟ ଭିନ୍ନ ଆଉ କି ହେବ ? ଏଥିପାଇଁ ଆମ୍ଭେମାନେ ଦେଖୁଅଛୁଁ ଯେ ଗତବର୍ଷ କୌଡ଼ି ଖର୍ଚ୍ଚ ନ ହୋଇ ଯେପରି ଦୁର୍ଦ୍ଦଶା ଘଟିଥିଲା ଏବର୍ଷ କୌଡ଼ି ଖର୍ଚ୍ଚ ହୋଇ ସୁଦ୍ଧା ସେହିପରି ଘଟିବାର ସମ୍ପୂର୍ଣ୍ଣ କାରଣ ଅଛି । ଏଥିପାଇଁ ଆମ୍ଭେମାନେ ପୂର୍ବରୁ ଏବିଷୟ ହାକିମମାନଙ୍କ ଗୋଚରରେ ଆଣୁଅଛୁଁ ଯେ ଅପବ୍ୟୟଠାରୁ ବ୍ୟୟ ନ କରିବା ଭଲ ଅଟଇ । ଏକ ସଦ୍ବ୍ୟୟର ବିଧାନ କରନ୍ତୁ ନୋହିଲେ ଟଙ୍କା ଜମା ରଖିଥାଉନ୍ତୁ ଯେ ଏ ଉତ୍ତାରୁ କେହି ମୃତ ଅରଗାନ ସାହେବଙ୍କ ପରି ବିଚକ୍ଷଣ ହାକିମ ଆସିଲେ ଚତୁର୍ଦ୍ଦିଗକୁ ଦୃଷ୍ଟି କରି କର୍ମ କରିବ ।

---

### ବହୁକୁଟୁମ୍ବ ।

ବହୁକୁଟୁମ୍ବ ପ୍ରଥାଟି ଏ ଦେଶରେ ଅତି ପ୍ରବଳ ଓ ସାଧାରଣରେ ତାହା ଗୌରବର ବିଷୟ ଅଟଇ । ଯେଉଁ ପରିବାରରେ ଯେତେ ଅଧିକ ଲୋକ ଥାନ୍ତି ସେ ପରିବାରର ସେତେ ସୁଖ୍ୟାତି ହୁଅଇ ମାତ୍ର ବାସ୍ତବରେ ତାହା ସୁଖ୍ୟାତିର ବିଷୟ ଅଟଇ କି ନା ତହିଁର ବିଚାର କେହି କରିବାର ଜଣାଯାଏ ନାହିଁ । ଯେତେ ଭାଇ ସେତେ ଘର ବୋଲି ଗୋଟିଏ ପ୍ରବାଦ ସର୍ବତ୍ରରେ ଶୁଣାଯାଏ ଓ ଭାଇବାଣ୍ଟର ନିୟମ ହିନ୍ଦୁଶାସ୍ତ୍ରାନୁସାରେ ପ୍ରାଚୀନ କାଳରୁ ଚଳିଆସୁଅଛି । ଯାହାଙ୍କ ବଂଶରେ ଭାଇ ବାଣ୍ଟର ନିୟମ ନାହିଁ ତାହାଙ୍କ ବଂଶରେ ସୁଦ୍ଧା ସମସ୍ତଭାଇ ଏକତ୍ରରେ ରହିବାର ନିୟମ ନ ଥାଇ ଜ୍ୟେଷ୍ଠପୁତ୍ରକୁ ଏକା ପୈତୃକ ଇଷ୍ଟାର ଅଧିକାର କରି ଅପର ଭାଇମାନଙ୍କୁ ଭରଣ ପୋଷଣ ସକାଶେ କିଛି କିଛି ଦେଇ ପୃଥକ କରିଦେବାର ନିୟମ ଅଛି । ତଥାଚ ଲୋକଙ୍କର କୁସଂସ୍କାର କେମନ୍ତ ପ୍ରଗାଢ ହୋଇଅଛି ଯେ ଭାଇମାନେ ପରସ୍ପର ପୃଥକ ହୋଇ ଯିବାର ଦେଖିଲେ ସମସ୍ତେ ନିନ୍ଦା କରନ୍ତି । କେହି ଥରେ ଭାବନ୍ତି ନାହିଁ ଯେ ପୃଥକ ହେବା ସଂସାରର ନିୟମ ହେଉଅଛି ଓ ଯେଉଁଠାରେ ଭାଇମାନେ ଏକାଠି ଅଛନ୍ତି ସେହିଠାରେ ନାନାଦି ବାଦ ବିସମ୍ବାଦ ଲାଗି ରହିଅଛି । ଭାଇବାଣ୍ଟ ଘେନି ପ୍ରତିବର୍ଷ କେତେ ମୋକଦ୍ଦମା ହେଉଅଛି ଓ କେତେ ବଡ଼ ବଡ଼ ଘରମାନ ଉଚ୍ଛନ୍ନ ହୋଇ ଯାଉଅଛି ଏହା କି କାହାର ଦେଖିବାରେ ଆସୁ ନାହିଁ? ଯେବେ ଭାଇମାମାନେ ଏକତ୍ରରେ ରହିବାକୁ ଚେଷ୍ଟା ନ କରି ପ୍ରଥମରୁ ଭିନ୍ନ ହେଉଥାନ୍ତେ ତେବେ କଦାଚ ଏପରି ଘଟନ୍ତା ନାହିଁ ଓ ଯେବେ ପିତା ମାତା ବଞ୍ଚି ଥାଇ ଥାଇ ଆପଣା ପୁତ୍ରମାନଙ୍କୁ ଯେ ଯେତେବେଳେ ଯୋଗ୍ୟ ହେଲା ତାହାକୁ ସେତେବେଳେ ପୃଥକ କରି ଦେଉଥାନ୍ତେ ତେବେ ବର୍ତ୍ତମାନ ହିନ୍ଦୁସମାଜର ଯେତେ ଦୁରବସ୍ଥା ଲକ୍ଷିତ ହେଉଅଛି ତାହା କଦାଚ ଦେଖାଯାନ୍ତା ନାହିଁ ।

କେହି ଏମନ୍ତ ପଚାରିପାରନ୍ତି କି ଯେବେ ଭାଇମାନେ ଏକାଠି ରହିଲେ ଏତେ ଅନିଷ୍ଟ

Split by PDF Splitter
Digitized by srujanika@gmail.com

ହୁଅଇ ତେବେ ଏକାଠି ରହିବାର ପ୍ରବୃତ୍ତି କାହିଁକି ଲୋକଙ୍କ ମନରେ ଜନ୍ମୁଅଛି ! ଏଥିରୁ ଏହି ଉତ୍ତର ହୋଇପାରେ ଯେ ପୂର୍ବେ ଧନର ଅଭାବ ନ ଥିଲା ମାତ୍ର ଲୋକର ଅଭାବ ଥିଲା । ଅଳ୍ପ ପରିଶ୍ରମରେ ଲୋକେ ପ୍ରୟୋଜନ ଅନୁସାରେ ନିର୍ବାହ ହେବାର ଦ୍ରବ୍ୟାଦି ପାଉଥିବାରୁ କେହି କାହାର ଅଧୀନ ହେଉ ନ ଥିଲେ ସୁତରାଂ ଅସମୟରେ ଲୋଡିଲେ ଗୋଟିଏ ସହାୟ ମିଳିବାର କଠିନ ଥିଲା । ଏହି କାରଣରୁ ପରସ୍ପର ସାହାଯ୍ୟ ନିମିତ୍ତ ଭାଇମାନେ ଏକାଠି ପଡି ରହୁଥିଲେ ଓ ଯେଉଁ ପରିବାରରେ ଅଧିକ ଲୋକ ଥିଲେ ସେମାନଙ୍କ ସହିତ କେହି ଶତ୍ରୁତା କରିବାକୁ ସକ୍ଷମ ହେଉ ନ ଥିଲା । ଜଣେ ଅର୍ଜିଲେ ଦଶଜଣ ପୋଷା ହେବାର ସୁବିଧା ଥିବାରୁ କେହି ଦାଣ୍ଡ ଓ କେହି ଘର ସମ୍ଭାଳୁ ଥିଲେ ଓ ସମସ୍ତେ ଏକା ଅବସ୍ଥାରେ ରହିବାରୁ କାହାର ପ୍ରତି କାହାର ଈର୍ଷା ହେଉ ନ ଥିଲା । ଏହିରୂପେ ବହୁକାଳ ଚାଲିଆସିବାରୁ ସେହି ସଂସ୍କାର ଲୋକଙ୍କ ମନରେ ବଦ୍ଧମୂଳ ହୋଇଅଛି ଓ ଲୋକଙ୍କ ଜ୍ଞାନ ଓ ବହୁଦର୍ଶିତା ଊଣା ହେବାରୁ କେହି ବର୍ତ୍ତମାନର ଅବସ୍ଥା ପ୍ରତି ଦୃଷ୍ଟି କରୁନାହାନ୍ତି ଓ ସମସ୍ତେ ପୂର୍ବକଥାକୁ ଧେନି ବସିଅଛନ୍ତି । ଆମ୍ଭେମାନେ ସ୍ୱୀକାର କରୁଅଛୁଁ ଯେ ପୂର୍ବ ଲୋକେ ବହୁକୁଟୁମ୍ବୀ ହୋଇ ସୁଖରେ ନିର୍ବାହ ହେଉଥିଲେ । ମାତ୍ର ବର୍ତ୍ତମାନ କି ତାହା ହେଉଅଛି ! ଯେବେ ହେଉଅଛି ତେବେ ଆମ୍ଭମାନଙ୍କ କଥା ବ୍ୟର୍ଥ ହେଲା ମାତ୍ର ଯେବେ ହେଉ ନାହିଁ ତେବେ ଆମ୍ଭେମାନେ ଅବଶ୍ୟ ସର୍ବସାଧାରଣଙ୍କୁ ଅନୁରୋଧ କରିବୁଁ ଯେ ବହୁକୁଟୁମ୍ବ ପ୍ରଥାଟିକୁ ଉଠାଇ ଦେବା ସକାଶେ ସମସ୍ତେ ଯତ୍ନବାନ୍ ହେଉନ୍ତୁ ତାହା ହେଲେ ଦେଶର ଅନେକ ମଙ୍ଗଳ ଓ ଉନ୍ନତି ସାଧନ ହେବ । ମଧ୍ୟ ଏ ପ୍ରଥାଟିକୁ ଉଠାଇ ଦେବା କିଛି କଠିନ ବ୍ୟାପାର ନୁହଇ କେବଳ ଗୃହର କର୍ତ୍ତା ଯେବେ ଏହାର କାର୍ଯ୍ୟ କାରିତା ହୃଦୟଙ୍ଗମ କରିବେ ତେବେ ଅନାୟାସରେ ତାହା ସାଧନ କରି ପାରିବେ ।

ପିତା ମାତା ବଞ୍ଚି ଥିବା ପର୍ଯ୍ୟନ୍ତ ସେମାନେ ଘରର କର୍ତ୍ତା ଥାନ୍ତି ସୁତରାଂ ସେ ସମୟରେ ଭାଇମାନଙ୍କର କିଛି ସ୍ୱାଧୀନତା ନ ଥାଏ କି ଆପଣା ଇଚ୍ଛାରେ ପୃଥକ୍ ହୋଇ ନ ପାରନ୍ତି । ପିତା ମାତାଙ୍କୁ ସନ୍ତୁଷ୍ଟ ସମାନ ସେମାନେ କାହାରିକୁ ଅନ୍ତର କରିବାକୁ ଚାହାନ୍ତି ନାହିଁ । କିନ୍ତୁ ଏହି ଅତିରିକ୍ତ ସ୍ନେହ ଯେ ପୁତ୍ରମାନଙ୍କର ଭବିଷ୍ୟତ ଅଯୋଗତାର ପ୍ରଧାନ କାରଣ ତାହା ସେମାନେ ଦେଖି ଶୁଣି ସୁଦ୍ଧା ଥରେ ମନରେ ଭାଳନ୍ତି ନାହିଁ । ଏ ଦେଶରେ ନିରନ୍ତର ଏହି ନିୟମ ପ୍ରତ୍ୟକ୍ଷ ହେଉଅଛି ଯେ ପିତାଙ୍କ କାଳ ହେଲା ଉତ୍ତାରୁ ଅଳ୍ପ ଦିନରେ ହେଉ ବା ଅଧିକ ଦିନରେ ହେଉ ପୁତ୍ରମାନେ ଭିନ୍ନ ହେବେ ଓ ଅଧିକାଂଶ ସ୍ଥଳରେ ପୈତୃକ ଧନ ବିଭାଗ ସକାଶେ ଆପଣା ମଧ୍ୟରେ ନାନାଦି ବିବାଦ ଜାତ କରିବେ । ଯେବେ ସଚରାଚର ଏପରି ଘଟୁ ନ ଥାନ୍ତା ତେବେ ଏ ଦେଶର ଅନେକ ମାମଲା ମୋକଦମାରୁ ମୂଳୋତ୍ପାଟନ ହୋଇଥାନ୍ତା ଓ ଉକିଲ ମୁକ୍ତାରମାନେ ଗଡିମରନ୍ତେ । କି କଲେକ୍ଟରି କି ଫଉଜଦାରି କି ଅଦାଲତ ଯେଉଁଠାରେ ଦେଖ ଭାଇବିବାଦର ମାମଲା ଲାଗିରହିଅଛି । ଆମ୍ଭମାନଙ୍କ ବିବେଚନାରେ ଏ ସମସ୍ତ ପିତାଙ୍କ ଦୋଷରୁ ଘଟଇ । ସେ ଯାହାକୁ ସ୍ନେହର କଥା ଜ୍ଞାନ କରନ୍ତି ପରିଣାମରେ ତାହା ଭାରି ଦୁଃଖର କଥା ହୁଅଇ । ଯେଉଁପୁତ୍ର ଯେତେବେଳେ ପୂର୍ଣ୍ଣ ବୟଃ ପ୍ରାପ୍ତ ଓ ଆପଣା ନିର୍ବାହ କରିବାର ଯୋଗ୍ୟ ହେଲା ତାହାକୁ ପିତା ଯେବେ ସେହି କାଳରେ ପୃଥକ୍ କରି ଦେଉଥାନ୍ତେ ଓ ସଦାଗ୍ରହରେ ରହିଲେ ତାହାଙ୍କ ମୃତ୍ୟୁ ଉତ୍ତାରୁ ପୈତୃକ ସ୍ଥାବର ସମ୍ପତ୍ତିରୁ ଯାହା ପାଇବ ତାହାର ନିର୍ଣ୍ଣୟ କରି ଦେଉଥାନ୍ତେ ତାହା ହେଲେ ପୁତ୍ର ଯେମନ୍ତ ଆପଣା କୁଟୁମ୍ବ ଭରଣପୋଷଣ ସକାଶେ ପରିଶ୍ରମ ପୂର୍ବକ ଧନ ଅର୍ଜ୍ଜନ କରନ୍ତା ତେମନ୍ତ ପିତୃ ଧନ ପାଇବ ବୋଲି ପିତାଙ୍କ ପ୍ରତି ସ୍ନେହ ଓ ଭକ୍ତି ରଖନ୍ତା ଅଥଚ ପିତା ଆପଣା ଅର୍ଜିତ ବା ପୈତୃକ ଧନର ଅଧିକାଂଶ ଆପେ ଥିବାରୁ ନିଜର ପ୍ରତିପୋଷଣ ସକାଶେ ପୁତ୍ରଙ୍କଠାରେ ଆଶା ରଖନ୍ତେ ନାହିଁ । ସୁତରାଂ ସମସ୍ତେ ସ୍ୱାଧୀନଭାବରେ ନିର୍ବାହ ହେବାକୁ ଶିକ୍ଷା ପାନ୍ତେ ଓ କେହି କାହାର ସହିତ ଦ୍ୱନ୍ଦ୍ୱ କରନ୍ତେ ନାହିଁ । ଅତଏବ ଆମ୍ଭେମାନେ ବିବେଚନା କରୁଁ ଯେ ପିତା ଆପଣା ଜୀବଦଶାରେ ପୁତ୍ରମାନଙ୍କୁ ପୃଥକ୍ କରିଦେଲେ ସବୁଠାରୁ ଉତ୍ତମ ହେବ ଓ ଯେଉଁଠାରେ ଦୈବା ଘଟନାକ୍ରମେ ତାହା ହୋଇ ନ ପାରିବ ସେଠାରେ ବନ୍ଧୁ ବାନ୍ଧବ ଓ ଅପର ହିତାକାଂକ୍ଷୀ ବ୍ୟକ୍ତିଙ୍କର ଉଚିତ କି ଭାଇମାନଙ୍କୁ ଏକତ୍ରରେ ରହିବାର ପରାମର୍ଶ ନ ଦେଇ ସେମାନଙ୍କର ପୈତୃକ ସମ୍ପତ୍ତି ଉଚିତରୂପେ ସେମାନଙ୍କ ମଧ୍ୟରେ ବାଣ୍ଟି କରିଦେଇ ସେମାନଙ୍କୁ ଭିନ୍ନ କରିଦେବେ ଯେମନ୍ତ କି ଭବିଷ୍ୟତରେ ଆଉ କୌଣସି ବିବାଦ ରହିବ ନାହିଁ । ଯେ ସ୍ଥଳେ ପ୍ରାଚୀନଶାସ୍ତ୍ର ଓ ପ୍ରଥା ମତେ ଏବଂ ବର୍ତ୍ତମାନ ଅବସ୍ଥାର ହିତାହିତ ବିବେଚନାରେ ଭାଇମାନେ ପୃଥକ୍ ହେବାର ଅବସ୍ଥା ଶ୍ରେୟ ହେଲା ଓ ତାହା କରିବା ପାଇଁ କୌଣସି କଠିନ ପ୍ରତିବନ୍ଧକ ଥିବାର ଜଣା ନ ଗଲା ସେ ସ୍ଥଳେ ଯେ ଲୋକ କେବଳ ଅନ୍ୟାୟ କୁସଂସ୍କାର ବଳରେ ତାହା କରିବାରୁ ବିମୁଖ ହେଉଅଛନ୍ତି ଏହା ବଡ ଦୁଃଖର ବିଷୟ ଅଟଇ । ସମସ୍ତ ଗୃହସ୍ଥଙ୍କୁ ଏସବୁ କଥାର ବିଚାର କରିବା ଉଚିତ ଏ ପ୍ରସ୍ତାବ ବାହୁଲ୍ୟ ଭୟରେ ଅଦ୍ୟ ଆମ୍ଭେମାନେ ଏହିଠାରେ କ୍ଷାନ୍ତ ରହିଲୁଁ । ବହୁ କୁଟୁମ୍ବ ଏକତ୍ରରେ ବାସ କରିବାରେ ଯେତେ ଅନିଷ୍ଟ ହୁଅଇ ଓ ସ୍ୱତନ୍ତ୍ର ରହିବାର ଯେତେ ଫଳ ଅଛି ବାରାନ୍ତରରେ ସାଧ୍ୟାନୁସାରେ ତାହାର ଉଲ୍ଲେଖ କରିବୁଁ ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ବର୍ତ୍ତମାନ କଲିକତା ଓ ନଦିଆ ପ୍ରଭୃତି ବଙ୍ଗଲା ଜିଲ୍ଲାର ଯାତ୍ରୀ ପ୍ରତିଦିନ ଦୁଇ ଏକ ହଜାର ହିସାବ ଆସି ଏ ଯାଜପୁରରେ ରହି ପୁରୁଷୋତ୍ତମ ଯାଉଅଛନ୍ତି ସେମାନଙ୍କ ଯୋଗୁଁ ଚାଉଳ ପରିବା ଓ ଆମ୍ବ ନିର୍ଗମ ହୋଇ ଅଛି । କୌଣସି୨ ସ୍ଥାନରେ ଓଲାଉଠା ଉପସ୍ଥିତ ହେଲାଣି ମଫସଲରେ ଉକ୍ତ ରୋଗ ଓ ବସନ୍ତ ରୋଗ ଓ ଅକସ୍ମାତ୍ ଜ୍ୱରରୋଗରେ କେତେକ ଲୋକ ମଲେଣି ଆହୁରି ମରିବାର ସମ୍ଭାବନା ଅଛି । ଏ ସନରେ ଅନେକ ସ୍ଥାନରେ ଅଦ୍ଭୁତ ଘଟନା ଅର୍ଥାତ୍ ହସ୍ତୀଶୁଣ୍ଡା ଓ ରଣକୁହୁଡ ଦେଖା ଓ ଶୁଣା ଯାଉଅଛି ଏ ଯାଜପୁର ଅନ୍ତର୍ଗତ ପାଳଦା ନିବାସୀ ଚୌଧୁରୀ ଉମାକାନ୍ତ ବଡପଣ୍ଡା ମହାପାତ୍ରଙ୍କର ଗୋଟିଏ କୂପ ଖରାପ ଅବସ୍ଥାରେ ଦଶବରଷ ହେଲା ପୋତା ଯାଇ ତହିଁ ଉପରେ କଖାରୁ ଇତ୍ୟାଦି ବୃକ୍ଷ ଲଗା ଯାଉଥିଲା ସେ କୂପର ମାଟି ବର୍ତ୍ତମାନ ପାତାଳକୁ ଧସି ଯାଇ ଜଳ ଉଛୁଳି ପଡିବାରେ ଚଉଧୁରୀ ମହାଶୟ ପଣ୍ଡିତମାନଙ୍କୁ ଡକାଇ ଏ ବିଷୟ ଦୁର୍ଘଟନା ଥିବା ଜାଣି ପ୍ରାୟଶ୍ଚିତ୍ତ ଓ ବ୍ରାହ୍ମଣ ଭୋଜନ କରାଇ ଦେଲେ ସେ କୂଅରେ ମୁହଁ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜଳ ଚାରିଦିନ ରହି ବର୍ତ୍ତମାନ କୂଅ ଅଧରେ ଜଳ ରହିଅଛି ଏପରି କାହିଁକି ହେଲା ଜଣା ଗଲା ନାହିଁ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଏଠା ଟାଉନ ମଧ୍ୟରେ ଥିବା ପୁଷ୍କରଣୀମାନଙ୍କରୁ ଦଲ ଉଠାଇ ସଫା କରିବା ସକାଶେ ମାଲିକବ୍ୟକ୍ତିମାନଙ୍କ ନାମରେ ନୋଟିସ ଜାରି ହୋଇଅଛି ଓ ସ୍ଥାନେ ୨ ସଡକରେ ମାଟି ଦେବା ଓ ପୋଲ ତିଆରି କର୍ମ ହେଉଅଛି ।

---

# ସାପ୍ତାହିକ ସଂବାଦ ।

ଗତ ତିନ ଗୁରୁବାର ହେଲା ପୁରୀକୁ ଜଜ ସାହେବ ଯାଇ ନ ଥିଲେ । ଏସପ୍ତାହରେ ଶ୍ରୀଯୁକ୍ତ ମାକଫର୍ସନ ଜଜ ସାହେବ ଉକ୍ତ ମୁକାମରେ ଗସ୍ତ କରି ଫେରି ଆସିଅଛନ୍ତି ।

ଗତ ଜାନୁଏରୀ ମାସରେ ମଞ୍ଚେଶ୍ୱର ମୁକାମରୁ ଯେଉଁ ଚୋରା ସରାବ ବିକ୍ରେତାକୁ ଅବକାରୀ ଦାରୋଗା ଧରି ଆଣିଥିଲେ ତାହା ଉପରେ ଟ ୨୫୦ ଙ୍କା ଅର୍ଥଦଣ୍ଡ ହୋଇ ତହିଁରୁ ଅର୍ଦ୍ଧେ ଦାରୋଗାଙ୍କୁ ପାରିତୋଷିକ ଦେବାର ଆଜ୍ଞା ହୋଇଅଛି ।

ଏ ମାସରେ ଆଉ ଏକନମ୍ବର ଚୋରା ସରାବ ବିକ୍ରୀ ଏ ନଗର ତିନକୋଣିଆ ବଗିଚାରେ ହେଉଥିବାର ଦାରୋଗା ସନ୍ଧାନ ପାଇ ଦ୍ରବ୍ୟ ଓ ମୂଲ୍ୟ ସହିତ ଗିରଫ୍ତାର କରି ଆଣିଅଛନ୍ତି । ଏ ସବୁ ଭଲ କଥା ଅଟଇ ମାତ୍ର ପୁଲିସର ଦୃଷ୍ଟି କେଉଁଆଡେ ଥାଏ ?

ଦକ୍ଷିଣପ୍ରଦେଶରୁ ଜଣେ ଉତ୍ତମ ବୀଣାବାଦ୍ୟକ ଏନଗରକୁ ଆସିଅଛନ୍ତି । ଏବ୍ୟକ୍ତି ଦ୍ରାବିଡ଼ ଦେଶସ୍ଥ ବ୍ରାହ୍ମଣ । ସଂସ୍କୃତ ଉତ୍ତମ ଜାଣନ୍ତି । ଏହାଙ୍କର ବୀଣାବାଦ୍ୟ ଶୁଣିଲେ ମନ ଆନନ୍ଦିତ ହୁଅଇ । ବୀଣା ସହିତ ଗୀତଗୋବିନ୍ଦ ଗାନ କରନ୍ତି ।

ଦର୍ପଣରୁ ଅତି ଦୁଃଖର ସହିତ ଅବଗତ ହେଲୁଁ ଯେ ଧାମନଗର ଓ ଭଦ୍ରକଅଞ୍ଚଳରେ ଆଜିକାଲି ଭାରି ଓଲାଉଠା ଲାଗିଅଛି ଓ ଦିନକୁଦିନ ରୋଗ ବୃଦ୍ଧି ହେବାର ଦେଖାଯାଏ । ଗବର୍ଣ୍ଣମେଣ୍ଟ ଏଥିର କି ପ୍ରତୀକାର କରୁଅଛନ୍ତି ତାହା ଜଣାଯାଇ ନାହିଁ । ଆମ୍ଭେମାନେ ଭରସା କରୁଁ ଶୀଘ୍ର ଜଣେ ଡାକ୍ତର ସେଠାକୁ ପ୍ରେରିତ ହେଉ ଓ ଓଲାଉଠା ରୋଗର ଔଷଧ ବଟିକା ପୁଲିସଦ୍ୱାରା ପ୍ରଚୁରରୂପେ ବଣ୍ଟନ ହେଉ ।

ସନ୍ତାଳ ପ୍ରଗଣାର ଅସିଷ୍ଟାଣ୍ଟ ବନ୍ଦୋବସ୍ତକର୍ତ୍ତା ଏ, ଏଚ୍, ଓ୍ୱାର୍ଡ ଯୋନସ୍ ସାହେବ କଟକର ଡେପୁଟୀ କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଗତ ଦୁଇ ସପ୍ତାହରେ ଯେତେବେଳେ ବର୍ଷାର ଅଭାବ ସମସ୍ତେ ଅନୁଭବ କରୁଥିଲେ ସେତେବେଳେ ଅନେକ ପ୍ରକାର ଅନୈସର୍ଗିକ ବର୍ଷାର ଜନରବ ଆମ୍ଭେମାନେ ଶୁଣିଥିଲୁଁ । ଢାକା ଦର୍ପଣର ଏକ ସ୍ଥାନରେ ରକ୍ତ ବୃଷ୍ଟି ହେବାର ଶୁଣା ଯାଇଥିଲା ଓ ହୁଗ୍‌ଲୀ ନଗରର ଏକ ଅଂଶରେ ଗନ୍ଧକ ବୃଷ୍ଟି ହେବାର ଏବଂ ଆଉ ଏକ ସ୍ଥାନରେ ମାଂସ ବୃଷ୍ଟି ହେବାର ସମ୍ବାଦପତ୍ରମାନଙ୍କରେ ପାଠ କରିଅଛୁଁ । ଏଥିରୁ ଜଣାଯାଏ ଯେ ମେଘର ପ୍ରକୃତି ଭିନ୍ନ ହୋଇ ଯାଇଅଛି । ଏଣିକି ଜଳ ବଦଳରେ ନାନାବିଧ ଦ୍ରବ୍ୟ ବର୍ଷା କରୁଅଛି ।

ରଙ୍ଗପୁରରେ ଜଣେ ମଦବିକ୍ରେତା ମିଶାମଦ ବିକ୍ରୟ କରିଥିଲା ବୋଲି ଡେପୁଟୀ ମାଜିଷ୍ଟ୍ରେଟ ତାହା ଉପରେ ଅର୍ଥଦଣ୍ଡ ବିଧାନ କଲେ ଅପିଲରେ ମାଜିଷ୍ଟ୍ରେଟ ରାୟ ବାହାଲ ରଖି ଏହି ମନ୍ତବ୍ୟ ବ୍ୟକ୍ତ କଲେ କି ଯଦ୍ୟପି ଉକ୍ତ ମଦ ଅସ୍ୱାସ୍ଥ୍ୟକର ଥିବା ବିଷୟରେ ଅଧିକ ଅନୁସନ୍ଧାନ ହୋଇଥାନ୍ତା ତାହା ହେଲେ ସେକଥା ମଧ୍ୟ ନଥିରୁ ପ୍ରମାଣ ହୁଅନ୍ତା । ମିଶା ମଦ ଉପରେ ସମସ୍ତ ଅବକାରି କର୍ମଚାରୀଙ୍କର ଦୃଷ୍ଟି ରଖିବାର ଉଚିତ ।

ମହିଷାଦଲର ରାଜା ଲଛମନପ୍ରସାଦ ଗର୍ଗ ମେଦିନୀପୁର ହାଇସ୍କୁଲରେ ମାସିକ ଟ ୫ ଙ୍କା ମୂଲ୍ୟର ଗୋଟିଏ ଛାତ୍ରବୃତ୍ତି ସ୍ଥାପନ କରିଅଛନ୍ତି । ଉକ୍ତ ସ୍କୁଲର ଛାତ୍ରମାନଙ୍କ ମଧ୍ୟରୁ ଯେଉଁମାନେ ଫାଷ୍ଟଆର୍ଟସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ଅଥଚ ଗବର୍ଣ୍ଣମେଣ୍ଟ ବୃତ୍ତି ପାଇବେ ନାହିଁ ତାହାଙ୍କ ମଧ୍ୟରେ ଅତିଅଙ୍କ ପାଇଥିବା ବ୍ୟକ୍ତିକୁ ଉକ୍ତ ବୃତ୍ତି ଦିଆଯିବ । ଏଥିପାଇଁ ରାଜା ଟ ୨୦୦୦ ଙ୍କା କଲିକତାର ମିଉନିସିପଲ ଡିବେଞ୍ଚରରେ ଗଚ୍ଛିତ କରିଅଛନ୍ତି ଯେ ତହିଁରେ ବାର୍ଷିକ ଶତକରା ଟ ୬ ଙ୍କା ଲେଖାଁଏ ସୁଧ ପ୍ରାପ୍ତ ହେବ ଓ ସେହି ସୁଧ ଟଙ୍କା ବୃତ୍ତି ଦେବାରେ ବ୍ୟୟ ହେବ । ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ରାଜାଙ୍କୁ ଧନ୍ୟବାଦ ଦେଇ ଗବର୍ଣ୍ଣମେଣ୍ଟ ଗେଜେଟରେ ଏ ସଂବାଦ ପ୍ରକାଶ କରିଅଛନ୍ତି ।

ହିନ୍ଦୁପେଟ୍ରିଅଟ ବିଲାତରୁ ସମ୍ବାଦ ପାଇଅଛନ୍ତି ଯେ ଭାରତବର୍ଷରୁ ଯେ ସମସ୍ତ ଭେଟି ଦ୍ରବ୍ୟ ଯୁବରାଜ ସଙ୍ଗେ ନେଇ ଯାଇଅଛନ୍ତି ଓ ଯାହା ବିଲାତରେ ପ୍ରଦର୍ଶିତ ହେବ ତହିଁର ମୂଲ୍ୟ ୭୦ ଲକ୍ଷ ଟଙ୍କାରୁ ଊଣା ନୁହଇ ବୋଲି ଜାଣିବା ଲୋକେ ଅନୁମାନ କରନ୍ତି ।

ଏକଜଣ ଭାଷାବିତ୍ ପଣ୍ଡିତ ଲେଖିଅଛନ୍ତି କି ଏକକୋଟି ଦଶଲକ୍ଷ ମନୁଷ୍ୟ ଇଂରାଜୀ ଲେଖାପଢ଼ା ଜାଣନ୍ତି । କିରୂପେ ଏ ହିସାବ ହୋଇଅଛି ତାହା ଜଣା ନାହିଁ ।

ମାନ୍ଦ୍ରାଜର ଏକବ୍ୟକ୍ତି ଲେଖିଅଛନ୍ତି କି ଉକ୍ତ ବିଭାଗର ଅନେକ ସ୍ଥାନର ସ୍ତ୍ରୀଙ୍କ ଅପେକ୍ଷା ତୈଲଙ୍ଗସ୍ତ୍ରୀମାନେ ସୁନ୍ଦରୀ ଅଟନ୍ତି ।

ଉକ୍ତ ପତ୍ରିକାରୁ ଅବଗତ ହେଲୁଁ ଯେ ସନ ୧୮୭୮ ମସିହାରେ ମହାମାନ୍ୟ ପ୍ରିନ୍ସ ଅବ୍ ୱେଲସ୍ ଅଷ୍ଟ୍ରେଲିଆ ନିଉଜିଲାଣ୍ଡ ପ୍ରଭୃତି ଦ୍ୱୀପମାନ ସନ୍ଦର୍ଶନ ସକାଶେ ଭ୍ରମଣ କରିବାକୁ ବାହାରିବେ ଏମନ୍ତ କଥା ହେଉଅଛି । ଯୁବରାଜଙ୍କ ଅଗୋଚର ତାହାଙ୍କ ରାଜ୍ୟର କୌଣସି ଅଂଶ ରହିବ ନାହିଁ ।

ଆଗାମି ଫସଲର ଲକ୍ଷଣ ପୂର୍ବଠାରୁ ଭଲ ଜଣା ଯାଉଅଛି ଗତ ସପ୍ତାହରେ ପ୍ରାୟ ସବୁଆଡେ ବର୍ଷା ହୋଇଅଛି କେବଳ ପାଟନା ଓ ଛୋଟ ନାଗପୁରର କେତେକ ଗଡ଼ରେ ବର୍ଷା ହୋଇ ନ ଥିଲା ।

---

ବିଜ୍ଞାପନ ।

ବାବୁ ଫକୀର ମୋହନ ସେନାପତିଙ୍କ କୃତ ଭାରତବର୍ଷ ଇତିହାସ ୧ଭାଗର ମୂଲ୍ୟ ଖଣ୍ଡ ଟ ୦ ୷ ଥିବାର ଏଥିପୂର୍ବ ବିଜ୍ଞାପନ ଦେଇଥିଲୁଁ ମାତ୍ର ତହିଁର ମୂଲ୍ୟ ଊଣା ହୋଇ ଟ ୦ ।୶ ହୋଇଅଛି ଅତଏବ ଉକ୍ତ ପୁସ୍ତକ ଯାହାଙ୍କର ଲୋଡା ହେବ ଶେଷଲିଖିତ ମୂଲ୍ୟ ପଠାଇଲେ ପାଇପାରିବେ ।

କଟକ ପ୍ରିଣ୍ଟିଂକମ୍ପାନୀ<br>ତା ୨୭ ରିଖ ମଇ<br>ସନ ୧୮୭୬ } ଶ୍ରୀ ଗୌରୀଶଙ୍କର ରାୟ<br>ସେକ୍ରେଟରୀ ।

---

ବିଜ୍ଞାପନ ।

ଫକୀରମୋହନ ସେନାପତି କୃତ ଭାରତବର୍ଷର ଇତିହାସ ପ୍ରଥମଭାଗ କଟକରେ ବାବୁ ଗୌରୀଶଙ୍କର ରାୟ ଓ ଦ୍ୱିତୀୟଭାଗ ବାଲେଶ୍ୱରରେ ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ବିକ୍ରୟ କରୁଅଛନ୍ତି ଏପୁସ୍ତକ ଯେଉଁମାନଙ୍କର ଆବଶ୍ୟକ ହେବ ଉକ୍ତ ଠିକଣାରେ ତତ୍ତ୍ୱ କଲେ ପାଇ ପାରିବେ ।

Cuttack,<br>1st June,<br>1876. } (Sd.) N. K. Das<br>*Jt. Inspector of schools*<br>*Orissa.*

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୧ଶ } ତା୧୦ରିଖ ଜୁନ ସନ୧୮୭୬ମସିହା । ମୁ । ଜ୍ୟେଷ୍ଠ ଦ୍ୱ୩୦ନ ସନ୧୨୮୩ସାଲ ଶନିବାର
ସଂ୨୪ସଂଖ୍ୟା }

{ ଅଗ୍ରିମ ବାର୍ଷିକମୂଲ୍ୟ ଟ୫୧
{ ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୭୧
{ ମଫସଲପାଇଁ ଡାକମାସୁଲ ଟ୧।୵

ଗତ ସ୍ନାନଯାତ୍ରା ସମୟରେ ପୁରୁଷୋତ୍ତମରେ ୧୫।୨୦ ହଜାର ଯାତ୍ରୀ ହୋଇଥିଲେ ଏମାନେ ସମସ୍ତେ ବଙ୍ଗଳାରୁ ଆସିଥିଲେ ଓ ଅଧିକାଂଶ ଦୁଃଖୀ ଓ ସ୍ତ୍ରୀଲୋକ ଥିଲେ । ସ୍ନାନମଣ୍ଡପକୁ ଠାକୁରମାନେ କେବଳ ସାଂଙ୍ଘା ସମୟରେ ବିଜେ କରିଥିଲେ ଓ ସନ୍ଧ୍ୟାସମୟକୁ ଭୋଗଇତ୍ୟାଦି କାର୍ଯ୍ୟ ସରିଥିଲା । ଯାତ୍ରିଙ୍କ ଦର୍ଶନ ଶେଷ ହେଲା ଉତ୍ତାରୁ ଅର୍ଦ୍ଧରାତ୍ରରେ ଅଣସରଘରକୁ ପହଣ୍ଡି ହେଲା । ଯେଉଁ ନୂତନସିଂହାସନରେ ଠାକୁରମାନେ ଗତବର୍ଷଠାରୁ ବସିଥିଲେ ତାହା ଉଠାଗଲା । ପ୍ରଧାନ ମନ୍ଦିରଦ୍ୱାର ବର୍ତ୍ତମାନ ବନ୍ଦ ଅଛି ଅଣସରଘରୁ ଠାକୁର ବାହାରଲେ ଫିଟିବ ଓ ମନ୍ଦିର ଲଗ୍ନ ହେବା ସ୍ଥାନ ଉପରେ ମରାମତି ହୋଇଅଛି ଅବଶିଷ୍ଟ ଇଞ୍ଜିନୀୟର ତାହା ଦେଖିବେ । ସେ ସାର୍ଟିଫିକଟ ଦେଲେ ଠାକୁରମାନେ ... ଯାତ୍ରା ଉତ୍ତାରୁ ସିଂହାସନରେ ବସିବେ ।

ସ୍ନାନଯାତ୍ରାଦିନ ରାଜା ସ୍ୱୟଂ ମନ୍ଦିରକୁ ବିଜେକରି ଠାକୁରଙ୍କୁ ପହଣ୍ଡିରେ କରାଇଲେ । ...ମାନଙ୍କ ମଧ୍ୟରୁ ଚତୁର୍ଥାଂଶ ଫେରି ଅଛନ୍ତି ... ସମସ୍ତେ ରଥଯାତ୍ରା ପର୍ଯ୍ୟନ୍ତ ରହି... ବର୍ତ୍ତମାନ ପୁରୀନଗର ଶୀତଳଅଛି ଓ ...ମାନଙ୍କର ବିଶେଷ କଷ୍ଟ ହୋଇ ନାହିଁ ।

---

ଉରୋପୀୟ ତୁରସ୍କ ଦେଶରେ ଯେ ସମସ୍ତ ଗଣ୍ଡଗୋଳ ଲାଗି ଥିଲା ପାଠକମାନଙ୍କୁ ଜଣାଅଛି । ଶାସନ ପ୍ରଣାଳୀ ପରିବର୍ତ୍ତନର ଅନେକ ଚେଷ୍ଟା ହେଲା ଓ ଅନ୍ୟ ଦେଶର ରାଜାମାନେ ମଧ୍ୟ ତହିଁରେ ସାହାଯ୍ୟ କରିବାକୁ ଯତ୍ନ କଲେ କିନ୍ତୁ କିଛି ଫଳ ହେଲା ନାହିଁ । ଏଣେ ସେନା ରକ୍ଷାର୍ଥୀୟ ବ୍ୟୟ ନିଅଣ୍ଟ ପଡିବାରୁ ରାଜ ଭଣ୍ଡାରରୁ ଟଙ୍କା ଦେବା କାରଣ ସୁଲତାନଙ୍କୁ ମନ୍ତ୍ରୀମାନେ ପ୍ରାର୍ଥନା କଲେ ତହିଁରେ ସୁଦ୍ଧା କୃତକାର୍ଯ୍ୟ ନ ହେବାରୁ ମନ୍ତ୍ରିମାନେ ସୁଲତାନଙ୍କୁ ପଦଚ୍ୟୁତ କରିବାର ସ୍ଥିର କରି ରାଜପ୍ରାସାଦକୁ ସୈନ୍ୟଦ୍ୱାରା ଘେରାଇ ଦେଲେ ଓ ତାହାଙ୍କର ଭ୍ରାତୃଷ୍ପୁତ୍ର ମୁରାଦ ଏଫେନ୍ଦି ବା ସେ ପ୍ରକୃତ ଉତ୍ତରାଧିକାରୀ ପଞ୍ଚମ ସୁଲତାନ ହେଲେ ବୋଲି ଘୋଷଣା ଦେଲେ ! ପୂର୍ବ ସୁଲତାନ ଅବଦୁଲ ଅଜିଜଖାନଙ୍କୁ ଜଣାଇଲେ ଯେ ପ୍ରଜାମାନେ ତୁମ୍ଭଙ୍କୁ ପଦଚ୍ୟୁତ କରିଅଛନ୍ତି । ଏହା କହି ପରିବାରୀୟ ବ୍ୟକ୍ତି ଓ ୬୩ ଜଣ ଅନ୍ତଃପୁର ବାସୀନୀ ପରମ ସୁନ୍ଦରୀ ସ୍ତ୍ରୀ ସହିତ ସୁଲତାନଙ୍କୁ ଅନ୍ୟ ଏକ ନଅରରେ ନେଇ ରଖିଲେ । ମୁରାଦଏଫେନ୍ଦୀ ତତ୍କ୍ଷଣାତ୍ ପ୍ରଧାନ ରାଜପ୍ରାସାଦ ଅଧିକାର ପୂର୍ବକ ଗାଦିରେ ବସିଲେ ଓ ପ୍ରଜାମାନେ ତାହାଙ୍କର ଯଥାବିହିତ ସମ୍ମାନ କଲେ । ନୂତନ ସୁଲତାନଙ୍କର ଆଜ୍ଞାମାନ ଶୀଘ୍ର ଶୁଣିବା ପାଇଁ ଲୋକେ ରହି ବସିଥିଲେ । ଇଂଲଣ୍ଡ ଫ୍ରାନସ ଇଟାଲି ଏ ଶାସନ ପରିବର୍ତ୍ତନକୁ ଅନୁମୋଦନ କରିଅଛନ୍ତି ।

ଉପରଲିଖିତ ସମ୍ବାଦଟି ଗତମାସ ତା ୧ ରିଖରେ ଇଂଲଣ୍ଡରୁ ଆସିଅଛି ଓ ତହିଁଉତ୍ତାରୁ ତା ୫ ରିଖର ସଂବାଦରୁ ଜଣାଯାଏ ଯେ ବିଗତ ସୁଲତାନ ଅବଦୁଲ ଅଜିଜଖାନଙ୍କର ମୃତ୍ୟୁ ହୋଇଅଛି । ସେ ଆତ୍ମହତ୍ୟା କରିଅଛନ୍ତି ।

ଏହିରୂପେ ତୁରସ୍କର ରାଜ୍ୟବିପ୍ଳବ ପର୍ବ ସମାପ୍ତ ହେଲା । କାଳରେ ଏମନ୍ତ ପୁଣି ଦେଖାଗଲା ଯେ ଅତି ଗୌରବାନ୍ୱିତ ଓ ସ୍ୱେଚ୍ଛାଚାରୀ ସୁଲତାନ ସୁଦ୍ଧା ଶାସନ କରିବାକୁ ଅକ୍ଷମ ହେବାରୁ ପ୍ରଜାମାନେ ତାହାଙ୍କୁ ପଦଚ୍ୟୁତ କଲେ । ସବୁଠାରୁ ପ୍ରଜାଙ୍କର ସ୍ୱାଧୀନତା ବିଚକ୍ଷଣତା ଓ କ୍ଷମତା କେତେ ବୃଦ୍ଧି ହେଲାଣି ଏଥିରୁ ପାଠକମାନେ ଅନୁଭବ କରନ୍ତୁ ଓ ଅହଙ୍କାରୀ ଓ ମନ୍ଦଶାସନ କର୍ତ୍ତାମାନେ ଏଥିର ତାତ୍ପର୍ଯ୍ୟ ଗ୍ରହଣ କରନ୍ତୁ ।

---

### ଓଡିଶାର ଶାସନ ପରିବର୍ତ୍ତନ ।

ଗତମାସ ଶେଷ ତାରିଖର ଡେଲିନିଉସରୁ ଅବଗତ ହେଲୁଁ ଯେ କେତେ ଗୁଡିଏ ପ୍ରଧାନ କମିଶନରଙ୍କ ଏଲାକା ପରିବର୍ତ୍ତନ ବିଷୟରେ ଗବର୍ଣ୍ଣମେଣ୍ଟ ବିଚାର କରୁଅଛନ୍ତି । ଉକ୍ତ ପରିବର୍ତ୍ତନମାନ ଏହି ଯେ ମଧ୍ୟପ୍ରଦେଶର କମିଶନର ଉଠିଯିବ ଓ ତହିଁର ଏକଅଂଶ ବମ୍ବେଇ ଓ ଏକଅଂଶ ଉତ୍ତର ପଶ୍ଚିମ ଗବର୍ଣ୍ଣମେଣ୍ଟରେ ଯୋଗ ହୋଇ ଅବଶିଷ୍ଟ ଅଂଶ ଓଡିଶାସଙ୍ଗରେ ମିଶି ଗୋଟିଏ ସ୍ୱତନ୍ତ୍ର ପ୍ରଧାନ କମିଶନରର ଅଧୀନ ହେବ । ସୁତରାଂ ଯେମନ୍ତ ଆସାମ ବାହାରି ଗଲା ସେହିରୂପ ଓଡିଶା ବାହାରି ଗଲେ ବଙ୍ଗପ୍ରଦେ-

Digitized by srujanika@gmail.com

Split by PDF Splitter



ଶର ଶାସନ କାର୍ଯ୍ୟ ନିରୂପିତ ସୀମା ମଧ୍ୟରେ ରହିବ ଓ ବର୍ତ୍ତମାନ ପରି ଅସଙ୍ଗତ ପରିମାଣରେ ରହିବ ନାହିଁ ଅର୍ଥାତ୍ ଏହାର ଶାସନକର୍ତ୍ତାର ଯୋଗ୍ୟତା ସହିତ ଅଧିକାରର ସମତା ରହିବ ।

ଉପରଲିଖିତ ସମ୍ବାଦଟି ପାଠ କରି ଅମ୍ଭମାନଙ୍କର ହର୍ଷ ବିଷାଦ ଜାତ ହୋଇଅଛି । ହର୍ଷର କାରଣ ଏହି ଯେ ସମସ୍ତ ଓଡ଼ିଆଭାଷା ପ୍ରଚଳିତ ଖଣ୍ଡମାନ ହେଉ ପଛକେ ତହିଁର ଅଧିକାଂଶ ଏକଜଣ ଶାସନକର୍ତ୍ତା ଅଧୀନରେ ଆସିବା ଓଡ଼ିଶାର ଉନ୍ନତିର ବିଷୟ ଅଟଇ । ଏକାରଣ ଚିନ୍ତାଶୀଳ ଲୋକମାନେ ପୁନଃ ପୁନଃ ଗବର୍ଣ୍ଣମେଣ୍ଟଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଅଛନ୍ତି ଯେ ସମସ୍ତ ଓଡ଼ିଶା ଏକଜଣ ଶାସନକର୍ତ୍ତାର ଅଧୀନ ନ ହେବାରୁ ଏହାର ଉନ୍ନତି ହୋଇ ପାରୁ ନାହିଁ ଓ ଗଞ୍ଜାମଠାରୁ ସମ୍ବଲପୁରପର୍ଯ୍ୟନ୍ତ ଭୂମିଖଣ୍ଡ ଯହିଁରେ ଓଡ଼ିଆଭାଷା ପ୍ରଚଳିତ ଅଛି ତାହା ସମସ୍ତ ଏକା ନିୟମ ଏକ ଶାସନକର୍ତ୍ତାର ଅଧୀନରେ ଆସିଲେ ଓଡ଼ିଆଙ୍କର ପ୍ରକୃତ ମଙ୍ଗଳ ହେବ ଏବଂ ବର୍ତ୍ତମାନ ଯେମନ୍ତ ସେମାନେ ବଙ୍ଗଳା ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଏକ୨ ଅଜ୍ଞାତ କୋଣରେ ପଡ଼ି ରହି କୌଣସି ଆପେ ମୁଣ୍ଡ ଟେକି ପାରୁ ନାହାନ୍ତି ତେମନ୍ତ ଆଉ ହେବ ନାହିଁ । ଓଡ଼ିଆଙ୍କର ପ୍ରାଧାନ୍ୟ ସ୍ଥାପନ ହେବ ସୁତରାଂ ସେମାନଙ୍କର ପ୍ରକୃତ ଉନ୍ନତି ଦୃଷ୍ଟିଗୋଚର ହେବ । ଅତଏବ ଉପରଲିଖିତ ପରିବର୍ତ୍ତନଟି ଗବର୍ଣ୍ଣମେଣ୍ଟ ପ୍ରତ୍ୟକ୍ଷ କରାଇଲେ ଅବଶ୍ୟ ଓଡ଼ିଶାବାସିଙ୍କର ଆନନ୍ଦର ବିଷୟ ହେବ ସନ୍ଦେହ ନାହିଁ ।

କିନ୍ତୁ ଏଥିରେ ବିଷାଦର କାରଣ ମଧ୍ୟ ଯଥେଷ୍ଟ ଅଛି । ବର୍ତ୍ତମାନ ଓଡ଼ିଶା ସବୁ ବିଷୟରେ ହୀନ ହେଲେହେଁ ଯେଉଁ ଖଣ୍ଡ ବଙ୍ଗଳା ଗବର୍ଣ୍ଣମେଣ୍ଟର ଅଧୀନ ଅଛି ସେ ଖଣ୍ଡ ଅପେକ୍ଷାକୃତ ସୁଖରେ କାଳ କଟାଉଅଛି କାରଣ ଉନ୍ନତି ନ ହେଉ ଅତ୍ୟାଚାର ନାହିଁ । ବଙ୍ଗଳାର ସମସ୍ତ ଆଇନ ପ୍ରଚଳିତ ଥିବାରୁ ସମ୍ପତ୍ତି ଓ ପ୍ରାଣରକ୍ଷାର ଯେ ବହୁ ଉତ୍କୃଷ୍ଟ ଉପାୟ ଗବର୍ଣ୍ଣମେଣ୍ଟ ଅବଲମ୍ବନ କରିଅଛନ୍ତି ତହିଁର ସମ୍ପୂର୍ଣ୍ଣ ଫଳଭୋଗ କରୁଅଛି ! ପୃଥକ୍ କମିଶନରର ଅଧୀନ ହେଲେ କିଜାଣି ଯେବେ ଆଇନର ଗୌରବ ଊଣା ପଡ଼ିବ; କମିଶନରଙ୍କ ଶାସନାଧୀନ ଅନ୍ୟାନ୍ୟ ରାଜ୍ୟଖଣ୍ଡର ଅବସ୍ଥା ଚିନ୍ତା କଲେ ଉକ୍ତ ଭୟ ନିତାନ୍ତ ଅମୂଳକ ନୁହଇ ତେବେ ଅମ୍ଭମାନଙ୍କର କି ଲାଭ ହେବ । ବଙ୍ଗାଳିମାନେ ବର୍ତ୍ତମାନ ଭାରତବର୍ଷରେ ବିଚକ୍ଷଣତା ଓ ସଭ୍ୟତାରେ ପ୍ରଧାନ ଅଟନ୍ତି ଓ ଅମ୍ଭେମାନେ ତାହାଙ୍କର ପଡ଼ୋଶି ଅଟୁଁ, ଯାହାଙ୍କର କିଞ୍ଚିତ୍ ମାତ୍ର ଦୂରଦର୍ଶିତା ଅଛି ସେମାନେ ଉପଯୁକ୍ତ ପ୍ରତିବାସୀ ଲୋଡ଼ି ଘର କରନ୍ତି ସୁତରାଂ ଏମନ୍ତ ପ୍ରତିବାସିଙ୍କଠାରୁ ବିଚ୍ଛିନ୍ନ ହୋଇ ଓ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଶାସନରୁ ବାହାର ପ୍ରଧାନ କମିଶନରଙ୍କ ଅଧୀନରେ ରହିଲେ ଅମ୍ଭମାନଙ୍କର ଯେ ଉନ୍ନତି ହେବ ଏମନ୍ତ ଆଶା ହେଉ ନାହିଁ ଓ ବିପଦ ଘଟିବାର ବିସ୍ତର ସମ୍ଭାବନା ଅଛି । ଅମ୍ଭେମାନେ ବୋଧ କରୁଁ ଯେ ଶାସନପ୍ରଣାଳୀର କିଛିମାତ୍ର ପରିବର୍ତ୍ତନ ନ ହୋଇ ଯେବେ କେବଳ ଶାସନକର୍ତ୍ତାର ପରିବର୍ତ୍ତନ ହେବ ଓ ବଙ୍ଗଳାର ବିଧି ସମସ୍ତ ଏଠାରେ ପ୍ରଚଳିତ ରହିବ ତେବେ କିଛି ଅନିଷ୍ଟ ନ ହୋଇ ଭଲ ହୋଇପାରେ ନୋହିଲେ ଅଜ୍ଞାତ ମନଠାରୁ ପରିଚିତ ମନ୍ଦ ଭଲ ଅଟଇ ଓ ଅମ୍ଭେମାନେ ଆଉ କିଛି ଲୋଡ଼ୁ ନାହୁଁ ।

---

## ଅନୁଗୁଳ ।

ଗତମାସ ତା ୨୯ ରିଖ ସୋମବାର ଅନୁଗୁଳର ଗବର୍ଣ୍ଣମେଣ୍ଟ ଜିଲ୍ଲା ବିଦ୍ୟାଳୟରେ ଛାତ୍ରମାନଙ୍କୁ ବାର୍ଷିକ ପାରିତୋଷିକ ଦାନ ସକାଶେ ସଭା ହୋଇଥିଲା । ଜଣେ ପତ୍ରପ୍ରେରକ ତହିଁର ବିବରଣ ଲେଖି ପଠାଇ ଅଛନ୍ତି ମାତ୍ର ପତ୍ରଖଣ୍ଡିକ ଅତି ବୃହତ୍ ଥିବାରୁ ତାହା ପ୍ରକାଶ ନ କରି ତହିଁର ସାରାଂଶ ଗ୍ରହଣ କଲୁଁ ।

ସଭାରେ ଅନୁଗୁଳର ତହସିଲଦାର ଓ ପୁଲିସ କର୍ମଚାରୀ ଏବଂ ଅନ୍ୟାନ୍ୟ ଭଦ୍ରଲୋକମାନେ ଉପସ୍ଥିତ ଥିଲେ ଓ ପାରିତୋଷିକ ବିତରଣ ହେବା ଉତ୍ତାରୁ ତହସିଲଦାର ଛାତ୍ରମାନଙ୍କୁ ଶିକ୍ଷାବିଷୟକ ଉପଦେଶ ଦେଇ ଏ କାର୍ଯ୍ୟ ଶେଷ କଲେ । ଶିକ୍ଷାକମିଟିର ମେମ୍ବରମାନେ ସୁଚାରୁରୂପେ ପରୀକ୍ଷାକାର୍ଯ୍ୟ ନିର୍ବାହ କରିଥିବାରୁ କମିଶନରସାହେବ ତାହାଙ୍କୁ ଧନ୍ୟବାଦ ଦେଇ ଥିଲେ ସେ ପତ୍ର ସଭାରେ ପଠିତ ହେଲା । ପରିଶେଷରେ ବକସି ଗୋପୀନାଥ ପଟ୍ଟନାୟକଙ୍କର ଲିଖିତ ଗୋଟିଏ ପ୍ରବନ୍ଧ ସଭାରେ ପଠିତ ହେଲା ଉକ୍ତ ପ୍ରବନ୍ଧର ଯେଉଁ ମର୍ମ ପତ୍ରପ୍ରେରକ ଲେଖି ଅଛନ୍ତି ତହିଁରୁ ଅମ୍ଭେମାନେ ଆନନ୍ଦର ସହିତ ଅବଗତ ହେଲୁଁ ଯେ ବର୍ତ୍ତମାନର ତହସିଲଦାର ଉକ୍ତ ଜିଲ୍ଲାରେ ସ୍ୱାସ୍ଥ୍ୟବୃଦ୍ଧିର ଅନେକ ଉପାୟ କରି ଅଛନ୍ତି । ଅନୁଗୁଳ ଜାଙ୍କ ପ୍ରାୟ ସମସ୍ତ ଗଡ଼ଜାତରେ ପରିଷ୍କାର ଜଳ ଅଭାବରେ ଏବଂ ବିସ୍ତର ଜଙ୍ଗଲ ଥିବାରୁ ଅନେକ ପରିମାଣରେ ରୋଗର ବୃଦ୍ଧି ହୁଅଇ । ଜିଲ୍ଲାର ପୁଷ୍କରିଣୀମାନଙ୍କୁ ପରିଷ୍କାର ଅବସ୍ଥାରେ ରଖିଲେ ଗୋଟିଏ ଅଭାବ ମୋଚନ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଏହି ହେତୁ ଦେଉଳବନ୍ଧ ନାମକ ସୁଦୀର୍ଘ ପୁଷ୍କରିଣୀର ଜୀର୍ଣ୍ଣସଂସ୍କାର ସକାଶେ ତହସିଲଦାର ଉଦ୍ୟମଶୀଳ ହୋଇ ସେଠାର ଭଦ୍ରଲୋକଙ୍କଠାରୁ ଚାନ୍ଦା ଉସୁଲ କରୁଅଛନ୍ତି ଓ କମିଶନରସାହେବ ମଧ୍ୟ ଅଧେକ ଦେବାକୁ ପ୍ରତିଶ୍ରୁତ ହୋଇ ଅଛନ୍ତି । ଗଡ଼ଜାତରେ ନଗର ପରିଷ୍କାର ସକାଶେ ଲୋକମାନେ ଇଚ୍ଛାପୂର୍ବକ ଚାନ୍ଦା ଦେବା କଥା ଶୁଣି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି ମାତ୍ର କଦମାଳ ତହସିଲଦାରଙ୍କ ଯୋଗେ ଜନମାନେ ସୁଦ୍ଧା କରି ଦେବାକୁ ସ୍ୱୀକୃତ ହେଲେ ଅନୁଗୁଳର ତହସିଲଦାରଙ୍କ ଉଦ୍ୟମରେ ସେଠା ଲୋକଙ୍କର ଚାନ୍ଦାଦେବା ବିଚିତ୍ର ନୁହଇ । ଏଥିରୁ ଏହି ଉପଲବ୍ଧି ହୁଅଇ ଯେ ଗଡ଼ଜାତର ତହସିଲଦାରମାନେ କେବଳ ଖଜଣା ଉସୁଲ କିମ୍ବା ମୋକଦ୍ଦମା ଫଏସଲ କରିବାକୁ ଆପଣା କର୍ତ୍ତବ୍ୟ ଜ୍ଞାନ କରି ନିଶ୍ଚିନ୍ତ ନ ରହି ଯହିଁରେ ଆପଣା୨ ଏଲାକାର ଶ୍ରୀବୃଦ୍ଧି ହୁଅଇ ଓ ଅଧିବାସିମାନ ସୁଖୀହୁଏ ତହିଁ ପକ୍ଷରେ ଯତ୍ନ କରିବେ ତେବେ ଅଳ୍ପକାଳରେ ଗଡ଼ଜାତର ଅବସ୍ଥା ମଧ୍ୟ ଅନେକ ସୁନ୍ଦର ହେବ । ତହସିଲଦାରମାନଙ୍କୁ ଅନୁକ୍ଷଣେ ଏସବୁ ବିଷୟରେ ଦୃଷ୍ଟି ରଖିବାର ଉଚିତ ଏଥିରେ ଅଳ୍ପ ଯତ୍ନକଲେ ସେମାନଙ୍କର ଅଧିକ ପ୍ରଶଂସା ହେବ ।

ଆଉ ଗୋଟିଏ ଉନ୍ନତିର ଉପାୟ ସମ୍ପ୍ରତି ଅନୁଗୁଳରେ ହୋଇଅଛି ତାହା ଏହି ଯେ ଜିଲ୍ଲାର ଅଧିବାସି ସଂଖ୍ୟାର ଚତୁର୍ଥାଂଶରୁ ଅଧିକ ପାଣ ଅଟନ୍ତି ଓ ଏମାନେ ଚୌର୍ଯ୍ୟବୃତ୍ତି ଓ ନାନାବିଧ ଅସତ୍ ଉପାୟରେ ପୂର୍ବକାଳରୁ ଜୀବିକା ନିର୍ବାହ କରି ଆସୁଅଛନ୍ତି ସମ୍ପ୍ରତି ଏମାନଙ୍କୁ ଶାସନ କରି ସତ୍ପଥରେ ଆଣିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ପରଗଣାରେ ଜଣେ୨ ପାଣ ସରଦାର ନିଯୁକ୍ତ ହୋଇଅଛନ୍ତି । ସରଦାରମାନେ ବେତନସ୍ୱରୂପ ଜାଗିରଭୂମି ପାଇଅଛନ୍ତି ଓ ସରକାରରୁ ପୋଷାକ ମଧ୍ୟ ପାଇ ଅଛନ୍ତି । ଏମାନେ ପାଣଙ୍କ ଉପରେ ଦୃଷ୍ଟି ରଖିବେ ଓ

Digitized by srujanika@gmail.com

Split by PDF Splitter



100

କେହି ଶ୍ରେଣୀ ଇତ୍ୟାଦି କଲେ ତାହାକୁ ଧରାଇ ଦେଇ ଦଣ୍ଡରେ ପହୁଞ୍ଚାଇବେ । କନୋବସ୍ତି ଉତ୍ତମ ବୋଧ ହେଉଅଛି ମାତ୍ର ବର୍ଷେ କାର୍ଯ୍ୟ ଦେଖା ନ ଗଲେ ଏଥିର କାର୍ଯ୍ୟକାରିତା ଜଣାଯାଇ ପାରିବ ନାହିଁ । ଯେବେ ଏ ଉପାୟଟି ସଫଳ ହେବ ତେବେ ଗଡ଼ଜାତର ରାଜାମାନଙ୍କୁ ଏହି ନିୟମ ଅନୁସରିବା ସକାଶେ କମିଶନର ସାହେବ ଅନୁରୋଧ କଲେ ପାଣମାନେ ବଶରେ ଶାସିତ ହେବେ ।

---

ଉଲ୍ୟମ ସାହେବଙ୍କ ଭାରତ ସନ୍ଦର୍ଶନ ।

ଇଂଲଣ୍ଡରୁ ଅଧ୍ୟାପକ ମନିଅର ଉଲ୍ୟମ ସାହେବ କେତେକ ମାସ ହେବ ଭାରତବର୍ଷ ଦେଖିବାକୁ ଆସି ଏଠାର ଯେଉଁ ସମସ୍ତ ବିବରଣ ଅବଗତ ହୋଇଅଛନ୍ତି ତାହାସମସ୍ତ ଟାଇମସ ନାମକ କାଗଜର ପ୍ରଧାନସମ୍ପାଦକଙ୍କରେ ପ୍ରକାଶ କରୁଅଛନ୍ତି । ଏଡୁକେସନ ଗଜେଟ ଓ ହିନ୍ଦୁପେଟ୍ରିଅଟରେ ତାହାଙ୍କର ପତ୍ରର କେତେକ ମର୍ମ ଅମ୍ଭେମାନେ ଅବଗତ ହୋଇ ବଡ଼ ଆନନ୍ଦିତ ହୋଇଅଛୁଁ ଓ ତହିଁରୁ ଦେଖାଯାଏ ଯେ ଅଧ୍ୟାପକ ମହାଶୟ ଯଥାର୍ଥ ଭାବୁକ ଅଟନ୍ତି । ଅଳ୍ପକାଳ ମଧ୍ୟରେ ବହୁତ ଦେଖିଅଛନ୍ତି ଓ ଯାହା ଦେଖିଅଛନ୍ତି ତହିଁରୁ ସୁନ୍ଦର ଅର୍ଥ ବାହାର କରୁଅଛନ୍ତି । ଅଧ୍ୟାପକ ମହାଶୟ ଭାରତବର୍ଷର ଶାସନପ୍ରଣାଳୀ ଓ ତହିଁରେ ନିଯୁକ୍ତ ଥିବା ବ୍ୟକ୍ତିଙ୍କୁ ପ୍ରଶଂସା କରୁଅଛନ୍ତି ଓ କହୁଅଛନ୍ତି କି ଯେଉଁ ସମସ୍ତ ଉଚ୍ଚଶକ୍ତିର ଲୋକ ଇଂଲଣ୍ଡରେ ପ୍ରତିଷ୍ଠା ପାଇବା ଅତି କଠିନ ସେମାନେ ଭାରତବର୍ଷରେ କର୍ମ କରି ସୁଖ୍ୟାତି ଲାଭ କରୁଅଛନ୍ତି ସୁତରାଂ ଭାରତବର୍ଷ ଇଂଲଣ୍ଡୀୟଙ୍କର ଗୋଟିଏ ଉତ୍ତମ କାର୍ଯ୍ୟକ୍ଷେତ୍ର ଅଟଇ । ଅଧ୍ୟାପକ ବୋଲନ୍ତି ଯେ ଭାରତବର୍ଷ ଯେମନ୍ତ ବୃହତ୍‌ଦେଶ ଜଣେ ଗବର୍ଣ୍ଣରଜେନରଲଙ୍କଦ୍ୱାରା ଏଥିର କାର୍ଯ୍ୟ ନିର୍ବାହ ହେବା ଅସମ୍ଭବ । ପ୍ରତ୍ୟେକ ପ୍ରଦେଶପାଇଁ ଜଣେ ଲେଫ୍‌ଟେଣ୍ଟ ଶାସନକର୍ତ୍ତା ରହିବାର ଉଚିତ ।

ଦେଶୀୟ ରାଜାଙ୍କ ଅଧୀନରେ ଥିବା ରାଜ୍ୟ ସମ୍ପର୍କରେ ଅଧ୍ୟାପକ କହୁଅଛନ୍ତି କି ଏରୂପ ରାଜ୍ୟର ସଂଖ୍ୟା ୪୬୦ ଓ ଏଥିରେ ନାନାପ୍ରକାର ଶାସନପ୍ରଣାଳୀ ପ୍ରଚଳିତ ଅଛି । ଅନେକ ରାଜାଙ୍କର କ୍ଷମତା ବିସ୍ତର ଅଛି ଓ ଅନେକ ରାଜାଙ୍କର ଅପଣା ପ୍ରଜାଙ୍କ ଉପରେ ପ୍ରଚୁର ପ୍ରଭୁତା ନାହିଁ ମାତ୍ର ସବୁଠାରେ ପ୍ରଜାମାନେ ଆପଣା୨ ଶାସନକର୍ତ୍ତାଙ୍କ ବିଶୃଙ୍ଖଳ ଶାସନକୁ ଇଂରାଜଙ୍କ ଶାସନଠାରୁ ଅଧିକ ସୁଖ ପାନ୍ତି । ରାଜାଙ୍କ ମଧ୍ୟରେ ଅନେକ ଲୋକ ବୁଦ୍ଧିମାନ୍ ଓ ବିଚକ୍ଷଣ ଅଛନ୍ତି ଓ କାଶ୍ମୀର ତ୍ରିବାଙ୍କୁର ପ୍ରଭୃତି ରାଜ୍ୟର ଶାସନପ୍ରଣାଳୀ ଉତ୍କୃଷ୍ଟ ଅଟଇ ଓ ପ୍ରଜାଙ୍କ ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧି ଓ ବିଦ୍ୟାଶିକ୍ଷା ପ୍ରତି ଯଥେଷ୍ଟ ଉଦ୍ୟମ ହେଉଅଛି ।

ଏଦେଶୀୟ ପ୍ରଜାଙ୍କ ବିଦ୍ୟାଶିକ୍ଷା ବିଷୟରେ ଅଧ୍ୟାପକ ମହାଶୟ ଯାହା କହିଅଛନ୍ତି ତାହା ଅମ୍ଭମାନଙ୍କ ମନକୁ ବଡ ଯୋଗଅଛି ଓ ବାସ୍ତବରେ ତାହାଙ୍କର ଅଭିମତକୁ ଦୃଷ୍ଟି କରି ଏଦେଶୀୟ ଶିକ୍ଷିତବ୍ୟକ୍ତିଙ୍କୁ ଶୁଣିବାର ଉଚିତ ସର୍ବସାଧାରଣଙ୍କ ଜାଣିବା ସକାଶେ ଅମ୍ଭେମାନେ ତଳଲିଖିତ ଅଂଶଟି ଉଦ୍ଧୃତ କଲୁଁ ଯଥା; —

“ଲୋକେ କହନ୍ତି ଏତଦ୍ଦେଶୀୟମାନଙ୍କୁ ବର୍ତ୍ତମାନ ପ୍ରଣାଳୀରେ ବିଦ୍ୟାଶିକ୍ଷା ହେଉଥିଲେ ଅମ୍ଭମାନଙ୍କୁ ଅଚିରେ ଭାରତବର୍ଷ ହରାଇବାକୁ ହେବ । କିନ୍ତୁ ପ୍ରଜାମାନଙ୍କୁ ବିଦ୍ୟାଶିକ୍ଷା ଦେବା ଯେ ଅମ୍ଭମାନଙ୍କର କର୍ତ୍ତବ୍ୟକର୍ମ ସେବିଷୟରେ ଦ୍ୱିଧାମତ ହୋଇ ନ ପାରେ । ତେବେ ଅମ୍ଭମାନଙ୍କର ବିଦ୍ୟାଶିକ୍ଷା ଦେବାର ପ୍ରଣାଳୀ ସମ୍ୟକ୍ ଉତ୍ତମ କି ନା, ସେବିଷୟରେ ସନ୍ଦେହ ହୋଇ ପାରେ । ଅମ୍ଭେ କହିପାରୁଁ, ଏ ଦେଶରେ ବିଦ୍ୟା ପ୍ରଚାର ଯଥେଷ୍ଟରୂପେ ହେଉଅଛି । ନାନାପ୍ରକାର ବିଦ୍ୟାଳୟ ହୋଇଅଛି । ଅନେକ ଛାତ୍ର ପ୍ରତିବର୍ଷ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଦେଉଅଛନ୍ତି । ଏକ ବୋମ୍ବାଇ ନଗରରେ ରାଜକୁମାରଙ୍କ ଗମନଉପଲକ୍ଷେ ବିଦ୍ୟାଳୟର ଦଶହଜାର ଛାତ୍ର ଏକତ୍ରିତ ହୋଇଥିଲେ । ସେଠାର ସାତେ ବାରଶତ ଛାତ୍ର ଏଥର ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଦଅନ୍ତି, କଲିକତାରେ ମଧ୍ୟ ତତୋଧିକ ଛାତ୍ର ପରୀକ୍ଷା ଦେଇଥିଲେ, ଏବଂ ଇଂଲଣ୍ଡଠାରୁ ଏଠାର ପାଠ୍ୟ ବିଷୟ ମଧ୍ୟ କଠିନ ବୋଧ ହୋଇଥିଲା । କିନ୍ତୁ ହେଲେ କି ହେବ, ଛାତ୍ରମାନେ ଅନେକ ବିଷୟ ଜାଣୁଅଛନ୍ତି ସତ୍ୟ ତଥାପି ପ୍ରକୃତ ‘ଭାରବତ’ ପାଉ ନାହାନ୍ତି । ଯେ ବିଦ୍ୟାଶିକ୍ଷା ଚରିତ୍ର ଗଠନର ପ୍ରଧାନ ଉପାୟୀଭୂତ, ତାହା ଏମାନଙ୍କ ମଧ୍ୟରେ ହେଉ ନାହିଁ । ଏରୂପ ବିଦ୍ୟାଶିକ୍ଷାରେ ଅନିଷ୍ଟ ହେଉଅଛି । ଏଥିରେ ଛାତ୍ରମାନଙ୍କର ଅହଂକାର ବୃଦ୍ଧି ହେଉଅଛି; ସ୍ୱଧର୍ମ ବିଶ୍ୱାସ ଘୁଞ୍ଚୁଅଛି; ପିତାମାତାଙ୍କଠାରୁ ଭକ୍ତି ଊଣା ହେଉଅଛି ଏବଂ ଜ୍ଞାନୋପାର୍ଜନ କେବଳ ଚାକରିର ଦ୍ୱାର ବିବେଚନା ହେଉଅଛି । କର୍ଣ୍ଣେଲରେ ସେଦିନ ୪ ୧୯୮ ଙ୍କା ବେତନର ଗୋଟିଏ ମିଉନିସିପାଲ ଚାକିରି ପାଇଁ ୫୦୦ କୃତବିଦ୍ୟ ଲୋକ ଉମେଦୱାର ହୋଇଥିଲେ । ଯେଉଁମାନେ କୃତକାର୍ଯ୍ୟ ନ ହେଲେ ସେମାନେ ପୁନଶ୍ଚ ଚାକିରିର ସୁବିଧା ଅପେକ୍ଷାରେ ରହିଲେ, ମନରେ ଅସନ୍ତୋଷ ରହିଗଲା, ଗବର୍ଣ୍ଣମେଣ୍ଟଙ୍କର ଶତ୍ରୁ ହେଲେ । ଏବଂ ଯେଉଁ ବିଦ୍ୟାଶିକ୍ଷା ଗବର୍ଣ୍ଣମେଣ୍ଟଙ୍କ ନିକଟରୁ ପାଇଥିଲେ, ତାହା ଗବର୍ଣ୍ଣମେଣ୍ଟଙ୍କଠାରୁ ଗାଳିଖାଇବାର ଅସ୍ତ୍ର ହେଲା । ସେମାନେ ସମ୍ବାଦପତ୍ରରେ ଗବର୍ଣ୍ଣମେଣ୍ଟଙ୍କର ଗ୍ଲାନିକର ପ୍ରବନ୍ଧ ସବୁ ଲେଖିବାକୁ ଲାଗିଲେ । ଏତିକି ଭାବିଲେ ନାହିଁ ଯେ, ଗବର୍ଣ୍ଣମେଣ୍ଟ ସମସ୍ତଙ୍କୁ କିପରି କର୍ମ ଦେବେ ।

ସ୍ତ୍ରୀଶିକ୍ଷା ବିଷୟରେ ମଧ୍ୟ ମନିୟର ସାହେବ ପଶ୍ଚାଲ୍ଲିଖିତ ଅଭିପ୍ରାୟ ବ୍ୟକ୍ତ କରୁଅଛନ୍ତି । ସେ କହୁଅଛନ୍ତି “ଅଗ୍ରେ ପୁରୁଷମାନଙ୍କୁ ସୁଶିକ୍ଷିତ ନ କରି ସ୍ତ୍ରୀମାନଙ୍କୁ ଲେଖାପଢା ଶିଖାଇବାକୁ ଚେଷ୍ଟା କରିବା ବୃଥା ଅଟଇ । ପୁରୁଷମାନଙ୍କୁ ଅଗ୍ରେ ପ୍ରକୃତ ଲେଖାପଢା ଶିଖାଅ ସେମାନଙ୍କୁ ବିବିଧ ବିଷୟର ସମାଚାରମାନ ଦେଇ ବିଦ୍ୟାଶିକ୍ଷାର ସମାଧା ନ କର । ଯହିଁରେ ସେମାନଙ୍କ ଚରିତ୍ର ସମ୍ପୂର୍ଣ୍ଣ ଓ ସୁନ୍ଦର ଗଠନ ପ୍ରାପ୍ତ ହୁଏ ମନ ଉନ୍ନତ ହୁଏ । ପୁରୁଷମାନଙ୍କ ପକ୍ଷରେ ଏରୂପ ଶିକ୍ଷା ଦାନ ଏତେବେଳେ ଆବଶ୍ୟକ ହୋଇଅଛି । ଅମ୍ଭେ ଖ୍ରୀଷ୍ଟାନଧର୍ମ୍ମ ଶିକ୍ଷା ଦେବାକୁ କହୁ ନାହୁଁ କିନ୍ତୁ ଯହିଁରେ ଏମାନେ ଖ୍ରୀଷ୍ଟାନମାନଙ୍କର ଉନ୍ନତଭାବ ଏବଂ ଖ୍ରୀଷ୍ଟାନମାନଙ୍କର ଚରିତ୍ରଶକ୍ତି ପ୍ରାପ୍ତ ହୁଅନ୍ତି ଏରୂପ ଶିକ୍ଷାର ପ୍ରୟୋଜନତା ଅନୁଭବ କରୁଁ । ଇଂରାଜ ଗବର୍ଣ୍ଣମେଣ୍ଟ ଏ ଦେଶର ପୁରୁଷମାନଙ୍କୁ ଏରୂପ ଶିକ୍ଷା ଦେଇ ଛାଡିଦେଲେ ଏମାନେ ଆପଣା୨ ସ୍ତ୍ରୀଲୋକମାନଙ୍କୁ ଆପଣାର ସମକକ୍ଷ କରି ନେବେ । ସ୍ତ୍ରୀଲୋକ ମାନଙ୍କର ବିଦ୍ୟାଶିକ୍ଷା ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ହସ୍ତାର୍ପଣ କରିବାର ପ୍ରୟୋଜନ ହେବ ନାହିଁ” ।

ଇଉରୋପୀୟ ଓ ଏତଦ୍ଦେଶୀୟ ଉଭୟଜାତିଙ୍କ ମଧ୍ୟରେ ଅନ୍ତର୍ବିଚ୍ଛେଦ ରହିଥିବାର ଦେଖି ଅଧ୍ୟାପକ ମହାଶୟ କହୁଅଛନ୍ତି ଯେ ଇଂରାଜମାନଙ୍କ ସହିତ ଏଦେଶୀୟମାନେ ଆହାର ବ୍ୟବହାର କରିବାକୁ ଧର୍ମହାନି ଜ୍ଞାନ କରନ୍ତି ଓ ଇଂରାଜମାନେ ଏଦେଶୀୟଙ୍କ ସହିତ ଆହାର ବ୍ୟବହାର କରିବାକୁ ସମାଜ ଓ ପ୍ରଭୁତା ଗର୍ବର

Digitized by srujanika@gmail.com

Split by PDF Splitter



ହାନି ଜ୍ଞାନ କରନ୍ତି ହିନ୍ଦୁମାନେ ଧର୍ମନଷ୍ଟ ଭୟରେ ଇଉରୋପୀୟଙ୍କ ସହିତ ଆହାରାଦି କରନ୍ତି ନାହିଁ ଏଥିରେ ତାହାଙ୍କର ଦୋଷ ନାହିଁ କିନ୍ତୁ ଇଉରୋପୀୟମାନେ ପ୍ରଭୁଗର୍ବରେ ଗର୍ବିତ ହୋଇ ସଚରାଚର ଦେଶୀୟ ଲୋକଙ୍କ ପ୍ରତି ଅଯଥା ବ୍ୟବହାର କରନ୍ତି । ଏହିରୂପେ ଅପ୍ରଣୟ ବଢୁଅଛି ଓ ଏରୂପ ଅପ୍ରଣୟର ଅନ୍ତର କେତେଗୁଡିଏ କାରଣ ଅଛି ତାହା ଏହି ଯେ "ଉଭୟ ଜାତିଙ୍କର ବାଲ୍ୟ ଶିକ୍ଷା, ବାଲ୍ୟଅଭ୍ୟାସ, ବାଲ୍ୟ ସଙ୍ଗ ସ୍ୱତନ୍ତ୍ର, ରୁଚି ସ୍ୱତନ୍ତ୍ର, ବ୍ୟବହାରାଦି ସ୍ୱତନ୍ତ୍ର । ହିନ୍ଦୁଗଣ ଆହାରାନୁରୋଧରେ ଜୀବହତ୍ୟା କରିବା ପାପ ଜ୍ଞାନ କରନ୍ତି; ଇଉରୋପୀୟମାନେ ତାହା କରନ୍ତି ନାହିଁ କିନ୍ତୁ କ୍ରୀଡ଼ା କୌତୁକାନୁରୋଧରେ ଜୀବହତ୍ୟା ପାପ ଜ୍ଞାନ କରନ୍ତି । ଅମ୍ଭେମାନେ ସ୍ତ୍ରୀମାନଙ୍କୁ ସମସ୍ତଙ୍କ ସଙ୍ଗରେ ମିଶିବାକୁ ଦେଉଁ; କିନ୍ତୁ ଏତଦ୍ଦେଶୀୟମାନେ ନିତାନ୍ତ ଆତ୍ମୀୟ ଭିନ୍ନ ଅନ୍ତଃପୁରକୁ କାହାରିକି ଯିବାକୁ ଦିଅନ୍ତି ନାହିଁ । ବରଂ ଏତଦ୍ଦେଶୀୟମାନେ ସାହେବ ହୋଇ ପାରନ୍ତି କିନ୍ତୁ ଇଉରୋପୀୟମାନେ 'ଏତଦ୍ଦେଶୀୟ' କେବେହେଁ ହୋଇ ପାରନ୍ତି ନାହିଁ । ଏହି ସମସ୍ତ କାରଣରୁ ଉଭୟ ଜାତିର ପରସ୍ପର ମିଳନ ପ୍ରତ୍ୟାଶା ସୁଦୂରପରାହତ । ମିଳନ ନ ହେଉ କିନ୍ତୁ ପରସ୍ପର ଯେ ଅନ୍ୟ ବିରୋଧ ଉତ୍ପନ୍ନ କରନ୍ତି ଏହା ଅତି ଦୁଃଖର ବିଷୟ ଅଟଇ" ।

## ସାପ୍ତାହିକ ସଂବାଦ ।

କାଠଯୋଡି ପଥରବନ୍ଧରେ ଯେଉଁ ମରାମତି କର୍ମ ଲାଗିଅଛି ତହିଁରେ ଗତସପ୍ତାହରେ ଗୋଟିଏ ପିଲା ମରିଗଲା । ସେ ପିଲା ବନ୍ଧତଳେ ଥିବା ସମୟରେ ଜଣେ କୁଲି ଉପରୁ ପଥର ପକାଇ ଦେବାରୁ ତହିଁରେ ପିଲାର ମୁଣ୍ଡ ଫାଟିଯାଇ ଉକ୍ତ ଶୋଚନୀୟ ଘଟଣା ହେଲା । କୁଲି ଉପରେ ଅସାବଧାନତାଦୋଷ ପ୍ରମାଣ ହେବାରୁ ତାହାକୁ ମା * ସ କାରାବାସ ଦଣ୍ଡ ହୋଇଅଛି ।

ବାବୁ ଅନ୍ନଦାପ୍ରସାଦ ଘୋଷ ଯାଜପୁରକୁ ଯିବାର ଓ ଗନସାହେବ ସଦର କଟକକୁ ଆସିବାର ସ୍ଥିର ହୋଇଅଛି ମାତ୍ର ବାବୁଙ୍କର ଦେହ ସ୍ୱାସ୍ଥ୍ୟ ଭଲମାସରୁ ଫାଟିଲି ଅଛି ବୋଲି ଶୁଣାଯାଏ ଯେ କଲେକ୍ଟରସାହେବ ତାହାଙ୍କ ଏଠାରେ ରଖି ଡେପୁଟୀକଲେକ୍ଟର ଓ୍ୱାର୍ଡ ଯୋନସ୍‌କୁ ସେଠାକୁ ପଠାଇବେ । ଏପରି ହେଲେ ବାବୁଙ୍କପାଇଁ ବଡ଼ ଉତ୍ତମ ହେବ ।

ଯାଜପୁରର ଅମଲାଙ୍କ ନାମରେ ସ୍ୱନାମୀ ଓ ବେନାମୀ ଦରଖାସ୍ତମାନ କଲେକ୍ଟରସାହେବଙ୍କ ନିକଟକୁ ଆସିଥିବାରୁ ସାହେବ ଜଣେ ଅମଲାକୁ ସସପେଣ୍ଡ କରି ଦରଖାସ୍ତମାନ ଅନୁସନ୍ଧାନ କାରଣ ପୁଲିସ ନିକଟକୁ ପଠାଇ ଅଛନ୍ତି । ଏପରି ଅବସ୍ଥାରେ ସେଠାକୁ ଜଣେ ଜବରଦସ୍ତ ହାକିମ ପଠାଇବାର ଉଚିତ ।

ଉତ୍କଳଦର୍ପଣ ଶୁଣି ଅଛନ୍ତି କି ବାଲେଶ୍ୱରର କଲେକ୍ଟର ଭଦ୍ରଗର ଜଏଣ୍ଟମାଜିଷ୍ଟ୍ରେଟ ଏବଂ ଓଡିଶାର କମିଶନର ଏ ତିନି କର୍ମଚାରୀ ଛୁଟି ପାଇଁ ପ୍ରାର୍ଥୀ ହୋଇଥିଲେ ମାତ୍ର ଗବର୍ଣ୍ଣମେଣ୍ଟ କାହାର ପ୍ରାର୍ଥନା ଗ୍ରାହ୍ୟ କଲେ ନାହିଁ । ଏକାବେଳକେ ତିନିଜଣ ଓଡ୍ୟାହାକିମ ଗବର୍ଣ୍ଣମେଣ୍ଟ କେଉଁଠାରୁ ପାଇବେ ଯେ ଏମାନଙ୍କୁ ଛୁଟି ଦେବେ ।

ବାହକାରୁ ଅବଗତ ହେଲୁଁ ଯେ କଲିକତାରୁ ମେଦନୀପୁରକୁ ଆସୁଥିବା ଗୋଟିଏ ଜାହାଜ ଗଙ୍ଗାନଦୀରେ ତୋଫାନରେ ମଗ୍ନ ପଡ଼ିଅଛି । ଏଥିରେ ବାଲେଶ୍ୱର ମହାଜନଙ୍କର ଅନେକ ଟଙ୍କାର ମାଲ ଥିଲା ଓ ବାଲେଶ୍ୱର ଉତ୍କଳପ୍ରେସର କାଗଜ ଇତ୍ୟାଦି କେତେ ଦ୍ରବ୍ୟ ଥିଲା । ଏ ସବୁ ନଷ୍ଟ ହୋଇଅଛି ।

ମାର୍ଶାଘାଇର ଡାକ୍ତରଙ୍କ କହିବାରୁ ଜଣାଗଲା ଯେ ସେ ଗତ ଗୁରୁବାର ବକହିକଟାର ମସଜିଦରେ ବିଶ୍ରାମ କରିଥିଲେ ତାହାଙ୍କ ରୁମାଲରେ ବନ୍ଧାଥିବା ଟଙ୍କା ଓ ମୁଦ ଓଗେର କିଏ ଚୋରି ନେଲା । ପୁଲିସରେ ତହିଁର ସଂବାଦ ଦେଇ ଅଛନ୍ତି । ମସଜିଦରେ ଚୋରି ବଡ଼ ସୁନ୍ଦର କଥା କର୍ତ୍ତୃପକ୍ଷଙ୍କର ଏ ବିଷୟରେ ଦୃଷ୍ଟି ରଖିବା ଉଚିତ ।

ଅନେକାଳ ଚତୁର୍ଦ୍ଦିଗରୁ ଓଲାଉଠା ରୋଗର ଉତ୍ପାତ ଶୁଣାଯାଏ । ମହାଶୂରରେ ଗୋଟିଏ ଗ୍ରାମ ଏହି ରୋଗରେ ସଫା ହୋଇ ଯାଇଅଛି ଜଣେ ଲୋକ ସୁଦ୍ଧା ରକ୍ଷା ପାଇ ନାହିଁ ।

ଡେଇଲିନ୍ୟୁସ ଶୁଣିଅଛନ୍ତି ଯେ ମହାମାନ୍ୟ ସୁବସ୍ଥିତ କାଶ୍ମୀର ମହାରାଜଙ୍କ ନିକଟକୁ ଗୋଟିଏ ବହୁମୂଲ୍ୟର ଘୋଡା ପଠାଇଅଛନ୍ତି ।

କାଶ୍ମୀରର ସମ୍ବାଦପତ୍ରରେ ଲେଖାଅଛି ଯେ ବଦର ଗ୍ରାମରେ ପାଞ୍ଚଜଣ ଜମିଦାରଙ୍କ ଉପରେ ବଜ୍ର ପଡ଼ିଥିଲା । ଜଣେ ତତ୍କ୍ଷଣାତ୍ ମରିଗଲା ଅନ୍ୟ ଚାରିଜଣ ଚିକିତ୍ସାଧୀନରେ ଥିଲେ ବୋଧ ହୁଅଇ ସେ ଦେଶରେ କୃଷକମାନଙ୍କୁ ଜମିଦାର ବୋଲନ୍ତି ।

ମାନ୍ଦ୍ରାଜପ୍ରଦେଶ ବେଲାରୀ ଜିଲାର କଲେକ୍ଟର ସିଦ୍ଧାନ୍ତ କରିଅଛନ୍ତି ଯେ ସରକାରୀ ନିଲାମ ବାବଦ୍ ଭୂମିସମ୍ପତ୍ତିର ବଏନାମା ଅର୍ଥାତ୍ ନିଲାମ ସାର୍ଟିଫିକେଟ ଏକପ୍ରକାର ଦଲିଲ ଅଟଇ ଏବଂ ଯେଉଁ ସ୍ଥଳରେ ତାହାର ମୂଲ୍ୟ ୫୦୦ଙ୍କା ବା ଅଧିକ ହେବ ସେ ସ୍ଥଳରେ ତାହା ରେଜେଷ୍ଟରୀ ହେବାର ଯୋଗ୍ୟ ଅଟଇ । ଯେବେ ଏପରି ଅର୍ଥ ହେବ ତେବେ ଗବର୍ଣ୍ଣମେଣ୍ଟ ଓ ଅପର ଲୋକ ମଧ୍ୟରେ କିଛି ପ୍ରଭେଦ ରହିବ ନାହିଁ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ଚା-କ୍ଷେତର ପ୍ରଣାଳୀମାନ ଶିକ୍ଷା କରିବା ସକାଶେ ଜାପାନରୁ ତିନିଜଣ ଲୋକ ଦାର୍ଜିଲିଂକୁ ଆସିଅଛନ୍ତି ଜାପାନବାସିଙ୍କର ଅଧ୍ୟବସାୟ ଓ ଉନ୍ନତିର ଚେଷ୍ଟାକୁ ଧନ୍ୟ ବୋଲିବାକୁ ହେବ ।

ନବାବ ଅବଦୁଲଗନୀ ସି, ଏସ୍ ଆଇ ଅନେକ ସାଧାରଣ ହିତକର କାର୍ଯ୍ୟ କରିଥିବାରୁ ତାହାଙ୍କୁ ସର୍ବସାଧାରଣଙ୍କ ପକ୍ଷରୁ ଗୋଟିଏ ଅଭିନନ୍ଦନପତ୍ର ଦେବାର ପ୍ରସ୍ତାବ ହେଉଅଛି । ଏ ପ୍ରସ୍ତାବଟି ଉତ୍ତମ ଅଟଇ ।

କଚ୍ଛ ଦେଶର କେତେକ ଅଂଶରେ ଗତ ମାସର ତା ୨ ରିଖରେ ଅଳ୍ପ ବଳର ଭୂମିକମ୍ପ ଅନୁଭୂତ ହୋଇଥିଲା ଓ ଏଥି ସଙ୍ଗେ ସାମାନ୍ୟରୂପ ଗର୍ଜନ ମଧ୍ୟ ଶୁଣା ଯାଇଥିଲା ।

କାବୁଲର ଅମିର ଆଉ ଗୋଟିଏ ଉପାଧି ଅର୍ଥାତ୍ ପାଦସାପଦ ଧାରଣ କରିଅଛନ୍ତି । ଲୋକେ କହୁଅଛନ୍ତି କି ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ପଦ ଧାରଣ କରିବାରୁ ଅମିର ଏରୂପ କରିଅଛନ୍ତି ।

ହିନ୍ଦୁ ପେଟ୍ରିଅଟ ଶୁଣିଅଛନ୍ତି କି ଦକ୍ଷିଣ-ଭାରତବର୍ଷରେ ଓଲାଉଠା ରୋଗ ଅତିଶୟ ପ୍ରବଳ ହୋଇଅଛି । ଉସୁର ଜିଲାରେ ଏକ ସପ୍ତାହରେ ୭୬୦ ଜଣ ମରିଥିଲେ ଏବଂ କୃଷ୍ଣାଗିରି ଜିଲାରେ ମଧ୍ୟ ଏହିରୂପ ଘଟିଅଛି ।

### ମୂଲ୍ୟପ୍ରାପ୍ତି ।

ଶ୍ରୀ ମାଦଳବିହାରୀ ଉପାଧ୍ୟାୟ ଅଗ୍ରିମ [illegible]
ମୁନସି ଅବଦୁଲରେହାନ କଟକ କନ୍ଦାପ୍ରା [illegible]
ବାବୁ କାଳିକୁମାର ଗାଙ୍ଗୁଲି „ „ [illegible]
„ ଦିବାକରଦାସ „ „ [illegible]

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ଶ
ସ୨୬ଖ୍ୟା

ତା୧୬ରିଖ ଜୁନ ସନ୧୮୭୭ମସିହା । ମୁ । ଅଷାଢ଼ ୨୭ନ ସନ୧୨୮୪ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୭୯
ମଫସଲପାଇଁ ଡାକମାସୁଲ ଟ୧୫୯

ଚଟ୍ଟଗ୍ରାମର ମାଜିଷ୍ଟ୍ରେଟ କର୍କୁଡସାହେବ ସେଠାର ଜଣେ ସମ୍ଭ୍ରାନ୍ତ ଜମିଦାର ବାବୁଲାଲ ଚନ୍ଦଙ୍କୁ ଯେ ପ୍ରକାର ଅପମାନ କରି ଯେତେ ଫଉଜଦାରୀ ମକଦ୍ଦମା ତାହାଙ୍କ ଉପରେ କରିଥିଲେ ସେଠା ଜଜସାହେବଙ୍କ ସୁବିଚାରରୁ ସେ ସବୁ ଏକପ୍ରକାର ନିଷ୍ପତ୍ତି ହୋଇଗଲା । ଚଟ୍ଟଗ୍ରାମର ଜଣେ ପତ୍ରପ୍ରେରକ ହିନ୍ଦୁପେଟ୍ରିଅଟକୁ ଲେଖିଅଛନ୍ତି କି କର୍କୁଡସାହେବ ଏଥିରେ ବିଲକ୍ଷଣ ଶିକ୍ଷା ପାଇ ଅଛନ୍ତି ଓ ଏହି ମକଦମା ସମ୍ପର୍କରେ ଦୁଇଜଣ ସାହେବଙ୍କ ପ୍ରତି ଅନ୍ୟାୟ ବ୍ୟବହାର କରିଥିବାରୁ ତାହାଙ୍କଠାରେ କ୍ଷମା ପ୍ରାର୍ଥନା କରି ଅଛନ୍ତି । ଲାଲଚନ୍ଦବାବୁ ତାହାଙ୍କ ହସ୍ତରୁ ମୁକ୍ତ ପାଇଲେ ସତ୍ୟ କିନ୍ତୁ ଏହାଙ୍କର ଭିତରେ ୪ ୨୦୦୦ ଟଙ୍କା ଖର୍ଚ୍ଚ ହେଲା ଏଟଙ୍କା ଏବଂ ତାହାଙ୍କ ବ୍ୟବସାୟ ବନ୍ଦ ହେବା ଓ ମାନସିକ ଚିନ୍ତା ହେତୁରୁ ଯେ କ୍ଷତି ହୋଇ ଅଛି ଇହାର ଖେସାରତ କର୍କୁଡ଼ସାହେବଙ୍କଠାରୁ ଆଦାୟ ହୋଇ ପାରେ କି ନା ଏଥିର ଉପାୟ ନେତକା ସକାଶେ ବାବୁ ମନମୋହନଘୋଷ ବାରିଷ୍ଟରଙ୍କ ସହିତ କଲିକତାକୁ ଯାଇ ଅଛନ୍ତି । ତାହାଙ୍କର ମାନସ ଅଛି ଯେ କଲିକତାରେ ପହୁଞ୍ଚି ଅପଣା ମକଦ୍ଦମା ସମ୍ପର୍କୀୟ ସମସ୍ତ କାଗଜପତ୍ର ଏକଖଣ୍ଡ ପୁସ୍ତିକାକାରରେ ଛପା କରାଇ ମାନ୍ୟବର ଲେଫଟେନେଣ୍ଟ ଗବର୍ଣ୍ଣରଙ୍କ ଦୃଷ୍ଟିର କାରଣ ଅର୍ପଣ କରିବେ । ବାସ୍ତବରେ କର୍କୁଡସାହେବ ଜିଲ୍ଲାର ପ୍ରଧାନ ହାକିମ ହୋଇ ଯେରୂପ ଅତ୍ୟାଚାର କରି ଅଛନ୍ତି ତାହାଙ୍କୁ ବିଶେଷରୂପ ଶିକ୍ଷା ଦେବା ନିତାନ୍ତ ଉଚିତ ଅଟଇ ।

———

ଇଣ୍ଡିୟାନ ମିରରରୁ ଜଣାଗଲା ଯେ କଲିକତାର ବିଖ୍ୟାତ ବ୍ରାହ୍ମ ବାବୁ କେଶବଚନ୍ଦ୍ର ସେନ ଶ୍ରୀରାମପୁର ନିକଟରେ ଏକ ଛୋଟା ଅଲ୍ପଦିନ ହେଲା କ୍ରୟ କରି ତାହାର ନାମ ସାଧନକାନନ ଦେଇ ଅଛନ୍ତି ଓ ସେଠାରେ ସେ ଓ ତାହାଙ୍କର ମତାବଲମ୍ବୀ କେତେକ ଜଣ ବ୍ରାହ୍ମ ଯୋଗିଙ୍କ ପ୍ରାୟ ଅତି ସାମାନ୍ୟ ଅବସ୍ଥାରେ ରହୁଅଛନ୍ତି । ସେମାନେ ସକାଳୁ ଉଠି ଗଛମୂଳରେ ଘାସ ଉପରେ ବା ବାଘଛାଲ କି ଆସନ ପକାଇ ବସି ଦୁଇ ଅଢ଼େଇ ଘଣ୍ଟା ଉପାସନା କରନ୍ତି । ତହିଁ ଉତାରୁ ଅନ୍ନପାକ କରି ଦୁଇ ପ୍ରହରବେଳ ପର୍ଯ୍ୟନ୍ତ ଭୋଜନ କ୍ରିୟା ଶେଷ କରନ୍ତି । ଅଧଘଣ୍ଟା ବିଶ୍ରାମ କରି ପରମେଶ୍ୱରଙ୍କ ଗର୍ଫ ସେନ ଏକ ଘଣ୍ଟା କଥାବାର୍ତ୍ତା କରନ୍ତି । ତହିଁ ଉତାରୁ କେହି ଲେଖାପଢ଼ା ବା କେହି ଅନ୍ୟ କର୍ମ କରନ୍ତି । ଅପରାହ୍ନ କାଳରେ ସେମାନଙ୍କ ମଧ୍ୟରୁ କେହି ଗଛରେ ପାଣି ଦିଏ, କେହି ବାଉଁଶ କାଟେ, କେହି ଗଛ ଲଗାଏ ବା ବାଟ ନିର୍ମାଣ କରେ, କେହି ଅପଣା କୁଟୀର ନିର୍ମାଣ କରନ୍ତି ବା କୌଣସି ସ୍ଥାନ ପରିଷ୍କାର କରନ୍ତି । ସନ୍ଧ୍ୟା ସମୟରେ ଅଧଘଣ୍ଟା ବିଶ୍ରାମ କରି ଏକାକୀ ପରମେଶ୍ୱରଙ୍କ ଧ୍ୟାନରେ ନିଯୁକ୍ତ ହୁଅନ୍ତି । ବୃଦ୍ଧ ଆଠଘଣ୍ଟା ବେଳକୁ ସଂକୀର୍ତ୍ତନ ଘେନି ସଙ୍ଗୀ ହୋଇ ବାହାରନ୍ତି ଓ ନିକଟସ୍ଥ ଗ୍ରାମ ସମସ୍ତରେ ଭ୍ରମଣ କରନ୍ତି । କେବେ କାହାର ଘରେ ବସି ତାହାର ଉପକାର ନିମିତ୍ତ ସେଠାରେ ଗାନ କରନ୍ତି । କେତେକାଳ ଏରୂପ ଜୀବନ ବର୍ତ୍ତମାନ ବୋଲାଯାଇ ନ ପାରେ ଓ ସମ୍ପ୍ରତି ଏମାନେ ଆହାରୀୟ ଦ୍ରବ୍ୟ ଅଯୋଜନ ନିମିତ୍ତ ଭିକ୍ଷା କରନ୍ତି ବା ଅନ୍ୟ କିଛି ଉପାୟ ଅବଲମ୍ବନ କରିଅଛନ୍ତି ଆମ୍ଭେମାନେ ଜ୍ଞାତ ହୋଇ ନାହୁଁ । ଯେବେ ଭିକ୍ଷା କରୁ ନ ଥିବେ ତେବେ ଖାଇବା ଦ୍ରବ୍ୟ ଘରଠାରୁ ଘେନି ଯାଇ କେତେକାଳ ଯୋଗୀ ହେବେ ଓ ଆଗପରି ବଣ ନାହିଁ ଯେ ବାରମାସ ପ୍ରୟୋଜନ ମତେ ଖାଦ୍ୟୋପଯୋଗୀ ଫଳମୂଳ ମିଳିବ ।

———

ତୁରସ୍କର ନୂତନ ସୁଲତାନଙ୍କର ଅଜ୍ଞା ବାହାରି ଅଛି । ଏଥିରେ ସିବିଲ କର୍ମଚାରୀଙ୍କ ତାଲିକା ଜଣା ହୋଇଅଛି ଓ ସୁଲତାନଙ୍କର ନିଜ ସମ୍ପତ୍ତିରୁ ସାଧାରଣ ଧନକୁ ପୃଥକ୍ କରି ଦେବାର ପ୍ରତିଜ୍ଞା ହୋଇଅଛି । ଏପରି ଆୟ ବ୍ୟୟର ଅବସ୍ଥା ଉନ୍ନତ କରିବା, ଶିକ୍ଷା ପ୍ରଚାର କରିବା ଏବଂ ସୁଲତାନଙ୍କର ପରାମର୍ଶଦାତା ଓ ବିଚାର ସମ୍ପର୍କୀୟ ମନ୍ତ୍ରୀମାନଙ୍କ ବିଷୟରେ ନୂତନ ବନ୍ଦୋବସ୍ତ କରିବାର ପ୍ରତିଜ୍ଞା ହୋଇଅଛି । ଏହି ଅଜ୍ଞାପତ୍ରିକାରେ ମନ୍ତ୍ରୀମାନଙ୍କୁ ଆଦେଶ ହୋଇଅଛି ଯେ ବାଦସାହୀ ମଧ୍ୟରେ ଥିବା

Digitized by srujanika@gmail.com

ସମସ୍ତ ପ୍ରଜାଙ୍କର ହିତସାଧକ ଓ ସମସ୍ତଙ୍କୁ ସମାନରୂପ ସ୍ୱାଧୀନତା ଦେବା କାରଣ ଗୋଟିଏ ଶାସନ ପ୍ରଣାଳୀ ଗଠିତ ହେବ ଏବଂ ଅପରାପର ପ୍ରବଳ ରାଜାଙ୍କ ସଙ୍ଗେ ଦୃଢ଼ତର ବନ୍ଧୁତ୍ୱ ସ୍ଥାପନ କରିବାର ଇଚ୍ଛା ପ୍ରକାଶ ହୋଇଅଛି । ଏହି ଅଜ୍ଞାପତ୍ର ଦ୍ୱାରେ ଲେଖାଅଛି ଯେ ଈଶ୍ୱରଙ୍କ ଅନୁଗ୍ରହ ଏବଂ ପ୍ରଜାଙ୍କ ଇଚ୍ଛାନୁସାରେ ମୁରାଦ ଅଫେନ୍ଦୀ ତୁରସ୍କର ସିଂହାସନରେ ଅରୋହଣ କଲେ ।

ଉପରଲିଖିତ ଅଜ୍ଞାପତ୍ର ଦ୍ୱାରେ ଲେଖାଥିବା କାର୍ଯ୍ୟମାନ ଯେବେ ପ୍ରକୃତରୂପେ ପ୍ରତିପାଳିତ ହୁଅଇ ତେବେ ତୁରସ୍କର ଶାସନ ପ୍ରଣାଳୀ ଉତ୍କୃଷ୍ଟ ହେବ ସନ୍ଦେହ ନାହିଁ । ପ୍ରଜାମାନେ ପୂର୍ବାପର କୌଣସିଠାରେ ଅଜ୍ଞ ନାହାନ୍ତି ଯେ ନୀରବ ରହି ଅତ୍ୟାଚାର ସହୁଥିବେ । ଫଳତଃ ଉଲ୍ଲିଖିତ ଘୋଷଣା ବା ଅଜ୍ଞାପତ୍ର ଦ୍ୱାରେ ସ୍ପଷ୍ଟରୂପେ ଲେଖା ଅଛି ଯେ ପ୍ରଜାଙ୍କ ଇଚ୍ଛାନୁସାରେ ସୁଲତାନ ପଦାରୂଢ଼ ହେଲେ । ଏଥିରୁ ଏହିତ ପ୍ରକାଶ ଯେ ପ୍ରଜାଙ୍କର ଅକ୍ଷି ଫିଟିଲାଣି ଅଉ ସେମାନେ ପୂର୍ବ ନିୟମରେ ଚଳିବେ ନାହିଁ ତାହା ନ ହେଲେ କି ସମସ୍ତ ଶ୍ରେଣୀର ପ୍ରଜାଙ୍କୁ ସମାନରୂପ ସ୍ୱାଧୀନତା ଦେବାର ବ୍ୟବସ୍ଥା ହୁଅନ୍ତା ଓ ଯେବେ ଏହି ବ୍ୟବସ୍ଥା ନିଷ୍କପଟଭାବରେ ପ୍ରତିପାଳିତ ହୁଅଇ ତେବେ ତୁରୁସ୍କରାଜ୍ୟର ଗୋଳମାଳ ସବୁ ଅଦୃଶ୍ୟ ହୋଇଯିବ । ମୁସଲମାନଙ୍କ ରାଜ୍ୟରେ ଖ୍ରୀଷ୍ଟିୟାନମାନେ ସମ୍ପୂର୍ଣ୍ଣ ସ୍ୱାଧୀନତା ସହିତ ଅପଣା ଧର୍ମ ପ୍ରତିପାଳନ କରି ପାରିବେ ଯେ ସ୍ଥଳେ ଏତାଦୃଶ ସହିଷ୍ଣୁତା ତୁରସ୍କଦେଶବାସିମାନେ ଦର୍ଶାଇବାକୁ ପ୍ରସ୍ତୁତ ଅଛନ୍ତି ସେ ସ୍ଥଳେ ତାହାଙ୍କ ନୂତନ ଶାସନ ପ୍ରଣାଳୀରୁ ଅନେକ ଶୁଭର ଅଶା ହୋଇପାରେ ।

———

## ବିବାହର ବୟସ ଲାଘବ ।

ସୁଯୋଗ୍ୟ ମୁନ୍‌ସୀ ପ୍ୟାରିଲାଲ ବିବାହ ବୟସ ଊଣା କରିବା ପକ୍ଷରେ ଅବିଶ୍ରାନ୍ତ ଯତ୍ନ କରୁଅଛନ୍ତି । ସେ ସ୍ଥାନେ ସ୍ଥାନେ ଏ ବିଷୟରେ ସଦୁପଦେଶ ଦେଉଅଛନ୍ତି ଓ ସାଧ୍ୟାନୁସାରେ ଚେଷ୍ଟା କରୁଅଛନ୍ତି । ଇତଃପୂର୍ବରେ ତାଙ୍କ ଉଦ୍‌ଯୋଗରେ ବେହାର ପ୍ରଦେଶସ୍ଥ ଦରଭଙ୍ଗା ନଗରରେ ସେଠାର ମେଜଷ୍ଟ୍ରର ସାହେବଙ୍କଦ୍ୱାରା ଗୋଟିଏ ସାଧାରଣ ସଭା ହୋଇଥିଲା ସେଥିରେ ସହସ୍ରଲୋକ ଉପସ୍ଥିତ ହୋଇଥିଲେ ଓ ଦରଭଙ୍ଗା ମହାରାଜଙ୍କର ଭାଇ ଗୁରୁତା ସଭାପତି ଥିଲେ ।

ମୁନ୍‌ସୀ ପ୍ୟାରିଲାଲ ସଭାରେ ଅତି ଉତ୍ତମ ଓ ସୁଦୀର୍ଘ ବକ୍ତୃତା କଲେ । ବାଳକ ଓ ବାଳିକାଙ୍କର ଭବିଷ୍ୟତ ଭଲ ମନ୍ଦ ପ୍ରତି ଦୃଷ୍ଟି ନ ରଖି କେବଳ କ୍ଷଣକାଳର ନାମ ନିମନ୍ତେ ଅନେକ ଟଙ୍କା ଖର୍ଚ୍ଚ କରି ବିବାହ ଦେବାର କୁପ୍ରଥାର ମନ୍ଦଫଳ ସବୁ ପ୍ରଶଂସିତ ମୁନ୍‌ସୀ ଗୋଟି ଗୋଟି କରି ଜଣାଇ ଦେଲେ ଏବଂ ବହୁବିବାହ ଓ ବର କନ୍ୟାର ମୂଲ୍ୟ ଧାର୍ଯ୍ୟ କରିବାର ମନ୍ଦଫଳ ମଧ୍ୟ ଦେଖାଇ ଦେଲେ । ମହାରାଜକୁମାର ବାବୁ ଗୋପେଶ୍ୱର ସିଂହ ସୁଯୋଗ୍ୟ ମୁନ୍‌ସୀଙ୍କ ବକ୍ତୃତାକୁ ମନୋନୀତ କରି କହିଲେ ଯେ ତାଙ୍କର ବ୍ୟବସ୍ଥା ଶାସ୍ତ୍ର ଧର୍ମସଙ୍ଗତ ଅଟେ ଓ ତାହା ପ୍ରତିପାଳିତ ହେବା ପକ୍ଷରେ ସେ ଅବଶ୍ୟ ଯତ୍ନ କରିବେ । ତହୁଁ ମେଜଷ୍ଟ୍ରର ସାହେବ ସାଧୋଆନ କରି ହିନ୍ଦିରେ ଗୋଟିଏ ବକ୍ତୃତା କଲେ ଓ ମୁନ୍‌ସୀଙ୍କ ବ୍ୟବସ୍ଥା ମନୋନୀତ କରି ତାହା ଚଳାଇବା ପକ୍ଷରେ ସାହାଯ୍ୟ କରିବାର ଇଚ୍ଛା ବ୍ୟକ୍ତ କଲେ । ସଭାର କାର୍ଯ୍ୟ ନବାଙ୍କ ଓ ଦୁଃସ୍ଥଲୋକ ଅର୍ଥାଭାବରେ ବିବାହ କରି ନ ପାଇଲେ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଚାନ୍ଦା ସଂଗ୍ରହ ହୋଇ ସଭା ଭଙ୍ଗ ହେଲା ।

ଏ ସବୁ କେବଳ ବକ୍ତୃତା ବା ଲେଖାରେ ଶେଷ ହୋଇ ନାହିଁ । ଏଥିର ସଦ୍ୟ ଫଳ ଫଳି ଅଛି । ଦରଭଙ୍ଗାର ଜଣେ ଲୋକ ଧନବନ୍ତଲୋକ ଲକ୍ଷେ ଟଙ୍କା ବ୍ୟୟରେ ଅପଣା ପୁତ୍ରର ବିବାହ କରିବାର ପ୍ରସ୍ତାବ କରିଥିଲେ । ବର ସଙ୍ଗେ ସାତହଜାର ଲୋକ ଓ ଏକହଜାର ହାତୀ ଯିବାର ସ୍ଥିର ହୋଇଥିଲା କିନ୍ତୁ ସେ ସଭାରେ ଧାର୍ଯ୍ୟ ହୋଇଥିବା ମୁନ୍‌ସୀଙ୍କ ବ୍ୟବସ୍ଥାରୁ ଅବଗତ ହେଲା ମାତ୍ରକେ ବୃଥା ଅଡମ୍ବର ଓ ଅପବ୍ୟୟ ନ କରି ଅତି ଅଳ୍ପବ୍ୟୟରେ ବିବାହକାର୍ଯ୍ୟ ସାଙ୍ଗ କଲେ । ମେଜଷ୍ଟ୍ରର ସାହେବ ମଧ୍ୟ ବିବାହ ବୟସ ଊଣା କରିବାର ବ୍ୟବସ୍ଥା ଓ ନିୟମ ସର୍ବସାଧାରଣଙ୍କୁ ଜଣାଇଦେବା ନିମନ୍ତେ ପୁସ୍ତକ ପ୍ରତି ଅଞ୍ଚଳ ଦେଇଅଛନ୍ତି । ମୁନ୍‌ସୀ ପ୍ୟାରିଲାଲ ଏହି ମହତ୍ ବ୍ରତରେ ବ୍ରତୀ ହୋଇଅଛନ୍ତି ଏବଂ ଅସୀମ ପ୍ରଶଂସା ଓ ଧନ୍ୟବାଦର ଭାଜନ ଅଟନ୍ତି । ଏଥିପୂର୍ବେ ତାଙ୍କ ଯତ୍ନରେ ବେହାରରେ କେତେକ ବିବାହ ଅଳ୍ପ ବ୍ୟୟରେ ହୋଇଥିବାରୁ ମହାମାନ୍ୟ ଲେପ୍‌ଟନାଣ୍ଟଗବର୍ଣ୍ଣର ସାହେବ ତାଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଓଡ଼ିଶାରେ ଏପରି ସଭା ଓ ବ୍ୟବସ୍ଥା ହେବାର ଅବଶ୍ୟକ କାରଣ ଏଠାରେ ମଧ୍ୟ ବିବାହରେ ଅନେକ ଅପବ୍ୟୟ ହେଉଅଛି । କରଣମାନଙ୍କ ଘରେ ବିବାହ ଛଡ଼ା ଝିଅ ବିଷୟରେ ମଧ୍ୟ ଅନେକ ଖର୍ଚ୍ଚ ପଡ଼ୁଥିବାରୁ ମାତା ପିତାମାନେ ଝିଅଙ୍କୁ ବିବାହ ଦେଇ ଉତ୍ତାରୁ ଅଉ ଅପଣା ଘରକୁ ଅଣି ପାରନ୍ତି ନାହିଁ କିମ୍ବା ସେମାନଙ୍କର ଅଉ ଥରେ ସାକ୍ଷାତ୍ ହେବାର ବିରଳ । ଏ କୁରୀତିକୁ କି ଶୀଘ୍ର ଉଠାଇ ଦେବାର ଉଚିତ ନୁହେ ? ମୁନ୍‌ସୀ ପ୍ୟାରିଲାଲଙ୍କ ପରି କି କେହି ଜଣେ ଏ ଦେଶରେ ବାହାରିବେ ନାହିଁ ?

———

## ବହୁକୁଟୁମ୍ବ !

ଅମ୍ଭେମାନେ ଏଥିପୂର୍ବେ ଏବିଷୟରେ ଯେଂତେ କଥା କହିଅଛୁଁ ତହିଁରୁ ପାଠକମାନେ ଅନୁଭବ କରିଥିବେ ଯେ ଅମ୍ଭେମାନେ ବହୁକୁଟୁମ୍ବ ପ୍ରଥାର ସମ୍ପୂର୍ଣ୍ଣ ବିରୋଧୀ ଅଟୁଁ ଓ ଏଥିପାଇଁ ଅନେକ ଲୋକଙ୍କୁ ଅମ୍ଭମାନଙ୍କ କଥା କଟୁ ଜଣାଯାଉଥିବ ଏମନ୍ତ ମଧ୍ୟ ବିଶ୍ୱାସ ହେଉଅଛି । ବାସ୍ତବରେ ଦେଖାଯାଏ ଯେ ବହୁକୁଟୁମ୍ବ ପ୍ରଥାର ଫଳାଫଳ ପ୍ରତି ଦୃଷ୍ଟି ଥାଉ କି ନ ଥାଉ ସମସ୍ତେ ଏହି ନିୟମର ପକ୍ଷପାତି ଅଟନ୍ତି । ଏହିତି ଅମ୍ଭମାନଙ୍କର ସାମାଜିକ ନିୟମ ଓ ଏଥିର ବିରୁଦ୍ଧାଚରଣ କରିବାକୁ କାହାର ସାହସ ଦେଖା ନ ଯାଏ । ଯେତେବେଳେ କାହାର ଘରେ ଭାଇମାନେ ଭିନ୍ନ ହେବାକୁ ବସନ୍ତି ଆତ୍ମୀୟ ଓ ପ୍ରତିବାସିମାନେ କେହି ତାହା ଅନୁମୋଦନ କରନ୍ତି ନାହିଁ ଓ ସେମାନଙ୍କୁ ଏକତ୍ରରେ ରଖିବା ପାଇଁ ଯତ୍ନ କରନ୍ତି କେବଳ ନ ପାରିବା ସ୍ଥଳେ ବାଣ୍ଟ ବଟବ୍ରା କରାଇ ଦେଇ ଭିନ୍ନ କରିଦଅନ୍ତି । ଅମ୍ଭେମାନେ ବିବେଚନା କରୁଁ ଯେ ଲୋକେ କେବଳ ଅଳୀକ ସୁଖର ଆଶାରେ ଏପ୍ରକାର ଭ୍ରମରେ ପଡ଼ିଅଛନ୍ତି । ଏକଗୋଷ୍ଠିର ସମସ୍ତ ଲୋକ ପରସ୍ପରକୁ ସ୍ନେହ କରି ଏକାସଙ୍ଗରେ ରହିବେ ଏବଂ କେହି କାହାଠାରୁ ଅଧିକ ସୁଖ ଲୋଡ଼ିବେ ନାହିଁ ବରଂ ପରସ୍ପରର ସୁଖରେ ସୁଖୀ ହେଉଥିବେ ଏମାନ ସ୍ୱର୍ଗୀୟ ଭାବ । ଯେଉଁମାନେ ଏହା ସାଧନ କରନ୍ତି ସେମାନଙ୍କୁ ଦେବତା ବୋଲାଯାଇ ପାରେ ମାତ୍ର ମନୁଷ୍ୟ କଦାଚ ଦେବତା ହୋଇ ନ ପାରେ ଓ ଏକ କୁଟୁମ୍ବର ସମସ୍ତ ଲୋକଙ୍କର ସ୍ୱଭାବ ଯେ ଏକା ପ୍ରକାର ହେବ ଏମନ୍ତ କିଛି ନିୟମ ନାହିଁ । ସୁତରାଂ ବହୁକୁଟୁମ୍ବ ପ୍ରଥାରୁ ଯେ ସମସ୍ତ ସୁଖର ପ୍ରତ୍ୟାଶା ହୁଅଇ ତାହା ପ୍ରତ୍ୟକ୍ଷ ହୁଅଇ ନାହିଁ ବରଂ ତହିଁ ପରିବର୍ତ୍ତରେ ଦୁଇ ଲୋକଙ୍କ

Split by PDF Splitter



ପରିଶ୍ରମର ବିଶେଷ ସ୍ୱଭାବମାନ ଉତ୍ତେଜିତ ହୋଇ ଏକ ସମୟରେ ଏମନ୍ତ ବଳରେ ଫାଟି ବାହାର ପଡେ ଯେ ଗୋଷ୍ଠି ଖଣ୍ଡ ହୋଇଯାଏ ଓ ଅନେକପ୍ରକାର ବାଦ ବିସମ୍ବାଦ କେତେ କାଳ ପର୍ଯ୍ୟନ୍ତ ଚଳଇ । ଏପରି ଘଟନା ନିତ୍ୟ ଦେଖା ଯାଉଅଛି ଓ ସରକାରୀ କାର୍ଯ୍ୟାଳୟମାନଙ୍କରେ ତହିଁର ଭୁରି ପ୍ରମାଣ ରହିଅଛି । ଯେବେ କଠିନ ନିୟମରେ ଅନେକ ଲୋକଙ୍କୁ ଏକ ପରିବାର ମଧ୍ୟରେ ଆବଦ୍ଧ କରି ରଖିବାର ଚେଷ୍ଟା ହୋଇ ନ ଥାନ୍ତା ତେବେ ତହିଁର ଏରୂପ ପ୍ରତିଘାତ ମଧ୍ୟ ହୋଇ ନ ଥାନ୍ତା । ଫଳତଃ ଯେସ୍ଥଳେ ଶୀଘ୍ର ତେଉଁ ବା ବିଳମ୍ବରେ କେଉଁ ଏହି ପ୍ରତିଘାତ ସର୍ବତ୍ରରେ ଦେଖାଯାଉ ଅଛି ସେ ସ୍ଥଳେ ବହୁକୁଟୁମ୍ବ ପ୍ରଥାଟିକୁ କେମନ୍ତ କରି ଭଲ ବୋଲିବାକୁ ହେବ । ଅମ୍ଭମାନଙ୍କ ବିବେଚନାରେ ଏ ପ୍ରଥାଟି ସୁଖର ବିଷୟ ନ ହୋଇ ଭବିଷ୍ୟତ୍ ଦୁଃଖ ଓ ବିବାଦର ଆକର ଅଟଇ ଓ ଏହି କଥାକୁ ଲକ୍ଷ କରି ସମସ୍ତେ ଚଳିଲେ ଅନେକ ମଙ୍ଗଳ ହେବ ସନ୍ଦେହ ନାହିଁ ।

ବହୁକୁଟୁମ୍ବ ପ୍ରଥା ହେତୁରୁ ଯେ ଅମ୍ଭମାନଙ୍କର କେତେ ଅନିଷ୍ଟ ହେଉଅଛି ତାହା ସମସ୍ତ ବର୍ଣ୍ଣନା କରିବାର ସହଜ ବ୍ୟାପାର ନୁହଇ । ସଂକ୍ଷେପରେ ବୋଲାଯାଇ ପାରେ ଯେ ଉକ୍ତ ପ୍ରଥାଟି ଅମ୍ଭମାନଙ୍କ ହୀନାବସ୍ଥାର ପ୍ରଧାନ କାରଣ ଅଟଇ । ବୁଦ୍ଧି, ସାହସ, ସ୍ୱାଧୀନତା ଆତ୍ମନିର୍ଭରତା ପ୍ରଭୃତି ଯାବତୀୟ ଗୁଣରେ ମନୁଷ୍ୟକୁ ଭୂଷିତ ହେବାର ଉଚିତ ତାହା ସମସ୍ତ ମନରୁ ଅନ୍ତର ହୋଇଯାଏ ଓ ତେଣୁ ଘଣାର ବଳଦପରି ମନୁଷ୍ୟ ଦିବାରାତ୍ର ଭ୍ରମିବୁଲିଥିଲେ ସୁଦ୍ଧା ଉନ୍ନତିମାର୍ଗରେ ଏକପଦ ଅଗ୍ରସର ହୋଇ ପାରନ୍ତି ନାହିଁ । କୌଣସି ପରିବାରର କଥା ମନେ କରି ତାହା ହେଲେ ଉପରଲିଖିତ କଥାମାନ ସତ୍ୟ କି ନା ସହଜରେ ଅନୁଭବ କରିବ । ଯେବ୍ୟକ୍ତି କୁଟୁମ୍ବର କର୍ତ୍ତା ତାହାଙ୍କ ଉପରେ ସମସ୍ତଙ୍କର ଭର ସୁତରାଂ ସେ ସମସ୍ତଙ୍କ ଦୁଃଖସୁଖ ଚିନ୍ତା କରି ଅପେ ସାହସ ବା ସ୍ୱାଧୀନତା ସହକାରେ କୌଣସି କର୍ମ କରି ପାରନ୍ତି ନାହିଁ । ଅପଣା କୁଟୁମ୍ବ ରକ୍ଷା ଭିନ୍ନ ଆଉ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା ହୁଅଇ ନାହିଁ ଓ ଇଚ୍ଛା ହେଲେ ମଧ୍ୟ ଅବକାଶ ନ ଥାଏ । ଯେତେ କୁଟୁମ୍ବ ବଢଇ ତେତେ କାର୍ଯ୍ୟ ବଢଇ ଓ ସେହି ସମସ୍ତର ଚିନ୍ତାରେ ସମୟ ଶେଷ ହୋଇଯାଏ । କେବଳ ଅପେ କର୍ତ୍ତା ବୋଲି ଏହାଙ୍କର ଯାହା କିଛି ସ୍ୱାଧୀନତା ଥାଏ ଓ ତହିଁ ପାଇଁ କିଞ୍ଚିତ୍ ସୁଖଭୋଗ କରନ୍ତି ମାତ୍ର ସେ ସ୍ୱାଧୀନତା ଓ ସୁଖ ଅଧିକାଂଶରେ ବିଡ଼ମ୍ବନା ପରି ବୋଧ ହୁଅଇ । ଏଥି ପାଇଁ ବିଖ୍ୟାତ ପାରସ୍ୟ କବି ସେଖସାଦୀ କହି ଅଛନ୍ତି କି ଯେବେ କୁଟୁମ୍ବର ବନ୍ଧନରେ ଆବଦ୍ଧ ହେଲ ତେବେ ଆଉ ସ୍ୱାଧୀନତାର ଚିନ୍ତା କାହିଁକି କର ଓ ଏହି ହେତୁରୁ ବୋଧ ହୁଅଇ ଅମ୍ଭମାନଙ୍କର ପ୍ରାଚୀନ ଶାସ୍ତ୍ରକାରମାନେ ଗୃହୀ ଲୋକଙ୍କୁ ବୃଦ୍ଧାବସ୍ଥାରେ ସଂସାର ତ୍ୟାଗ କରି ବନକୁ ଯିବାର ବ୍ୟବସ୍ଥା ଦେଇଅଛନ୍ତି । କାରଣ ଘରେ ରହି ଯେ ଏପରି ବ୍ୟକ୍ତି ନିଶ୍ଚିନ୍ତ ହୋଇ ପରକାଳର ଚିନ୍ତା କରିବ ତହିଁର ଅବକାଶ କାହିଁ ପାଇବ ଓ ଯେବେ ଆପଣାର ମୁକ୍ତି ଦ୍ୱାର ଗଢିବାକୁ ଅବକାଶ ନ ପାଇଲା ତେବେ ସେ ସର୍ବସାଧାରଣଙ୍କ ବିଷୟ ଚିନ୍ତା କରିବ କିରୂପେ ଏହା ସମ୍ଭବ ହୋଇପାରେ? ପ୍ରକୃତରେ ଦେଖା ଯାଉଅଛି ଯେ ବହୁକୁଟୁମ୍ବର କର୍ତ୍ତା କେବଳ ଆପଣା କଥା ଭାଳୁଁ ତାହାର ମନ ସଂକୀର୍ଣ୍ଣ ହୋଇ ଯାଏ ଓ ସଂସାରର ମାୟା ମୋହରେ ବିଶେଷ ଜଡୀଭୂତ ହୋଇ ଗୁଟିଯ୍ୟାଣୀପରି ଆପଣା ନିର୍ମିତ ଜାଲମଧ୍ୟରେ ନିଶ୍ଚେଷ୍ଟ ହୋଇ ପଡି ରହିଥାଏ । ଏପରି ଲୋକେ ଯେ ନିତାନ୍ତ କୃପାର ପାତ୍ର ତହିଁରେ ସନ୍ଦେହ ନାହିଁ ।

ଉପରଲିଖିତ ମତେ ଯେବେ କୁଟୁମ୍ବର କର୍ତ୍ତାଙ୍କର ଅବସ୍ଥା ଏରୂପ ହେଲା ତେବେ ତାହାଙ୍କ ଅଧୀନ ବ୍ୟକ୍ତିଙ୍କର କଥା ଆଉ କି କହିବା । କର୍ତ୍ତା ଯେମନ୍ତ ସମସ୍ତଙ୍କ ପାଇଁ ଧନ୍ଦ ହୁଅନ୍ତି ପରିବାରର ଅନ୍ୟ ଲୋକମାନେ ସେହି ପରିମାଣରେ ଉଦାସୀନ ହୁଅନ୍ତି । ମନୁଷ୍ୟ ସ୍ୱଭାବତଃ ସୁଖପ୍ରିୟ ଦାୟ ନ ପଡିଲେ କାହାରିକୁ ଦୁଃଖ କରିବାର ଦେଖା ନ ଯାଏ ଯେବେ ପେଟର ଚିନ୍ତା ନ ଥାନ୍ତା ତେବେଯେ ମନୁଷ୍ୟ ଦିନରାତ୍ର ନିଶ୍ଚିନ୍ତ ହୋଇ ସୁଖରେ ଗଡ଼ାଗଡି ଯାଉଥାନ୍ତା ଏମନ୍ତ ଯୁକ୍ତିଯୁକ୍ତ ବୋଧ ହେଉଅଛି । ବହୁକୁଟୁମ୍ବର କର୍ତ୍ତାଙ୍କ ଉପରେ ସମସ୍ତଙ୍କର ଭାର କୁଟୁମ୍ବର ଅନ୍ୟ କାହାରିକୁ ପେଟର ଚିନ୍ତା କରିବାକୁ ହୁଅଇ ନାହିଁ ସୁତରାଂ ଅଧିକାଂଶ ଲୋକ ଅଳସୁଆ ହୋଇ ପଡ଼ନ୍ତି ଓ ଅଳସୁଆ ହେଲାଉତ୍ତାରୁ ଆଉ କେଉଁ ସଦ୍‌ଗୁଣର ଆଶା ହୋଇ ପାରେ ? ଅଧିକକାଳ ପରକୁ ଅପେକ୍ଷା କରି ରହିବାରୁ ଏହାଙ୍କର ଆତ୍ମନିର୍ଭରତା ଶିକ୍ଷା ହୁଅଇ ନାହିଁ ସ୍ୱାଧୀନତା କଣ ଜାଣି ପାରନ୍ତି ନାହିଁ ଓ ନିଜର ବୁଦ୍ଧି ଚଳନା କରିବାର ସୁଯୋଗ ନ ପାଇ ମୂର୍ଖ ହୋଇ ପଡନ୍ତି । ଏଣେ ଅର୍ଜନର କଷ୍ଟ ଏହାଙ୍କୁ ଜଣା ନ ହେବାରୁ ସାଂସାରିକ ବ୍ୟୟର କଳନା କରି ପାରନ୍ତି ନାହିଁ । କର୍ତ୍ତା ଯାହା ଦେଉ ଅଛନ୍ତି ବା ଯେରୂପେ ଚଳାଉ ଅଛନ୍ତି ତାହା ତାହାଙ୍କର ଅବସ୍ଥାନୁରୂପ ଅଟଇ କି ନା ଏହା ବିଚାର କରିବାର କ୍ଷମତା ନ ଥାଏ ଅଥଚ ଅଭିଲଷିତ ଦ୍ରବ୍ୟ ନ ପାଇଲେ କେବଳ ଅସନ୍ତୋଷକୁ ମନରେ ସ୍ଥାନ ଦିଅନ୍ତି ଓ ଏହି ଅସନ୍ତୋଷ ବୃଦ୍ଧିପାଇ କ୍ରୋଧ ହିଂସା ପ୍ରଭୃତି ଅନ୍ୟାନ୍ୟ ଦୁର୍ଗୁଣକୁ ଜାତ କରଏ । ପରିଶେଷରେ ସେହି ସବୁ ବଳବତ୍ ହେଲାରୁ ଗୃହସ୍ଥି ଛାରଖାର ହୋଇଯାଏ । ଅମ୍ଭମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ଯେ କେବଳ ପରର ଅନୁସରଣକୁ ସୁଖ ପାନ୍ତି ତହିଁର ଅଭ୍ୟାସ କି ଏହି ବହୁକୁଟୁମ୍ବ ପ୍ରଥାରୁ ହୋଇ ନାହିଁ ? ଅମ୍ଭେମାନେ ଅନୁମାନ କରୁଁ ଯେ ବାପ ପୁଅର ପୁଅ ବାପର ଓ ଭାଇ ଭାଇର ଅନୁସରଣ କରିବାକୁ ବହୁକାଳରୁ ଅଭ୍ୟାସ କରିଥିବାରୁ ତହିଁର ଦୁର୍ଗୁଣମାନ ଏହାଙ୍କ ଦୃଷ୍ଟିପଥରେ ପଡ଼ଇ ନାହିଁ ଏବଂ ଏହି ସକାଶେ ଏହାଙ୍କର ଆତ୍ମନିର୍ଭରତା ଶିକ୍ଷା ହୁଅଇ ନାହିଁ । ଅନୁଭବ ବିନା ଜଗତରେ କୌଣସି ପ୍ରକୃତ ଶିକ୍ଷା ଲାଭ ହୁଅଇ ନାହିଁ ଯେ ବ୍ୟକ୍ତି ଚିରକାଳ ଅଥବା ଆପଣା ଜୀବନର ସାରଭାଗ ପରର ପ୍ରତିପାଳନରେ ଶେଷ କଲା ତାହାର ଅନୁଭବ କେଉଁଠାରୁ ହେବ ଅତଏବ ଅମ୍ଭେମାନେ ବିବେଚନା କରୁଁ ଯେ ପ୍ରତ୍ୟେକ ଗୃହସ୍ଥର କର୍ତ୍ତାଙ୍କୁ ଉଚିତ କି ଆପଣା ଅଧୀନସ୍ଥ ଲୋକମାନେ ଯେ ଯେତେବେଳେ ପୂର୍ଣ୍ଣବୟଃପ୍ରାପ୍ତ ଓ ସକ୍ଷମ ହେଲେ ସେତେବେଳେ ତାହାକୁ ପୃଥକ୍ କରି ଦେଇ ତାହାର ସମସ୍ତ ଭାର ତାହା ଉପରେ ନ୍ୟସ୍ତ ଦେବେ ତାହା ହେଲେ ଦେଶର ଅବସ୍ଥା ଭିନ୍ନରୂପ ହେବ ଓ ବର୍ତ୍ତମାନ ଯେତେ ଅକର୍ମଣ୍ୟ ଲୋକ ଅମ୍ଭମାନଙ୍କ ମଧ୍ୟରେ ଅଛନ୍ତି ତାହା ଆଉ ଦେଖା ଯିବ ନାହିଁ । ଲୋକେ ଯେ କୌଣସି ଭାବରେ ବହୁକୁଟୁମ୍ବର ପ୍ରଥାକୁ ଭଲ ମନରେ କରନ୍ତୁ ଅମ୍ଭମାନଙ୍କର ନିଶ୍ଚୟ ବିଶ୍ୱାସ ଏହି ଯେ ଏଥିରେ କିଛି ଉପକାର ନାହିଁ ବରଂ ଅସୀମ ଅପକାର ସାଧିତ ହେଉଅଛି । ଏ ପ୍ରକାର ପ୍ରଥା ବିରୁଦ୍ଧରେ ଯେବେ ଲୋକଙ୍କର ଜ୍ଞାନ ଜନ୍ମିବ ତେବେ ଏ ଦେଶର ଉନ୍ନତି ହେବା ସମ୍ଭବ ନତୁବା ସମାଜ ସଂସ୍କାରର ଅନ୍ୟ ଉପାୟ ନାହିଁ ।

Digitized by srujanika@gmail.com

Split by PDF Splitter



# ସାପ୍ତାହିକ ସଂବାଦ ।

ସ୍ନାନପୂର୍ଣ୍ଣିମା ପୂର୍ବରୁ ଏଠାରେ ବର୍ଷା ବନ୍ଦ ଥିଲା ମାତ୍ର ଗତ ଗୁରୁବାରଠାରୁ ବୋଧ ହୁଅଇ ବର୍ଷାଋତୁ ଆରମ୍ଭ ହେଲାଣି । କାରଣ ବର୍ଷାକାଳର ଲକ୍ଷଣମାନ ପ୍ରତ୍ୟକ୍ଷ ହେଉ ଅଛି ।

ଜଜସାହେବଙ୍କ ଅଦାଲତ ଆଗାମି ସୋମବାରଠାରୁ ନିୟମିତରୂପେ ଘ ୧୦ ଣ୍ଟା ବେଳରେ ଆରମ୍ଭ ହେବ ।

କଟକଠାରୁ ଚାନ୍ଦବାଲିକୁ ଦ୍ରବ୍ୟ ସବୁ ନେବା ଆଣିବା କାର୍ଯ୍ୟ କରିବା ସକାଶେ ଗୋଟିଏ ନୂତନ କମ୍ପାନୀ ସ୍ଥାପିତ ହୋଇଅଛି । ଏହାର ନାମ "ଓଡ଼ିଶା ବୋଟିଙ୍ଗକମ୍ପାନୀ" ଅଟଇ ଷ୍ଟାରସ୍ମେଲ ସାହେବ ଏ କମ୍ପାନୀର ମାନେଜର ଅଟନ୍ତି ।

ମୌଲବୀ ଅବଦୁଲକାଦର ଡେପୁଟୀ କଲେକ୍ଟର କିଛିଦିନ ସକାଶେ ଯାଜପୁରକୁ ଯାଉଅଛନ୍ତି ।

ଏ ଜେଲଖାନାର ଜେଲର ସାହେବ ଯୋଡ଼ିଏ ବାଘଛୁଆ ରଖିଅଛନ୍ତି । ଶୁଣୁଅଛୁଁ ତାହା କଲିକତା ପଶୁଶାଳାକୁ ପଠାଇବେ । ପଶୁଶାଳାରେ ଓଡ଼ିଶାର ବାଘ ବାସକରିବେ ବଡ଼ ସୁଖର କଥା ଅଟଇ ।

ସତ୍ୟବାଦୀର ମହନ୍ତ ଜଜସାହେବଙ୍କ ତଲବ ମତେ ହିସାବ ନ ଦେବାରୁ ଫଉଜଦାରୀସୁପୋର୍ଦ୍ଦ ହୋଇ ଅଛନ୍ତି । ଜଜସାହେବଙ୍କର ଏକାର୍ଯ୍ୟଟି ଉତ୍ତମ ହୋଇଅଛି । ଏଥର ବୋଧ ହୁଅଇ ମହନ୍ତମାନଙ୍କ ସୁଖ-ନିଦ୍ରା ଭାଙ୍ଗିବ ।

ଜନରବ ଶୁଣାଯାଏ ଯେ ଅନ୍ୟ ମହନ୍ତଙ୍କ ବିପକ୍ଷରେ ସତ୍ୟବାଦୀ ମହନ୍ତଙ୍କପରି ମାମଲାମାନ କରିବାପାଇଁ ଲୋକେ ପ୍ରସ୍ତୁତ ହେଉ ଅଛନ୍ତି । ଯେବେ ସଦାବର୍ତ୍ତର ଧ୍ୱଂସକାରୀଙ୍କପ୍ରତି ଲୋକମାନେ କଠିନଦୃଷ୍ଟି ରଖିବେ ତେବେ ସାଧାରଣ ସମ୍ପତ୍ତିର ଅପବ୍ୟୟ ବର୍ତ୍ତମାନପରି କଦାଚ ହୋଇ ପାରିବ ନାହିଁ ।

ପୁରୀରେ ଉଲାଉଠା ରୋଗ ଆରମ୍ଭ ହେବାର ସମ୍ବାଦ ଆସିଅଛି ସ୍ନାନପୂର୍ଣ୍ଣିମା ଉତାରୁ ସେଠାରେ ବର୍ଷା ହୋଇ ନ ଥିଲା ବୋଲି ଲୋକେ ଭାବିତ ଥିଲେ ।

ଚୀନର ଲୋକମାନେ ବାହାରଦେଶରେ କର୍ମ କରିବାର ସଂବାଦପତ୍ରମାନଙ୍କରୁ ଜଣାଯାଏ । ଅଷ୍ଟ୍ରେଲିୟା, ଆମେରିକା, ଯାବା, ବୋର୍ଣ୍ଣିଓ, ସୁମାତ୍ରା, କଚ୍ଛା ପ୍ରଭୃତି ଦେଶରେ ବହୁସଂଖ୍ୟକ ଚୀନବାସିମାନେ ବ୍ୟବସାୟ କରୁଅଛନ୍ତି । ମେସ୍ତ୍ରୀ କାରିଗିରି ଓ ଘରକର୍ମୀଣ କାର୍ଯ୍ୟରେ ଏମାନେ ଅତ୍ୟନ୍ତ ପଟୁ ଏବଂ ଯେରୂପ କାରିଗରୀ ଦେଖିବେ ତତ୍କ୍ଷଣାତ୍ ତାହା ଶିଖି ନେବେ ଏବଂ ଅନ୍ତରୁ ସୁନ୍ଦର କରି ସେହି କର୍ମକୁ ଗଢ଼ିବେ । ଏହି ସକାଶେ ବୋଧ ହୁଅଇ 'ହୁକୁମତେ ଚୀନ' ବୋଲି ପୂର୍ବରୁ ପ୍ରବାଦ ଅଛି ଓ କାଳସହକାରେ ତାହା ନଷ୍ଟ ହୋଇ ନାହିଁ ।

ପଞ୍ଜାବର ଗବର୍ଣ୍ଣମେଣ୍ଟ ଗଜେଟରେ ଲେଖା ଅଛି ଯେ ଝେଲମ ଜିଲାରେ କେତେ ଦିନ ହେଲା ଜଙ୍ଗଲ ବିଭାଗର ସରକାରୀ କର୍ମକାରିଙ୍କ ନାମରେ ବେନାମୀ ଦରଖାସ୍ତମାନ ଆସୁ ଅଛି । ଉକ୍ତ ଦରଖାସ୍ତ ସବୁର ଲେଖକମାନଙ୍କୁ ଯେ ଗିରଫ୍ତାର କରିଇଦେବ ତାହାକୁ ଟ ୧୦୦ ପାରିତୋଷିକ ମିଳିବ । ଏଥିରୁ ବୋଧ ହୁଅଇ ଦରଖାସ୍ତଲେଖକର କଠିନ ଦଣ୍ଡ ମଧ୍ୟ ହେବ । କିନ୍ତୁ ଯେ ପର୍ଯ୍ୟନ୍ତ ଲୋକଙ୍କର ସାହସ ବଢ଼ି ନାହିଁ ସେ ପର୍ଯ୍ୟନ୍ତ ବେନାମୀ ଦରଖାସ୍ତ ପ୍ରଭୃତି ଏଡ଼େ ଅଭିଯୋଗ ଭଲ କି ?

ବମ୍ବେ ଗେଜେଟର କଲଣି ସମ୍ବାଦଦାତା ଲେଖିଅଛନ୍ତି କି ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ପଦ ଗ୍ରହଣ କରିବାର ଘୋଷଣାପତ୍ର ଇଷ୍ଟି ଧୂମଧାମ ସହିତ ଭାରତବର୍ଷରେ ପ୍ରଚାରିତ ହେବ । ସେରୂପ କିଛି ନ ହେଲେ ଆମୋଦପ୍ରିୟ ଭାରତବର୍ଷବାସିଙ୍କର ତୃପ୍ତି ହେବ ନାହିଁ ।

ନବାବ ଅବଦୁଲଗନୀ ଓ ରାଜା କାଳୀନାରାୟଣ ରାୟଙ୍କ ଅନୁକମ୍ପାରେ ଢାକାରେ ଗୋଟିଏ ସଙ୍ଗୀତ ବିଦ୍ୟାଳୟ ସ୍ଥାପନହେବାର ପ୍ରସ୍ତାବ ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ।

ଜଣେ ଇଂରେଜ କଲିକତାରେ ଆପଣାର ଆଠବର୍ଷ ବୟସର ବାଳକା ଉପରେ ବଳାତ୍କାର ଅପରାଧ କରିବାର ଚେଷ୍ଟା କରିଥିବାରୁ ତାହା ଉପରେ ଅପରାଧ ପ୍ରମାଣ ହୋଇ ହାଇକୋର୍ଟରୁ ୧୮ ମାସ କାରାବାସ ଦଣ୍ଡ ପାଇଅଛି । କଳିକାଳର ଆଉ ବାକି କି ରହିଲା ।

କଥିତ ହୁଅଇ ଯେ ଲର୍ଡ ଲିଟନ ସିମଲା ପର୍ବତକୁ ମନୋନୀତ କରୁ ନାହାନ୍ତି । ଏଥକୁ ହିନ୍ଦୁପେଟ୍ରିଅଟ ପଚାରି ଅଛନ୍ତି କି ସିମଲାର ଏରୂପ ଦୁର୍ଗତି ହେଲା ବୋଲି କି କଲିକତାରୁ ହେଉଥିବା ବାର୍ଷିକ ପ୍ରସ୍ଥାନ ସ୍ଥଗିତ ହେବ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ବାବୁ ପ୍ରସନ୍ନକୁମାର ରାୟ ଗ୍ଲାସଗୋ ବିଶ୍ୱବିଦ୍ୟାଳୟରେ କେତେକ ଦିନ ପାଠ କରି ନ୍ୟାୟ ଓ ମାନସତତ୍ତ୍ୱରେ ସର୍ବୋତ୍କୃଷ୍ଟ ମର୍ଯ୍ୟାଦା ଲାଭ କରିଅଛନ୍ତି ଓ ମନୋବିଜ୍ଞାନରେ ମଧ୍ୟ ଡାକ୍ତର ଉପାଧି ପାଇଅଛନ୍ତି । ଅଧ୍ୟାପକ ଫ୍ରେଜର ସାହେବ କହିଅଛନ୍ତି କି ଆମ୍ଭେ ଯେତେ ଛାତ୍ରଙ୍କୁ ପଢ଼ାଇଅଛୁଁ ତାହାଙ୍କ ମଧ୍ୟରେ ଏ ବ୍ୟକ୍ତି ଜଣେ ସର୍ବୋତ୍ତମ ଛାତ୍ର ଅଟନ୍ତି ।

ଇଙ୍ଗଲଣ୍ଡର ମହାରାଜ୍ଞୀଙ୍କର ଦେହ ଅତ୍ୟନ୍ତ କଠିନରୂପେ ପୀଡ଼ିତ ଥିଲା କିନ୍ତୁ ସେ ଆରୋଗ୍ୟ ଲାଭ କରିବେ ବୋଲି ସମ୍ବାଦ ପାଇଯାଇଅଛି ।

ପୃଥିବୀରେ ସର୍ବାପେକ୍ଷା ଅଧିକ ଧନୀ ବ୍ୟକ୍ତିଙ୍କର ସମ୍ପ୍ରତି ମୃତ୍ୟୁ ହୋଇଅଛି । ଏହାଙ୍କର ନାମ ଷ୍ଟିୟାର୍ଟ ସାହେବ ନିବାସ ଆମେରିକା ଦେଶ ନ୍ୟୁୟର୍କ ନଗରରେ ଅଟଇ । ଏହାଙ୍କର ସମ୍ପତ୍ତି କୋଡ଼ିଏପଦ୍ମ ଟଙ୍କାରୁ ଊଣା ନୁହଇ ଓ ତାହା ସମସ୍ତ ସେ ସ୍ୱୟଂ ଉପାର୍ଜନ କରିଥିଲେ । ଏହାଙ୍କର ବାର୍ଷିକ ଆୟ ଏକଶତକୋଟି ଅର୍ଥାତ୍ ଏକପଦ୍ମ ଟଙ୍କା ଥିଲା । ସନ ୧୮୨୩ ମସିହାରେ ଏମହାଶୟ ଉକ୍ତ ନଗରକୁ ଆସିଲେ ସେତେବେଳେ ଏହାଙ୍କଠାରେ କିଛି ନ ଥିଲା କେବଳ ଉତ୍ତମ ଶିକ୍ଷା ଓ ବିଚକ୍ଷଣତା ସଙ୍ଗେ ଘେନି ଆସିଥିଲେ । ଦୁଇବର୍ଷ ଗୋଟିଏ ବିଦ୍ୟାଳୟରେ ଶିକ୍ଷକ ସ୍ୱରୂପ ନିଯୁକ୍ତ ଥିଲେ ତହିଁରେ କିଛି ଲାଭ ନ ଦେଖିବାରୁ ବାଣିଜ୍ୟରେ ମନ ଦେଲାଇଲେ । ଏହାଙ୍କ ଘର ତଳଙ୍ଗି ମା ୮୫ ଣ ଅଟଇ । ବାଣିଜ୍ୟଦ୍ୱାରା କପରି ଧନଲାଭ ହୁଅଇ ଲୋକେ ଏଥିରୁ କଳନା କରନ୍ତୁ ।

---

## ମୂଲ୍ୟପ୍ରାପ୍ତି ।

ବାବୁ ପ୍ରାଣନାଥ ଦତ୍ତ ଖାତପଡ଼ା ବକାୟା ଟ ୮୦୯

---

## ବିଜ୍ଞାପନ ।

ବିଜ୍ଞାପନ ଦାୟକ ଭୂଗୋଳସୂତ୍ର ଆଉ ଏକଥର ଛପା ହେଉଅଛି ଏହିମାସ ଶେଷ ପର୍ଯ୍ୟନ୍ତ ବାହାରିବ ।

ବୋଧୋଦୟ ଛପା ଶେଷ ହୋଇଅଛି ଯାହାଙ୍କର ଏ ପୁସ୍ତକ ପ୍ରୟୋଜନ ଅଛି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇବେ ।

ତା ୧୫ ଇଖ ଜୁନ } ଶ୍ରୀ ଗୌରୀଶଙ୍କର ରାୟ
ସନ୧୮୭୬ ମସିହା } ସେକ୍ରେଟରୀ

---

ଏହି ଉତ୍କଳଦୀପିକା ପତ୍ରିକା କଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ ଶ
ସଂ ୨୬ ଖ୍ୟା

ତା ୨୩ ତାରିଖ ଜୁନ ସନ ୧୮୭୭ ମସିହା । ମୁ । ଆଷାଢ଼ ୧୦ ଦିନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨୷
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୨୷୧
ମଫସଲପାଇଁ ଡାକମାସୁଲ ଟ ୧୷୵

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ତେଲିଗ୍ରାଫରେ ପାଠ କଲୁଁ ଯେ ଶ୍ରୀଯୁକ୍ତ ଡବଲଉ, ଏଲ, ହଲି ସାହେବ ମାନବଲୀଳା ଶେଷ କରିଅଛନ୍ତି । କେଉଁ ତାରିଖରେ ଏ ଶୋକାବହ ଘଟନା ହେଲା ତାହା କିଛି ଜଣା ନାହିଁ । କଲିକତାର ସମ୍ବାଦପତ୍ରମାନଙ୍କରୁ ଏ କଥା ସମ୍ପାଦକ ଗୋଚର କରିଅଛନ୍ତି ବୋଲି ଲେଖିଅଛନ୍ତି । ହଲି ସାହେବଙ୍କୁ ଓଡ଼ିଶାବାସିମାନେ ବିଶେଷରେ କଟକ ଜିଲାର ଲୋକେ ଉତ୍ତମରୂପେ ଜାଣନ୍ତି ଓ ସେ ଯେତେକାଳ ଏଠାରେ ହାକିମ ହୋଇଥିଲେ ସମସ୍ତକର୍ମରେ ପ୍ରଶଂସା ଲାଭ କରିଥିଲେ ତାହାଙ୍କ ପରି ପଣ୍ଡିତ, ଶାନ୍ତସ୍ୱଭାବ ଓ ଭଦ୍ର, ଇଂରେଜ ହାକିମଶ୍ରେଣୀ ମଧ୍ୟରେ ସଚରାଚର ଦେଖାଯାଏ ନାହିଁ ସୁତରାଂ ତାହାଙ୍କ ଅକାଲମୃତ୍ୟୁରେ ଓଡ଼ିଶାବାସିଙ୍କର ଅତ୍ୟନ୍ତ ମନସ୍ତାପ ହେବ ସନ୍ଦେହ ନାହିଁ । ଦୈବୀ ଦୁର୍ଘଟନାରୁ ବଳ କାହାର ଅଛି ମାତ୍ର ବଙ୍ଗପ୍ରଦେଶର ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲିବାକୁ ହେବ ଯେ ଏମନ୍ତ ଉତ୍ତମ ହାକିମଙ୍କୁ ସେମାନେ ହରାଇ ବସିଲେ ।

---

ପୁରୀରୁ ସମ୍ବାଦ ପାଇଅଛୁଁ ଯେ ଚଳିତ ମାସ ତା ୨୧ ରିଖ ବୁଧବାର ସକାଳ ଘ ୭ ଟା ସମୟରେ ଅଣସର ଘର ଦ୍ୱାର ଫିଟିଲା ଓ ନବଯୌବନ ଦର୍ଶନ ଆରମ୍ଭ ହୋଇ ଘ ୧୧ ଟା ପର୍ଯ୍ୟନ୍ତ ଶେଷ ହେଲା । ୨୦।୩୦ ହଜାର ଯାତ୍ରୀ ଜମା ହୋଇଥିଲେ ଓ ସେମାନେ ଅକ୍ଳେଶରେ ଦର୍ଶନ ଲାଭ କଲେ । କୌଣସି ଦୁର୍ଘଟନା ଘଟି ନାହିଁ । ସରକାରୀ କର୍ମଚାରିଙ୍କ ଓ ପୁଲିସ ରୀତିମତ ଉପସ୍ଥିତ ଥାଇ ଯାତ୍ରିଙ୍କୁ ଦର୍ଶନ କରାଇଥିଲେ ଓ ସେ ଦିନ ମେଘୁଆ ଓ ଶୀତଳ ହୋଇଥିବାରୁ ଦର୍ଶନର ଅଧିକ ସୁଖ ହୋଇଥିଲା । ରାଜା ଆପଣା ନଅର ମଧ୍ୟରୁଁ ବାହାର ନାହାନ୍ତି । ପୁରୀରେ ଉତ୍ତମ ବର୍ଷା ହୋଇଅଛି ଓ ସେ ଯୋଗୁଁ ଉକ୍ତ ସ୍ଥାନ ଶୀତଳ ଅଛି, ତଥାଚ ଓଲାଉଠା ଏକାବେଳକେ ଅଦୃଶ୍ୟ ନ ହୋଇ ଅଳ୍ପ ପରିମାଣରେ ଆପଣା କାର୍ଯ୍ୟ କରୁଅଛି । ସେଠା କଲେକ୍ଟର ଶ୍ରୀଯୁକ୍ତ ମାନସନ ସାହେବ ବନ୍ଦୋବସ୍ତ କାର୍ଯ୍ୟ ସମ୍ପର୍କରେ ଖୋର୍ଦ୍ଧାକୁ ଯାଇଅଛନ୍ତି ୭।୮ ଦିନ ମଧ୍ୟରେ ଫେରି ଆସିବେ ।

---

ଭୁରୁଷ୍କରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ସେଠାର ଜଣେ ବରଖାସ୍ତି ଦ୍ରୁକର ଏକଖଣ୍ଡ ଘୋର ନଳବନ୍ଧୁକ ହାତରେ ନେଇ ରାଜସଭା ବସିଥିବା ସମୟରେ ଅକସ୍ମାତ୍ ପ୍ରବେଶ କରି ନୂତନ ପ୍ରଧାନ ମନ୍ତ୍ରୀ ମିଧତ ପାଶାଙ୍କ ସମ୍ମୁଖରେ ହୋସେନ ପାଶା ଓ ରସିଦ ପାଶା ମନ୍ତ୍ରିମାନଙ୍କୁ ଗୁଳିଦ୍ୱାରା ମାରି ପକାଇଲା ତହିଁ ଉତ୍ତାରୁ ସାମୁଦ୍ରିକ ବିଭାଗର ମନ୍ତ୍ରୀକୁ ଅତି କଠିନରୂପେ ଆଘାତ କରି ଓ ପ୍ରଧାନ ମନ୍ତ୍ରୀଙ୍କର ଜଣେ ଶରୀର ରକ୍ଷକର ପ୍ରାଣ ନେଇ ପଳାଇବା ବେଳେ ଧରା ପଡ଼ିଲା । ଚଳିତ ମାସ ତା ୧୫ ରିଖ ରାତ୍ରରେ ଏ ଘଟନା ହୋଇଅଛି କିନ୍ତୁ ଜଣାଯାଏ ଯେ ଉକ୍ତ ବରଖାସ୍ତି ଦ୍ରୁକର କୌଣସି ରାଜବିଦ୍ରୋହ ଭାବରେ ଏ କର୍ମ କରି ନାହିଁ ସେ କେବଳ ହୋସେନ ପାଶାର ପ୍ରାଣ ନେବାଦ୍ୱାରା ପ୍ରତିବାଦ ସାଧିବାକୁ ମାନସ ରଖିଥିଲା ଓ ଆତ୍ମରକ୍ଷା ନିମିତ୍ତ ବାଧ୍ୟ ହୋଇ ଅନ୍ୟ ଲୋକଙ୍କୁ ହତ କରିଅଛି । ଏ ବ୍ୟକ୍ତିର ନାମ ହସେନ ଅଟଇ । ଗିରପ୍ତାର ହେବା ସଙ୍ଗେ ସଙ୍ଗେ ତାହାର ବିଚାର ହୋଇ ତାହାକୁ ଫାଶି ଦିଆଗଲା ।

---

ଏବର୍ଷ ଏକାବେଳକେ ମା ୭।୮ ମାସ ବୃଷ୍ଟି ବନ୍ଦ ହେବାରୁ ଲୋକେ କାତର ଥିଲେ କିନ୍ତୁ ଭଗବତ୍ପ୍ରସାଦରୁ ମୌସୁମୀ ବର୍ଷା ଆରମ୍ଭ ହେବାରୁ ସମସ୍ତଙ୍କର ଆନନ୍ଦ ଜନ୍ମୁଅଛି । ଏଥର ବର୍ଷାର ମୌସୁମ ଚଳିତମାସ ତା ୧୨ ରିଖ ସୋମବାର ବେଳ ଘ ୧୦ ଟା ସମୟରେ କଟକଠାରେ ପ୍ରତ୍ୟକ୍ଷ ହେଲା । ସେଠାରେ କଡ଼ା ବତାସ ସହିତ କ୍ଷୁଦ୍ର ପ୍ରଳୟପରି ବର୍ଷା ହେଲା । ମାତ୍ର ମେଘ ସଙ୍ଗରେ ଘଡ଼ଘଡ଼ି ଓ ବିଜୁଳି ଥିଲା ନାହିଁ । ଏହି ମୌସୁମ କଲିକତାରେ ଚଳିତମାସ ତା ୧୭ ରିଖରେ ଏହି ରୀତିରେ ପ୍ରବେଶ ହେଲା କିନ୍ତୁ ଏଠାରେ ଅଳ୍ପ ବର୍ଷା ଓ ଘଡ଼ଘଡ଼ି ଓ ବିଜୁଳି ଅଧିକ ଥିଲା । ଏପ୍ରଦେଶର ବର୍ଷାକାଳର ମୌସୁମୀ ମେଘ ବମ୍ବେଇ ଅଭିମୁଖରୁ ଆସଇ ଓ ବମ୍ବେଇରେ ଯେଉଁ ଦିନ ମୌସମ

Digitized by srujanika@gmail.com

Split by PDF Splitter



ଆରମ୍ଭ ହୋଇଅଛି ତହିଁର ଚତୁର୍ଥଦିନେ କଟକରେ ଓ ଷଷ୍ଠଦିନେ କଲିକତାରେ ତାହା ପ୍ରତ୍ୟକ୍ଷ ହେବାର ସମ୍ଭବ ଅଛି ଏ ଯେଣୁ ଏଠାର କମିଶ୍ନର ସାହେବ ଗତ ସପ୍ତାହର ଗୁରୁବାର ଦିନ ମେଘ ବର୍ଷିବାର କଥା ଦେଇଥିଲେ ମାତ୍ର ସେଦିନ ଅଳ୍ପ ମାତ୍ର ବର୍ଷା ହୋଇଥିଲା । ଯେମନ୍ତ କଲିକତା ତେମନ୍ତ କଟକରେ ଗତ ଶନିବାର ଦିନଠାରୁ ପ୍ରକୃତ ବର୍ଷାକାଳର ମେଘ ଆରମ୍ଭ ହୋଇଅଛି ଓ ସେ ଦିନଠାରୁ ପ୍ରାୟ ପ୍ରତିଦିନ ବର୍ଷା ହେଉଅଛି । ବର୍ଷା ହେବାରେ କୃଷିମାନଙ୍କର ଆନନ୍ଦ ହୋଇଅଛି ସତ୍ୟ ମାତ୍ର ଅତି୨ ବର୍ଷା ହେବା ବର୍ତ୍ତମାନ କୃଷିପ୍ରତି ଉତ୍ତମ ହୋଇ ନାହିଁ । କାରଣ ପୂର୍ବରୁ ଥରେ୨ ବର୍ଷା ହୋଇ ନ ଥିବାରୁ ଅନେକ କ୍ଷେତ୍ର ଅଦ୍ୟାପି ବୁଣା ହୋଇ ନାହିଁ ଏହି ବର୍ଷା ପରେ ବୁଣିବା ଆରମ୍ଭ ହୋଇଅଛି ଓ ଯେଉଁଠାରେ ବୁଣା ହୋଇଥିଲା ସେଠାରେ ଚାରଗଛ ଉଠି ନାହିଁ ଓ ସାଧାରଣରେ ଧାନବିଲ ସବୁକୁ ଚାହିଁଲେ ଅଷାଢ଼ମାସର ବିଲପରି ଦିଶୁ ନାହିଁ । ଗଛମାନ ଅତ୍ୟନ୍ତ କ୍ଷୁଦ୍ର ଓ ଦୁର୍ବଳ ହୋଇଅଛି । ଏତେବେଳେ ଏକ-ପାଣିଆ ଝଡ଼ି ନ ହୋଇ ଛଡ଼ା୨ ବର୍ଷା ହେବାକୁ ସମସ୍ତେ ଲୋଡ଼ୁଅଛନ୍ତି ।

ଏବର୍ଷର ବର୍ଷା ଶ୍ରୀକ୍ଷେତ୍ର ଯାତ୍ରିଙ୍କ ପକ୍ଷରେ ବଡ଼ ଶୁଭକର ହୋଇଅଛି କାରଣ ଅଧିକାଂଶ ଯାତ୍ରୀ ବାହାର ଗଲା ଉତ୍ତାରୁ ନଦୀରେ ପାଣି ପଡ଼ିବାର ଦେଖା ନାହିଁ । ମାଜିଷ୍ଟ୍ରେଟ ସାହେବ ଏକପିଠିର ମାସୁଲରୁ ବଞ୍ଚିତ ହେଲେ । ଫେରନ୍ତା ଯାତ୍ରିମାନଙ୍କୁ କେମନ୍ତ ସ୍ୱଚ୍ଛନ୍ଦରେ ପାର କରି ଦେବେ ତାହା ଦେଖିବାରେ ଆସିଲେ ଘାଟ ବନ୍ଦୋବସ୍ତର ମହତ୍ୱ ଜଣାପଡ଼ିବ ।

——

## ପଟୁଆରି ।

ପଟୁଆରି କାଗଜ ଦାଖଲ କରିବା ଦାୟରୁ ରକ୍ଷା ପାଇବା ସକାଶେ ବାଲେଶ୍ୱରର ଜମିଦାରମାନେ ଗବର୍ଣ୍ଣମେଣ୍ଟରେ ଆବେଦନ କରିଥିବାର ପୂର୍ବେ ଲେଖା ଯାଇଥିଲା ତହିଁର କିଛି ଦିନ ଉତ୍ତାରେ କଟକ ଜିଲାର ଜମିଦାରମାନେ ମଧ୍ୟ ତଦ୍ରୂପ ଏକ ଆବେଦନପତ୍ର ଗବର୍ଣ୍ଣମେଣ୍ଟକୁ ପଠାଇଲେ । ଶ୍ରୀଯୁକ୍ତ ଲେପ୍ଟନଣ୍ଟ ଗବର୍ଣ୍ଣର ସାହେବ ଆବେଦନପତ୍ର ଲେଖିତ ଆପତ୍ତିସବୁ ପ୍ରତି ବୋର୍ଡ଼ ଓ କମିଶନର ସାହେବଙ୍କର ମତାମତ ଚାହିଁଲେ । ସେମାନେ ଜମିଦାରଙ୍କର ଦୁଇ ଏକ ଆପତ୍ତି ଭିନ୍ନ ଆଉ ସବୁ ଆପତ୍ତି ବିରୁଦ୍ଧରେ ମତ ପ୍ରକାଶ କଲେ । ଲଖରାଜ ବାହାଲି ଓ ଜାଗିର ବାହାଲର ତହିଁ କାଗଜ ଜମିଦାରଙ୍କଠାରେ ନ ଥିବାରୁ ନଂ ୬ ଓ ୭ ମ୍ବର ନକ୍ସା ରହିତ କରିବା ଓ ଆଉ ନକ୍ସାସବୁରେ ଜରିବ ନମ୍ବର କ୍ରମେ୨ ଗତବର୍ଷରେ ପୂରଣ କରିବାକୁ ଅନୁରୋଧ କଲେ । ମାନ୍ୟବର ଲେପ୍ଟନଣ୍ଟ ଗବର୍ଣ୍ଣର ସାହେବ ଏସବୁ ଦୃଷ୍ଟିରେ ଯେ ମୀମାଂସା କଲେ ତହିଁର ସାରାଂଶ ନିମ୍ନେ ଲେଖା ଯାଉଅଛି । ଯଥା;—

ଆବେଦନକାରୀଙ୍କର ସକଳ ପ୍ରଧାନ ଆପତ୍ତି ପକ୍ଷରେ ବୋର୍ଡ଼ ବିସ୍ତର କରି ତହିଁର ପ୍ରତ୍ୟୁତ୍ତର ଦେଇଅଛନ୍ତି । ମାତ୍ର ସେମାନଙ୍କର ଆପତ୍ତି କେବଳ ଜନାଜାତ କାର୍ଯ୍ୟ ପ୍ରତି ନୁହେ ପଟୁଆରି ପ୍ରଥା ଓଡ଼ିଶାରେ ପ୍ରଚଳ କରିବା ପକ୍ଷରେ ଅଟଇ । ସେମାନେ ବୋଲନ୍ତି ଯେ ପଟୁଆରି ଆଇନ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଦେଶରେ ରହିତ ହୋଇଅଛି ଓ ଓଡ଼ିଶାରେ ପ୍ରଚଳ ନ ହେବାର ୧୮୫୯ ମସିହାରେ ଅନୁଭବୀ ହାକିମଙ୍କଦ୍ୱାରା ସ୍ଥିର ହୋଇ ସେଥିର ପୂର୍ବନିୟମାବଳୀ ବୋର୍ଡ଼ଙ୍କର ୧୮୫୯ ମସିହା ଜୁଲାଇ ମାସ ତା ୧୩ ରିଖର ଆଜ୍ଞାନୁସାରେ ରହିତ ହୋଇ ଅଛି ।

ଲେପ୍ଟନଣ୍ଟଗବର୍ଣ୍ଣର ସାହେବଙ୍କ ବିବେଚନାରେ ଆବେଦନକାରୀଙ୍କର ଆଇନ ରହିତ ବିଷୟର ଆପତ୍ତି ଭ୍ରମମୂଳକ ଅଟେ ବାସ୍ତବରେ ସେ ଆଇନ ବଙ୍ଗଦେଶରେ ରହିତ ହୋଇ ନାହିଁ ଓ ରହିତ ହୋଇଥିଲେ ମଧ୍ୟ ବଙ୍ଗଳାର ଅବସ୍ଥା ଓଡ଼ିଶାରୁ ପୃଥକ୍ ଅଟେ । ଓଡ଼ିଶାରେ ପଟୁଆରି କାଗଜ ଦାଖଲ ନ କରିବା ବିଷୟରେ ବୋର୍ଡ଼ ୧୮୫୯ ମସିହାରେ ଆଜ୍ଞା ଦେଇଥିବାର ସତ୍ୟ ଅଟେ କିନ୍ତୁ ସେ ସମୟରୁ ଦେଶର ଅବସ୍ଥାରେ ଅନେକ ପରିବର୍ତ୍ତନ ହୋଇଅଛି ଓ ଲେପ୍ଟନଣ୍ଟଗବର୍ଣ୍ଣର ସାହେବଙ୍କର ହୃଦ୍‌ବୋଧ ହେଉଅଛି ଯେ ବର୍ତ୍ତମାନ ପଟୁଆରି କାଗଜ ଦାଖଲ କରିବାର ଅତି ଆବଶ୍ୟକ ଅଟେ । ଏଥିରେ ସରକାର ଜମିଦାର ଓ ପ୍ରଜା ସମସ୍ତଙ୍କର ବିଶେଷ ଲାଭ ଅଛି । ଅତଏବ ପଟୁଆରି ନିୟମାବଳୀ ଓ ସେ ପକ୍ଷରେ ଯେ ଉପଦେଶମାନ ବୋର୍ଡ଼ ଦେଇଅଛନ୍ତି ଓ ଯେ ସବୁ ଗବର୍ଣ୍ଣମେଣ୍ଟଙ୍କ ସମ୍ମତି ସହିତ ପ୍ରଚାର ହୋଇଅଛି ସେ ସବୁ ଲେପ୍ଟନଣ୍ଟଗବର୍ଣ୍ଣର ସାହେବ ରହିତ କରି ନ ପାରନ୍ତି । ମାତ୍ର ସାହେବ ମହୋଦୟଙ୍କର ବାଞ୍ଛା ଏହି ଯେ ପଟୁଆରି ରେଜିଷ୍ଟରି ଓ ନକ୍ସାର ଫାରମସବୁ ଏପରି ହେବ କି ଯେପରି ସେ ସବୁ ପ୍ରସ୍ତୁତ କରିବାରେ ଆବେଦନକାରୀଙ୍କର ଅଧିକ କଷ୍ଟ ନ ହେବ ଅତଏବ ବୋର୍ଡ଼ର ମେମ୍ବର ସାହେବ ନଂ ୬ ଓ ୭ ମ୍ବର ନକ୍ସା ଉଠାଇ ଦେବା ଓ ଅନ୍ୟ ନକ୍ସାସବୁ ସଂକ୍ଷିପ୍ତରୂପେ ପ୍ରସ୍ତୁତ କରିବା ସକାଶେ ଅଧିକ ସମୟ ଦେବାର ଯେ ପ୍ରସ୍ତାବ କରିଅଛନ୍ତି ତାହା ଲେପ୍ଟନଣ୍ଟଗବର୍ଣ୍ଣର ସାହେବ ମନୋନୀତ କରନ୍ତି । ସେ ସକଳ ନକ୍ସାରେ ଆଉ କିଛି ପରିବର୍ତ୍ତନ କରିବାର ଆବଶ୍ୟକ କି ନା ଏଥିର ବିସ୍ତର ଭବିଷ୍ୟତରେ ହୋଇପାରେ ଯେଉଁ ଜମିଦାର କାଗଜ ପତ୍ର ଠିକ ରଖିଥିବ ସେ ନକ୍ସା ସବୁ ପ୍ରସ୍ତୁତ କରି ଦେଇ ପାରିବ ଓ ଏ ପର୍ଯ୍ୟନ୍ତ ଏଥିର କେହି ଚେଷ୍ଟା କରିଥିବାର ଲେପ୍ଟନେଣ୍ଟଗବର୍ଣ୍ଣର ସାହେବ ବୋଧ ନ କରନ୍ତି । ଯେ ପର୍ଯ୍ୟନ୍ତ ତାହା ସାଧ କରିବାପାଇଁ ପ୍ରକୃତ ଉଦ୍‌ଯୋଗ ହୋଇ ନାହିଁ ସେ ପର୍ଯ୍ୟନ୍ତ ତାହା ଅସାଧ୍ୟ ବୋଲି ଲେପ୍ଟନେଣ୍ଟଗବର୍ଣ୍ଣର ସାହେବ ଯେନା କରି ନ ପାରନ୍ତି ।

ଏହି ପ୍ରକାରରେ ପଟୁଆରି କାଗଜ ଦାଖଲ ବିଷୟ ନିଷ୍ପତ୍ତି ପାଇଲା । ଲଖରାଜବାହାଲି ଓ ଜାଏଗିର ଜମିର ନଂ ୬ ଓ ୭ ମ୍ବର ନକ୍ସା ଯେ ରହିତ ହେଲା ଏଥିରେ ଜମିଦାରମାନେ କେତେକ କଷ୍ଟ ଓ ଖର୍ଚ୍ଚାରୁ ରକ୍ଷା ପାଇଲେ ସୁଖର ବିଷୟ । ମାତ୍ର ନଂ ୩, ୪ ଓ ୫ ମ୍ବର ନକ୍ସାରେ ଜମିର ଜରିବ ନମ୍ବର ଦେବାରେ ଅନେକ କଷ୍ଟ ଓ ଖର୍ଚ୍ଚା ପଡ଼ିବ । ସମସ୍ତ ଜମିଦାରଙ୍କଠାରେ ବନ୍ଦୋବସ୍ତର କାଗଜ ନାହିଁ ଓ ବନ୍ଦୋବସ୍ତ ସମୟ ଅପେକ୍ଷା ବର୍ତ୍ତମାନ ଅନେକ ପରିବର୍ତ୍ତନ ହୋଇଅଛି ଓ କେଉଁ ରୟତ କେଉଁ ଜମି ଧରିଅଛି ତହିଁର କିଛି ଠିକଣା ନାହିଁ । ଜରିବ ନମ୍ବର ଦେବାପାଇଁ ଆଉ ଥରେ ଜରିବ କରିବାକୁ ପଡ଼ିବ ଏଥିରେ କେତେ କଷ୍ଟ ଓ ଖର୍ଚ୍ଚା ହେବ ସହଜରେ ଅନୁମାନ କରାଯାଇ ପାରେ । ଆବେଦନକାରୀମାନେ ଏହା ବାହୁଲ୍ୟରୂପେ ଜଣାଇଥିଲେ ମାତ୍ର କର୍ତ୍ତୃପକ୍ଷମାନେ ତହିଁ ପ୍ରତି ବିହିତ ବିବେଚନା କରି ନାହାନ୍ତି ତାହା ପୂରଣ କରିବାପାଇଁ ଯେ କେବଳ ଅଧିକ ସମୟ ଦେଇଅଛନ୍ତି ଏଥିରେ ତାଦୃଶ ଲାଭ ନାହିଁ ଯାହା ହେଉ ଲେପ୍ଟନଣ୍ଟଗବର୍ଣ୍ଣର ସାହେବ ଆଶା ଦେଇଅଛନ୍ତି ଯେ ନକ୍ସା ପରିବର୍ତ୍ତନ କରିବା ପକ୍ଷରେ ଭବିଷ୍ୟତରେ ବିଚାର ହୋଇପାରେ ଏଥକୁ ଜମିଦାରମାନେ

Digitized by srujanika@gmail.com

ତରବ ନମ୍ବର ଦେବାର ପ୍ରବୃତ୍ତ ଚେଷ୍ଟା କର ତହିଁରେ ଯେ କଷ୍ଟ ଅନୁଭବ ହୁଏ ତାହା ଗବର୍ଣ୍ଣମେଣ୍ଟରେ ଜଣାଇଲେ ତଡ଼ୁ ସୁବିଚାର ହୋଇପାରେ । ଭିନ୍ନ ନକ୍ସା ପ୍ରସ୍ତୁତ ଓ ଦାଖଲ କରିବାରେ ମଧ୍ୟ ଅନେକ ଖର୍ଚ୍ଚ ପଡ଼ିବ କଚେରୀରେ ବହୁତ କାଗଜ ଦାଖଲ କରିବାକୁ ହେଲେ ଯେ କେତେ ନ୍ୟାଯ୍ୟ ଓ ଅନ୍ୟାଯ୍ୟ ଖର୍ଚ୍ଚ ପଡ଼େ ଏହା କାହାରିକୁ ଅବିଦିତ ନାହିଁ ଓ ଅନ୍ୟାଯ୍ୟ ଖର୍ଚ୍ଚ ବା ଘୁସ ନିବାରଣ କରିବାର ସହଜ କଥା ନୁହେ ଶ୍ରୀଯୁତ କମିଶନର ସାହେବ ଏଥିର କି ଉପାୟ କରିବେ ଓ ତାହା କେତେଦୂର ସଫଳ ହେବ ଦେଖିବାରେ ଆସିବ ଆମ୍ଭମାନଙ୍କ ବିବେଚନାରେ ଯେଉଁ ସକଳ ଜମିଦାରୀରେ ବନ୍ଦୋବସ୍ତ ସମୟରେ ପଟ୍ଟାଆଦି ନିଯୁକ୍ତ ହୋଇ ନାହାନ୍ତି ସେ ଜମିଦାରୀର ଅଧିକାରୀମାନଙ୍କୁ ପଟ୍ଟାଆଦି କାର୍ଯ୍ୟର ଦାୟୀଗ୍ରସ୍ତ କରି ସେମାନଙ୍କୁ ଖର୍ଚ୍ଚାନ୍ତ ଓ କ୍ଳେଶଯୁକ୍ତ କରାଇବା ନ୍ୟାଯ୍ୟ ଓ ଯୁକ୍ତିସିଦ୍ଧ ନୁହେ ।

## ସାପ୍ତାହିକ ସଂବାଦ ।

ଶୁଣାଯାଏ ଯେ ଆମ୍ଭମାନଙ୍କର କମିଶନର ଛଅମାସର ଛୁଟୀ ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିଅଛନ୍ତି । ଶାରୀରିକ ଅସୁସ୍ଥତା ଏଥିର କାରଣ ବୋଧ ହୁଅଇ ।

ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ବିମ୍ସ ସାହେବ ବହୁଦିନ ହେଲା ପୀଡ଼ିତ ଥିବାରୁ ବାୟୁପରିବର୍ତ୍ତନ ଉଦ୍ଦେଶରେ କଶିପରକୁ ଭ୍ରମଣ କରିବାକୁ ଯାଇଅଛନ୍ତି । ଭରସା କରୁଁ ଶୀଘ୍ର ସବଳ ହୋଇ ଫେରି ଆସିବେ ।

ବାବୁ କଲଗ୍ରାମ ଦାସ ଖୋରଧାର ସବ୍ ଡେପୁଟୀ ପଦରେ ଏକ୍ଟିଂ ହୋଇ ଯାଉଅଛନ୍ତି । କମିଶନର ସାହେବଙ୍କର ଆଉ ଜଣେ ଓଡ଼ିଆ ଉଚ୍ଚପଦ ପାଇଲା ସୁଖର ବିଷୟ ଅଟଇ ।

ଗତ ପ୍ରକାଶିତ ଦର୍ପଣରୁ ଜଣାଯାଏ ଯେ ବାଲେଶ୍ୱରରେ ଅଦ୍ୟାବଧି ଉତ୍ତମରୂପେ ବର୍ଷା ହୋଇ ନାହିଁ ଓ ଅନେକ ସ୍ଥଳରେ ଓଲାଉଠାର ଉପଦ୍ରବ ଲାଗିଅଛି ।

ଏଜିଲ୍ଲା ଅନ୍ତର୍ଗତ ମାହାଙ୍ଗାରେ ବାବୁ ପ୍ୟାରୀମୋହନ ସେନଙ୍କ ଘରୁ ନଗଦ ଓ ଅଳଙ୍କାରାଦି ୪୫୦୦ ଟଙ୍କାର ଚୋରି ଯାଇଅଛି । ଏକମାସ ହେଲା ପୁଲିସ ଏଥିର ତଦନ୍ତରେ ନିଯୁକ୍ତ ଅଛନ୍ତି କିନ୍ତୁ କିଛି ଅନୁସନ୍ଧାନ ପାଇ ନାହାନ୍ତି । ସେ ଗ୍ରାମରେ ଅନେକ ମଦଖୀ ଓ ଚୋରର ଦଳ ଅଛନ୍ତି କ୍ଷୁଦ୍ର ଚୋରୀ ପ୍ରାୟ ନିତ୍ୟ ହୁଏ ଏତଦ୍ଭିନ୍ନ ବୃହତ୍ ଚୋରୀ ମଧ୍ୟ ଚାରି ପାଞ୍ଚଥର ହୋଇଅଛି କାହିଁରେ ପୁଲିସ କୃତକାର୍ଯ୍ୟ ହୋଇ ନାହାନ୍ତି । ଆମ୍ଭେମାନେ ଏବିଷୟ ଏଥିପୂର୍ବେ ଲେଖିଥିଲୁଁ କିନ୍ତୁ କର୍ତ୍ତୃପକ୍ଷମାନେ ତହିଁପ୍ରତି ଦୃଷ୍ଟି ନିକ୍ଷେପ କରି ନାହାନ୍ତି । ବର୍ତ୍ତମାନ ଆମ୍ଭେମାନେ ମେଜଷ୍ଟ୍ରର ଓ ପୁଲିସ ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ସେଠା ଚୋରଙ୍କ ଦମନାର୍ଥେ କିଛି ବିଶେଷ ଉପାୟ କରନ୍ତୁ ।

ଗତ ଜ୍ୟେଷ୍ଠ ଦ ୨୦ ଦିନ ଢାକା ନଗରରେ ଅସମାନ ଜାତିରେ ବ୍ରାହ୍ମଧର୍ମ ମତେ ଗୋଟିଏ ବିବାହ ହୋଇଅଛି । ବରର ନାମ ବାବୁ ଅମୃତାଚରଣ ସେନ ଜାତିରେ ବୈଦ୍ୟ ନିବାସ ମାଣିକଗଞ୍ଜ ବୟସ ବ ୨୪ ବର୍ଷ କୃଷ୍ଣନଗର କାଲେଜର ରସାୟନ ବିଦ୍ୟାର ଅଧ୍ୟାପକ । କନ୍ୟାର ନାମ ସୁଦକ୍ଷିଣା ଦେବୀ ଜାତିରେ କୁଲୀନ ବ୍ରାହ୍ମଣୀ ବୟସ ବ ୧୭ ବର୍ଷ ନିବାସ ବିକ୍ରମପୁର ଢାକା ସ୍ତ୍ରୀ ବିଦ୍ୟାଳୟର ପ୍ରଥମଶ୍ରେଣୀର ଛାତ୍ରୀ । ଏ ବିବାହରେ ସେଠାର ସକଳ ସମ୍ପ୍ରଦାୟର ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ବାବୁ କାନ୍ତିଚନ୍ଦ୍ର ମିଶ୍ର ପୌରହିତ୍ୟ କାର୍ଯ୍ୟ କରିଥିଲେ ।

ହୁଗଲୀର ଡାକ୍ତର ସାହେବ କିଛି ଗୁରୁତର ଦୋଷରେ ସସପେଣ୍ଡ ହୋଇଅଛନ୍ତି ।

ଇଣ୍ଡିୟାନ ଡେଲିନ୍ୟୁସ ଲେଖିଅଛନ୍ତି କି ଜଣେ ଚୀନବାସୀ ମନୁଷ୍ୟ ଚର୍ମର ଯୋତା ନିର୍ମାଣ କରି ବିକିବାରୁ କେହି ପତ୍ରପ୍ରେରକ ବିରକ୍ତ ହୋଇ କହିଅଛନ୍ତି କି ଅନ୍ୟାନ୍ୟ ଚର୍ମ ସବୁ ଏକାର୍ଯ୍ୟ ସକାଶେ ପ୍ରାପ୍ତ ହେବା ସ୍ଥଳେ ଏରୂପ କରିବା ଉଚିତ ନୁହଇ । ବିଶେଷରେ ସ୍ୱଜାତିର ଦେହର ଅଂଶକୁ ଆପଣା ସୁବିଧା ସକାଶେ ବ୍ୟବହାର କରିବା ସ୍ୱଭାବର ବିରୁଦ୍ଧ କାର୍ଯ୍ୟ ଅଟଇ ଓ ଏଥିରେ ଅହଙ୍କାର ଓ ଘୃଣା ଲକ୍ଷିତ ହୁଅଇ । ଏଥକୁ ସମ୍ପାଦକ ପଚାରିଅଛନ୍ତି ଆପଣା ହିତ ସକାଶେ ଜଣେ ଜୀବିତ ମନୁଷ୍ୟଦେହର ଏକାଂଶ ବ୍ୟବହାର କରିବାଠାରୁ ମୃତ ମନୁଷ୍ୟର ସେପରି ଅଂଶ ବ୍ୟବହାର କରିବା କି ଅଧିକ ପାପ ହେବ । ଯାହାଙ୍କର ମନୁଷ୍ୟତା ଅଛି ସେମାନେ ଅଗେ ଜୀବିତ ମନୁଷ୍ୟର କଥା ଭାବନ୍ତୁ ।

ମହାମାନ୍ୟ ଯୁବରାଜଙ୍କ ସହିତ ବିଲାତରୁ ଆସିଥିବା ବିଶେଷ ପତ୍ରପ୍ରେରକମାନେ ଘରକୁ ଫେରି ଯାଇ ଖଣ୍ଡିଏ ୨ ପୁସ୍ତକ ଭାରତବର୍ଷ ବିଷୟରେ ବାହାର କରିବାକୁ ଆରମ୍ଭ କଲେଣି । ରସେଲଖଣ୍ଡ ଏପରି ପୁସ୍ତକ ବାହାରିବାର ସମ୍ବାଦ ଆସିଅଛି । ହିଏ କି ବିଦ୍ୟା ପ୍ରକାଶ କରିବେ ଶୁଣିବାରେ ଆସିବ ।

ମିରର ନାମକ ପତ୍ରିକାରେ ଲେଖା ଅଛି ଯେ ମଗ୍ରା ଜିଲ୍ଲାର ଏକ ଗ୍ରାମରେ ପୀଡ଼ା ଉପଦ୍ରବ ନିବାରଣ ଉଦ୍ଦେଶରେ ସେଠା ନିବାସିମାନେ ହରି ସଂକୀର୍ତ୍ତନ କରି ନିତ୍ୟ ଗ୍ରାମର ଚାରିଆଡ଼େ ବୁଲି ବୁଲୁଥିଲେ । ସେଠାରେ ଥିବା କେତେଜଣ ବ୍ରାହ୍ମ ଏହା ଦେଖି ବ୍ରାହ୍ମ ସଙ୍ଗୀତମାନ ଗାୟନ ପୂର୍ବକ ସଂକୀର୍ତ୍ତନ କରିବାରୁ ଗ୍ରାମର ଲୋକମାନେ ତହିଁରେ ଏମନ୍ତ ମୋହିତ ହେଲେ ଯେ ହିନ୍ଦୁମାନେ ହରିସଂକୀର୍ତ୍ତନ ଏକାବେଳକେ ପରିତ୍ୟାଗ କଲେ । ଏକେଶ୍ୱର ଉପାସନାର ମହତ୍ତ୍ୱ ଏମନ୍ତ ଯେ ଲୋକଙ୍କୁ ସେଦିଗକୁ ଆକର୍ଷଣ କରିବା ସକାଶେ ଯୁକ୍ତିର ସାହାଯ୍ୟ ଲୋଡ଼ା ହୁଅଇ ନାହିଁ ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଏହି ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ଚିରବାଧିତ କରିବା ହେବେ ।

ଏହି ନଗରରେ ଅଳ୍ପଦିନ ତଳେ 'ଶୀତଳଷଷ୍ଠୀ' ନାମକ ଯାତ୍ରା ହୋଇଥିଲା । ତହିଁରେ ଲୁମ୍ଫି (ବୈଶ୍ୟ) ଓ କଂସାରିକାର୍ଯ୍ୟକାରୀ (ଗରୁଡ଼ା) ଏ ଉଭୟଜାତିଙ୍କର ବିବାଦରେ ଉକ୍ତ ଯାତ୍ରାଟି ଏମନ୍ତ ମନୋହର ହୋଇଥିଲା ଯେ, ତାହା ପୂର୍ବରେ କେବେ ହୋଇ ନାହିଁ ପୁଣି ଆଉ କେବେ ହୋଇବ ନାହିଁ ଏପରି ଜନରବ ହୋଇଅଛି । ଯାହାକି ଗ୍ରନ୍ଥଗୃହ ପର୍ଯ୍ୟନ୍ତେ ହୋଇଥିଲା ପ୍ରଥମ ଦିଉଗ୍ରତ ଗରୁଡ଼ାମାନେ କରିଥିଲେ ପୁଣି ଶେଷ ଦିଉଗ୍ରତରେ ଲୁମ୍ଫିମାନଙ୍କର ହୋଇଥିଲା । ଏଥିରେ ଟଙ୍କା ଲକ୍ଷକାର ଉପରେ ବ୍ୟୟ ହୋଇଥିଲା ଏହି ମହୋତ୍ସବ ଦର୍ଶନାର୍ଥେ ପ୍ରାୟ ପଚାଶହଜାର ଲୋକ ଏକତ୍ରିତ ହୋଇଥିଲେ । ଉକ୍ତ ଗ୍ରନ୍ଥଗୃହ ଯାତ୍ରା ଏହି ଉତ୍ସବର ଧୂମଧାମରେ ଏହି ନଗର ପ୍ରାୟ କମ୍ପି ଗଲା ପରି ହୋଇଲା । ଭୟ ଥିଲା ଯେ କେଜାଣି ଏକେବେଳେ ଯାହାରେ କୌଣସି ଆପଦ କାହାରିକୁ ସମ୍ଭବ ପାରେ ମାତ୍ର ପରମେଶ୍ୱର ଓ ପାର୍ବତୀ ଏ ଦିହଙ୍କ ବିବାହ ଉତ୍ସବର ସ୍ମରଣାର୍ଥେ ଏହି

Split by PDF Splitter

Digitized by srujanika@gmail.com

ଯାହା ହୋଇବାରୁ କୌଣସି ଅପଦ ଘଟି ନାହିଁ । ଏଥିରେ ପୁଲିସ କର୍ମଚାରୀମାନଙ୍କରହିଁ ଅବେକ୍ଷଣ ଓ ପରାକ୍ରମ ଦେଖାଗଲା ମାତ୍ର ଦୁଃଖର ବିଷୟ ଏହି ଯେ;—

ଯାହାର ଚତୁର୍ଥ ରାତିରେ ଏକଘଣ୍ଟା କି ଦୁଇଘଣ୍ଟା ସମୟରେ ଏଠା "ମାଦକନିଷେଧକ ସମାଜ" ଅନ୍ତର୍ଗତ ସଭ୍ୟବ୍ୟକ୍ତି ଦୁଇ ତିନିଜଣ ଓ ପୋଲିସ କନ୍‌ଷ୍ଟେବଲ ଦୁଇ ତିନିଜଣ ମିଶି ଯାହାଯାକ ଭ୍ରମଣ କରି ଦେଖିବାରେ ବ୍ୟସ୍ତ ଓ ତୃଷାତୁର ହୋଇ ଏକ ଭାଙ୍ଗ ଦୋକାନ ଠାରେ ହାଜର ହେଲେ । ଦୋକାନ ଦ୍ୱାର ବନ୍ଦ ହୋଇଥିବାର ଦେଖି ବାବୁମାନେ ଦ୍ୱାରକୁ ଗଣ୍ଡାକେତେ ଧଡଧାଡ କରି ଦେଲେ, ତହିଁରେ ଦୋକାନରେ ନିଦ୍ରା କରୁଥିବା ଏକ ବାଳକ ଭୟଗ୍ରସ୍ତ ହୋଇ କାଉଦ୍ୱାର ଦେଇ ବାବୁମାନଙ୍କ ନିକଟକୁ ପିକାଟଣ୍ଡ୍ରେ ଲଗାଇ ଆସିଲା । ଏମନ୍ତ ହୁଅନ୍ତେ ଉକ୍ତ ବାବୁମାନଙ୍କ ମଧ୍ୟରୁ ଜଣେ ମାଦକନିଷେଧକ ବାବୁ ଉକ୍ତ ପଠାଣଟୋକା ଉପରେ କ୍ରୋଧାନ୍ୱିତ ହୋଇ ବିଧା ମୁଷ୍ଟାକେତେ କଷି ଦେଇ ତାହା ହାତରୁ ପିକାଟଣ୍ଡ୍ରେ ଛଡାଇ ଦେଇ କହିଲେ, "ତୁ ବେଲୁଫ୍ ହାମରା ସାମନେ ତମାଖୁଗାକୋ ଆତାହେ" ? ଏଥିରେ ପଠାଣଟୋକା "ମାରଡାଲେହୋ" ବୋଲି ରଡି ପକାଇଲା । ବାଳକର ରୋଦନ ଶୁଣି ଚାରିପାଞ୍ଚ ପଠାଣ ପହଞ୍ଚିଗଲେ ସେମାନଙ୍କୁ ଦେଖି ପୁଲିସ କନ୍‌ଷ୍ଟେବଲମାନେ ଓ ଅନ୍ୟ ଦୁଇଜଣ ଆପଣା ସିଆଣାପଣରେ ଦୌଡ଼ି ପଳାଇ ଗଲେ, ବାକି ଦୁଇଜଣଙ୍କୁ ଧରି ପକାଇ ଏମନ୍ତ କିଲି ଦେଇ ଗଲେ ଯେ ବାବୁଙ୍କର ଚେତାଟି ବୁଡିଗଲା, ଏଥିରେ ତାଙ୍କୁ ସେଠାରେ ପକାଇ ଦେଇ ପଠାଣେ ପଳାଇ ଗଲେ, ବାବୁ ଝଡ଼କାଳ ଦମ୍ ନେଇ ଗୋଟିଏ୨ ପଦୁଣ୍ଡିବାକେ କଲେ; ଅନ୍ୟ ବାବୁଙ୍କୁ ମଧ୍ୟ ବିଧା ମୁଷ୍ଟାକେତେ ହୋଇଗଲା, ବାବୁ ମାଡ଼ଗୋଳଅ ନହନ୍ତି କିନା; ମାତ୍ର ଯାହାଦ୍ୱାରେ କି ଅଗଣନୀୟ ସମାଜରେ କଳି ଆରମ୍ଭ କରିଦିଅନ୍ତି, ପୁଣି ତହିଁରୁ ଜାତ ଯେଉଁ ଫଳ ତାହା ଉପଯୁକ୍ତ ପ୍ରକାରେ ଗ୍ରହଣ କରନ୍ତି । ଅନ୍ୟ ବାବୁ ତହୁଁ ଅରଦନ ନିଜ ଗୃହଠାରେ କେ-ଭେଶ୍ଚଭାବେ ରକ୍ତ ଉଦ୍ଗାର କରି ପକାଇଲେ, ଶୁଣାଯାଏ ଯେ ବାବୁ ପୁନଶ୍ଚ ତାହା କରି ପାନ କରି ପକାଇ କହିଲେ ଯେ "ସିଲଙ୍ଗିବିଦ୍ୟାରେ ଏପରି କରିବାର ବିଧି ଅଟେ" । ବାବୁ ଉକ୍ତ ବିଦ୍ୟାରେ ମଧ୍ୟ ପାରଗ ଅଟନ୍ତି ।

ଅନନ୍ତର ଭଲେ ଏଠାକୁ ଶ୍ରୀ ଶ୍ରୀ ଶ୍ରୀ ମଞ୍ଜୁଷା ରାଜା ବିଜେ କରିଥିଲେ ରାଜାଙ୍କ ଅଗମନରେ ଏଠାର ପ୍ରଧାନ୨ ସାହେବମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥିଲେ, ରାଜା ଏକ ବିସ୍ତାରିତ ମୈଦାନରେ ଛାଉଣି କରି ସେଠାରେ ଏକ ବୃହତ୍ ଓ ମନୋହର ଶାମିଅନ ପକାଇ, ମର୍ଯ୍ୟାଦା ପ୍ରକାରେ ପ୍ରତିହାକିମ୍ (ପ୍ରତ୍ୟେକ ଇୟୁରୋପିୟ ସାହେବମାନଙ୍କ) ନିକଟକୁ ଅପାଣର ହାତୀ, ପାଲକି, ଦୁହୁଡା ଓ ଅଶ୍ୱ ଆଦି ପ୍ରେରଣ କରି ସେମାନଙ୍କୁ ଆମନ୍ତ୍ରଣ କରିଥିଲେ । ପ୍ରଶଂସନୀୟ ରାଜା ପ୍ରତ୍ୟେକ ଆମନ୍ତ୍ରିତ ହାକିମମାନଙ୍କ ହସ୍ତ ଦେଇ ସେମାନଙ୍କୁ ଆସନରେ ବସାଇ ପ୍ରତ୍ୟେକଙ୍କ ଗଳାରେ କସ୍ତୁରମାଳା ଲଗାଇ ଦେଲେ । ତାଙ୍କ ମନ୍ତ୍ରୀ ମଧ୍ୟ ଆପଣା କର୍ମରେ ଅର୍ଥାତ୍ ଉକ୍ତ ହାକିମମାନଙ୍କୁ ପାଛୋଟି ଆଣିବାରେ ମର୍ଯ୍ୟାଦାର କିଛି ତ୍ରୁଟି କରି ନାହାନ୍ତି । ସମସ୍ତେ ବସିଲା ପରେ କି ବାଣଆଦି ଲଗାଗଲା ଏବଂ ବେଶ୍ୟା ନୃତ୍ୟର ଭାରି ଧୂମଧାମ ଲଗିଲା । ପ୍ରାୟ ଦଶମିନିଟଲୁ ଏକ୨ ଯୋଡ଼ା କରି ଦୁଇଘଣ୍ଟା ଯାଏ ଏତେ ନୃତ୍ୟ ହୋଇଗଲା ଯେ ଯେତେ ବେଶ୍ୟା ଆସିଥିଲେ ତାହାର ସୁମାର କିଛି ରହିଲା ନାହିଁ । ସଭା ସାଙ୍ଗ ହୁଅନ୍ତେ ରାଜା ଉକ୍ତ ହାକିମମାନଙ୍କୁ ମର୍ଯ୍ୟାଦା ରୂପେ ବିଦାୟ କଲେ ।

ଏହି ରାଜା ଗଞ୍ଜାମ ଜିଲାର ସବୁ ରାଜାମାନଙ୍କଠାରୁ ସୁଶିକ୍ଷିତ ଓ ସଭ୍ୟ ପରି ଦେଖାଯାଉଅଛନ୍ତି । ତାଙ୍କର ଅଧୀନସ୍ଥ ପ୍ରଜାମାନେ ତାଙ୍କର ପ୍ରତିପାଳନରେ କୁଶଳରେ କାଳଯାପନ କରନ୍ତି । ଅନ୍ୟ ଗଡ଼ଜାତ ସ୍ଥଳମାନଙ୍କଠାରୁ ତାହାଙ୍କର ଯେଉଁ ଉଆସ ତାହା ଅତି ସୁନ୍ଦର ଓ ନିର୍ମଳ ଓ ଗ୍ରାମ ପରିଷ୍କାର ଅଟଇ ରାଜା ଆପଣା ଗ୍ରାମରେ ଇଂରେଜୀ ଓ ସଂସ୍କୃତ ବିଦ୍ୟାଳୟ ଏବଂ ରିଡିଙ୍ଗରୁମ ( Reading Room ) ଏବଂ ସରକାରର ଅନୁମତିରେ ଏକ ପୋଷ୍ଟ ଅଫିସ୍ ( Post office ) ଏ ଆଦି ସ୍ଥାପନ କରିଅଛନ୍ତି; ଏଥିରେ ରାଜାଙ୍କର ସଭ୍ୟତା ଓ ପ୍ରଜାମାନଙ୍କର ପ୍ରତି ତାଙ୍କର କର୍ତ୍ତବ୍ୟତା ପ୍ରକାଶ ପାଏ । ମାତ୍ର ବ୍ରହ୍ମପୁରରେ ବିଜେ କରି ଇଉରୋପୀୟ ଭଦ୍ରଲୋକମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କୁ ବେଶ୍ୟାନାଟ ଦେଖାଇବାରେ ରାଜାଙ୍କର କେଉଁ ସଂହାନ୍ତ ସଭ୍ୟତା ଓ ବିବେକତା ପ୍ରକାଶ ହେଲା ତାହା ଆମ୍ଭେ ସ୍ଥିର କରି ପାରୁ ନାହୁଁ ।

ଜଣେ ସତ୍ୟବାଦୀ

---

## ବିଜ୍ଞାପନ ।

---

### ଗୁନ୍ଦବାଲ୍ ଏବଂ କଲିକତା

---

ଜାହାଜ ।

ଓଡ଼ିଶ୍ୟା ଏବଂ କ.ର.ଭଡ

ଗୁନ୍ଦବାଲ ଓ କଲିକତା ମଧ୍ୟରେ ନିୟମିତ ରୂପେ ଗତାୟାତ କରୁଅଛି ।

ଏ ଜାହାଜମାନଙ୍କରେ ଅନେକ ମନୁଷ୍ୟ ଯିବା ଆସିବା କରିପାରନ୍ତି ଓ ଉତ୍ତମ ଜାଗା ମିଳେ ଓ ଏମାନ ନୂତନ ଓ ବଳବାନ୍ ଧୂଆଁକଳ ଜାହାଜ ଥିବାରୁ ଏ ଯେ ଚଉଦଘଣ୍ଟା ଭିତରେ କଲିକତା ଓ ଗୁନ୍ଦବାଲ ମଧ୍ୟରେ ଯିବା ଆସିବା କରିପାରେ ଜାହାଜକୁ ଯିବା ଆସିବା କରିବା ନିମନ୍ତେ ଗୁନ୍ଦବାଲଠାରେ ଦୁଇଗୋଟି ଜେଟି (କାଠରସ୍ତା) ତିଆର ହୋଇଅଛି ଓ ସେହି ଦୁଇ ଜେଟି ପାଶରେ ଜାହାଜ ନଙ୍ଗର କରେ ସୁତରାଂ ଜାହାଜକୁ ଯିବା ଆସିବା ନିମିତ୍ତ ଗୋଡରେ ପାଣି ଲାଗଇ ନାହିଁ ଏଠାରେ ଯାତ୍ରୀଙ୍କ ରହିବା ଏବଂ ରନ୍ଧି ଖାଇବା ନିମନ୍ତେ କମ୍ପାନୀ ଉତ୍ତମ ବସା ଘରମାନ ତିଆର କରିଅଛନ୍ତି ଜାହାଜର ଭଡ଼ା ଅତ୍ୟନ୍ତ ଅଳ୍ପ ଅଟଇ ।

ଜାହାଜର ଯିବା ଆସିବା ସମ୍ପର୍କରେ ଆଉ ଯାହା ସମ୍ବାଦ ଦରକାର ହେବ ଏଜେଣ୍ଟ ସାହେବଙ୍କ ଠାରେ ପଚାରିଲେ ମିଳିପାରିବ ।

ଗୁନ୍ଦବାଲି
ତା. ୧୪ରିଖ ଜୁନ
ସନ ୧୮୭୬

ମେକ୍‌ନିଲ କମ୍ପାନୀ
ଉଇଲିୟମ ଲେମ୍ବାର୍ଟ
ସାହେବ ଏଜେଣ୍ଟ

---

## ମୂଲ୍ୟପ୍ରାପ୍ତି ।

---

| | | |
|---|---|---|
| ମହନ୍ତ ରାମାନୁଜଦାସ ଢେଙ୍କାନାଳ | ବକେୟା | [illegible] |
| ମୁନସି ପିରୁଖାଁ | କଣ୍ଟି ଅଗ୍ରିମ | [illegible] |
| ବାବୁ ଗୌରଚନ୍ଦ୍ରରାୟ | କଟକ ବକେୟା | [illegible] |
| " ଗିରଧାରୀମହାନ୍ତି | " " | [illegible] |
| " କୃଷ୍ଣମୋହନଘୋଷ | " " | [illegible] |
| " ରଘୁନାଥଘୋଷ | " " | [illegible] |

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୧ଶ । ସଂ ୨୭ଖ୍ୟା ।
ତାଂ୧୫ ଜୁଲାଇ ସନ ୧୮୭୬ମସିହା । ମୁ । ଆଷାଢ଼ ଦି ୨୦ନ ସନ ୧୨୮୩ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୪୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୯
ମଫସଲପାଇଁ ଡାକମାସୁଲ ଟ୧୫/

ଖୋରଧା ବନ୍ଦୋବସ୍ତ ସମ୍ପର୍କରେ ଏନଗରରେ ଗୋଟିଏ କ୍ଷୁଦ୍ର ଦରବାର ହୋଇଥିଲା । ପୁରୀର କଲେକ୍ଟର ମାକ୍‌ସନ୍ ସାହେବ ଓ ଖୋରଧାର ଡେପୁଟୀ କଲେକ୍ଟରମାନଙ୍କୁ ଶ୍ରୀଯୁକ୍ତ କମିଶନର ସାହେବ ଡକାଇ ଆପଣା କୋଠିଠାରେ ବନ୍ଦୋବସ୍ତର ନିୟମାବଳୀ ସ୍ଥିର କରୁଥିଲେ । କି ନିୟମମାନ ଧାର୍ଯ୍ୟ ହେଲା ତାହା ପ୍ରକାଶ ହେବାର ନୁହଇ କାର୍ଯ୍ୟରେ ସବୁ ଦେଖାଯିବ ମାତ୍ର ଖୋରଧାର ବନ୍ଦୋବସ୍ତରେ ଏତେ ଆଡମ୍ବର ଦେଖି ଆମ୍ଭମାନଙ୍କର ଏହି ଅନୁମାନ ହେଉଅଛି ଯେ ଓଡ଼ିଶା ପ୍ରଦେଶର ଉଚିତ ବନ୍ଦୋବସ୍ତର କାର୍ଯ୍ୟାବଳୀ ବର୍ତ୍ତମାନର କମିଶନରଙ୍କ ମନୋନୀତ ହୋଇ ନାହିଁ କାରଣ ତାହା ହୋଇଥିଲେ ସେହି ଆଦର୍ଶରେ କର୍ମ କରିବାର ଆଜ୍ଞା ହୁଅନ୍ତା ସଦର ମୋଫସଲରେ ଏତେ ଆଡ଼ମ୍ବରର ପ୍ରୟୋଜନ କି ଅଛି ?

---

ଏ ବର୍ଷ ପୁରୀରେ ରଥଯାତ୍ରା ପର୍ବ ଅଳ୍ପ ସମାରୋହରେ ନିର୍ବାହ ହୋଇଥିବାର ଜଣାଯାଏ । ଏପର୍ଯ୍ୟନ୍ତ ଯେମନ୍ତ ବାଟ ଘାଟ ଶୃଙ୍ଖଳ ଥିଲା ଓ ଦୁର୍ଭିକ୍ଷ ବା ମାରୀଭୟ ନ ଥିଲା ତହିଁରେ ଅଧିକ ଯାତ୍ରୀ ଆସିବାର ସହଜରେ ଅନୁମାନ ହେଉଥିଲା । ମାତ୍ର ପୁରୀରୁ ଆମ୍ଭେମାନେ ସମ୍ବାଦ ପାଇଅଛୁଁ ଯେ ଏବର୍ଷ ଯାତ୍ରୀ ସଂଖ୍ୟା ଊଣା ହୋଇଥିଲା । ପ୍ରାୟ ୩୦,୦୦୦ ଯାତ୍ରୀ ଗୁଣ୍ଡିଚା ଦିନ ସେଠାରେ ଠୁଳ ହୋଇଥିଲେ ଓ ସମସ୍ତେ ସହଜରେ ଦର୍ଶନ ଲଭିଅଛନ୍ତି କୌଣସି ଦୁର୍ଘଟନା ଘଟି ନାହିଁ ଓ ଓଲାଉଠାର ଉପଦ୍ରବ ଅନ୍ୟାନ୍ୟ ବର୍ଷାପେକ୍ଷା ଅନେକ ଊଣା ଅଛି ।

ଶ୍ରୀଗୁଣ୍ଡିଚା ଦିନ ଅପରାହ୍ନ ଘ ୫ ଣ୍ଟା ସମୟରେ ପହଣ୍ଡିବିଜେ ଆରମ୍ଭ ହେଲା ଓ ରାତ୍ର ଘ ୮ ଣ୍ଟା ମଧ୍ୟରେ ଠାକୁରମାନେ ରଥରେ ଉପବିଷ୍ଟ ହେଲେ । ସେ ଦିନ ରଥ ସେହିଠାରେ ଥିଲା ।

ଅରଦିନ ସକାଳବେଳେ ବଳଭଦ୍ରଙ୍କ ଓ ଅପରାହ୍ନବେଳେ ସୁଭଦ୍ରାଙ୍କ ରଥ ଅଧେ ବାଟ ଯାଏ ଟଣା ହୋଇଗଲା ।

ପୁରୀର ରାଜା ଖଡ଼୍ଗଗଡ଼ରେ ଚଢ଼ି ସମାରୋହ ଦେଖି ବୁଲୁଥିଲେ ।

ତା ୧୫ ରଖ ସୋମବାର ବଳଭଦ୍ରଙ୍କ ଓ ତା ୧୬ ରଖ ମଙ୍ଗଳବାର ସୁଭଦ୍ରାଙ୍କ ରଥମାନ ଗୁଣ୍ଡିଚାମଣ୍ଡପରେ ପହଞ୍ଚିଲା । ତା ୧୭ ରଖ ମଙ୍ଗଳବାର ସକାଳବେଳେ ଜଗନ୍ନାଥଙ୍କ ରଥ ମାଉସୀମା ଘର ପର୍ଯ୍ୟନ୍ତ ଆସି ଅପରାହ୍ନକାଳରେ ଗୁଣ୍ଡିଚାମନ୍ଦିରରେ ପ୍ରବେଶ ହେଲା । ଅର୍ଦ୍ଧରାତ୍ରରେ ପହଣ୍ଡିବିଜେ ଆରମ୍ଭ ହେଲା ଓ ରାତ୍ର ଶେଷ ହେବାକାଳରେ ଠାକୁରମାନେ ଗୁଣ୍ଡିଚାମଣ୍ଡପର ସିଂହାସନରେ ଉପବିଷ୍ଟ ହେଲେ ସେ ଦିନ ହେରାପଞ୍ଚମୀ ଥିଲା ଓ ଲକ୍ଷ୍ମୀଠାକୁରାଣୀ ବହୁତ ରାତ୍ରରେ ଆସି ଠାକୁରଙ୍କୁ ଫେରାଇ ନେବାର ଚେଷ୍ଟା କଲେ ମାତ୍ର ସଫଳ ନ ହେବାରୁ ରଥରୁ ଖଣ୍ଡେ ଭାଙ୍ଗି ନେଇ କୋପ କରି ଚାଲିଗଲେ ।

ଯାତ୍ରିମାନେ ଫେରୁ ବାହାର ଅଛିଲେଣି ଦୁଇ ଏକ ହଜାର ମାତ୍ର ସେଠାରେ ଅଛନ୍ତି । ବର୍ଷା ଆଉ ହୋଇ ନାହିଁ ଓ ଗୁଣ୍ଡିଚା ମନ୍ଦିରରେ ଅନ୍ନଛେତ୍ର ହେଉଅଛି ।

---

ଆମ୍ଭେମାନେ କୌଣସି ବନ୍ଧୁଠାରୁ ଓଲାଉଠାରୋଗର ଅଭିନବ ଚିକିତ୍ସା ସମ୍ପର୍କୀୟ ଗୋଟିଏ ଲିପିଖଣ୍ଡିକ ପାଇ ସର୍ବସାଧାରଣଙ୍କ ଗୋଚରାର୍ଥେ ତାହା ପ୍ରକାଶ କରୁଅଛୁଁ । ଏଚିକିତ୍ସା ଅନେକ ସ୍ଥଳରେ ବିଶେଷ ଫଳପ୍ରଦ ହୋଇଅଛି ଓ ପରୀକ୍ଷା କରି ଦେଖିବାର ଉଚିତ ।

### ଓଲାଉଠାରୋଗର ପ୍ରତୀକାର ।

କୌଣସି ବ୍ୟକ୍ତିକୁ ଝାଡ଼ାବାନ୍ତି ଲାଗିଲାକ୍ଷଣି ଏକ ପଲମରେ ନିଆଁ ରଖି ପୀଡିତଲୋକର ମୁଣ୍ଡଠାରୁ ଦୁଇହାତ ଅନ୍ତରେ ପବନମୁଖରେ ଥୋଇବ । ସେ ନିଆଁ ଉପରେ ଆଉ ଏକ ସାନ ପଲମ ରଖି ତାହା ତାତିବା ପର୍ଯ୍ୟନ୍ତ ନିଆଁକୁ ଫୁଙ୍କିବ । ସେ ପଲମ ଉତ୍ତମରୂପେ ତାତିଲେ ସେହି ସାନ ପଲମରେ ଏକଛଟାଙ୍କ କି ଅବା ତହିଁର ଅଧେ ଗନ୍ଧକ ପକାଇଲେ ସେ ତରଳି ଯିବ ପୁଣି ସେ ଗନ୍ଧକକୁ ଜଳାଇବା ନିମନ୍ତେ ଦିଆସିଲାଇ ନୋହିଲେ ଖଣ୍ଡେ ଜଳନ୍ତା କାଠ ନେଇ ତହିଁରେ ଲଗାଇବ ତେଣୁ ନୀଳବର୍ଣ୍ଣ ଶିଖାରେ ସେ ଗନ୍ଧକ ଶେଷ ହେବା ପର୍ଯ୍ୟନ୍ତ

Digitized by srujanika@gmail.com

Split by PDF Splitter



ଚଳୁଥିବ । ଯେପର୍ଯ୍ୟନ୍ତ ରୋଗ ଦୂର ନ ହୁଏ ସେପର୍ଯ୍ୟନ୍ତ ଅର୍ଦ୍ଧଘଣ୍ଟାକୁ ଅର୍ଦ୍ଧଘଣ୍ଟା ଗନ୍ଧକ ଜଳାଇବାକୁ ହେବ । ସେରୋଗ ବହୁତ ଊଣା ହେଲେ ତାହାର ଆରମ୍ଭରୁ ୪୮ ଘଣ୍ଟା ଯାଏ ଦୁଇସନ୍ଧ୍ୟାରେ ଥରେ ଲେଖାଏଁ ଗନ୍ଧକ ଜଳାଇବାକୁ ହେବ । ପୁଣି ସେ ରୋଗ ପୁନର୍ବାର ଆରମ୍ଭ ହେଲେ ପୂର୍ବପର ଅର୍ଦ୍ଧଘଣ୍ଟାକୁ ଅର୍ଦ୍ଧଘଣ୍ଟା ଜଳାଇବ ।

ଯଦ୍ୟପି ପୀଡ଼ିତଲୋକ ଗୃହରେ ଥାଏ ତେବେ କବାଟ ଓ ଝିଲିମିଲି ଫିଟାଇବାକୁ ହେବ ପୁଣି ଗନ୍ଧକଧୂଆଁ ଯେମନ୍ତ ତାହାର ଦେହରେ ବାଜିବ ସେ ବିଷୟରେ ସାବଧାନ ହେବ । ଯେବେ ପୀଡ଼ିତଲୋକ ଘର ବାହାରେ ଥାଏ ତେବେ ଗନ୍ଧକ ଜଳାଇବା ପୂର୍ବରେ ତାକୁ ପବନ ନ ଲାଗିବା ସ୍ଥାନକୁ ନେବାକୁ ହେବ । ଏପରି ଉପାୟ କଲେ ଜଗଦୀଶ୍ୱରଙ୍କ ଆଶୀର୍ବାଦରୁ ଉପର୍ଯ୍ୟୁକ୍ତ ଭୟାନକ ରୋଗ ନିବାରଣ ହୋଇପାରେ ଆମ୍ଭେ ଏହା ଭରସା କରୁଁ ।

ଚାର୍ଲିସ ଆର, ଟ, ପାର୍କର ।
ସରଜେଣ୍ଟ ମେଜର ୧୬ ରେଜିମେଣ୍ଟ ।

---

ଯଦ୍ୟପି ସାର୍ବତଃ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟ ଯେତେ ଉପାୟ କରନ୍ତୁ ଅମଲାଙ୍କର ଘୁଷ ନେବା ନିବାରଣ କରିବା ଅତି କଠିନ କଥା ଓ କୌଣସିରୂପେ ତାହା ବନ୍ଦ ହେବାର ନୁହଇ ତଥାଚ ସୁଖର ବିଷୟ ଯେ ସମୟ ୨ ରେ ଏ ବିଷୟରେ କଥଞ୍ଚିତ୍ ଧୂମଧାମ ଦରବାରରେ ପଡ଼ିଯାଏ ଓ କେହି ୨ ଅମଲା ଦଣ୍ଡ ମଧ୍ୟ ଲଭନ୍ତି ସମ୍ପ୍ରତି ଏଠା ହାକିମ ଓ ସର୍ବସାଧାରଣଙ୍କର ଏ ବିଷୟରେ ଦୃଷ୍ଟି ପଡ଼ିଅଛି ଯାଜପୁର ସବ୍‌ଡିଭିଜନ ମହକୁମାର ଜଣେ ଅମଲା ନାମରେ ବେନାମୀ ଓ ସ୍ୱନାମୀ ଦରଖାସ୍ତ ପଡ଼ିଥିଲା । କଲେକ୍ଟର ସାହେବ ପୁଲିସଦ୍ୱାରା ତହିଁର ତଦନ୍ତ କରି ଅମଲାର ଚରିତ୍ର ମନ୍ଦ ଥିବାର (ଅର୍ଥାତ୍ ସେ ଘୁଷ ନେବା ଏବଂ ସାକ୍ଷିଙ୍କି ଆପଣା ବସାକୁ ନେଇ ଶିକ୍ଷା ଦେବା ଇତ୍ୟାଦି) ଜାଣିବାରୁ ତାହାକୁ କର୍ମରୁ ବାହାର କରି ଦେଇଅଛନ୍ତି ବୋଧ ହୁଏ କୌଣସି ଅପରାଧ ଆଇନର ପ୍ରୟୋଜନ ମତେ ପ୍ରମାଣ ନ ହେବାରୁ ସେ ଫଉଜଦାରୀ ଦଣ୍ଡରୁ ରକ୍ଷା ପାଇଲା ଏତେକ ଆଶ୍ଚର୍ଯ୍ୟର ବିଷୟ ଅଟଇ । ଏଠା କଲେକ୍ଟରୀ ମହାଫିଜଖାନାର ଦୁଇଜଣ ଅମଲା ଏହି ଅପରାଧରେ ସସ୍‌ପେଣ୍ଡ ହୋଇଅଛନ୍ତି ଓ ଏହାଙ୍କ ମକଦ୍ଦମା ବିଚାରାଧୀନରେ ଅଛି । ଏମାନେ ସରକାରର ଷ୍ଟାମ୍ପ ମାଗି କରି ଲୁଚାଇ ସାଦା ନକଲ ଦେଉଥିବା ଅପରାଧରେ ଧରା ପଡ଼ିଅଛନ୍ତି ବିଚାରରେ କି ହେବ ତାହା ପ୍ରକାଶ ପାଇବ । କଲେକ୍ଟରସାହେବ ଏଥିପାଇଁ ମହାଫିଜଙ୍କୁ ଦାୟୀ କରିଅଛନ୍ତି । ନିଗୂଢ଼ କଥାମାନ ବାହାରିଲେ କାହାର କି ପରିମାଣରେ ଦୋଷ ଅଛି ପ୍ରକାଶ ପାଇବ ମାତ୍ର ସେସବୁ ବାହାରିବାଟା ସହଜ ନୁହଇ ।

ଶୁଣିଲୁଁ ଯେ ଏସମ୍ପର୍କରେ ୫ଟିଏ ବେନାମୀ ଦରଖାସ୍ତ କମିଶ୍ନର ସାହେବଙ୍କ ହସ୍ତଗତ ହୋଇଅଛି ଓ ତହିଁରେ ଯାହା ଲେଖା ଅଛି ଯେବେ ସତ୍ୟ ହୁଅଇ ତେବେ କଲେକ୍ଟରୀ ମହକୁମାରେ ଭାରି ଗୋଲମାଲ ଚଳୁଅଛି ବୋଲିବାକୁ ହେବ । ଏଥିରେ ମୁନସଫୀ ମହକୁମାର ଅମଲାଙ୍କ ବିରୁଦ୍ଧରେ ମଧ୍ୟ ବହୁତ ଲେଖା ଅଛି । ଯଦ୍ୟପି କି ସାଧାରଣ ନିୟମରେ ବେନାମୀ ଦରଖାସ୍ତ ଶୁଣିବାର ଉଚିତ ନୁହଇ ତଥାଚ ଯେତେବେଳେ ଏ ପ୍ରଦେଶର ସର୍ବୋଚ୍ଚ ହାକିମ ତାହା ଶୁଣିଅଛନ୍ତି ସେତେବେଳେ ତହିଁର ସାଧ୍ୟାନୁସାର ତଦନ୍ତ କରିବାର ଉଚିତ କାରଣ ତାହା ନ ହେଲେ ହାକିମଙ୍କ ମନରେ କୌଣସି ଦୁଷ୍ଟ ଲୋକର ଖଟୁଆପଣରୁ କେହି ନିର୍ଦ୍ଦୋଷୀ ଅମଲା ଉପରେ ମଧ୍ୟ ଅଶ୍ରଦ୍ଧା ଜନ୍ମି ପାରେ ଓ ସେରୂପ ହେଲେ ବଡ଼ ଦୁଃଖର ବିଷୟ ହେବ । ଅମଲାମାନଙ୍କର ଘୁଷ ନେବା ସାଧାରଣ ନିୟମ ହେଲେହେଁ ଅମଲା ମାତ୍ରକେ ଯେ ଘୁଷ ଖାଅଇ ଏ କଥା ବର୍ତ୍ତମାନ ସମୟରେ ବୋଲିଯାଇ ନ ପାରେ କାରଣ ଆମ୍ଭେମାନେ ଦୃଢ଼ରୂପେ କହି ପାରୁଁ ଯେ କେତେଗୋଟି ଅମଲା ଘୁଷ ନେବା ଅପରାଧରୁ ସର୍ବତୋଭାବରେ ଅନ୍ତର ଥିବାର ଏଠାକାର ସର୍ବସାଧାରଣ ଉତ୍ତମରୂପେ ଜାଣନ୍ତି ।

---

ଘାଟ ପାରହେବାର ବନ୍ଦୋବସ୍ତ ।

ଯାତ୍ରିଙ୍କର ନଦୀଘାଟ ପାରହେବା ଗୋଟିଏ ବାର୍ଷିକ ମହାଦୁଃଖ ଅଟଇ ଓ ଯଦ୍ୟପି କି ଇଂରେଜଙ୍କର ଶାସନରେ ବର୍ଷକୁବର୍ଷ ଅନେକ ପ୍ରକାର ଉତ୍ତମ ବନ୍ଦୋବସ୍ତଦ୍ୱାରା ପ୍ରଜାଙ୍କର ନାନାପ୍ରକାର କ୍ଲେଶର ପ୍ରତୀକାର ହେଉଅଛି ଏବଂ ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧି ହେବାର ଉପାୟ ହେଉଅଛି କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଘାଟପାର ବିଷୟରେ ବର୍ଷକୁବର୍ଷ ଅତ୍ୟାଚାର ବଢ଼ୁଅଛି ଓ ହାକିମମାନେ ତହିଁପ୍ରତି କିଛିମାତ୍ର ଦୃଷ୍ଟି କରୁ ନାହାନ୍ତି । ଘାଟପାର ବିଷୟରେ ପ୍ରବନ୍ଧ ଲେଖିବା ଆମ୍ଭମାନଙ୍କର ଗୋଟିଏ ବାର୍ଷିକ କାର୍ଯ୍ୟ ହୋଇଅଛି କିନ୍ତୁ ତହିଁରେ କିଛି ଫଳ ନାହିଁ ବୋଲି ଆମ୍ଭେମାନେ ନିଶ୍ଚୟ ଜାଣି ଏବର୍ଷ ତହିଁର ଉଲ୍ଲେଖ କରିବାକୁ ଆଦୌ ଇଚ୍ଛା ନ ଥିଲା ମାତ୍ର ଏବର୍ଷ ବନ୍ଦୋବସ୍ତରେ ଗୋଟିଏ କୌତୁକଜନକ ବ୍ୟାପାର ଅବଗତ ହେବାରୁ ତାହା ନ କହି କ୍ଷାନ୍ତ ରହି ନ ପାରିଲୁଁ ସୁତରାଂ ପୁନର୍ବାର ଲେଖନୀ ଧାରଣ କରିବାକୁ ହେଲା ।

ବନ୍ଦୋବସ୍ତ କଥା ଆଲୋଚନା କରୁ କରୁ ଗୋଟିଏ କାହାଣି ଆମ୍ଭମାନଙ୍କ ମନରେ ପଡ଼ିଲା ଅଛି ତାହା ପାଠକଙ୍କୁ ଜଣାଇବାର ଆବଶ୍ୟକ ଯେ ତହିଁରୁ ବନ୍ଦୋବସ୍ତର ଅବସ୍ଥା ବୁଝିବାକୁ ସହଜ ହେବ । କାହାଣିଟି ଏହି ଯେ ଜଣେ ଫକୀର କେହି ବଡ଼ଲୋକ ଦ୍ୱାରକୁ ଭିକ୍ଷା ମାଗିବାକୁ ଗଲା । ଫକୀର ବଡ଼ଲୋକଙ୍କୁ ଆପଣାଦ୍ୱାରେ ଦେଖି ଭିକ୍ଷା ମାଗନ୍ତେ ବଡ଼ଲୋକ କିଛି ଦେବାକୁ ନିଷେଧ କଲେ ଓ ତହିଁସଙ୍ଗେ କୋପ ମଧ୍ୟ ପ୍ରକାଶ କଲେ । ତହୁଁ ଫକୀର ବାହୁଡ଼ି ଆସିଲା । ବଡ଼ଲୋକଙ୍କ କୁକୁର ନିକଟରେ ଥିଲା ମୁନିବର ରାଗ ଦେଖି ବସ୍ତ୍ର ତର୍ଜନ ଗର୍ଜନ ପୂର୍ବକ ଫକୀରକୁ କାମୁଡ଼ିବାକୁ ଯାଇଁଲା ଫକୀର ସେତେବେଳେ ମହାବିପଦରେ ପଡ଼ି ବଡ଼ଲୋକ ଆଡ଼କୁ ଚାହିଁ କହିଲା "ମେଡ ଭିକସେ କାଜଅସ୍ତା ତେଁ ଅପନା କୁତ୍ତାକୁ ବୋଲାଲେ" ଅର୍ଥାତ୍ ମୁଁ ଭିକର ଆଶା ଛାଡ଼ିଲି ଆପଣ ଆପଣା କୁକୁରକୁ ଡାକି ନିଅ ।

ଘାଟପାରରେ ଠିକ ଏହିପରି ଦଶା ଘଟିଅଛି । ଯାତ୍ରୀମାନେ କାଠଯୋଡ଼ୀ ସେପାରରେ ଗାଡ଼ି ପାଲିଙ୍କି ଇତ୍ୟାଦି ନେଇ ବଡ଼ ହରବର୍‌ରେ ପଡ଼ିବାରୁ ତାହାଙ୍କ ମଧ୍ୟରୁ କେତେକଜଣ ସାହସୀଲୋକ ମାଜିଷ୍ଟ୍ରେଟସାହେବଙ୍କ ନିକଟକୁ ଗୁହାରି କରିବାକୁ ଆସିଥିଲେ । ଜଣେ ମିସଲକୁ ଯାଇ ଘାଟ ଅମଲା ଓ ପୁଲିସ ନାମରେ ଗୁହାରି କଲା କି ସେମାନେ ଅଧିକା ମାସୁଲ ମାଗୁ ଅଛନ୍ତି ଓ ପାରି କରୁ ନାହାନ୍ତି । ସାହେବ ତାହାକୁ ଠାଣ୍ଡାମତେ ନାଲିଶ କରିବାକୁ ଆଜ୍ଞା ଦେଲେ ବାଟୋଇ ଲୋକ ମାମଲା କରି ବନ୍ଦ ରହିବା ସହଜ କଥା ନୁହଇ ଏହା ଭାବି ସେ କିଛି ଓଜର କଲାକୁ ତାହା ଉପରେ କୋପ ପ୍ରକାଶ କଲେ ତହୁଁ ସେ ଫେରି ଆସିଲା । ମାତ୍ର କଚେରୀରୁ ବାହାରିଲା ମାତ୍ରକେ ପୁଲିସ ଇନ୍‌ସ୍ପେକ୍ଟର ଦେଖିଲେ ଯାତ୍ରିଙ୍କୁ ନଗର ମଧ୍ୟକୁ ଆସିବାର

Digitized by srujanika@gmail.com

Split by PDF Splitter



ନିଷେଧ ଥିବା ପ୍ରତ୍ୟକ୍ଷେ ଯାହିମାନେ କଚେରି ପର୍ଯ୍ୟନ୍ତ ଚାଲି ଆସି ଅଛନ୍ତି । ଏଥିରେ ସେ ମହାଗରମ ହେଲେ ଓ କନଷ୍ଟବଲମାନେ ଯେପ୍ରକାର କଲେ ପାଠକମାନେ ତାହା ଉତ୍ତମରୂପେ ଜାଣନ୍ତି ସେମାନେ ଇନ୍‌ସ୍ପେକ୍ଟରଙ୍କ ପ୍ରତାପ ଦେଖି ଆଉ କି ଥୟ ହୋଇ ପାରନ୍ତି ଯାହିମାନଙ୍କୁ ତକ୍ଷଣାତ୍ ତଡ଼ନେଇ ଘାଟ ପାଖରେ ପହଞ୍ଚାଇ ଦେଲେ ।

ଏପରି ସୁନ୍ଦର ବନ୍ଦୋବସ୍ତ ପାଠକମାନେ କି କେବେ ଦେଖିଅଛ ବା ଶୁଣିଅଛ ? ଏହାର ନାମ ଖାସ ବନ୍ଦୋବସ୍ତ ! ଏଥିରେ କୌଣସି ପ୍ରକାର ସତର୍କତାର ପ୍ରୟୋଜନ ନାହିଁ କର୍ମଚାରି ନିଯୁକ୍ତ କର ଯେ ଯାହା କରିବ ଥରେ କହିଦେଲେ ହେଲା ଆଉ ଦେଖିବା ଶୁଣିବାର ଆବଶ୍ୟକ ନ ରହେ । ଖାସ ହୁକୁମରେ ଗୋଲମାଲ ହେବା କଦାଚ ସମ୍ଭବ ନୁହଇ । ପୂର୍ବେ ହାକିମମାନେ ଘାଟ ଇଜାରା ଦେଉଥିଲେ । ଇଜାରଦାର ଉତ୍ତମ ଉପାୟରେ ଯାହିଙ୍କି ପାରି କରୁଅଛି କି ନାହିଁ ତାହା ଦେଖିବା ସକାଶେ ପୁଲିସ କର୍ମଚାରି ଓ ଡେପୁଟୀକଲେକ୍ଟରମାନେ କି ୩।୭ ନ ସକାଶେ ଘାଟରେ ରହିବାପାଇଁ ପ୍ରେରିତ ହେଉଥିଲେ ଯାହିମାନେ କିଛି ଗୁହାରି କଲେ ତକ୍ଷଣାତ୍ ତହିଁର ତଦନ୍ତ ହୋଇ ଇଜାରଦାରଙ୍କୁ ଦଣ୍ଡ ମଧ୍ୟ ହେଉଥିଲା ତଥାଚ ଘାଟର କାର୍ଯ୍ୟ ନିର୍ଦ୍ଦୋଷରେ ଚାଲିବା କଠିନ ହେଉଥିଲା ଏକପାଖରେ ହାକିମଙ୍କ ଦୃଷ୍ଟି ରହିଲେ ଅରପାଖରେ ନାଉରିଆମାନେ ଗୋଳମାଳ କରୁଥିଲେ ଏତେ ସତର୍କତାରେ ଯେଉଁ ଅତ୍ୟାଚାର ନିବାରଣ ହେବା କଠିନ ଥିଲା ସମ୍ପ୍ରତି କୌଣସି ପ୍ରକାର ବିଶେଷ ସତର୍କତା ଅଭାବରେ ଯେ ଯାହିଙ୍କର ଅତ୍ୟନ୍ତ କ୍ଲେଶ ହେବ ଏଥିରେ ଆଶ୍ଚର୍ଯ୍ୟ କି ଅଛି ? ଆମ୍ଭେମାନେ ଶୁଣିଲୁଁ ଯେ କାଠଯୋଡ଼ୀ ଘାଟ ଇନ୍‌ସ୍ପେକ୍ଟର ଅଛଜଖାଁଙ୍କ ତତ୍ତ୍ୱାବଧାରଣରେ ଅଛି ଓ କୋର୍ଟ ଇନ୍‌ସ୍ପେକ୍ଟର ଛୁଟୀ ନେଇ ଯାଇଥିବାରୁ ତାହାଙ୍କ ବିରସ୍ତାର ଭାର ମଧ୍ୟ ଏହାଙ୍କୁ ଅର୍ପିତ ହୋଇଅଛି ସୁତରାଂ ନୌକାପାର ହେବାର ଅଧିକାଂଶ ସମୟରେ ସେ ଘାଟରେ ନ ଥାଇ କଚେରିରେ କର୍ମ କରୁଥିଲେ ଏମନ୍ତ ଅବସ୍ଥାରେ ଯାହିମାନେ ଯାହା ଗୁହାରି କରୁଥିଲେ ତାହା ସତ୍ୟ ହେବା ଅସମ୍ଭବ ନୁହଇ ଓ ଏପରି ବନ୍ଦୋବସ୍ତରେ ଯେବେ ଲୋକଙ୍କର କଷ୍ଟ ହେବ ତହିଁର ଆଶ୍ଚର୍ଯ୍ୟ କାହାର । ଅରକ୍ଷିତଙ୍କୁ ଦୈବ ସହାୟ କେବଳ ଏହିକଥା ମନେକରି ଯାହିମାନେ କୌଣସିରୂପେ ଚାଲି ଯାଉଅଛନ୍ତି ।

———

### ଶିକ୍ଷା ଖର୍ଚ୍ଚା କଟୋତନ ।

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ଏ ବର୍ଷ ଏ ଜିଲାର ଶିକ୍ଷାଖର୍ଚ୍ଚା ମଞ୍ଜୁରି ଟଙ୍କାରୁ ଟ ୭୩୪୫ ଙ୍କା କଟୋତନ ହୋଇଅଛି । ଅର୍ଥାଭାବେ ଗବର୍ଣ୍ଣମେଣ୍ଟ ସମୁଦାୟ ବଙ୍ଗବିଭାଗର ଖର୍ଚ୍ଚା କଟୋତନ କରିବାରୁ ଡାଇରେକ୍ଟର ସାହେବ ପ୍ରତି ଜିଲାର ଖର୍ଚ୍ଚା କାଟିବା ପାଇଁ ଶିକ୍ଷାକମିଟିମାନଙ୍କୁ ଆଦେଶ କଲେ । ଏ ଜିଲାର କମିଟୀ ଏଥିର ବନ୍ଦୋବସ୍ତ କରିବା ସକାଶେ ଗୋଟିଏ ସବ୍‌କମିଟୀ ନିଯୁକ୍ତ କଲେ କିନ୍ତୁ ଡାଇରେକ୍ଟର ସାହେବ କଟୋତନ ବିଷୟରେ କେତେକ ସଙ୍କେତ ଦେଇଥିଲେ ଏଯୋଗୁଁ ସବକମିଟିଙ୍କୁ ତଦନୁସାରେ କାର୍ଯ୍ୟ କରିବାକୁ ପଡ଼ିଲା ।

ଡାଇରେକ୍ଟର ଲେଖିଥିଲେ ଯେ ନର୍ମାଲ ସ୍କୁଲର ଗୁରୁଶ୍ରେଣୀ ବୃତ୍ତିରୁ ଟ ୧୦୦ ଙ୍କା ଓ ପଣ୍ଡିତଶ୍ରେଣୀର ବୃତ୍ତିରୁ ଟ ୫୦ ଙ୍କା ଓ ଅଧ୍ୟକ୍ଷ ଶିକ୍ଷକଙ୍କର ବେତନରୁ ଟ ୫ ଙ୍କା କଟା ଯାଇ ପାରେ ସବକମିଟୀ ଓ ନର୍ମାଲସ୍କୁଲ [illegible] ଶ୍ରେଷ୍ଠେଷ୍ଟ ତଦନୁସାରେ ସ୍ଥିର କଲେ କି ବର୍ତ୍ତମାନ ଥିବା ଟ ୫ ଙ୍କା ଲେଖାଏଁ ଗୋ ୩୦ ଟି ସ୍କୁଲବୃତ୍ତି ପରିବର୍ତ୍ତେ ଚାରିଟଙ୍କିଆ ଗୋ ୨ ଟି ଓ ତିନିଟଙ୍କିଆ ଗୋ ୧୪ ଗୋଟି ହେବ । ପଣ୍ଡିତଶ୍ରେଣୀରେ ପାଞ୍ଚଟଙ୍କିଆ ଗୋ ୨ ଟି ଓ ଚାରିଟଙ୍କିଆ ଗୋ ୩୫ ଟି ପରିବର୍ତ୍ତେ ଚାରିଟଙ୍କିଆ ଗୋ ୧୦ ଟି ଓ ତିନିଟଙ୍କିଆ ଗୋ ୨୦ ଟି ହେବ । ୨ୟ ଶିକ୍ଷକଙ୍କର ବେତନରୁ ଟ ୩ ଙ୍କା ଓ ଅନ୍ୟ ଶିକ୍ଷକଙ୍କର ଟ ୨ ଙ୍କା କଟୋତନ ହେବ । ଏଥିରେ ବାର୍ଷିକ ଟ ୧୮୭୦ ଙ୍କା ଊଣା ହେଉଅଛି । ଏ ଜିଲାର ସାହାଯ୍ୟସ୍କୁଲ ସକାଶେ ଟ ୯୦୦୦ ଙ୍କା ମଞ୍ଜୁର ଥିଲା ତହିଁରୁ ଟ ୧୧୧୦ ଙ୍କା କଟୋତନ ହେଲା ଏ ଜିଲାର ପାଠଶାଳା ସକାଶେ ଟ ୧୩୫୦୦ ଙ୍କା ମଞ୍ଜୁର ଥିଲା ଡାଇରେକ୍ଟର ସାହେବ ଶତକଡ଼ା ଟ ୨୫ ଙ୍କା ଦରରେ କାଟିବାର ସଙ୍କେତ ଦେଇ ଥିବାରୁ ସବ୍‌କମିଟୀ ସେହି ଦରରେ ଟ ୩୩୭୫ ଙ୍କା କଟୋତନ କଲେ । ଏହି ପ୍ରକାରରେ ମୋଟରେ ଟ ୭୩୪୫ ଙ୍କା କଟୋତନ ହେଲା । ସବ୍‌କମିଟିଙ୍କର ଏ ବ୍ୟବସ୍ଥା ଶିକ୍ଷାକମିଟିଙ୍କ ଗତ ଅଧିବେଶନରେ ମନୋନୀତ ହୋଇଅଛି ।

ଆମ୍ଭେମାନେ ଦେଖୁଁ ଯେ ଡାଇରେକ୍ଟରଙ୍କ ଅଭିପ୍ରାୟ ମତେ ସବୁ କଟୋତନ ହୋଇଅଛି କିନ୍ତୁ ସେ ଏ ଜିଲାରେ ଏତେ କଟୋତନ କରିବା ପାଇଁ କି ସକାଶେ ଉପଦେଶ ଦେଲେ ଆମ୍ଭେମାନେ ବୁଝି ନ ପାରୁଁ । ସମୁଦାୟ ବଙ୍ଗବିଭାଗର ଶିକ୍ଷାଖର୍ଚ୍ଚା ସକାଶେ ଗବର୍ଣ୍ଣମେଣ୍ଟ ଟ ୨୫୩୮୩୩୩ ଙ୍କା ପ୍ରଥମେ ମଞ୍ଜୁର କରିଥିଲେ ମାତ୍ର ଅର୍ଥାଭାବ ହେତୁ ପଶ୍ଚାତ୍ ତହିଁରୁ ଟ ୭୦୯୭ ଙ୍କା କଟୋତନ କଲେ । ଏଥିରେ ଶତକଡ଼ା ଟ ୨।୯ ପଡ଼ୁଅଛି । କଟକ ଜିଲାର ଶିକ୍ଷାଖର୍ଚ୍ଚା ଇନ୍‌ସ୍ପେକ୍ଟରଙ୍କ ବେତନ ସହିତ ଟ ୫୪୩୮୦ ଙ୍କା ମଞ୍ଜୁର ହୋଇଥିଲା ତହିଁ ଉପରେ ଉପର୍ଯ୍ୟୁକ୍ତ ଦରରେ କଟୋତନ କଲେ ଟ ୧୪୯।୦ କିମ୍ବା ଟ ୧୫୦୦ ଙ୍କା ହେଉଅଛି ଏହିପ୍ରକାରରେ ପ୍ରତି ଜିଲାର ମଞ୍ଜୁରି ଟଙ୍କାରୁ କଟୋତନ ହୋଇଥିଲେ ମୋଟ କଟୋତନ ଟଙ୍କା ପୂରଣ ହୋଇଥାନ୍ତା ଓ ତାହା ଅଧିକହାନିକର ନ ହୋଇଥାନ୍ତା ଗବର୍ଣ୍ଣମେଣ୍ଟ ମୋଟ କଟୋତନ କରିବା ସମୟେ ପାଠଶାଳା ମଞ୍ଜୁରି ଟଙ୍କାରୁ ଟ ୨୫୦୦୦ ଙ୍କା କାଟି ଦେବାର ଆଜ୍ଞା ଦେଇଥିଲେ ଏଥିକୁ ବଙ୍ଗବିଭାଗର ପାଠଶାଳା ସକାଶେ ଚାରିଲକ୍ଷ ଟଙ୍କା ମଞ୍ଜୁର ଥିଲା ତହିଁରୁ ପଚିଶସହସ୍ର କାଟ ହେଲେ ଶତକଡ଼ା ଟ ୬। ପଡ଼ୁଅଛି ସେହି ଦରରେ ଏ ଜିଲାର ମଞ୍ଜୁରି ଟଙ୍କାରୁ କାଟିଥିଲେ କେବଳ ଟ ୮୪୩ ଙ୍କା କଟୋତନ ହୋଇଥାନ୍ତା କି ସକାଶେ ଡାଇରେକ୍ଟର ଶତକଡ଼ା ଟ ୨୫ ଙ୍କା ଦରରେ କାଟିବାପାଇଁ ଲେଖିଲେ ଓ ସେଥିରେ କମିଟୀ ଆପତ୍ତି ନ କରି ଟ ୩୩୭୫ ଙ୍କା କଟୋତନ କଲେ ଆମ୍ଭେମାନେ ବୁଝି ନ ପାରୁଁ । ନର୍ମାଲ ସ୍କୁଲର ଟଙ୍କା ଯେପରି କଟୋତନ ହୋଇଅଛି ତହିଁର ଦୁର୍ଦ୍ଦଶା ଅନତିବିଳମ୍ବରେ ଘଟିବାର ସମ୍ଭବ । ଶିକ୍ଷାକମିଟୀ ପ୍ରଥମେ ଏଥିରେ ଆପତ୍ତି କରିଥିଲେ କିନ୍ତୁ ଡାଇରେକ୍ଟର ତାହା ନ ଶୁଣିଲେ । ଶିକ୍ଷା ବିଷୟରେ ଓଡ଼ିଶାଦେଶ ଅତି ପଶ୍ଚାଦ୍ଗ ଏ ହେତୁ ଏ ଜିଲାର ଶିକ୍ଷାଖର୍ଚ୍ଚାରୁ ଅଦୌ କଟୋତନ ନ କରିବା କିମ୍ବା ଅତ୍ୟଳ୍ପ କାଟିବାର ଉଚିତ ଥିଲା । ସେପରି ହେବାର ଦୂରେ ଥାଉ ବଙ୍ଗବିଭାଗର ମୋଟ କଟୋତନର ଯେଉଁ ଦର ହେଉଅଛି ସେ ଦରରେ ସୁଦ୍ଧା କଟା ନ ଯାଇ ତହିଁର ଚତୁର୍ଗୁଣ କଟୋତନ ହୋଇଅଛି ଏହା ଅତି ଅନ୍ୟାୟ ଓ ଅଯଥାର୍ଥ ଅଟଇ । ଏଥିରେ ଡାଇରେକ୍ଟର ସାହେବ ଅତି ଅବିହିତ ବିବେଚନା କରିଅଛନ୍ତି ଓ

Digitized by srujanika@gmail.com

ଶିକ୍ଷାକମିଟୀ ମଧ୍ୟ ଉପର୍ଯ୍ୟୁକ୍ତ ପ୍ରକାର ହେତୁ ଦର୍ଶାଇ ପ୍ରତିବାଦ କରିବାରେ ତ୍ରୁଟି କରିଅଛନ୍ତି ଏ ଜିଲ୍ଲାର ଯେପରି କଟୋଭନ ହୋଇଅଛି ସେହିପରି ସବୁଜିଲ୍ଲାରେ ହୋଇଥିଲେ ମୋଟ କଟୋଭନରୁ ବଳ ପଡିବ ଅତଏବ ଆମ୍ଭମାନଙ୍କ ବିବେଚନାରେ ଏଥିର ପୁନର୍ବିଚାର କରି କଟୋଭନକୁ ଊଣା କରିବାର ଉଚିତ । ଶିକ୍ଷାକମିଟୀ ଏଥିର ଯଥାର୍ଥ ଚେଷ୍ଟା କଲେ ସଫଳ ହୋଇପାରେ ।

# ସାପ୍ତାହିକ ସଂବାଦ ।

ଡେପୁଟୀ କଲେକ୍ଟର ବାବୁ କାଳୀପ୍ରସନ୍ନ ସରକାର ଯଶୋହରରୁ ବଦଳି ହୋଇ କଟକକୁ ଆସୁଅଛନ୍ତି । ବୋଧହୁଏ ଏ ମହାଶୟ ଯାଜପୁରକୁ ପ୍ରେରିତ ହେବେ ।

ଲଣ୍ଡନ ନଗରରେ ଗୋଟିଏ ଗୋଦାମରେ ଅଗ୍ନି ଲାଗି ଦେଢ଼ଲକ୍ଷ ପାଉଣ୍ଡ ଟ ପୋଡିଯାଇଅଛି

ଏପର୍ଯ୍ୟନ୍ତ ନିନ୍ଦୁବେଳି ଏ ଅଞ୍ଚଳକୁ ଭଲରୂପେ ପାଳିବାର ଦେଖାଯାଏ । ଯେମନ୍ତ ଏକାବେଳକେ ମାତ୍ର ୮ ସ ବର୍ଷା ବନ୍ଦ ହୋଇଥିଲା ତହିଁରେ ଶଙ୍କାଥିଲା କି ବର୍ଷାକାଳ ଆରମ୍ଭରେ ଏକାବେଳକେ ଅନାବୃଷ୍ଟି ହୋଇ କୃଷକର୍ମର ଯଥେଷ୍ଟ ବ୍ୟାଘାତ କରିବ ମାତ୍ର ତାହା ନ ହୋଇ ଦୁଇ ଏକଦିନ ଛଡାରେ ବର୍ଷା ହେଉଅଛି ଏହା କୃଷକପକ୍ଷରେ ବଡ ହିତକର ହୋଇଅଛି ବୋଲି ଲୋକେ କହୁଅଛନ୍ତି ।

ଲୁଅଁପାଇ ଗ୍ରାମ ଗୋଲକବାବୁଙ୍କ ଘରଠାରୁ ଥୁରଙ୍ଗ ଗ୍ରାମରୁ ଏକ ବର ବିବାହ କରିବାକୁ ଆସି ବଡ ରୋଷନାଇର ସମାରୋହ କରିଥିଲା । ଗୋଟାଏ ବମବାଣ ଗଛ ମାରିବା ବେଳେ ତହିଁରୁ ଗୋଟାଏ ବମ ତଳକୁ ଛୁଟି ପଡିଥିଲା । ଜଣେ ଲୋକ ଲୋଭଗ୍ରସ୍ତ ହୋଇ ସେ ବମକୁ ସାଉଟିବାକୁ ଗଲା ତାହା ମଧ୍ୟରେ ନିଆଁଅଛି ବୋଲି ସେ ଜାଣିପାରିଲା ନାହିଁ ଯେମନ୍ତ ବମଟିକୁ ଧଇଲା ତତ୍‌କ୍ଷଣାତ୍ ଫୁଟିଯାଇ ତାହାର ଦୁଇହାତ ଉଡାଇନେଲା ଓ ଗୃହ ପାଖରୁ କିଛି ପୋଡିଗଲା । ଲୋକଟିବଞ୍ଚିଅଛି କି ନାହିଁ ଆମ୍ଭେମାନେ ଶୁଣି ନାହୁଁ ମାତ୍ର ଘଟନାଟି ଅତି ଶୋଚନୀୟ ଅଟଇ ।

ଅତି କାଲି ସଦର ମୋଫସଲ ସ୍ଥିରଥିଲେ ଓଲାଉଠାର ବଡ ପ୍ରାଦୁର୍ଭାବ ହୋଇଅଛି ଜଗନ୍ନାଥ ସଡକରେ ଅନେକ ଯାତ୍ରୀ ମରୁଅଛନ୍ତିବାର ଶୁଣାଯାଏ ଓ ମୋଫସଲର ଏକା ଗ୍ରାମରେ ମଧ୍ୟ ବହୁତଲୋକ ମରୁଅଛନ୍ତି । ଆମ୍ଭମାନଙ୍କର ଦେଶର ରକ୍ଷକମାନେ କି ଏଥିର କିଛି ବିଚାର କରୁଅଛନ୍ତି ?

ଆଗାମୀ ସୋମବାରଠାରୁ ବାଲେଶ୍ୱରରେ ଦୌରାର ମିସଲ ହେବ ଆମ୍ଭମାନଙ୍କର ଜଜସାହେବ ତହିଁପାଇଁ ଅଦ୍ୟ ସେ ମୁକାମକୁ ଯାତ୍ରା କରିବେ ।

ଏ ନଗରରେ ଚୌଧୁରିବଜାରର ରଥ ସବୁଠାରୁ ବଡଥିଲା । ଏବର୍ଷ ରଥଯାତ୍ରାରେ ତାହା ନିର୍ମାଣ ହୋଇ ନାହିଁ । ଶୁଣିଲୁଁ ଯେ ଗତବର୍ଷ ବଜାରରେ ଏ ରଥକୁ ଟାଣିବା ବିଷୟରେ ଶ୍ରୀଯୁକ୍ତ ହିମ୍ସ ସାହେବ କି ପ୍ରକାର ଉମ୍ପି କରିଥିଲେ ତହିଁପାଇଁ ଏବର୍ଷ ଠାକୁରଙ୍କ ପୂଜାରୀ ଭୟରେ ରଥ ନିର୍ମାଣ କଲା ନାହିଁ । ନଗରର ପ୍ରଧାନ ସଡକରେ ରଥ ଟାଣିବା ଅବଶ୍ୟ ସାଧାରଣଙ୍କ ପକ୍ଷରେ କଷ୍ଟକର ଅଟଇ ଓ ତାହା ରହିତ ହେବା ଉଚିତ ହୋଇଅଛି ।

ଆମ୍ଭମାନଙ୍କର ଜଣେବନ୍ଧୁ ବସ୍ତୁରଠାରୁ ଗଣ୍ଡିଏ ଆଜ୍ଞାପତ୍ରିକାର ପ୍ରତିଲିପି ପଠାଇ ଦେଇ ଅଛନ୍ତି । ଏଥିରେ ଲେଖାଅଛି ଯେ ଯାମଣ୍ଡାଉର କେଶବ ପଣ୍ଡାକୁ ଗୋସାଁଇବାବାଙ୍କର ଆଜ୍ଞା [illegible] କି ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ତିଥି ତିଥିଅଣ୍ଟ ମାଉଣୀ ପିଉଣୀ ଘରକୁ ନ ଯିବେ ଯେ ଯିବେ ଓ ଯେ ଛୁଉଁଅସିବେ ସେମାନେ ବଡ ଦଶାରେ ପଡିବେ ଓ ଯୋଗିନୀ ତାହାଙ୍କର ସର୍ବନାଶ କରିବ । ଏ ଆଜ୍ଞାପତ୍ରିକାର ତାତ୍ପର୍ଯ୍ୟ କିଛି ବୁଝାଗଲା ନାହିଁ ଓ ଏଥିରେ ଏମନ୍ତ କିଛି କଥା ନାହିଁ ଯେ ତହିଁରେ ସାଧାରଣଙ୍କର ଭୟ ବା ବ୍ୟସ୍ତହେବାର କାରଣ ହେବ ।

ବ୍ରାହ୍ମମାନଙ୍କ ନୂତନ ସ୍ଥାପିତ ସାଧନକାନନର ସମ୍ବାଦ ଦେଖି ଆମ୍ଭେମାନେ ପ୍ରଶ୍ନ କରିଥିଲୁଁ କି ସେଠାରେ ଯେଉଁମାନେ ଯୋଗସାଧନ କରନ୍ତି ସେମାନେ ଭିକ୍ଷାଦ୍ୱାରା ଅଥବା ଅନ୍ୟ କୌଣସିରୂପେ ପେଟପାଳନ୍ତି । ଜଣେ ପତ୍ରପ୍ରେରକ ତାହାକୁ ପରିହାସ ବାକ୍ୟ ଜ୍ଞାନ କରି ଦୁଃଖିତ ହୋଇ ଅଛନ୍ତି ଓ ଯୋଗସାଧନର ମତେ ବିଷୟରେ ଅନେକ ବ୍ୟାଖ୍ୟା କରିଅଛନ୍ତି । ଆମ୍ଭମାନଙ୍କର ଲେଖା ଅବା ପରିହାସସୂଚକ ହୋଇଥିବ କିନ୍ତୁ ଯେଉଁ ବିଷୟରେ ସନ୍ଦେହ ରହିଅଛି ତାହା ପତ୍ରପ୍ରେରକ ଭଞ୍ଜନ କରି ନ ଥିବାରୁ ଓ ପତ୍ରଗ୍ରନ୍ଥିକ ବାହୁଲ୍ୟ ଥିବାରୁ ତାହା ପ୍ରକାଶ କରିପାରିଲୁଁ ନାହିଁ ।

ବିଜ୍ଞାପନ

ବାବୁ ବିଚ୍ଛନ୍ଦ ପଟ୍ଟନାୟକଙ୍କ କୃତ ଭୂଗୋଳସୂତ୍ର ଅତି ଏକଥର ଛାପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପୂର୍ବପ୍ରାୟ ଖ ୧ ଶ୍ରେଣୀ ୮ ୦।୬

ତା ୩୦ ରଖ }
ଜୁନ ସନ ୧୮୭୭ } ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ଆମ୍ଭଠାରେ ପୁସ୍ତକ ବିକ୍ରୟର ଭାର ସ୍କୁଲବୁକ୍ ସୋସାଇଟି ଅର୍ପଣ କରିଅଛନ୍ତି । ଅମ୍ଭେ ବିନା କମିସନରେ ଓଡିଆ ପୁସ୍ତକ ବିକ୍ରୟ କରିବାକୁ ଇଚ୍ଛା କରୁଁ ଏହିରଥଣାରୁ ଊଣା ମୂଲ୍ୟର ପାଠ୍ୟପୁସ୍ତକ ଏକଶତ ଟଙ୍କାର ଅଧିକ ନ ହେଲେ କମିସନ ନେବୁ ନାହିଁ ତହିଁରୁ ଅଧିକ ମୂଲ୍ୟର ପୁସ୍ତକ ୫୦ ଟଙ୍କାର ନ ହେବା ପର୍ଯ୍ୟନ୍ତ କମିଶନ ଛାଡି ଦିଆଯିବ କେବଳ ଡାକମାସୁଲ ଦେଇ ପୁସ୍ତକାଧିକାରମାନେ ଆମ୍ଭ ନିକଟକୁ ପୁସ୍ତକ ପଠାଇଲେ ବିକ୍ରୟ ହେବ ଅତଏବ ସମସ୍ତ ପୁସ୍ତକାଧିକାରମାନଙ୍କଠାରେ ନିବେଦନ ଯେ ସେମାନେ ଅନୁଗ୍ରହ ପୂର୍ବକ ସ୍ୱ ସ୍ୱ ପୁସ୍ତକ ସତ୍ୱର ପ୍ରେରଣ କରିବାଧିତ କରନ୍ତୁ ।

୨୦।୭।୭୭ } ଶ୍ରୀ ଗୋପୀନାଥ ମିଶ୍ର
ସବ୍‌ଇନସ୍ପେକ୍ଟର ସ୍କୁଲ

ଆଗାମୀ ରବିବାର ତା ୨୨ ରଖ ଜୁଲାଇ ଦିନ ଉତ୍କଳ ବ୍ରାହ୍ମସମାଜର ସାମ୍ବତ୍ସରିକ ଉତ୍ସବ ହେବ । ନିମ୍ନ ପ୍ରଣାଳୀରେ ଉପାସନାଦି ସମସ୍ତ କାର୍ଯ୍ୟ ଚଳିବ ।

୭ଘଣ୍ଟା ପ୍ରାତଃକାଳରୁ—ବଙ୍ଗଭାଷାରେ ଉପାସନା

୧ଘଣ୍ଟାରୁ ୩ ଘଣ୍ଟା ଅପରାହ୍ନ ପର୍ଯ୍ୟନ୍ତ—ପାଠ ଓ ପ୍ରାର୍ଥନା

୩ଘଣ୍ଟାରୁ ୪½ଘଣ୍ଟା „ „ ଧ୍ୟାନ ଓ ପ୍ରାର୍ଥନା

୪½ଘଣ୍ଟାରୁ ୬ଘଣ୍ଟା „ „—ସଂଗୀତ ଓ ସଂକୀର୍ତ୍ତନ

୮ଘଣ୍ଟା ରାତ୍ରିରୁ—ଉତ୍କଳଭାଷାରେ ଉପାସନା ।

ଉତ୍କଳ ବ୍ରାହ୍ମସମାଜ } ଶ୍ରୀ ହରନାଥ ଭଟ୍ଟାଚାର୍ଯ୍ୟ
କଟକ } ସମ୍ପାଦକ
୧୯-୭-୭୭

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବନମାଳୀ ପଟ୍ଟନାୟକ ସମ୍ବଲପୁର | | | |
| | ବକାୟା | ୫ | ୧୦।୬ |
| ଶ୍ରୀ ରାଜା ହରେକୃଷ୍ଣ ନରସିଂହପୁର | „ | ୫ | ୭୧ |
| ବାବୁ ସୁଦର୍ଶନ ଦାସ କଟକ | „ | ୫ | ୭୧ |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ଶ
୨୬୮ ସଂଖ୍ୟା
ତା୮ରିଖ ଜୁଲାଇ ସନ୧୮୭୭ମସିହା । ମୁ । ଆଷାଢ଼ ଦି୨୭ନ ସନ୧୨୮୪ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୯
ମଫସଲପାଇଁ ଡାକମାସୁଲ ଟ୧୷୯

ଅମ୍ଭେମାନେ ଓଲାଉଠା ରୋଗର ଯେଉଁ ପ୍ରତୀକାର ଗତ ସପ୍ତାହରେ ଲେଖିଥିଲୁଁ ତାହା ବାରବାର ସଫଳ ହୋଇଥିବାର ଜଣେ ବନ୍ଧୁ ପ୍ରମୁଖାତ୍ ଜ୍ଞାତ ହେଲୁଁ । । ପ୍ର । ବାଲୁବିସି । ମୌ । ବେଣିଗ୍ରାମପୁରରେ ଗତ ଜ୍ୟେଷ୍ଠ ମାସରେ ଓଲାଉଠା ଆରମ୍ଭ ହେଲା. ସେଠା ଲୋକେ ପ୍ରଚଳିତ ରୀତ୍ୟନୁସାରେ ଭାଗବତପାଠ ସଂକୀର୍ତ୍ତନ ଇତ୍ୟାଦି କଲେ ମଧ୍ୟ ସେଥିରେ ରୋଗ ଶାନ୍ତ ନ ହୋଇ ୭ ଦିନ ୭ଜଣର ପ୍ରାଣ ନେଲା । ପଲ୍ଟନର ଡାକ୍ତର ସାହେବ ଯେଉଁ ରୂପ ପ୍ରତୀକାରର ବ୍ୟବସ୍ଥା ଦେଇଥିବାର ସେ ଗ୍ରାମର ଜଣେ ଭଦ୍ରଲୋକ କାହାଠାରୁ ଶୁଣିଥିଲେ ସେ ତତ୍କ୍ଷଣାତ୍ ସେହି ପ୍ରତୀକାର କଲେ କମ୍ଭ ଗତ ପତ୍ରିକାରେ ଯେପରି ଲେଖା ହୋଇଅଛି ଠିକ ସେପରି ସେ କଲ ନାହାନ୍ତି ତଥାପି ସେଥିରେ ରୋଗ ଶାନ୍ତ ହେଲା । ସେ ରୋଗୀ ନାଳରେ ନିଆଁ ଜଳେଇ ରଖି ତହିଁ ଉପରେ ଖପର ରଖିଲେ ଓ ଖପର ତାତିଲାରୁ ତହିଁରେ କିଛି ଚୂର୍ଣ୍ଣଗନ୍ଧକ ପକାଇଲେ ତତ୍ପରେ ଗନ୍ଧକ ପୋଡିବାରୁ ଘରଯାକ ଧୂଆଁ ପୂର୍ଣ୍ଣ ହେଲା ଓ ମଧ୍ୟ ରୋଗୀକୁ କର୍ପୂର ସୁଙ୍ଘାଇଲେ ତିନି ଘଣ୍ଟାରେ ରୋଗୀ ଆରୋଗ୍ୟ ଲଭିଲା । ଏହି ଉପାୟରେ ତିନିଜଣ ରୋଗୀ ଭଲ ହେଲେ ଓ ସେ ଗ୍ରାମରେ ଓଲାଉଠାରୋଗ ନିବାରଣ ହେଲା । ବୋଧ ହୁଏ ଗନ୍ଧକ ଧୂଆଁରେ ବାୟୁ ପରିଷ୍କାରପୂର୍ବକ ଓଲାଉଠା ଦୂରୀଭୂତ ହେଲା ।

ଅମ୍ଭେମାନେ ଯେପରି ଲେଖିଅଛୁଁ ଠିକ ସେପରି କଲେ ଏରୋଗ କ୍ଷାନ୍ତ ହେବାର ବିଶେଷ ସମ୍ଭାବନା । ଅତଏବ ସର୍ବସ୍ଥରେ ଏ ପ୍ରତୀକାର କରିବାର ଉଚିତ । ଯେ କେହି ଏହା କରି ତହିଁର ଫଳ ଆମ୍ଭମାନଙ୍କୁ ଜଣାଇବେ ତାହା ଅମ୍ଭେମାନେ ପ୍ରକାଶ କରିବୁଁ ।

---

ଅମ୍ଭେମାନେ ଅବଗତ ହେଲୁଁ ଯେ ଏଠା କଲେକ୍ଟରୀ ମହାଫିଜଖାନାରେ ରେକର୍ଡ ନକଲ ଦେବା ସମ୍ପର୍କରେ ଯେଉଁ ମାମଲା ଉପସ୍ଥିତ ହୋଇ ଅଛି ତହିଁର ତଦନ୍ତ ନିମିତ୍ତ ଶ୍ରୀଯୁକ୍ତ କଲେକ୍ଟର ସାହେବ ପୁଲିସ ପ୍ରତି ଆଦେଶ ଦେଇ ଅଛନ୍ତି ଓ ତଦନୁସାରେ ଇନ୍‌ସ୍ପେକ୍ଟର ମୁନସି ଅଜିଜଖାଁନ ତଦାରଖ କରୁ ଅଛନ୍ତି । ଯେବେ ତଦାରଖରେ ମୋକଦମା ସମ୍ପର୍କୀୟ ସମସ୍ତ ନିଗୂଢ଼କଥା ବାହାରିବ ତେବେ ବଡ ସୁଖର ବିଷୟ ହେବ ସନ୍ଦେହ ନାହିଁ କିନ୍ତୁ ଏ ମୋକଦମାରେ ପୁଲିସ କେତେଦୂର କୃତକାର୍ଯ୍ୟ ହେବେ ଅମ୍ଭେମାନେ ବର୍ତ୍ତମାନ କହି ନ ପାରୁଁ । ଯାଜପୁର ଅମଲା ନାମର ଘୁଷ ନେବା ମୋକଦମାରେ ପୁଲିସ ତଦନ୍ତ କରିଥିଲେ ଓ ତହିଁରେ ଜଣେ ମୁଦେଇ ହୋଇ ବାହାରିଥିବା ପ୍ରତ୍ୟକ୍ଷେ ମୋକଦମା ଫଉଜଦାରୀରେ ଚଳିବା ଯୋଗ୍ୟ ପ୍ରମାଣ ମିଳିଲା ନାହିଁ । କେବଳ ହାକିମ ସନ୍ଦେହ କରି ଅମଲାକୁ କର୍ମରୁ ବାହାର କରିଦେଲେ । ଏ ମୋକଦମାରେ ସେପରି ମୁଦେଇ କେହି ନାହିଁ ଓ ଅମଲାମାନେ ଆପଣାର ରକ୍ଷା ନିମିତ୍ତ ସମସ୍ତେ ଉପାୟ କରିବେ । ଏପରି ଘୁଷ ନେବା ମୋକଦମାରେ ଦାତା ଓ ଗ୍ରହୀତା ଉଭୟପକ୍ଷ ଦଣ୍ଡର ଯୋଗ୍ୟ ହୋଇ ଥିବାରୁ କେହି ଘୁଷ ଦେଇଥିଲେ ସୁଦ୍ଧା ଆପଣା ଉପରେ ଦାୟ ପକାଇ ସେ କଥା ସ୍ୱୀକାର କରିବା ମଧ୍ୟ ଅସମ୍ଭବ । ଏହା ଛଡ଼ା ପୁଲିସର ଯୋଗ୍ୟତା ସତର୍କତର ଏ ପ୍ରକାର ଦେଖାଯାଏ ଯେ ସାମାନ୍ୟ ଚୋରଙ୍କୁ ସୁଦ୍ଧା ଏମାନେ ଅଧିକାଂଶ ସ୍ଥଳରେ ଧରିବାକୁ ଅକ୍ଷମ ଏ ସ୍ଥଳେ ସୁଶିକ୍ଷିତ ଓ ଭଦ୍ରଚୋରଙ୍କୁ ଧରିବା ଆହୁରି କଠିନ ବ୍ୟାପାର ଅଟଇ । ଆହୁରି ଗୋଟିଏ କଥା ଏହି ଯେ ଘୁଷ ଦେବା ନେବାପ୍ରତି ଏ ଦେଶୀୟ ଲୋକଙ୍କର ଏତାଦୃଶ ଘୃଣା ଜନ୍ମୁନାହିଁ ଯେ କେହି ଘୁଷଖିଆ ଅମଲାପ୍ରତିକୂଳରେ ଅଟଳ ଭାବରେ ଦଣ୍ଡାୟମାନ ହେବ । ଏ ସମସ୍ତ କଥା ମନରେ ବିଚାର କଲେ ପୁଲିସ ତଦାରଖରେ ବିଶେଷ ଫଳ ଲାଭର ଆଶା ହେଉ ନାହିଁ ତଥାପି କଲେକ୍ଟର ସାହେବ ଯେ ଶୀଘ୍ରରେ ଏ ମୋକଦମାର ଅନୁସନ୍ଧାନ କରିବା ସକାଶେ ପୁଲିସକୁ ଆଦେଶ ଦେଇଅଛନ୍ତି ସୁଖର ବିଷୟ ଅଟଇ କାରଣ ଅନୁସନ୍ଧାନର ଫଳ ଯାହା ହେଉ ସର୍ବସାଧାରଣ ବୁଝିବେ ଯେ ଅମଲାଙ୍କ ଉପରେ ହାକିମଙ୍କର କଠିନ ଦୃଷ୍ଟି ଅଛି । କେହି କିଛି ଦୋଷ କଲେ ସହଜରେ ପାରି ପାଇବ ନାହିଁ ।

---

Digitized by srujanika@gmail.com

Split by PDF Splitter



## ଉତ୍କଳ ଭାଷୋଦ୍ଦୀପିକାସଭା

ଗତ ବୁଧବାର ରାତ୍ର ୮ ଘଣ୍ଟା ସମୟରେ ପ୍ରିଣ୍ଟିଂ କମ୍ପାନୀଙ୍କ କୋଠା ଦୋମହଲା ଉପରେ ଏ ସଭାର ତୃତୀୟ ବାର୍ଷିକ ଅଧିବେଶନ ହୋଇଥିଲା । ଏ ନଗରର ଦେଶୀୟ ବିଦେଶୀୟ ଶତାଧିକ ଲୋକ ଅନ୍ୱିତ ହୋଇଥିଲେ ମାତ୍ର ଦୁଃଖର ବିଷୟ ଯେ ସଭାର ସଭ୍ୟମାନଙ୍କ ଛଡ଼ା ଅପର ଭଦ୍ରଲୋକ ଦଶଜଣଠାରୁ ଅଧିକ ଥିଲେ କି ନାହିଁ ସନ୍ଦେହ ଅଟଇ । ପ୍ରକୃତରେ ସଭାପତିଙ୍କ ସମ୍ମୁଖରେ ଆସନମାନ ଖାଲି ପଡ଼ିଥିଲା ଓ ଯାହାଙ୍କଠାରୁ ଦେଶର ନାନା ଉନ୍ନତିକର ବିଷୟରେ ଅନେକପ୍ରକାର ଉତ୍ସାହ ଓ ଉପଦେଶର ଆଶା ଲୋକେ କରନ୍ତି ସେମାନେ ପ୍ରାୟ କେହ ସଭାରେ ଦର୍ଶନ ଦେଲେ ନାହିଁ । ଏଥିରୁ ବୋଧହୁଅଇ ଯେ ସଭ୍ୟମାନଙ୍କ ଛଡ଼ା ସଭାପ୍ରତି ଅଉ କାହାର ଆସ୍ଥା ନାହିଁ । ଯାହା ହେଉ ବାବୁ ନନ୍ଦକିଶୋର ଦାସ ସଭାପତି ପଦରେ ବରଣ ହେଲା ଉତ୍ତାରୁ ସଭାର କାର୍ଯ୍ୟାରମ୍ଭ ହେଲା ଓ ସମ୍ପାଦକ ମହାଶୟ ବାର୍ଷିକ ବିଜ୍ଞାପନୀ ପାଠ କଲେ । ତହିଁରୁ ଜଣାଗଲା ଯେ ଗତବର୍ଷ ମଧ୍ୟରେ ଏ ସଭାରେ ୬୦ ଟି ଅଧିବେଶନ ହୋଇଥିଲା ଓ ହାରାହାରି ଲ ୧୪।୬୦ ଣ ସଭ୍ୟ ଉପସ୍ଥିତ ହୋଇଥିଲେ । ସଭ୍ୟଶ୍ରେଣୀ ମଧ୍ୟରେ ନର୍ମାଲସ୍କୁଲ ଓ ହାଇସ୍କୁଲର ଛାତ୍ରମାନେ ଅନେକ ଥିବା ଦୃଷ୍ଟିରେ ଉପରଲିଖିତ ଫଳକୁ ଉତ୍ସାହଜନକ ବୋଲଯାଇ ନ ପାରେ ତଥାପି ସଭାଟି ଛଅବର୍ଷ ଅତିକ୍ରମ କରି ଚତୁର୍ଥବର୍ଷରେ ପଦାର୍ପଣ କରିଥିବା ବିଷୟ ଅବଶ୍ୟ ସୁଖକର ଅଟଇ । ସଭାର କାର୍ଯ୍ୟ ମଧ୍ୟରେ ବିଶେଷ କିଛି ଦେଖାଯାଇ ନାହିଁ । ବିଜ୍ଞାପନୀରୁ ଜଣାଯାଏ କି ଯେ ସମସ୍ତ ରଚନା ପାଠ ହୋଇଥିଲା ତହିଁ ମଧ୍ୟରୁ ତିନି ଚାରିଗୋଟି ଉତ୍ତମ ଓ ସଭ୍ୟଙ୍କ ମନୋହାରିଣୀ ହୋଇଥିଲା ଓ ସଭାରେ ଛିଡ଼ା ହୋଇ ବକ୍ତୃତା କରିବାକୁ ସଭ୍ୟଙ୍କର କ୍ରମଶଃ ସାହସ ବଢ଼ୁଅଛି । ବିଜ୍ଞାପନୀ ପାଠ ସରିଲାରୁ କେତେ ସଭ୍ୟ ସଭାର ଉନ୍ନତି କଳ୍ପରେ କିଛି୨ ବକ୍ତୃତା କରୁଥିଲେ ଓ ପ୍ରାୟ ସମସ୍ତେ ଏହି ଅକ୍ଷେପ ପ୍ରକାଶ କରିଥିଲେ ଯେ ଏଠାର ସମ୍ଭ୍ରାନ୍ତ ସୁଶିକ୍ଷିତ ଓ ଧନାଢ୍ୟ ଲୋକମାନେ ଏ ସଭାକୁ ଉତ୍ସାହ ଦେଉ ନାହାନ୍ତି ଓ ଏଥିପାଇଁ ସଭା ଯେରୂପ ହେବାର ଉଚିତ ସେରୂପ ଅବସ୍ଥାକୁ ପ୍ରାପ୍ତ ହେଉ ନାହିଁ ବିଶେଷରେ ବ୍ୟୟ ସାଧ୍ୟ କାର୍ଯ୍ୟ କିଛି ହୋଇପାରୁ ନାହିଁ । ଅମ୍ଭେମାନେ ବିବେଚନା କରୁଁ ଯେ ଏଦୁଃଖ ଅକାରଣ ନୁହଇ ଓ ନଗରର ସଭ୍ୟ ଭଦ୍ରମାନେ ନ ମିଶିଲେ କୌଣସି କାର୍ଯ୍ୟ ହେବାର ନୁହଇ ! ସଭାର ଉଦ୍ଦେଶ୍ୟ ଅତି ମହତ୍ ଅଟେ କିନ୍ତୁ କତିପୟ ଶିକ୍ଷକ ଓ ଛାତ୍ରଙ୍କ ବିନା ଏଥିରେ ଅଉ କେହି ସଭ୍ୟ ନାହାନ୍ତି ଓ ଏକାକୀ ଏହାଙ୍କଦ୍ୱାରା ଉକ୍ତ ଉଦ୍ଦେଶ୍ୟ ସଫଳ ହୋଇ ନ ପାରେ । ଯେଉଁମାନେ ବିଦ୍ୟା ଓ ବହୁଦର୍ଶିତା ଲାଭ କରି ସମାଜର ମୁଖସ୍ୱରୂପ ହୋଇଅଛନ୍ତି ଓ ଯେଉଁମାନେ ଆପଣାକୁ ଜ୍ଞାନୀ ଓ ସଦ୍ବିବେଚକ ବୋଲି ଜାଣନ୍ତି ସେମାନେ ଯେବେ ଥରେ୨ ସଭାକୁ ଆସି ସଭ୍ୟମାନଙ୍କର ଉତ୍ସାହ ବୃଦ୍ଧି କରୁଥାନ୍ତେ ଏବଂ ସମୟ୨ରେ ସେମାନଙ୍କର ଆଲୋଚିତ ବିଷୟରେ ଯୋଗ ଦେଇ ସଦ୍ୟୁକ୍ତି ଓ କଲ୍ୟାଣର ମାର୍ଗ ତାହାଙ୍କୁ ଦେଖାଇ ଦେଉଥାନ୍ତେ ଅଥବା ଆପେ କିଛି ନୂତନ ବିଷୟର ବକ୍ତୃତା କରି ତାହାଙ୍କ ଜ୍ଞାନ ବିସ୍ତାର ପକ୍ଷରେ ସାହାଯ୍ୟ କରନ୍ତେ ତାହା ହେଲେ ଯେମନ୍ତ ସେମାନଙ୍କର ବିଦ୍ୟା ବୁଦ୍ଧି କାର୍ଯ୍ୟରେ ଆସନ୍ତା ତେମନ୍ତ ସଭ୍ୟମାନଙ୍କର ଓ ତାହାଙ୍କ ଯୋଗେ ସର୍ବସାଧାରଣଙ୍କର ଅନେକ ଉପକାର ହୁଅନ୍ତା । କରୂପେ ଏ ଲୋକମାନେ ସଭାକୁ ଆକର୍ଷିତ ହେବେ ଅମ୍ଭେ ତାହା କର୍ତ୍ତିମାନ କହି ନ ପାରୁଁ ମାତ୍ର ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ସଭାର ସମ୍ପାଦକ ଓ ଅପର କାର୍ଯ୍ୟକାରକମାନେ ତହିଁର ଉଦ୍ୟମ କଲେ ଅବଶ୍ୟ କିୟତ୍ ପରିମାଣରେ କୃତକାର୍ଯ୍ୟତା ଲଭିପାରନ୍ତି । ନିତାନ୍ତପକ୍ଷରେ ଚେଷ୍ଟା କରି ଦେଖିବାର ଉଚିତ ।

---

## କଲକର ।

କଲକର ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ କେତୋଟି ନୂତନ ବିଧାନ କରିଅଛନ୍ତି । ପ୍ରଥମଟି ଏହି—ମଇମାସ ପ୍ରଥମଦିନ ପର୍ଯ୍ୟନ୍ତ ଯେତେ କଲକର କବୁଲିୟତି ହୁଏ ତହିଁର ଦର ପ୍ରତି ମାଣକୁ ଏକଟଙ୍କା ଉଦ୍ଧାରେ ୫ ୧୫ ଙ୍କା କେତେକବର୍ଷ ହେଲା ଏହି ଦର ପ୍ରଚଳିତ ଅଛି ବର୍ତ୍ତମାନ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ବିଧାନ କରିଅଛନ୍ତି ଯେ ୫ ୧୫ ଙ୍କା ଦର ପରିବର୍ତ୍ତେ ୫ ୩୵ ଙ୍କା ହେବ । ଏବର୍ଷ ଏ ଆଜ୍ଞା ବିଳମ୍ବରେ ବାହାରିଥିବାରୁ ୫ ୧୫ ଙ୍କା ଦର ଆଗାମୀ ଅଗଷ୍ଟ ମାସ ପ୍ରଥମଦିନ ପର୍ଯ୍ୟନ୍ତ ପ୍ରଚଳ ରହିବ ତଦୁତ୍ତାରେ ୫ ୩୵ ଙ୍କା ଦର ପ୍ରଚଳିତ ହେବ ।

ଏପର ଆଜ୍ଞାର ତାତ୍ପର୍ଯ୍ୟ ଏହି ବୋଧ ହେଉଅଛି ଯେ ବର୍ଷା ଅପେକ୍ଷାରେ ମଇମାସ ଦ ୧ ଜ ପର୍ଯ୍ୟନ୍ତ ଅତ୍ୟଳ୍ପ କବୁଲିୟତି ହୁଏ ଆଶ୍ୱିନ ବା କାର୍ତ୍ତିକରେ କଲାଲିବ ହେଲେ ବହୁ ଅଧିକ କବୁଲିୟତି ହୁଏ ସେ ସମୟ ପର୍ଯ୍ୟନ୍ତ ଲୋକେ ଅପେକ୍ଷା କରି ରହନ୍ତି ତେତେବେଳେ ଯଥେଷ୍ଟ ବୃଷ୍ଟି ହେଲେ ଅଉ କବୁଲିୟତି ନ ହୁଏ । ଏଥିରେ ସରକାରର କ୍ଷତି ହୁଏ ତାହା ନିବାରଣ ପାଇଁ ପିଛିଲା କବୁଲିୟତର ଦର ବୃଦ୍ଧି ହୋଇଅଛି । ମାତ୍ର ଏବୃଦ୍ଧି ସଙ୍ଗେ ଆଗତୁରା କବୁଲିୟତର ଦର ଊଣା କରିବାର ଉଚିତ ଥିଲା । ଏଦେଶର ପ୍ରଜାମାନେ ଦରିଦ୍ର ପୁଣି ଜମିର ଖଜଣା ହୋହଲ ନୁହେ ଏସ୍ଥଳେ ସେମାନେ ପ୍ରତିମାଣକୁ ୫ ୧୵ଙ୍କା କଲକର ଦେବା ସେମାନଙ୍କ ପ୍ରତି କଠିନ ବ୍ୟାପାର ଅଟଇ । ସୁତରାଂ ମଇମାସ ପୂର୍ବେ ଅଧିକ ଜମିର କବୁଲିୟତି କରିବାକୁ ସେମାନଙ୍କର ସାହସ ବଳଇ ନାହିଁ । କେବଳ ଯେତିକି ଜମିରେ କଷା ଜଡ଼ା ରବି ଇତ୍ୟାଦି ଫସଲ ବର୍ଷକଯାକ କରି ପାରିବେ ତେତିକି ଜମିର କବୁଲିୟତି କରନ୍ତି । ଯଦ୍ୟପି ଦର ଊଣା ଥାନ୍ତା ତେବେ ପ୍ରଥମରେ ଅଧିକ ଜମିର କବୁଲିୟତି ଅବଶ୍ୟ ହେଉଥାନ୍ତା କେବଳ ଧାନ ଫସଲ ସକାଶେ ଅନେକ କବୁଲିୟତି ହେଉଥାନ୍ତା । ପିଛିଲା ଦରକୁ ବୃଦ୍ଧି କରି ଆଗତୁରା ଦର ଊଣା କରିଥିଲେ ଲୋକେ ପ୍ରଥମତଃ ଅନେକ ଜମିର କବୁଲିୟତି କରିବାକୁ ପ୍ରବୃତ୍ତ ହୁଅନ୍ତେ । ତାହା ଯଦି ନ ହେଲା ଏବର୍ଷ ଏ ବିଧାନ ସ୍ଥଗିତ ରଖିବାର ଉଚିତ ଥିଲା । ବର୍ତ୍ତମାନ ଏଥିର ଘୋଷଣା ଦେଲେହେଁ ସମସ୍ତେ ଯଥା ସମୟରେ ତାହା ଜ୍ଞାତ ହୋଇ ନ ପାରିବେ କମ୍ୱା ତଦନୁସାରେ କାର୍ଯ୍ୟ କରିବାକୁ ସମୟ ନ ପାଇବେ ଓ ମଧ୍ୟ ଅମ୍ଭମାନଙ୍କ ବିବେଚନାରେ ୫ ୩୵ଙ୍କା ଦର କିଛି ବେଶୀ ପଡ଼େ । ଯାହା ହେଉ ଜମିଦାର ଓ ପ୍ରଜାଙ୍କୁ ଉଚିତ ଯେ ବର୍ତ୍ତମାନ ଅନେକ ଜମିର କବୁଲିୟତି କରନ୍ତୁ କାରଣ ଏବର୍ଷ ସ୍ୱଳ୍ପବୃଷ୍ଟି ଦେଖାଯାଏ ଯେଣୁ କି ଜଳର ଅଭାବ ହେଲେ ୫୩୵ଙ୍କା ଦରରେ କବୁଲିୟତି କରିବାର ଅତି କଷ୍ଟକର ହେବ ଓ କେହି କଲ ନେଇଲେ ତାହା ଠାରୁ ଦ୍ୱିଗୁଣ ଦର ଅର୍ଥାତ୍ ପ୍ରତିମାଣକୁ ଟ ୬ ଙ୍କା ଦେଣ ପଡ଼ିବ ଏହା ବଡ଼ ବାଧକ ସନ୍ଦେହ ନାହିଁ । ଅତଏବ ସେଥିକୁ ଦୃଷ୍ଟି କରି ଜମିଦାର ଓ ପ୍ରଜାମାନେ କାର୍ଯ୍ୟ କରନ୍ତୁ ।

ଅନ୍ୟ ବିଧାନଟି ବ୍ରହ୍ମକଲର ଜରଖାର୍ଯ୍ୟ ସମ୍ପର୍କରେ ଅଟେ । ଉକ୍ତସ୍ଥାବରେ ବ୍ରହ୍ମକଲ

Digitized by srujanika@gmail.com

ବ୍ୟବହାର ହୁଏ । ପ୍ରଥମ-ନାଳରୁ ଜଳ ନଈର ନାଳ ବନ୍ଧପାଖ ଗାଡରେ ସଞ୍ଚୟ ହୁଏ ଲୋକେ ତହିଁରୁ ପାଣି ବୋହି କ୍ଷେତରେ ମଡାନ୍ତି । ଦ୍ୱିତୀୟ-ନାଳରୁ ଜଳ ନଈର ଆପଣାଛାଏଁ କ୍ଷେତରେ ମାଡଇ । ତୃତୀୟ--ନାଳରୁ କିଛି ଅନ୍ତର କ୍ଷେତ ମଧ୍ୟସ୍ଥିତ ଗାଡରେ ନଈରଫୁଟି ପାଣି ସଞ୍ଚୟ ହୁଏ କମ୍ପା ବଳରେ ମାଡେ । ଗବର୍ଣ୍ଣମେଣ୍ଟ ଅଜ୍ଞା ଦେଇଅଛନ୍ତି ଯେ ପୂର୍ବୋକ୍ତ ଦୁଇପ୍ରକାର ନଈର ଜଳ ସକାଶେ କିଛିହିଁ କର ନିଆ ନ ଯିବ ପ୍ରଥମପ୍ରକାର ନଈର ଜଳ କେବଳ ଶୀତକାଳରେ ରବି ଫସଲରେ ବ୍ୟବହାର ହେଲେ ନାଳରୁ ଜଳ ବୋହିନେବା ଦରରେ ତହିଁର କର ଧାର୍ଯ୍ୟ ହେବ । ଏ ଅଜ୍ଞା ଯଥାର୍ଥ ଅଟେ ।

---

## ଜାତିର ଠେକ କାହିଁରେ ?

ଏକଜଣ ଖ୍ରୀଷ୍ଟିୟାନଙ୍କ ସମ୍ପାଦପତ୍ରରେ ଲେଖାଅଛି ଯେ "ଭାରତବର୍ଷର ଅନ୍ୟାନ୍ୟ ସ୍ଥାନଠାରୁ ବଙ୍ଗଳାରେ ଅଧିକ ପରିମାଣରେ ଜାତି ଉପରେ ଅନ୍ୟ ପ୍ରକାର ମର୍ଯ୍ୟାଦାର ଅଧିକ ଶ୍ରେଷ୍ଠତା ଦେଖାଯାଏ । କଲକତା ଓ ତହିଁ ନିକଟବାସିଙ୍କ ମଧ୍ୟରେ ପ୍ରାୟ ଏମନ୍ତ ଲୋକ ନାହିଁ କି ଯାହାର ଜାତି ଧ୍ୱଂସ ହୋଇ ନାହିଁ । ଓଇଲସନର ହୋଟେଲ ସହସ୍ର ଲୋକର ଜାତି ନେଇ ନେଇ ଅଛି । ରବିବାରଦିନ ଉଦ୍ୟାନରେବସି ମୁସଲମାନର ପାକଦ୍ରବ୍ୟ ଖାଇବାଦ୍ୱାରା ଆଉ ସହସ୍ର ଲୋକର ଜାତି ଲୋପ ହୋଇଅଛି । ଫରାସିସି ବ୍ରାଣ୍ଡି ଏବଂ ଅମେରିକାର ବରଫ ଆଉ କେତେଲୋକର ଜାତି ନେଇ ଅଛି । ଏହିରୂପେ ଅଖାଦ୍ୟ ଓ ଅପେୟ ଭୋଜନ ପାନଦ୍ୱାରା ହେଉ ବା ଯାହାଙ୍କର ଉକ୍ତ ପ୍ରକାରରେ ଜାତି ନଷ୍ଟ ହୋଇଅଛି ସେମାନଙ୍କ ସଂସର୍ଗରେ ହେଉ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ଯେ ସହସ୍ରଲୋକ ମଧ୍ୟରେ ସମ୍ଭବତଃ ଜଣେସୁଦ୍ଧା ଏମନ୍ତ ନାହିଁ କି ତାହାର ଜାତି ଅକ୍ଷୁଣ୍ଣ ଅଛି ଓ ଏକଥା ଅନ୍ୟ ଲୋକଙ୍କ ଜ୍ଞାତସାରରେ ଆସୁଅଛି । ଏହି ଜାତି ନଷ୍ଟ ସଙ୍ଗେ ଧନ କ୍ଷମତା ବିଦ୍ୟାଶିକ୍ଷା ଓ ଗୁଣ ଲୋକଙ୍କ ମର୍ଯ୍ୟାଦାକୁ ବଢ଼ାଇ ଉଚ୍ଚବଂଶରୁ ଜନ୍ମ ହୋଇଥିବା ଲୋକଙ୍କ ସହିତ ସମାନ କରି ଦେଉଅଛି । କୁଳୀନବ୍ରାହ୍ମଣ ହେଉ ପଛକେ ଯଦ୍ୟପି ସେ ଦୁଃଖୀ ମୂର୍ଖ ଓ ଇତର ହେଲା ତାହାର କିଛିମାତ୍ର ଶ୍ରେଷ୍ଠତ୍ୱ ରହୁ ନାହିଁ କିନ୍ତୁ ଅନେକ ସ୍ଥଳରେ ଚଷା ଓ ଭଣ୍ଡାରିର ପୁତ୍ର ଉଚ୍ଚ ମର୍ଯ୍ୟାଦାକୁ ଲଭି ଅଛି । ଯେଉଁ ସ୍ଥଳରେ ଉଚ୍ଚ ବଂଶ ସହିତ ପାଣ୍ଡିତ୍ୟ ଓ ଗୁଣର ଯୋଗ ହୋଇଅଛି ସେ ସ୍ଥଳରେ ଏ ପ୍ରକାର ଲୋକଙ୍କର ଅନ୍ୟାନ୍ୟ ଦେଶରେ ଯେମନ୍ତ ମର୍ଯ୍ୟାଦା ହୁଅଇ ବଙ୍ଗଳାରେ ମଧ୍ୟ ସେହିପରି ମାନ୍ୟ ଅଛି ମାତ୍ର ସେ ଦିନ ଆଉ ନାହିଁ, କି ଯେବେ କେବଳ ବ୍ରାହ୍ମଣ ହେଲେ ସବୁ ଶ୍ରେଷ୍ଠତ୍ୱ ଲାଭ ହେଉ ଥିଲା । ଇଉରୋପୀୟ ଶିକ୍ଷା ଏବ ଅନ୍ୟାନ୍ୟ ଅସଂଖ୍ୟ ଶକ୍ତି କି ଯଦ୍ୱାରା ବଙ୍ଗଳାର ସମସ୍ତ ବ୍ୟାପାର ଉଲଟପାଲଟ ହେଉଅଛି ଏ ସମସ୍ତ ଏଠା ସମାଜକୁ ଠିକ ଇଉରୋପୀୟ ସମାଜପରି ଗଢି ଆଣୁଅଛି ।"

ଅମ୍ଭମାନଙ୍କ ବିବେଚନାରେ ଉପରଲିଖିତ କଥାଗୁଡିକ ସତ୍ୟ ଅଟଇ ଓ ଯେଉଁମାନେ ଜାତିର ଅଭିମାନ ରଖନ୍ତି ଭରସାକରୁଁ ସେମାନେ ଏ ସବୁ କଥାକୁ ଆଲୋଚନା କଲେ ଅନେକ ଉପକାର ଲଭିବେ । ଜାତିପ୍ରଭେଦର ନିୟମ କି ନିମିତ୍ତ ହୋଇଥିଲା ତାହା ବର୍ତ୍ତମାନ ନିଶ୍ଚୟ କରି କହିବାର କଷ୍ଟ ଅଟଇ ସତ୍ୟ କିନ୍ତୁ କାର୍ଯ୍ୟତଃ ଦେଖାଯାଏ ଯେ ଲୋକେ ଦିନକୁଦିନ ଅଜ୍ଞ ଓ ଅଳସୁଆ ହୋଇସୁଦ୍ଧା କେବଳ ଜାତିଘେନି ଅନେକ ବୃଥା ଶ୍ରେଷ୍ଠତ୍ୱ ଲାଭ କରି ବସିଲେ ଓ ବହୁତଦିନ ତହିଁରେ କୃତକାର୍ଯ୍ୟ ସୁଦ୍ଧା ହେଲେ । ବିଦ୍ୟା ଓ ଶ୍ରମର ହାନି ସଙ୍ଗେ ଦରିଦ୍ରତା ବଢିଲା ପରିଶେଷରେ ଜାତି ମର୍ଯ୍ୟାଦା ଏକାବେଳକେ ଉଠିଯାଇ ଧନ ଇତ୍ୟାଦି ଉପରେ ତାହା ରହିଗଲା । ଏବେ ସମସ୍ତେ ଧନୀ ଓ ଗୁଣବାନ୍ ବ୍ୟକ୍ତିଙ୍କୁ ପୂଜା କରୁଅଛନ୍ତି ଜାତିର ଅପେକ୍ଷା କେହି କରୁ ନାହାନ୍ତି । ପ୍ରାଚୀନ ସମ୍ପ୍ରଦାୟର ଲୋକମାନେ ବୋଲନ୍ତି ଯେ ଏକା ଇଂରାଜୀ ଶିକ୍ଷା ହେତୁରୁ ଜାତି ଲୋପ ହେଉଅଛି ମାତ୍ର ଅମ୍ଭେମାନେ ପ୍ରତ୍ୟକ୍ଷ ଦେଖୁଅଛୁଁ ଯେ କ୍ରିୟାହୀନ ହେତୁରୁ ଜାତିର ମର୍ଯ୍ୟାଦା ବୁଡି ଯାଉଅଛି ବ୍ରାହ୍ମଣ ସକାଶେ ଶାସ୍ତ୍ରରେ ଯେ କ୍ରିୟାମାନ ନିର୍ଦ୍ଦିଷ୍ଟ ଅଛି ତହିଁର ଅନୁସରଣ ସେ ନ କରି ଯେତେବେଳେ ଅପର ଜାତିର କ୍ରିୟାକୁ ଆଚରିଲା ସେତେବେଳେ ତାହାର ମର୍ଯ୍ୟାଦା ଆପେ ଲୋପ ହେଲା ଆଉ କିଏ ତାହାକୁ ମାନ୍ୟ କରିବ ! ଏଥିପାଇଁ ଅମ୍ଭେମାନେ ଦେଖୁଅଛୁଁ ଯେ ଯେଉଁ ବ୍ୟକ୍ତିମାନେ ଇଂରାଜୀ ଶିକ୍ଷା ପାଇଲୁ ଯାଇ ନାହାନ୍ତି ସେମାନେ ନୈଷ୍ଠିକ ବା ପଣ୍ଡିତ ବ୍ରାହ୍ମଣ ଦେଖିଲେ ତାହାର ଆଦର କରନ୍ତି ମାତ୍ର ମୂର୍ଖ ଭିକାରୀବ୍ରାହ୍ମଣକୁ ଦ୍ୱାରେ ଦେଖିଲେ ତଣ୍ଟିଅଁ ଦେଇ ବାହାର କରି ଦିଅନ୍ତି । ଯେବେ କ୍ରିୟାହୀନଙ୍କ ସଙ୍ଗେ ସମ୍ପର୍କ ନ ଥାଇ ଶୁଦ୍ଧ ଭୋଜନ ପାନ ଉପରେ ଜାତିର ଠେକ ରହିଥାନ୍ତା ତେବେ ଏପରି ବ୍ରାହ୍ମଣର ଅପମାନ ହୁଅନ୍ତା ନାହିଁ କିମ୍ବା ତେଲି କେଉଟ ଇତ୍ୟାଦି ଛୋଟଜାତି ଧନବାନ୍ ହେଲେ ବ୍ରାହ୍ମଣମାନେ ସୁଦ୍ଧା ବାବୁ ବୋଲି ତାହାପାଖରେ ଅନୁସରଣ କରି ବସି ରହନ୍ତେ ନାହିଁ । ଅତଏବ ଯେଉଁମାନେ ବିଚାର କରନ୍ତି କି କେବଳ ଭୋଜନ ପାନ ଉପରେ ଜାତି ନିର୍ଭର କରଇ ସେମାନେ ଭ୍ରମରେ ପଡି ଅଛନ୍ତି ବୋଲିବାକୁ ହେବ ମହତ ଲୋକଙ୍କ କ୍ରିୟାକୁ ଅନୁସରିଲେ ମର୍ଯ୍ୟାଦା ଲାଭର ସମ୍ଭାବନା ଦେଖାଯାଏ ଅନ୍ୟ ପ୍ରକାରରେ ତାହା ଲାଭ କରିବା ବିଡମ୍ବନାମାତ୍ର ଓ ତହିଁରେ କେହି ସଫଳ ହେବ ନାହିଁ ।

---

# ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ରେବନ୍‌ସା ସାହେବ ତିନମାସର ଛୁଟୀ ପାଇଅଛନ୍ତି ଓ ତାହାଙ୍କ କର୍ମରେ ଶ୍ରୀଯୁକ୍ତ ହର୍ଶେଲ ସାହେବ ହୁଗୁଲୀର କଲେକ୍ଟର ନିଯୁକ୍ତ ହୋଇ ଆସୁଅଛନ୍ତି । ଆଗାମୀ ମାସ ତା ୧୫ ରିଖରେ ଶ୍ରୀଯୁକ୍ତ କମିଶନର ସାହେବ ଏଠାରୁ ଯାତ୍ରା କରିବାର ସ୍ଥିର କରିଅଛନ୍ତି । ଅମ୍ଭେମାନେ ମନେ କରିଥିଲୁଁ ଯେ ଶ୍ରୀଯୁକ୍ତ ବିମସ୍ ସାହେବ ଏକଟିଂ କମିଶନର ହେବେ ମାତ୍ର ତାହା ହେଲା ନାହିଁ । ବୋଧ ହୁଅଇ ମା ୩ ସ ପାଁଇ ନୂତନ କଲେକ୍ଟର ପଠାଇବାକୁ ଗବର୍ଣ୍ଣମେଣ୍ଟ ଭଲ ବନ୍ଦୋବସ୍ତ ଜ୍ଞାନ କଲେ ନାହିଁ ।

କଟକ କଲେଜ ଅନ୍ତର୍ଗତ ସରବେଇଂ ସ୍କୁଲ ସକାଶେ ଜଣେ ଶିକ୍ଷକ ମାସକୁ ଟ ୭୫ ଙ୍କା ବେତନରେ ବଙ୍ଗଳାରୁ ନିଯୁକ୍ତ ହୋଇ ଆସିଅଛନ୍ତି । ଏ ସ୍କୁଲରେ ଓଡିଆଭାଷାରେ ଶିକ୍ଷା ଦେବାର ନିୟମ ଅଛି ସୁତରାଂ ଜଣେ ଓଡିଆ ଏପଦ ପାଇବ ବୋଲି ଆଶା ହେଉଥିଲା । ଗବର୍ଣ୍ଣମେଣ୍ଟଙ୍କର ବୁଢ଼ାମଣା ସ୍ୱଭାବ ଅଟଇ ।

ଅବଶ୍ୟ ଓଲାଉଠାରୋଗ ଏ ନଗରରେ ବଡ ପ୍ରବଳ ରହିଅଛି ଓ ଜ୍ୱର ରୋଗରେ ମଧ୍ୟ ଅନେକ ଲୋକ କ୍ଲେଶ ପାଉଅଛନ୍ତି । ଅବଶ୍ୟ ପ୍ରଚୁରରୂପେ ବର୍ଷା ହୋଇ ନାହିଁ ଓ ଖାଲ ପୋଖରୀ ସମସ୍ତ ଶୁଖିଲା ପଡିଅଛି ।

ପୁରୀର ରଥଯାତ୍ରା ପର୍ବ ଶେଷ ହୋଇ ଆସିଲାଣି । ଗତମାସ ତା୨୮ରିଖଠାରୁ ତା ୬ ରିଖ ପର୍ଯ୍ୟନ୍ତ ଅନ୍ଧବେଗ ହୋଇ ଗୁଣ୍ଡିଚାମନ୍ଦର

Split by PDF Splitter

Digitized by srujanika@gmail.com

ସର୍ବ ଶେଷ ହେଲା । ତାଂରଙ୍ଗ ବାହୁଡ଼ା ଦିନ ସିଂହାସନରୁ ବଳେ ହୋଇ ଜଗମୋହନରେ ବନ୍ଦା ହେଲେ ଓ ଗତ ମଙ୍ଗଳବାର ପର୍ଯ୍ୟନ୍ତ ରଥସବୁର ମୁହଁ ଫେରଲା ।

ଗତ ବୁଧବାର ପହଣ୍ଡିବିଜେ ହୋଇ ଠାକୁର ମାନେ ରଥରେ ବସିଲେ ଏବଂ ବଳଭଦ୍ରଙ୍କ ରଥ ରାଜାଙ୍କ ନଅର ପର୍ଯ୍ୟନ୍ତ ଟଣାହୋଇ ଅଛି ।

ଅଶିଷ୍ଟାଣ୍ଟ ଇଞ୍ଜିନିଅର ବାବୁ ପୂର୍ଣ୍ଣଚନ୍ଦ୍ର ସରକାର ମନ୍ଦର ଭଦାରକ ସକାଶେ ପୁରୀକୁ ପ୍ରେରିତ ହେବାରେ ସେଠାରେ ମନ୍ଦରର ଅବସ୍ଥା ଦେଖି କଲେକ୍ଟର ସାହେବଙ୍କ ନିକଟକୁ ସବିଶେଷ ଅବସ୍ଥା ଲେଖିଅଛନ୍ତି । ବୋଧ ହୁଅଇ ତାହାଙ୍କ ମତରେ ମନ୍ଦର ସଂସ୍କାରକାର୍ଯ୍ୟ ଭଲ ହୋଇଅଛି ଓ ବର୍ତ୍ତମାନ କୌଣସି ଅପଦର ଶଙ୍କା ନାହିଁ । କାରଣ ତାହାଙ୍କ ରପୋର୍ଟ ପାଇଲାଉତ୍ତାରୁ ଠାକୁରମାନଙ୍କୁ ମନ୍ଦରରେ ବସାଇବା ନିମନ୍ତେ କଲେକ୍ଟର ସାହେବ ରାଜାଙ୍କୁ ଅନୁମତି ଦେଇଅଛନ୍ତି । ଏ ଅଙ୍କାର ପ୍ରସଙ୍ଗ ଶୁଣି ପୁରୀବାସିମାନେ ସମସ୍ତେ ଆନନ୍ଦିତ ହୋଇଅଛନ୍ତି ଓ ମହାପ୍ରସାଦ ଘେନି ଯେତେ ଗଣ୍ଡଗୋଳ ଲାଗିଥିଲା ତାହାସବୁ ଅପେ୨ ନିବୃତ୍ତ ହୋଇଗଲା । ପୂର୍ଣ୍ଣବାବୁଙ୍କ ଭଦାରକ ସମୟରେ ପୁରୀ ଡେପୁଟି ମେଜିଷ୍ଟ୍ରେଟ ଓଭରସିଅର ଓ ଅନ୍ୟାନ୍ୟ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ ।

ଗତ ସପ୍ତାହରେ ପୁରୀରେ ବର୍ଷା ହୋଇଅଛି ମାତ୍ର ଓଲାଉଠା ରୋଗ ଅନ୍ତର୍ଦ୍ଧାନ ହୋଇ ନାହିଁ ଯାତ୍ରିମାନେ ବାହାର ଅସିଲେଣି ସୁତରାଂ ବର୍ତ୍ତମାନ ରୋଗର କୋପ ନଗରବାସିଙ୍କ ଉପରେ ପଡ଼ୁଅଛି ।

ବଙ୍ଗପ୍ରଦେଶ ସକାଶେ ଯେଉଁ ନୂତନ ମିଉନିସିପଲ ଆଇନ ବିଧିବଦ୍ଧ ହୋଇଅଛି ଗତତ ମାସ ତା ୧ ରଖ ଠାରୁ ତାହା ପ୍ରଚଳିତ ହେଲାଣି । ଏଥିର ବନ୍ଦୋବସ୍ତ ସକାଶେ ଗତ ସୋମବାର ସଭା ହୋଇଥିଲା । ତହିଁର ବିବରଣ ଅମ୍ଭେମାନେ ଅବଗତ ହୋଇ ନାହୁଁ । ଶୁଣାଯାଏ ଯେ ସଡ଼କ ଉପରେ ଟାକ୍ସ ବସିବାର ସ୍ଥିର ହୋଇଅଛି ।

ଓଡ଼ିଶାପ୍ରଦେଶ ବଙ୍ଗଳାରୁ ବିଚ୍ଛିନ୍ନ ହୋଇ ଜଣେ ପ୍ରଧାନ କମିଶନରଙ୍କ ଅଧୀନରେ ରହିବାର ପ୍ରସ୍ତାବ ହେବା ସଙ୍ଗେ୨ ଲୋକେ ଜଣେ ପ୍ରଧାନ କମିଶନରଙ୍କୁ ମନୋନୀତ କରି ସାରିଲେଣି ସଂବାଦପତ୍ରମାନଙ୍କରେ ଲେଖାଯାଏ ଯେ ଲର୍ଡ ଉଇଲିଅମ୍ ବ୍ରାଉନ ଉକ୍ତ ପଦରେ ନିଯୁକ୍ତ ହେବାର କଥା ଅଛି ।

ଇଣ୍ଡିଆ ଗବର୍ଣ୍ଣମେଣ୍ଟ କଷ୍ଟିତ କରୁଅଛନ୍ତି ଯେ ସିଭିଲ ପେନ୍‌ସନ ବିଧିର ୫୦ ଧାରାରେ ଧାର୍ଯ୍ୟ ହୋଇଥିବା ବ ୬୦ ବର୍ଷ ସୀମା ଗବର୍ଣ୍ଣମେଣ୍ଟଙ୍କ ଅଧୀନ ବଡ ଛୋଟ ସମସ୍ତ ଚାକରଙ୍କପ୍ରତି ସମାନରୂପ ଖଟଇ ।

ବମ୍ବେଇର ଛୋଟ ଅଦାଲତକୁ ଜଣେ ମାରୱାଡ଼ି ଗୁହାରି ଦେବାକୁ ଆସିଥିଲା ସେ ବ୍ୟକ୍ତି ଅଳ୍ପକାଳ ହେଲା ଆପଣା ଧର୍ମ ପରିତ୍ୟାଗ କରି ମୁସଲମାନ ଧର୍ମ ଗ୍ରହଣ କରିଥିବାରୁ ମାରୱାଡ଼ିମାନେ ତାହାକୁ ବେଢ଼ିଯାଇ ଏମନ୍ତ ବ୍ୟସ୍ତ କଲେ ଯେ ଅଦାଲତଙ୍କ ହୁକୁମ କ୍ରମେ ପୁଲିସ ଆସି ତାହାକୁ ଆପଦରୁ ରକ୍ଷାକରି ଘରକୁ ଘେନିଗଲା । ସଙ୍ଗଛଡ଼ା ହେବା ବଡ ହରବର କଥା ।

ଲାହୋରର ସିଭିଲ କର୍ମଚାରୀମାନେ ପଚ୍ଚ ଓ ଅସ୍ୱାଦୁ ନଷ୍ଟ ଫଳ ସବୁ ବିକ୍ରୟ କରିବା ନିବାରଣ ଉଦ୍ଦେଶରେ ଉତ୍ତମ ଉପାୟ ଅବଲମ୍ବନ କରି ଅଛନ୍ତି । ଏପରି ନିୟମ ସବୁ ସ୍ଥାନର ବଡ଼୨ ବଜାରରେ ହେଲେ ଅନେକ ସାଧାରଣ ମଙ୍ଗଳ ହେବାର ସମ୍ଭାବନା ।

ଚୀନ ଦେଶରେ ରେଲବାଟ ଫିଟିଲାଣି । ଅଳ୍ପଦିନ ତଳେ ସେଠା ନିବାସୀ ହେତେକ ଜଣ ସ୍ତ୍ରୀ ପୁରୁଷ ଆମୋଦ ନିମିତ୍ତ ରେଲବାଟରେ ୫ମାଇଲ୍ ଭ୍ରମଣ କରିଥିଲେ ।

ଦକ୍ଷିଣ ହାଇଦରାବାଦର ନବାବଙ୍କ ନିକଟର ନବାବ ସମସଲ ମୁଲକ ବ ୯୫ ବର୍ଷ ସଂସାରକୁ ଭୋଗକରି ମୃତ୍ୟୁ ଲଭି ଅଛନ୍ତି । ଶୋକ କରିବା ପାଁଇ ଏକଶତ ସ୍ତ୍ରୀ ରଖିଯାଇ ଅଛନ୍ତି ଏବଂ ପୁଅ ନାତି ଅଣନାତିଙ୍କ ସକାଶେ ଅନେକ ଧନ ରଖିଯାଇ ଅଛନ୍ତି ଏମାନଙ୍କ ସଂଖ୍ୟା ପ୍ରାୟ ଦୁଇଶତ ହେବ । ଧନ୍ୟ ଭାରତବର୍ଷର ରାଜା ନବାବ !

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ପାଟନାରେ ଏକବ୍ୟକ୍ତି କୌଣସି ଚାକରୀ ସକାଶେ ଏକଅଣା ମୂଲ୍ୟର ଷ୍ଟାମ୍ପ କାଗଜରେ ଦରଖାସ୍ତ ଦେଇଥିଲା । ଅଠଅଣା ମୂଲ୍ୟର କାଗଜରେ ଦରଖାସ୍ତ ଦେଇନାହିଁ ବୋଲି ମାଜିଷ୍ଟ୍ରେଟ ତାହାକୁ ଫଉଜଦାରୀ ସୁପର୍ଦ୍ଦ କରି ଅଛନ୍ତି । ଚାକରୀ ଦରଖାସ୍ତ ପତ୍ର ସାଦାକାଗଜରେ ଦିଆଯାଏ ତେବେ ଏ ହାକିମ କେଉଁ ବିଚାରରେ ତାହା ଉପରେ ମକଦମା ଚଳାଉ ଅଛନ୍ତି ?

ବଙ୍ଗଳାର ଗବର୍ଣ୍ଣମେଣ୍ଟ ଘୋଷଣା ଦେଇ ଅଛନ୍ତି ଯେ ଆଗାମୀ ଫେବୃଏରୀ ଅଥବା ମାର୍ଚ୍ଚ ମାସରେ ଦେଶୀୟ ସିଭିଲ ସରଭିସ ପରୀକ୍ଷା ଗୃହୀତ ହେବ । ଗତ ପରୀକ୍ଷାରେତ ଏ ପ୍ରଦେଶର କେହୁ ବାହାର ନାହାନ୍ତି ଏଥରପାଁଇ କେହି ଚେଷ୍ଟା କରିବେକି ?

ବମ୍ବେଇ ଗଜେଟରେ ଲେଖାଅଛି ଯେ ରୂପାର ମୂଲ୍ୟ ଊଣା ହେବାରେ ଗବର୍ଣ୍ଣମେଣ୍ଟଙ୍କର ଅନେକ କ୍ଷତି ହେବାର ଦେଖି ଲର୍ଡ ସାଲିସବରି କପାସ ନିର୍ମିତ ଦ୍ରବ୍ୟର ମାସୁଲ ଶୀଘ୍ର ଊଣା କରିବାର ଆଜ୍ଞାକୁ ରହିତ କରି ଅଛନ୍ତି । ଧନ ସମ୍ପର୍କୀୟ ଅଥବା ଅନ୍ୟ ବିଷୟକ ଆଇନର ପ୍ରସ୍ତାବ ଗବର୍ଣ୍ଣର ଜେନରଲଙ୍କ ସଭାରେ ହୋଇପାରେ ମାତ୍ର ସେକ୍ରେଟରୀ ଅବଷ୍ଟେଟଙ୍କର ଅଗୋଚରରେ ବିଧିବଦ୍ଧ ହୋଇ ପାରିବ ନାହିଁ ।

ବମ୍ବେଇରେ ଗୋଟିଏ ବାଲ୍ୟବିବାହ ହୋଇ ଯାଇଅଛି ଯେ ସେପରି ସଚରାଚର ଦେଖାଯାଏ ନାହିଁ । ବରର ବୟସ ବ ୫ ବର୍ଷ ଓ କନ୍ୟାର ବୟସ ମା ୧୧ ସ ମାତ୍ର ଅଟଇ । ଏହାଙ୍କ ପିତା ମାତା କ୍ଷଣିକ ସୁଖ ନିମିତ୍ତ ଆପଣା ପୁଅ ଝିଅର ସି ଭବିଷ୍ୟର ଅନିଷ୍ଟ କରିଅଛନ୍ତି ।

ବଗଦାଦରୁ ଭାରତୀୟ ଯୋଗେ ସମ୍ବାଦ ଅସିଅଛି ଯେ ତୁରସ୍କର ସୁଲତାନ ଅବଦୁଲ ଅଜିଜ ଆପଣା ହାତରେ ଫସ୍ତ ଖୁଲି ଦେହର ରକ୍ତ ବାହାର କରି ଦେବାଦ୍ୱାରା ଆତ୍ମହତ୍ୟା କରିଅଛନ୍ତି । ରାଜପଣରୁ ବହିଷ୍କୃତ ହୋଇ ଧୈର୍ଯ୍ୟ ଧରି ରହିବା ସହଜ କଥା ନୁହଇ ।

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ ଶ୍ରୀ ରାଜା କର୍ଣ୍ଣେଲ ତାଲଚେର ବକାୟା | | | ଟ୬ |
| ଏଜନ ଏଜନ ଦଶପଲ୍ଲା | | ,, | ଟ୬ |
| ଏଜନ ଏଜନ ଆଠଗଡ଼ | | ,, | ଟ୬ |
| ଶ୍ରୀ ଚୌଧୁରୀ ରଘୁନାଥସାମନ୍ତରାମହାପାତ୍ର କଟକ ବକାୟା | | | ଟ୬ |
| ବାବୁ ନନ୍ଦକିଶୋରଦାସ | ,, | ,, | ଟ୬॥୦ |
| ଶ୍ରୀ ଚୌଧୁରୀ ବାଳକୃଷ୍ଣ ମହାପାତ୍ର | ,, | ,, | ଟ୨ |
| ବାବୁ ହରମୋହନରାୟ | ,, | ,, | ଟ୧ |
| ନିମାଇଚରଣ ନେଉଗି | ,, | ,, | ଟ୩ |
| ଶ୍ରୀ ମହନ୍ତ ନାରାୟଣଦାସ | ପୁରୀ | ,, | ଟ୧୦ |
| ବାବୁ ରାଧାମୋହନଦାସ | କଟକ | ,, | ଟ୩ |

---

ଏହି ଉତ୍କଳଦୀପିକା ସହରକଟକ ଦଗ୍‌ରାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

## ପ୍ରେରିତପତ୍ର ।

ଉତ୍କଳଶୁଭାନ୍ୱେଷୀ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ମାନ୍ୟବରେଷୁ ।

ମହାଶୟ !

ଅନୁଗ୍ରହ ପୂର୍ବକ ଅଧୀନର ଏହି ପତ୍ରଖଣ୍ଡିକୁ ଆପଣଙ୍କ ପତ୍ରିକା ପାର୍ଶ୍ୱରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ଆମ୍ଭର କୌଣସି ଜଣେ ବନ୍ଧୁ ମୁଖରୁ ଶୁଣିଲୁଁ ଯେ, ସେ ଦର୍ପଣ ବାର୍ତ୍ତିକା ଆଦି ବାଲେଶ୍ୱରର ସମ୍ବାଦପତ୍ରମାନ ପାଠକରିବା ତ୍ୟାଗ କରିଅଛନ୍ତି, ହେତୁ କି ତାଙ୍କର ବିବାଦକରିବା ଅଥବା ବିବାଦୋଚିତ ଭାଷା ଶିକ୍ଷା କରିବାକୁ ଇଚ୍ଛା ନାହିଁ । ବାସ୍ତବ ତାଙ୍କର ଏପରି ଜ୍ଞାନ ନିତାନ୍ତ ଅପ୍ରାମାଣିକ ନୁହଇ । ଆଜିକାଲି ଏଠାରେ ଏହି ପତ୍ରିକାଙ୍କ ମଧ୍ୟରେ ଘୋରବିବାଦ ଲାଗିଅଛି । କେହି କାହାର ଶିଖ ଦେଖୁ ନାହାନ୍ତି । କରଣ, ବ୍ରାହ୍ମଣ, ଓ ଖଣ୍ଡାଏତ ଜାତି ପ୍ରଭୃତିର ଉତ୍କର୍ଷାପକର୍ଷ ନିର୍ଣ୍ଣୟ ଏମାନଙ୍କର ବିଷୟ ଅଟେ । ପ୍ରାଚୀନ ବ୍ୟବସ୍ଥା, ପୁରାଣ, ତନ୍ତ୍ର ଓ ଇତିହାସାଦି କେତେକେତେ ଜୀର୍ଣ୍ଣକଲେବର ଗ୍ରନ୍ଥମାନ ଏଥି ପାଇଁ ଆନ୍ଦୋଳିତ ହେଉଅଛନ୍ତି । ଏହିପକ୍ଷରେ କୌଣସି ତତ୍ତ୍ୱର ଉଦ୍ଭାବନ କରିବା ନିମନ୍ତେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ ପ୍ରମାଣ କରିବା ଯଦ୍ୟପି ଗୋଟିଏ ସୁଫଳ ପ୍ରଦ ବିଷୟ; ତଥାପି ପ୍ରଧାନତଃ ବର୍ତ୍ତମାନ ସମୟରେ, ଏହି ଉନ୍ନବିଂଶ ଶତାବ୍ଦିର ଶେଷଭାଗରେ ଓ ସଭ୍ୟତମ ଇଂରାଜ ରାଜାଙ୍କ ରାଜ୍ୟରେ ଜାତିବିଷୟ ଘେନି ଏପରି ଗୋଲମାଲ କରିବା ନିତାନ୍ତ ଅସାରତା, ନିର୍ବୁଦ୍ଧିତା ଓ ହାସ୍ୟୋଦ୍ଦୀପକତାର ବିଷୟ ଅଟେ । ଏଥିରେ ପ୍ରକୃତ ପକ୍ଷରେ ଦେଶର ଆଭ୍ୟନ୍ତରିକ ମଙ୍ଗଳ କିଛି ହେଉ ନାହିଁ । ନାନା ଦଳ ବିଭାଗ ହୋଇ ସେମାନଙ୍କର ପରସ୍ପରପ୍ରତି କ୍ରୋଧ, ହିଂସା ଓ କପଟତାଦିର ଅନ୍ୟ ବୃଦ୍ଧି ଫଳ ହେଉ ନାହିଁ । ହିନ୍ଦୁସମାଜରେ ଜାତି ଯଦିଓ ଗୋଟିଏ ଆଲୋଚ୍ୟ ବିଷୟ ଅଟେ, ତଥାପି କେବଳ ଜାତି ଆପଣାଙ୍କୁ ଶ୍ରେଷ୍ଠ ଜ୍ଞାନକରି ଅନ୍ୟମାନଙ୍କୁ ହୀନ ଜ୍ଞାନ କରିବା ସ୍ୱସ୍ୱ ପୂର୍ବପୁରୁଷଙ୍କ ଯାଗ୍‌ବାଜ୍ଞ କରିବାରେ ଅଥବା ଜଣେ ପ୍ରଧାନ ମୂଳକର୍ତ୍ତାଙ୍କ ଛବି କିମ୍ବା କଳାପାଦର ଅନୁଷ୍ଠାନ କରି ଅଛନ୍ତି । ତେବେ ସମ୍ପ୍ରତି ସେହି ଜାତି ଘେନି କଥା କହିବା ସଭ୍ୟ ସମାଜରେ କେବଳ ହାସ୍ୟର କାରଣ ।

"ଶ୍ରଦ୍ଧାନୁଗତୋଧର୍ମଃ" ଅଛି ଇଂରାଜଜାତି ଆମ୍ଭମାନଙ୍କର ରାଜା । ଯେମନ୍ତ ସମସ୍ତ ଇଂଲଣ୍ଡବାସୀ ଏକଜାତି; ଯେମନ୍ତ ସମସ୍ତ ଫ୍ରାନ୍ସ ଏକଜାତି; ସେହିପରି ସମସ୍ତ ଭାରତବର୍ଷୀୟ ଏକ ଜାତି । ଅତଏବ ସମସ୍ତ ଭାରତବର୍ଷୀୟ ପତ୍ରିକା ଏହି ଏକ ହିନ୍ଦୁଜାତି ବିଷୟ ଘେନି ଆଲୋଚନା କରନ୍ତୁ ।

ବୌଦ୍ଧ, ମୁସଲମାନ, ଖ୍ରୀଷ୍ଟିୟାନ ପ୍ରଭୃତି ଜାତି ପୃଥିବୀର ଅନ୍ୟାନ୍ୟ ଜାତିଙ୍କ ସଙ୍ଗରେ ତୁଳନା କରିବାକୁ ଗଲେ ହିନ୍ଦୁମାନେ ଆଜିକାଲି ଏକେତ ଗୋଟିଏ କ୍ଷୁଦ୍ର ଦୁର୍ବଳ ଜାତି; ତହିଁରେ ପୁଣି ପ୍ରଦେଶ ଭେଦରେ ଓ ଭାଷା ଭେଦରେ ବେହାରୀ, ବଙ୍ଗାଳୀ, ଓଡ଼ିଆ ତେଲଙ୍ଗା ଓ ମରହଟ୍ଟା ପ୍ରଭୃତି ନାନାଜାତି ହୋଇଅଛନ୍ତି । ପୁଣି ଏହି ଏକା ଜାତିମଧ୍ୟରେ ଅସଂଖ୍ୟ କ୍ଷୁଦ୍ର ଜାତି ହୋଇ ଏକକୁ ଅନେକ ବିଷଦୃଷ୍ଟିରେ ଦେଖୁଅଛନ୍ତି । ଫଲତଃ ଏପରି ପାର୍ଥକ୍ୟରେ ଏହି ପବିତ୍ର ପ୍ରାଚୀନ ହିନ୍ଦୁଜାତିର ବଲ ବୀର୍ଯ୍ୟ ହ୍ରାସ ଓ ଏକତା ବନ୍ଧନ ଶିଥିଳ ହୋଇ ଦିନକୁଦିନ ଅଧୀନତା ଓ ପରତନ୍ତ୍ରତା ବୃଦ୍ଧି ଭିନ୍ନ ଅନ୍ୟ କୌଣସି ଫଳ ଲାଭ ହେଉ ନାହିଁ । ଭାରତର ପ୍ରଦେଶ ଓ ଭାଷାଭେଦରେ ଯେପରି ଏକା ଜାତିର ସୃଷ୍ଟି ହୋଇଅଛି, ସେସମସ୍ତ ଜାତିରେ ଆଚାର ବ୍ୟବହାର ଓ ସାମାଜିକ ରୀତି ନୀତି ବିଷୟରେ, ପରସ୍ପର ଅନେକ ଅନୈକ୍ୟ ଲକ୍ଷିତ ହୁଅଇ । ସୁତରାଂ ସେସମସ୍ତ ବୈଷମ୍ୟ ବିନାଶ ପ୍ରାପ୍ତ ହୋଇ ସକଳ ଭାରତ ସନ୍ତାନ ଯେ, ଦିନେ ଏକ ଆର୍ଯ୍ୟ ହିନ୍ଦୁ ଜାତି ବୋଲି ପୃଥିବୀମଣ୍ଡଳରେ ବିରାଜ କରିବେ, ସେ ରଜନୀ ପ୍ରଭାତ ହେବାକୁ ଅବଶ୍ୟ ଦୀର୍ଘକାଳ ବିଲମ୍ବ ଅଛି, ସତ୍ୟ; ତଥାପି ଏହିସମସ୍ତ କ୍ଷୁଦ୍ର ରାଜ୍ୟର ଅଧିବାସିଙ୍କ ମଧ୍ୟରେ (ଯେଉଁମାନଙ୍କର ମାତୃଭାଷା ଏକ, ଯେଉଁମାନଙ୍କର ଆହାରୀୟ, ପାନୀୟ ଓ ପରିଧାନ ପ୍ରଭୃତି ଜାବତ୍ ବିଷୟ ଏକ) ଯେ ଏପରି ଜାତିଗତ ବିଦ୍ୱେଷଭାବ ଜନ୍ମ ପରସ୍ପର ନାନାପ୍ରକାର ବିବାଦ ବିସମ୍ବାଦ ଘଟୁଅଛି ଏହା ବଡ଼ ଶୋଚନୀୟ ବିଷୟ ଅଟେ । ଆମ୍ଭମାନଙ୍କର ଏହି ଉତ୍କଳ ଗୋଟିଏ ଅତି କ୍ଷୁଦ୍ରରାଜ୍ୟ ଏଥିର ନିବାସୀ ଅର୍ଦ୍ଧକୋଟିଙ୍କ ମଧ୍ୟରୁ ଅର୍ଦ୍ଧେକ ଅସଭ୍ୟ ବଣୁଆ ଜାତି ଓ ଶ୍ରେଣୀଭ୍ରଷ୍ଟ ଅକର୍ମଣ୍ୟଲୋକ, ବାକି ପଞ୍ଚାଶ ଲକ୍ଷ ଲୋକ ଏ ଦେଶର ମୋଗଲବନ୍ଦୀ ଅର୍ଥାତ୍ ସଂଲଗ୍ନ ବ୍ରିଟିଶ ଶାସନାଧୀନରେ ବାସ କରନ୍ତି । ଏଥିରୁ ସ୍ତ୍ରୀ ଓ ବାଳକସଂଖ୍ୟା ବାଦ ଦେଲେ ବାକି ପ୍ରାୟ ଦଶଲକ୍ଷ ଲୋକ ହିଁ ଅନ୍ତ ବିନା ଅଧିକନ୍ତୁ ପ୍ରକୃତ ସଭ୍ୟତାର ଆସ୍ୱାଦ ପ୍ରାପ୍ତ ହୋଇଅଛନ୍ତି । ଏମାନଙ୍କ ମଧ୍ୟରେ ଜାତୀୟ ଧର୍ମ ଘେନି, ଦେଶର ଅଭାବ ମୋଚନ ଘେନି, ସାଧାରଣ ଉନ୍ନତି ଘେନି, ଅନ୍ୟ ଅନ୍ୟ ଦେଶୀୟଙ୍କଠାରେ ଏ ଦେଶର ଗୌରବ ଘେନି ଇତ୍ୟାଦି ଶୁଭକର ବିଷୟମାନଙ୍କରେ ଯଦ୍ୟପି ଏକତା ନ ରହିଲା ଓ ତତ୍ପରିବର୍ତ୍ତେ ଏମାନଙ୍କ ମଧ୍ୟରେ ପରସ୍ପର ନାନା ବିଦ୍ରୋହ, ବିଦ୍ୱେଷଭାବ, ପ୍ରବଞ୍ଚନା ଓ କପଟତା ପ୍ରଭୃତି ଘୋର ଅନିଷ୍ଟକାରୀ ପିଶାଚ ଆଶ୍ରୟ କଲା; ତେବେ ସମସ୍ତ ଭାରତବର୍ଷରେ ଯେ ଦିନେ ଏକତା ସୂର୍ଯ୍ୟ ଉଦିତ ହେବ, ଏପରି ଆଶା କି କଦାଚ ହୋଇପାରେ? ସମ୍ପ୍ରତି ଏ ଇଂରାଜରାଜ୍ୟ; ଇଂରାଜସଭ୍ୟତା; ଇଂରାଜଶିକ୍ଷା । ଏ ଶିକ୍ଷାରେ କୌଣସି ସମ୍ପ୍ରଦାୟ ବିଶେଷର ଏକାଧିପତ୍ୟ ନାହିଁ । ଏ ଶିକ୍ଷାରେ ଚଣ୍ଡାଳପୁତ୍ରଠାରୁ ଦ୍ୱିଜପୁତ୍ର ପର୍ଯ୍ୟନ୍ତ ସମାନ ଅଧିକାର ଅଛି । ପୁଣି ହଜାର କେହି ନୀଚକୁଳଜ ହେଉ, ଯଦି ସେ ବିଦ୍ୟାବନ୍ତ ହୁଅଇ ତେବେ ସେ ଦୃଷ୍ଟାପ୍ୟ ରାଜାଙ୍କଠାରେ ଉପସ୍ଥିତ ଓ ସମ୍ମାନ ଲାଭ କରିବ । ଆଜି ଜଣେ ସାମାନ୍ୟ ମେହେତର ସନ୍ତାନ ଶିକ୍ଷିତ ଓ ଉପଯୁକ୍ତ ହେଉ, କାଲି ଆମ୍ଭମାନଙ୍କ ରାଜାଙ୍କ ଦକ୍ଷିଣ ପାର୍ଶ୍ୱରେ ଖଣ୍ଡିଏ ଆସନ ତାହା ପାଇଁ ପ୍ରସ୍ତୁତ ହେବ । ଆଉ ଶତ ପୁରୁଷ କର୍ଣ୍ଣ୍ୟାତ ଜଣେ କରଣ ବା ବ୍ରାହ୍ମଣ ମୂର୍ଖ ଓ ଅନୁପଯୁକ୍ତ ହେଲେ ସଭା ଦ୍ୱାରରୁ ଅର୍ଦ୍ଧଚନ୍ଦ୍ର ସହିତ ବିଦାୟ ପ୍ରାପ୍ତ ହେବ । ଅତଏବ କାଳର ଗତି ସ୍ୱତନ୍ତ୍ର; କେବଳ ବିଦ୍ୟା ଆବଶ୍ୟକ । ଜାତି କୁଳ ଧର୍ମ ଚର୍ଚ୍ଚାର କିଛି ପ୍ରୟୋଜନ ନାହିଁ । ଏସମସ୍ତ ଅଧିକରୁ ଅଧିକ । ଏ କଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ପୂର୍ବେ ଏ ଦେଶରେ ବିଦ୍ୟାଚର୍ଚ୍ଚା ପ୍ରାୟ କେବଳ କରଣ ବ୍ରାହ୍ମଣଙ୍କ ମଧ୍ୟରେ ଥିଲା । ବ୍ରାହ୍ମଣମାନେ ଯଜନ ଯାଜନ ପୁରାଣାଦି ପଠନ ଓ ଶାସ୍ତ୍ରୀୟ ବ୍ୟବସ୍ଥାଦି ପ୍ରଦାନ କରୁଥିଲେ ଏବଂ କରଣମାନେ ରାଜସଂସାରରେ ପ୍ରବିଷ୍ଟ ହୋଇ ଲେଖନୀ ଚାଳନ ବ୍ୟବସାୟ କରୁଥିଲେ ଏବଂ ଏହି ବ୍ୟବସାୟକୁ ସେମାନେ ଜାତୀୟ ଅନୁଲଙ୍ଘନୀୟ ବ୍ୟବସାୟ ବୋଲି ନିୟମ ବଦ୍ଧ କରିଯାଇଥିଲେ । କିନ୍ତୁ କାଳକ୍ରମେ ସଭ୍ୟତର ରାଜାମାନଙ୍କ ଆଗମନରେ ସାଧାରଣ ଶିକ୍ଷାର

Split by PDF Splitter

Digitized by srujanika@gmail.com

Split by PDF Splitter



ଆଦର ବଙ୍ଗୀୟ ଅନ୍ୟାନ୍ୟ ଜାତି ଓ ଇତର ସାଧାରଣ ସମସ୍ତେ ଶିକ୍ଷା ପ୍ରାପ୍ତ ହୋଇ ପୂର୍ବ ଶିକ୍ଷିତ ସମ୍ପ୍ରଦାୟଙ୍କ ଅଧିକାର ଛଡାଇ ନେବାକୁ ବସିଲେ । ସୁତରାଂ ପୂର୍ବାଧିକାରୀମାନେ ପଦଭ୍ରଷ୍ଟ ଓ ହତମାନ ହୋଇ ପୂର୍ବ ସମ୍ଭ୍ରମ ଅନୁସାରେ ଭିକ୍ଷା କରିବା; ଅନ୍ୟର ଗଳଗ୍ରହ ହେବା; ବିଶେଷତଃ ଜାତି କୁଟୁମ୍ବଙ୍କୁ କଷ୍ଟ ଦେବା ଇତ୍ୟାଦି ନାନା ଗର୍ହିତାଚରଣ କଲେ ତଥାପି କ୍ଷମ୍ୟ ଅନୁରୂପ ନିର୍ଦ୍ଦୋଷ କୃଷି, ଶିଳ୍ପ, ବାଣିଜ୍ୟ ପ୍ରଭୃତିରୁ ଜୀବିକା ସାଧନକାରୀ ବ୍ୟବସାୟ ଗଣି ଦେଖିବାରେ ପ୍ରବୃତ୍ତ ହେଲେ ନାହିଁ । କି ଦୁଃଖର ବିଷୟ ! କି ଆଶ୍ଚର୍ଯ୍ୟର ବିଷୟ ! ହେ ବୃଥା ଜାତ୍ୟାଭିମାନୀ କରଣ ବ୍ରାହ୍ମଣମାନେ ! ହେ ଜାତିସମ୍ଭୂତ ଗୌରବାକାଂକ୍ଷୀ ଭ୍ରାତାମାନେ ! ହେ କ୍ରିୟାଶୂନ୍ୟ ହେତୁରୁ ଶୂଦ୍ରତ୍ୱପ୍ରାପ୍ତ କ୍ଷତ୍ରୀୟ ସନ୍ତାନମାନେ ! ଥରେ ଆପଣା ଆପଣା ମୁହଁ ଦେଖ; ଥରେ ଆପଣା ଭିତରର ଅବସ୍ଥା ଦେଖ; ଆଉ ଥରେ ପେଟର ପାଣିଦ୍ୱାରା ହୃଦୟର ପରିଚୟ ଦେଉଥିବ । ଏବେ ସେ ଅଭିମାନ ସେ ବୃଥା ବାହ୍ୟାଡମ୍ବର ପରିତ୍ୟାଗ କର । ସତ୍ପଥର ଆଶ୍ରୟ କର । ସଂସାରର ଚାରିଆଡ଼େ ପ୍ରଚୁର ଧନୋପାର୍ଜନ; ମାନୋପାର୍ଜନର ବିସ୍ତୃତ କ୍ଷେତ୍ର ପଡି ରହିଅଛି, ଶରୀର ଓ ମନ ଚାଳନା କର । ମିଥ୍ୟା ପ୍ରବଞ୍ଚନା, ଶଠତା, ବିଶ୍ୱାସଘାତକତା, ପରଶ୍ରୀକାତରତା ଓ ମକଦ୍ଦମାପ୍ରିୟତା ପ୍ରଭୃତି ଅନ୍ୟାୟ ବ୍ୟବହାରମାନ ପରିତ୍ୟାଗ କର, ଈଶ୍ୱରଦତ୍ତ ଶାରୀରିକ ଓ ମାନସିକ ବଳରେ ନିର୍ଦ୍ଦୋଷ ଉପାର୍ଜନଦ୍ୱାରା ନିଜର ଓ ପରିବାର ବର୍ଗର ଭରଣପୋଷଣ କର, ସୁଖ ସ୍ୱଚ୍ଛନ୍ଦରେ ଜୀବିକା ନିର୍ବାହ କରି ପାରିବ ସନ୍ଦେହ ନାହିଁ ।

ଉପସଂହାର ସ୍ଥଳରେ ବାଲେଶ୍ୱରୀ ସମ୍ପାଦକମାନଙ୍କଠାରେ ବିନୟ ପୂର୍ବକ ପ୍ରାର୍ଥନା ଏହି ଯେ ସେମାନେ ଯେମନ୍ତ କି ଆଉ ଏପ୍ରି ସମସ୍ତ ଜାତି ବିଷୟ ନେଇ ଆଲୋଚନା ନ କରନ୍ତି ବରଂ ଯହିଁରେ ଏହି ସମସ୍ତ ଜାତିଙ୍କର ଉତ୍ତରୋତ୍ତର ବିଶେଷ ଉନ୍ନତି ସାଧନ ହୁଏ ସେଥି ପକ୍ଷରେ ଯତ୍ନବାନ୍ ହେଉନ୍ତୁ । ପତ୍ରିକାରେ ଅନେକ ଉତ୍ତମ ବିଷୟ ପ୍ରାପ୍ତ ହେବାର ଆଶା । ବିବାଦ କୁତ୍ସା ଇତ୍ୟାଦିର ପ୍ରଭୃତି ବିଷଗର୍ଭପ୍ରସ୍ତାବମାନ ଉତ୍ତମ ଭାଷାରେ ସଜାଇ ପତ୍ରିକାର ଅଙ୍ଗ ପୂର୍ଣ୍ଣ କରିବା କି ପତ୍ରିକାର ଉଦ୍ଦେଶ୍ୟ ? ଉତ୍କଳର ଉନ୍ନତି ସାଧନ ବିଷୟକ କି କୌଣସି ପ୍ରସ୍ତାବ ନାହିଁ ? ଅସ୍ମମାନଙ୍କର କି କାହାଙ୍କଠାରେ କୌଣସି ଅଭାବ ଜଣାଇବାକୁ ନାହିଁ ? ଅସ୍ମମାନଙ୍କର ଶିକ୍ଷକତ କି ସମ୍ପୂର୍ଣ୍ଣ ସୁଶୃଙ୍ଖଳ ହୋଇ ଅଛି ? ଇତ୍ୟାଦି ଅନେକ ବିଷୟ ଅଛି ଯାହାକ

ଅତଏବ ପରସ୍ପର ସାମାନ୍ୟ ୨ କଥାରେ ବୃଥା ବିବାଦ ଓ କୁତର୍କ ନ କରି ଅସ୍ମମାନଙ୍କର ଅଭାବସମସ୍ତ ରାଜପୁରୁଷଙ୍କଠାରେ ଗୁହାରି କରନ୍ତୁ । ଅସ୍ମମାନଙ୍କର ଭୁଲ ଭାନ୍ତି ଦେଖାଇ ଦେଉନ୍ତୁ । ଅସ୍ମମାନଙ୍କ ଦେଶରେ କୃଷି ଓ ବାଣିଜ୍ୟ, ଶିଳ୍ପ ଓ ସାହିତ୍ୟର ଉନ୍ନତି ପକ୍ଷରେ କଥା କହନ୍ତୁ ଓ ଅସ୍ମମାନଙ୍କର ଶାରୀରିକ ଓ ମାନସିକ, ଆଭ୍ୟନ୍ତରିକ ଓ ବାହ୍ୟିକ ସର୍ବପ୍ରକାର ପୀଡା ଉପଶମ ନିମନ୍ତେ ଅବ୍ୟର୍ଥ ଔଷଧ ପ୍ରଦାନ କରି ସମସ୍ତ ଉତ୍କଳବାସିଙ୍କର ପ୍ରଶଂସା ଭାଜନ ହେଉନ୍ତୁ । ଇତି ।

୨୨।୭।୭୭ ବଶମ୍ବଦ
ଜଣେ ମଧ୍ୟସ୍ଥ
ବାଲେଶ୍ୱର

ଯେଉଁ ବାଦାନୁବାଦକୁ ଲକ୍ଷ କରି ଏ ପତ୍ରଖଣ୍ଡି ଲେଖା ହୋଇଅଛି ସୁଖର ବିଷୟ ଯେ ତାହା ସମାପ୍ତ ହୋଇଅଛି । ସେ ହେତୁରୁ ଏ ପତ୍ର ପ୍ରକାଶ କରିବାକୁ ମାନସ ନ ଥିଲାମାତ୍ର ଏଥିରେ ଅସ୍ମମାନଙ୍କ ବିବେଚନାରେ ଏମନ୍ତ ଅନେକ ବିଷୟ ଅଛି କି ଯାହା ସର୍ବସାଧାରଣ ସୁଚିତରେ ପଢିଲେ ବିଶେଷ ଉପକାର ହେବ ଏବା ସମ୍ପାଦକଙ୍କର ନୁହଇ । ଉ, ଦ, ସଂ,

## କର୍ମଖାଲି ବିଜ୍ଞାପନ ।

ଭଦ୍ରକସ୍ଥ ମଧ୍ୟମଶ୍ରେଣୀ ଇଂରାଜୀ ବିଦ୍ୟାଳୟର ୨ୟ, ୩ୟ ଓ ୪ର୍ଥ ଶିକ୍ଷକତା ପଦମାନ ଶୂନ୍ୟ ଅଛି ମାସିକ ବେତନ ଟ ୩୦।୨୦।୧୨ ଙ୍କା । କର୍ମପ୍ରାର୍ଥିଗଣ ସ୍ୱସ୍ୱ ପ୍ରଶଂସାପତ୍ର ସହିତ ଉକ୍ତ ସ୍କୁଲର ପ୍ରେସିଡେଣ୍ଟ ମହାଶୟଙ୍କ ସମୀପକୁ ଆଗାମୀ ଜୁଲାଇମାସ ତା ୩୧ ରିଖ ପୂର୍ବରୁ ଆବେଦନପତ୍ର ପ୍ରେରଣ କରିବେ ।

୨ୟ ଶିକ୍ଷକତାର ନିମିତ୍ତ ଏଲ, ଏ, ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କର ଏବଂ ୩ୟ ଶିକ୍ଷକତାର ନିମିତ୍ତ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କର ଆବେଦନ ବିଶେଷ ଆଦରଣୀୟ ହେବ ।

ପ୍ରାର୍ଥିଗଣଙ୍କର ନିଜ ସଚ୍ଚରିତ୍ରତାର ପ୍ରମାଣ ଦେଖାଇବାର ଆବଶ୍ୟକ ଇତି ।

୧-୭-୭୭ DWARIKA NATH GHOSH
କୋଠାର Out Inspector of schools
BHUDRACK.

## ଇସ୍ତାହାର ।

କଟେଷ୍ଟ ଇରିଗେସନ ।ଲା ଜେନାଲ ରେଭିନ୍ୟୁ ଡିପୋର୍ଟି ସୁପରିଣ୍ଟେଣ୍ଡେଣ୍ଟ । କ । ଓଡିଶା ।

ଏତଦ୍ୱାରା ସର୍ବସାଧାରଣ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ମହାମାନ୍ୟବର ଶ୍ରୀଯୁକ୍ତ ଗବର୍ଣ୍ଣମେଣ୍ଟଙ୍କ ହୁକୁମ ଅନୁସାରେ ଚଳିତ ସନ

ଜମା ରବିଆଲି ଧାନ ଫସଲ ନିମନ୍ତେ ଯେଉଁ କବୁଲିୟତ ହେବ ତହିଁର ଦର ମଡ଼ା ଫି ମାଣ ଟ ୩ ଙ୍କା ଓ ବୁଢା ଟ ୨ ଙ୍କା ହିସାବରେ ନଗଦ ଟଙ୍କା ଦାଖଲ କଲେ କବୁଲିୟତ ନିଆଯିବ ଉକ୍ତ ତାରିଖେ ଜମା ତହିଁପୂର୍ବେ ଯେଉଁମାନେ ଦରଖାସ୍ତ ଦାଖଲ କରିବେ ସେମାନେ ଚଳନୀୟ ଦର ଅର୍ଥାତ ମଡ଼ା ଟ ୧୫ ଙ୍କା ଓ ବୁଢା ଟ ୧ ଙ୍କା ଦରରେ କବୁଲିୟତ କରି ପାରିବେ ଏଥି ନିମନ୍ତେ ଅମ୍ଭେ ସମସ୍ତ କୃଷିକାରମାନଙ୍କୁ ଦୃଢ଼ରୂପେ ଅନୁରୋଧ କରୁଅଛୁଁ ଯେ ଯେଉଁମାନେ କବୁଲିୟତ କରିବା ପ୍ରତ୍ୟାଶା କରୁଥିବେ ସେମାନେ ସୁଯୋଗକ୍ରମେ ବର୍ତ୍ତମାନ ଚଳନୀୟ କମ ଦରରେ କବୁଲିୟତ କରି ଲାଭ ଗ୍ରହଣ କରିବା ପ୍ରତି ମନୋଯୋଗୀ ହେବେ । ଅଧିକନ୍ତୁ ମଧ୍ୟ ଜଣାଇ ଦିଆଯାଉଅଛି ଯେ ଉକ୍ତ ସମୟରେ ପାଣି ନେଲେ ତହିଁର ଡବଲ କରି ଟ ୬ ଙ୍କା ହେବ ଏ ବିଷୟରେ ପ୍ରଜାମାନେ ସାବଧାନ ହେବେ । ତା ୨ ୪ ମାହେ ଜୁଲାଇ ସନ ୧୮୭୭ ମସିହା ।

ଏଚ୍, ପି, ଓୟାଲ ସାହେବ
ଡିପୋର୍ଟି ସୁପରିଣ୍ଟେଣ୍ଡେଣ୍ଟ ।

## ବିଜ୍ଞାପନ ।

ଚାନ୍ଦବାଲି ଏବଂ କଲିକତା

## ଜାହାଜ ।

ଓଡ଼ିଆ ଏବଂ ବାରିଙ୍ଗ

ଚାନ୍ଦବାଲି ଓ କଲିକତା ମଧ୍ୟରେ ନିୟମିତ ରୂପେ ଗତାୟାତ କରୁଅଛି ।

ଏ ଜାହାଜମାନଙ୍କରେ ଅନେକ ମନୁଷ୍ୟ ଯିବା ଆସିବା କରିପାରନ୍ତି ଓ ଉତ୍ତମ ଜାଗା ମିଳେ ଓ ଏମାନ ନୂତନ ଓ ବେଳବାନ୍ ଷ୍ଟିମ୍ବଲ ଜାହାଜ ଥିବାରୁ ଏ ଯେ ରତ୍ନଦପଣ୍ଟା ଭିତରେ କଲିକତା ଓ ଚାନ୍ଦବାଲି ମଧ୍ୟରେ ଯିବା ଆସିବା କରିପାରେ ଜାହାଜକୁ ଯିବା ଆସିବା କରିବା ସକାଶେ ଚାନ୍ଦବାଲିଠାରେ ଦୁଇଗୋଟି ଜେଟି (ଜାଠରଙ୍ଗ) ତିଆର ହୋଇଅଛି ଓ ସେହି ଦୁଇ ଜେଟି ପାଖରେ ଜାହାଜ ଲଙ୍ଗର କରେ ସୁତରାଂ ଜାହାଜକୁ ଯିବା ଆସିବା ଲାଗି ଗୋଡରେ ପାଣି ଲାଗଇ ନାହିଁ ଏଠାରେ ଯାତ୍ରିଙ୍କ ରହିବା ଏବଂ ରନ୍ଧି ଖାଇବା ସକାଶେ କମ୍ପାନୀ ଉତ୍ତମ ବସାଘରମାନ ତିଆରି କରିଅଛନ୍ତି ଜାହାଜର ଭଡା ଅତ୍ୟନ୍ତ ଅଳ୍ପ ଅଟଇ ।

ଜାହାଜର ଯିବା ଆସିବା ସମ୍ପର୍କରେ ଆଉ ଯାହା ସମ୍ବାଦ ଦରକାର ହେବ ଏଜେଣ୍ଟ ସାହେବଙ୍କ ଠାରେ ପଚାରିଲେ ମିଳିପାରିବ ।

ଚାନ୍ଦବାଲି ତା ୧୬ରିଖ ଜୁନ ସନ ୧୮୭୭ | ହେନ୍ଦ୍ରଲ କମ୍ପାନୀ ଉଲିୟମ ଲେମାରଣ୍ଟ ସାହେବ ଏଜେଣ୍ଟ

Digitized by srujanika@gmail.com